# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୨୭/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 27/2025 | Page 14 | ₹ 7.00

୫୧ଶ ଭାଗ ୨୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 242 | ମୂଲ୍ୟ₹୭/-




**‘ଖୋସ୍‌ଲା କା ଘୋସ୍‌ଲା ୨’ରେ ହୁମା**

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ‘ଖୋସ୍‌ଲା କା ଘୋସ୍‌ଲା ୨’ ଫିଲ୍ମରେ ଅଭିନେତ୍ରୀ ହୁମା କୁରେଶୀ ନଜରକୁ ଆସିବେ। ୦୨

୧୪ **ବେନ୍ ଷ୍ଟୋକ୍ସଙ୍କ ଶତକ**

ଭାରତ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ବ୍ୟାଟର ବେନ୍ ଷ୍ଟୋକ୍ସ।



# ବୈତରଣୀ, ଜଳକାରେ ବନ୍ୟା

## ବଢୁଛି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଉତ୍ତର ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ସମେତ ଯାଜପୁର ଜିଲାରେ ବନ୍ୟା ସ୍ଥିତି ଉପୁଜିଛି। ବୈତରଣୀ, ଜଳକା ନଦୀରେ ବନ୍ୟାପାଣି ଉଛୁଳୁଥିବାବେଳେ ଅନେକ ସ୍ଥାନରେ ଜଳସ୍ତର ବିପଦ ସଙ୍କେତ ପାର ହୋଇଛି। ସେହିପରି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଏହିସବୁ ନଦୀ ଏବଂ ଏହାର ଶାଖା ନଦୀନାଳ ତଟାଞ୍ଚଳର ବହୁ ସ୍ଥାନ ଜଳବନ୍ଦୀ ହୋଇଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ରବିବାର ଓ ସୋମବାର ଦୁଇଦିନ ପ୍ରବଳ ବର୍ଷା ହେବା ନେଇ ସତର୍କ କରାଇଛି। ଏଥିରୁ ବନ୍ୟା ସ୍ଥିତି ଅଧିକ ଗମ୍ଭୀର ହେବା ଆଶଙ୍କା କରାଯାଉଛି। ରାଜ୍ୟ ସରକାର ବନ୍ୟା ମୁକାବିଲାକୁ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲାପାଳଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ସ୍ଥିତିକୁ ଦେଖି ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିବାକୁ କୁହାଯାଇଛି।



ବାଲେଶ୍ୱର ଜିଲା ବସ୍ତା ବ୍ଲକ ପୁନସୀତା ଗ୍ରାମରେ ଜଳକା ବନ୍ୟାପାଣି ଘେରରେ ରହିଥିବା ଏକ ପରିବାର।

ଭଣ୍ଡାରିପୋଖରୀ /ଆନନ୍ଦପୁର /ଯାଜପୁର /ବାଲେଶ୍ୱର / ଭୋଗରାଇ, ୨୬।୭ ରାଜେନ୍ଦ୍ର ଶତପଥୀ / ସୁଶାନ୍ତ କୁମାର ସାହୁ / ହର୍ଷବର୍ଦ୍ଧନ ବେହେରା /ବାଞ୍ଛାନିଧି ଦେ / ପ୍ରଦୀପ ଦାସ/

ବୈତରଣୀ ନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଶନିବାର ଜଳସ୍ତର ହୁ ହୁ ହୋଇ ବଢ଼ିଚାଲିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ବୈତରଣୀ ବିପଦ ସଙ୍କେତ ଟପିଛି। ଏଠାରେ ସତର୍କ ସଙ୍କେତ ୧୭.୮୩ ମିଟର ଓ ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ଶନିବାର ରାତି ସାଢ଼େ ୮ଟା ସୁଦ୍ଧା ଜଳସ୍ତର ୧୮.୮୬ ମିଟର ଛୁଇଁଛି। କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜ୍‌ର ୧୦୦ ମିଟର ତଳକୁ ବୈତରଣୀ ବିପଦସଙ୍କେତ ୩୭.୪୪୫ ମିଟର ରହିଥିବାବେଳେ ସନ୍ଧ୍ୟା ୬ଟା ବେଳକୁ ୩୯.୧୬୦ ମିଟର ଉପରେ ପାଣି ପ୍ରବାହିତ ହେଉଥିଲା। ସେହିପରି ଏହାର ଉପରମୁଣ୍ଡ ଚମ୍ପୁଆରେ ୩୭୩.୬୪ ମିଟର, ସ୍ୱାମ୍‌ପାଟଣାରେ ୩୧୦.୯୦ ମିଟର ଉଚ୍ଚରେ ବନ୍ୟା ପାଣି ଚାଲିଛି।

ସୂଚନା ଅନୁଯାୟୀ, ସକାଳ ୮ଟାରେ ନଦୀରେ ଜଳସ୍ତର ବୃଦ୍ଧି ଲକ୍ଷ୍ୟ କରାଯାଇଥିଲା। ଅପରାହ୍ନ ଗୋଟାଏ ସୁଦ୍ଧା ଆଖୁଆପଦାରେ ☞ପୃଷ୍ଠା–୪

# ଚଳନ୍ତା ଆମ୍ବୁଲାନ୍ସରେ ଯୁବତୀଙ୍କୁ ଗଣବଳାତ୍କାର

- ହୋମ୍‌ଗାର୍ଡ ପରୀକ୍ଷାବେଳେ ଅଚେତ ହୋଇଯାଇଥିଲେ
- ଏଭଳି ସରକାରକୁ ସମର୍ଥନ ଦେଇଥିବାରୁ ଲଜ୍ଜିତ: ଚିରାଗ

ଗୟାଜୀ,୨୬।୭(ପି.ଟି.)

ବିହାରର ଗୟା ଜିଲାରେ ହୋମ୍‌ଗାର୍ଡ ପରୀକ୍ଷା ବେଳେ ମୂର୍ଚ୍ଛା ଯାଇଥିବା ଜଣେ ୨୬ ବର୍ଷୀୟା ଯୁବତୀଙ୍କୁ ହସ୍ପିଟାଲ ନିଆଯାଉଥିବାବେଳେ ଚଳନ୍ତା ଆମ୍ବୁଲାନ୍ସରେ ତାଙ୍କୁ ଗଣବଳାତ୍କାର କରାଯାଇଛି। ଯୁବତୀ ଜଣଙ୍କ ହୋମ୍‌ଗାର୍ଡ ଚାକିରି ପାଇଁ ପରୀକ୍ଷା ଦେବାକୁ ଆସିଥିଲେ। ତାଙ୍କ ଦ୍ୱାରା ଚିହ୍ନଟ ୨ ଜଣଙ୍କୁ ଗିରଫ କରାଯାଇଥିବା ଶନିବାର ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୨୪ ତାରିଖରେ ବୋଧଗୟାଠାରେ ହୋମ୍‌ଗାର୍ଡ ନିଯୁକ୍ତି ଲାଗି ଶାରୀରିକ କ୍ଷମତା ପରୀକ୍ଷା ଚାଲିଥିବାବେଳେ ଯୁବତୀ ଜଣଙ୍କ ସଂଜ୍ଞାହୀନ ହୋଇପଡ଼ିଥିଲେ। ଯୁବତୀଙ୍କୁ ଆମ୍ବୁଲାନ୍ସ ଯୋଗେ ଗୟାଜୀସ୍ଥିତ ଅନୁଗ୍ରହ ନାରାୟଣ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନିଆଯାଉଥିବାବେଳେ ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ସେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ବୟାନ ଆଧାରରେ ବୋଧଗୟା ଥାନାରେ ମାମଲା ରୁଜୁ କରାଯିବା ସହ ଆମ୍ବୁଲାନ୍ସର ଡ୍ରାଇଭର ☞ପୃଷ୍ଠା–୪






# ପରିମଳ କର୍ମୀଙ୍କୁ ୧୦ ଲକ୍ଷର ବୀମା, ଜୀବନହାନିରେ ୩୦ ଲକ୍ଷ ସହାୟତା

ଭୁବନେଶ୍ୱର,୨୬।୭ (ସୁନିତ୍ ମିଶ୍ର)

ସଫେଇ କର୍ମଚାରୀମାନେ ଅନେକ ସମୟରେ ଅସ୍ୱସ୍ତିକର ପରିବେଶ ଓ ବିପଦପୂର୍ଣ୍ଣ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି। କର୍ତ୍ତବ୍ୟରେ ନିୟୋଜିତ ଥିବାବେଳେ ଆବଶ୍ୟକ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୱିପ୍‌ମେଣ୍ଟ (ପିପିଇ) କିଟ୍ ପରିଧାନ ଓ ଅନ୍ୟ ସୁରକ୍ଷାତ୍ମକ ଉପକରଣ ଧାରଣ କରୁନାହାନ୍ତି। ଏଥିଯୋଗୁ ସେମାନଙ୍କ ମଧ୍ୟରୁ ଅନେକେ ମୃତ୍ୟୁମୁଖରେ ପଡୁଛନ୍ତି। ୨୦୧୮ ସେପ୍ଟେମ୍ବର ୨ରେ ରାୟଗଡ଼ା ଜିଲାରେ ପାଇଖାନା ଟାଙ୍କି ସଫା କରିବାକୁ ଯାଇ ୫ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୪ ସେପ୍ଟେମ୍ବର ୬ରେ କଟକରେ ନିର୍ମାଣାଧୀନ ଏକ ପାଇଖାନା ଟାଙ୍କିରେ ଅଣନିଃଶ୍ୱାସୀ ହୋଇ ୩ ଶ୍ରମିକ ପ୍ରାଣ ହରାଇଥିଲେ। ୨୦୨୪ ସେପ୍ଟେମ୍ବର ୯ରେ ଅନୁଗୋଳ ଜିଲାରେ ପାଇଖାନା ଟାଙ୍କିରେ ପଶିଥିବା ୨ ଶ୍ରମିକ ଆଉ ବାହାରିପାରି ନ ଥିଲେ। ୨୦୨୫ ଜୁନ୍ ୩ରେ ନବରଙ୍ଗପୁର ଜିଲାରେ ୪ ସଫେଇ କର୍ମୀଙ୍କ ଅନୁରୂପ ଭାବେ ପ୍ରାଣହାନି ଘଟିଥିଲା। ୨୦୨୫ ଜୁନ୍ ୯ରେ ବାଲେଶ୍ୱର ଜିଲାରେ ପାଇଖାନା ଟାଙ୍କି ସଫେଇ ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସଫେଇ କର୍ମଚାରୀଙ୍କ କ୍ଷେତ୍ରରେ ବାରମ୍ବାର ଏପରି ଘଟୁଥିବାରୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଅନେକଥର ଚିନ୍ତାବ୍ୟକ୍ତ କରିଛନ୍ତି। ଅନୁଗୋଳ ଘଟଣାରେ ଏନ୍‌ଏଚ୍‌ଆର୍‌ସି ଜିଲାପାଳ ଏବଂ ରାଜ୍ୟ ଶ୍ରମ ଓ ନିୟୋଜନ ବିଭାଗ ସଚିବଙ୍କୁ ଶୁକ୍ରବାର ରିପୋର୍ଟ ତଲବ କରିଛନ୍ତି। ଏଭଳି ସ୍ଥିତିରେ ପରିମଳ କର୍ମଚାରୀଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନବୀମା ସହ କର୍ତ୍ତବ୍ୟରତ ଥିବାବେଳେ ମୃତ୍ୟୁ ଘଟିଲେ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ☞ପୃଷ୍ଠା–୪



ଜାତୀୟ କର୍ମଶାଳା ‘ଗରିମା’ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ପରିମଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ।

# ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ

## ଚର୍ଚ୍ଚାରେ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ

ବାଲେଶ୍ୱର, ୨୬।୭ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ନିଆଁର ତାତି କମି ନ ଥିବାବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀ ଶନିବାର ରେମୁଣା ଥାନାରେ ଅଭିଯୋଗ କରିବା ପରେ ନୀଳଗିରି ଅଞ୍ଚଳର ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖାଯାଇଛି। ଅଭିଯୋଗକୁ ଭିତ୍ତିକରି ମାମଲା(ନଂ.୧୩୧/୨୫) ରୁଜୁ ସହ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀ ଏଫ୍‌ଏମ୍‌ୟୁ କ୍ୟାମ୍ପସ କ୍ୱାର୍ଟର୍ସରେ ଏକାକୀ ଥିବା ବେଳେ ଏହାର ସୁଯୋଗ ନେଇ ଯୁବକ ଜଣକ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଆସିଷ୍ଟାଣ୍ଟ ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

ସ୍ଥିତିରେ ପରିବର୍ତ୍ତନ







# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭାବନା ନାହିଁ: ମନମୋହନ

ଭୁବନେଶ୍ୱର,୨୬।୭(ସୁନିତ୍ ମିଶ୍ର)

ନୂଆଦିଲ୍ଲୀ ଗସ୍ତ ଶେଷକରି ଶନିବାର ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଓଡ଼ିଶା ଫେରିଛନ୍ତି। ରାଜ୍ୟରେ ଏବେ ବିଭିନ୍ନ ସ୍ଥାନରେ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ଓ ଅଦଳବଦଳ ହୋଇପାରେ ବୋଲି ଚର୍ଚ୍ଚା ଚାଲିଛି। ମନ୍ତ୍ରିମଣ୍ଡଳର ଏକ ଫେକ୍ ତାଲିକା ପ୍ରସ୍ତୁତ କରି କେତେଜଣ ସାମାଜିକ ଗଣମାଧ୍ୟମରେ ବୁଲାଉଛନ୍ତି। ଏହାକୁ ନେଇ ଚର୍ଚ୍ଚା ଆହୁରି ଜୋର୍ ଧରିଥିଲା। କେବଳ ସେତିକି ନୁହେଁ, ଭାଜପା ଭିତରେ ଓ ସରକାରୀ ଅଧିକାରୀମାନେ ମଧ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ଓ ସମ୍ପ୍ରସାରଣ ବିଷୟକୁ ନେଇ ଆଲୋଚନା କରୁଛନ୍ତି। ହେଲେ ମନମୋହନ ଦିଲ୍ଲୀରୁ ଫେରିବା ପରେ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ଓ ଅଦଳବଦଳର ସମ୍ଭାବନା ନାହିଁ ବୋଲି କହିଛନ୍ତି। ତାଙ୍କର ଏଭଳି କଥାରୁ ବର୍ତ୍ତମାନ ସମୟରେ ମନ୍ତ୍ରିମଣ୍ଡଳର ଅଦଳବଦଳ ଏବଂ ସମ୍ପ୍ରସାରଣ ନେଇ କୌଣସି କଥା ଆଉ ଆଗେଇ ନ ପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ବିମାନବନ୍ଦରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନମୋହନ କହିଛନ୍ତି, ମନ୍ତ୍ରିମଣ୍ଡଳ ସମ୍ପର୍କିତ ଚର୍ଚ୍ଚା ପାଇଁ ଯାଇ ନ ଥିଲେ। ଦିଲ୍ଲୀରେ ସଙ୍ଗଠନ ଏବଂ ଅଟକି ରହିଥିବା କାର୍ଯ୍ୟ ବାବଦରେ ଆଲୋଚନା ହେଲା। ମନ୍ତ୍ରିମଣ୍ଡଳ ନେଇ ଆଲୋଚନା ହୋଇନାହିଁ।



ମନମୋହନ ସାମଲ

ଏନେଇ ସେମିତି କିଛି ସମ୍ଭାବନା ନାହିଁ। ଭାଜପାର ନୂଆ କମିଟି ଗଠନ ହେବ। ସେଥିରେ ନୂଆ ଏବଂ ପୁରୁଣା ଚେହେରାର ନେତା ରହିଛନ୍ତି। ଠିକ୍ ସମୟରେ ନିଗମ ଓ ବୋର୍ଡ ପଦବୀ ପୂରଣ ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଭାଜପା ସରକାରରେ ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦବୀ ପୂରଣ ଏବଂ କେତେଜଣ ମନ୍ତ୍ରୀଙ୍କୁ ଅଦଳବଦଳ କରିବାକୁ ଆଲୋଚନା ହେଉଥିଲା। ମନମୋହନ ସଭାପତି ହେବା ପୂର୍ବରୁ ମଧ୍ୟ ଖାଲି ପଦବୀ ପୂରଣ ହେବ ବୋଲି କହିଥିଲେ। ଏପରିକି ସେ ୪ର୍ଥ ଥର ଲାଗି ରାଜ୍ୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଲିଙ୍ଗରାଜ ମନ୍ଦିରକୁ ଦର୍ଶନ ପାଇଁ ଯାଇ ମନ୍ତ୍ରିମଣ୍ଡଳରେ ଖାଲି ଥିବା ୬ ମନ୍ତ୍ରୀ ପଦ ପୂରଣ ହେବ ବୋଲି କହିଥିଲେ। ହେଲେ ଏଥର ସେ ପରୋକ୍ଷରେ ଏହି ବିଷୟକୁ ଏଡ଼ାଇଯିବା ପରେ ଚର୍ଚ୍ଚା ନୂଆ ମୋଡ଼ ନେଇଛି।

**ଭୂସ୍ଖଳନରୁ କେଦାରନାଥ ରାସ୍ତା ଅବରୋଧ** ପ୍ରବଳ ବର୍ଷା ଯୋଗୁ ଉତ୍ତରାଖଣ୍ଡର ଗୌରୀକୁଣ୍ଡ ନିକଟରେ ଭୂସ୍ଖଳନ ଘଟି କେଦାରନାଥ ଧାମକୁ ଯିବା ପାଇଁ ଥିବା ରାସ୍ତା ଅବରୋଧ ହୋଇଛି। ଫଳରେ ବହୁସଂଖ୍ୟାରେ ତୀର୍ଥଯାତ୍ରୀ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଛନ୍ତି। ପୂର୍ତ୍ତ ବିଭାଗ କର୍ମଚାରୀଙ୍କ ସହ ପୋଲିସ, ଏସ୍‌ଡିଆର୍‌ଏଫ୍ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ରାସ୍ତା ଅବରୋଧ ହଟାଇବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।



## ସଂକ୍ଷେପରେ

### ଅବସର ପରେ ସରକାରୀ ପଦ ଗ୍ରହଣ କରିବି ନାହିଁ: ସିଜେଆଇ ଗବଇ



ଅମରାବତୀ,୨୬।୭

ପ୍ରଧାନ ବିଚାରପତି ପଦରୁ ଅବସର ନେବା ପରେ ସିଜେଆଇ ବି.ଆର୍. ଗବଇ କୌଣସି ସରକାରୀ ପଦବୀ ଗ୍ରହଣ କରିବେ ନାହିଁ। ଅବସର ପରେ ପରାମର୍ଶ ଓ ମଧ୍ୟସ୍ଥତା କାର୍ଯ୍ୟ କରିବେ ବୋଲି ଶନିବାର ମହାରାଷ୍ଟ୍ରର ଅମରାବତୀ ଜିଲ୍ଲା ଓ ଦୌରା ଅଦାଲତରେ ସ୍ୱର୍ଗତ ଟି.ଆର୍. ଗିଲ୍ଡା ସ୍ମାରକୀ ଇ-ଲାଇବ୍ରେରି ଉଦ୍‌ଘାଟନ ଅବସରରେ ଜଷ୍ଟିସ୍ ଗବଇ କହିଛନ୍ତି। ନଭେମ୍ବର ୨୪ରେ ସିଜେଆଇ ଅବସର ନେବାକୁ ଥିବାବେଳେ ଏହା ପରେ ସେ ସରକାରୀ ପଦବୀ ଗ୍ରହଣ କରିବେ ନାହିଁ ବୋଲି ପୂର୍ବରୁ ମଧ କହିଥିଲେ।

### ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେଲା ଏୟାର ଇଣ୍ଡିଆ

**ଅହମଦାବାଦ ବିମାନ ଦୁର୍ଘଟଣା**

ମୁମ୍ବାଇ,୨୬।୭(ପି.ଟି.)

ଅହମଦାବାଦ ବିମାନ ଦୁର୍ଘଟଣାରେ ୧୬୬ ମୃତକଙ୍କ ପରିବାରକୁ ଏୟାର ଇଣ୍ଡିଆ ଶନିବାର ୨୫ ଲକ୍ଷ ଟଙ୍କା ଲେଖାଏ ଅନ୍ତରୀଣ କ୍ଷତିପୂରଣ ପ୍ରଦାନ କରିଛି। ଖୁବ୍‌ଶୀଘ୍ର ଅନ୍ୟ ପରିବାରକୁ ଏହି ସହାୟତା ମିଳିବ। ଜୁନ୍ ୧୨ରେ ଅହମଦାବାଦରେ ଏଆଇ୧୭୧ ବିମାନ ଦୁର୍ଘଟଣାରେ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ଅନ୍ତରୀଣ ସହାୟତା ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି ଜୁନ୍ ୧୪ରେ ଏୟାର ଇଣ୍ଡିଆ ଘୋଷଣା କରିଥିଲା। ସହାୟତା ପ୍ରଦାନ ନିମନ୍ତେ ଟାଟା ଗ୍ରୁପ୍ ପକ୍ଷରୁ ଏଆଇ-୧୭୧ ମେମୋରିଆଲ ଆଣ୍ଡ ୱେଲ୍‌ଫେୟାର ଟ୍ରଷ୍ଟ ଗଢ଼ାଯାଇଛି। ପ୍ରତି ମୃତ ଯାତ୍ରୀଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏ ଯୋଗାଇ ଦେବାକୁ ଟ୍ରଷ୍ଟ ପ୍ରତିଶ୍ରୁତି ଦେଇଥିଲା। ଏଥିସହିତ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ବି.ଜେ. ମେଡିକାଲ କଲେଜ ହସ୍ପିଟାଲ ଭିତ୍ତିଭୂମିର ପୁନଃନିର୍ମାଣ ପାଇଁ ମଧ ଟ୍ରଷ୍ଟ ସହାୟତା ଯୋଗାଇଦେବ।

## ବିହାରରେ ନାଗରିକତ୍ୱ ଯାଞ୍ଚ

# ସୁପ୍ରିମକୋର୍ଟଙ୍କ ରାୟର ଅବମାନନା: ଏଡିଆର୍

ନୂଆଦିଲ୍ଲୀ,୨୬।୭

ବିହାରରେ ଭୋଟର ତାଲିକାର ସ୍ୱେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ବେଳେ ମତଦାତାମାନଙ୍କ ନାଗରିକତ୍ୱର ଯାଞ୍ଚ କରାଯାଉଛି। ନାଗରିକତ୍ୱ ଯାଞ୍ଚ କରିବାର ସାମ୍ବିଧାନିକ କ୍ଷମତା ନିର୍ବାଚନ କମିଶନ (ଇସି)ଙ୍କର ରହିଥିବା ଦାବି କରୁଥିବାବେଳେ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏହାର ପ୍ରତିଜବାବରେ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ଉଲ୍ଲଂଘନ ହୋଇଥିବା ଯୁକ୍ତି ବାଢ଼ିଛି। ପାସ୍‌ପୋର୍ଟ, ଜାତି ପ୍ରମାଣପତ୍ର ଏବଂ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇଁ ଆଧାର ଗ୍ରହଣୀୟ ହୋଇଥିବାବେଳେ ନାଗରିକତ୍ୱ ଯାଞ୍ଚ ପାଇଁ ଇସି ଗ୍ରହଣ କରୁଥିବା ଦସ୍ତାବିଜ୍ ତାଲିକାରୁ ଆଧାର କାର୍ଡ ଏବଂ ରାଶନ କାର୍ଡକୁ ବାଦ୍ ଦିଆଯିବା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ ବୋଲି ଏଡିଆର୍ କହିଛି।

ଆଗାମୀ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଭୋଟର ତାଲିକା ସଂଶୋଧନର କାରଣକୁ ଯଥାର୍ଥ ପ୍ରତିପାଦନ କରିବାରେ ଇସି ବିଫଳ ହୋଇଛନ୍ତି। ଯେଉଁଭଳି ଢଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କରାଯାଉଛି, ତାହା ରାଜ୍ୟ ମତଦାତାମାନଙ୍କ ପ୍ରତି ଗମ୍ଭୀର ଜାଲିଆତି ବୋଲି ଆବେଦନକାରୀ ଏଡିଆର୍ ଦର୍ଶାଇଛି। ନଭେମ୍ବର ୨୪ରେ ବିହାର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ

ADR Association for Democratic Reforms

(ଏସ୍‌ଆଇଆର୍) ପାଇଁ ଘୋଷଣା କରାଯିବାର ସମୟ ଓ ଆବଶ୍ୟକତାକୁ ନେଇ ବିବାଦ ଘେରେଇଛି। ଭୋଟର ତାଲିକାରେ ରହିବା ପାଇଁ ୨୦୦୩ରେ ମତଦାତାମାନେ ବିଭିନ୍ନ କାଗଜାତ ଦାଖଲ କରିଥିଲେ। ଏବେ ସ୍ୱତନ୍ତ୍ର ସଂଶୋଧନ ଆଳରେ ବହୁସଂଖ୍ୟାରେ ମତଦାତାଙ୍କୁ ସେମାନଙ୍କ ମତଦାନ ଅଧିକାରରୁ ବଞ୍ଚିତ କରାଯିବା ସମ୍ଭାବନା ଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି।

ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କମିଶନରଙ୍କ କାଉଣ୍ଟର ଆଫିଡେଭିଟ୍‌ରେ ଜବାବରେ ଶନିବାର ଏଡିଆର୍ ପ୍ରତିଜବାବ ଦାଖଲ କରିଛି। ଗତ ୨୧ ତାରିଖରେ ଇସି ଏହାର ସତ୍ୟପାଠରେ ଦର୍ଶାଇଥିଲେ ଯେ, ସମ୍ବିଧାନର ଅନୁଚ୍ଛେଦ ୩୨୬ ଅନୁଯାୟୀ ଭୋଟରମାନଙ୍କ ନାଗରିକତ୍ୱ ଯାଞ୍ଚ କରିବା ଅଧିକାର ଏହାର ରହିଛି। ଭୋଟର ତାଲିକାରୁ କାହାକୁ ବାଦ୍‌ଦେବା ଅର୍ଥ ତାଙ୍କ ନାଗରିକତ୍ୱ ସମାପ୍ତ ହୋଇଯିବ ନାହିଁ ବୋଲି ଇସି ସ୍ପଷ୍ଟୀକରଣ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ରେ ହେବାକୁ ଧାର୍ଯ୍ୟ କରାଯାଇଛି। ଇସିର ନାଗରିକତ୍ୱ ଯାଞ୍ଚ ଅଧିକାର ଯୁକ୍ତିର ଜବାବରେ ପିଟିଶନର କହିଛନ୍ତି, ଏହାର ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ବିରୁଦ୍ଧାଚରଣ କରୁଛି। ୧୯୯୫ର ଲାଲ ବାବୁ ହୁସେନ୍ ବନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟ ରାୟ ଦେଇ କହିଥିଲେ, ନାଗରିକତ୍ୱ ପ୍ରମାଣର ଦାୟିତ୍ୱ ନୂଆ ଆବେଦନକାରୀଙ୍କ ଉପରେ ନ୍ୟସ୍ତ, ଭୋଟର ତାଲିକାରେ ଥିବା ଲୋକଙ୍କ ଉପରେ ନୁହେଁ। ସେହିପରି ୧୯୮୫ର ଇନ୍ଦ୍ରଜିତ ବରୁଆ ବନାମ ଇସିଆଇ ମାମଲାରେ ସର୍ବୋଚ୍ଚ ଅଦାଲତ କହିଥିଲେ, ଭୋଟର ତାଲିକାରେ ନାମ ରହିଥିଲେ ଏହା ନାଗରିକତ୍ୱର ପ୍ରଥମ ପ୍ରମାଣ ଏବଂ ଏହାକୁ ଖଣ୍ଡନ କରିବା ଦାୟିତ୍ୱ ପ୍ରତିବାଦକାରୀଙ୍କର।

### ଇସ୍ରାଏଲ ଆକ୍ରମଣରେ ୨୫ ପାଲେଷ୍ଟିନୀୟ ମୃତ

ଡେର୍ ଅଲ୍ ବଲାହ, ୨୬।୭

ଗାଜାରେ ଶନିବାର ଇସ୍ରାଏଲୀ ସେନାର ଏୟାର ଷ୍ଟ୍ରାଇକ୍ ଏବଂ ଗୁଳିମାଡ଼ରେ ୨୫ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି। ଗାଜାର ଜିକିମ୍ କ୍ରସିଂଠାରେ ସହାୟତା ଟ୍ରକ୍‌କୁ ଅପେକ୍ଷା କରିଥିବା ଲୋକଙ୍କ ଉପରେ ଇସ୍ରାଏଲୀ ସେନା ଗୁଳି ଚଳାଇଥିଲା। ତେବେ ଏନେଇ ଇସ୍ରାଏଲୀ ସେନାର ପ୍ରତିକ୍ରିୟା ମିଳିପାରିନାହିଁ। ଗାଜା ସିଟିର ଏକ ଆପାର୍ଟମେଣ୍ଟ ବିଲ୍ଡିଂରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ ଫଳରେ ୪ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଇସ୍ରାଏଲ ଏବଂ ହମାସ୍ ମଧ୍ୟରେ ଯୁଦ୍ଧ ବିରତି ଆଲୋଚନା ସ୍ଥଗିତ ଥିବା ବେଳେ ଇସ୍ରାଏଲ ପକ୍ଷରୁ ଏହି ଆକ୍ରମଣ କରାଯାଇଛି।

### ଚାଇନା ସପକ୍ଷ ଦଳର ସଦସ୍ୟଙ୍କ ବହିଷ୍କାର ବିରୋଧରେ ଭୋଟ ଦେଲା ତାଇୱାନ୍

ତାଇପେଇ,୨୬।୭

ସ୍ୱୟଂଶାସିତ ତାଇୱାନ୍ ବ୍ୟବସ୍ଥାପିକାର ବିରୋଧୀ ନ୍ୟାଶନାଲିଷ୍ଟ ପାର୍ଟିର ୨୦% ଆଇନ ପ୍ରଣେତାଙ୍କୁ ବହିଷ୍କାର ନିଷ୍ପତ୍ତି ବିରୋଧରେ ଶନିବାର ଦେଶବାସୀ ଭୋଟ ଦେଇଛନ୍ତି। ଫଳରେ ବ୍ୟବସ୍ଥାପିକାରେ କ୍ଷମତା ସନ୍ତୁଳନ ପାଇଁ ଶାସକ ଦଳର ଆଶା ମଉଳିଯାଇଛି। ଗତବର୍ଷ ରାଷ୍ଟ୍ରପତି ନିର୍ବାଚନରେ ଶାସକ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି ବିଜୟୀ ହୋଇଥିବାବେଳେ ସଂଖ୍ୟାଗରିଷ୍ଠ ମେଣ୍ଟ ଗଠନ ପାଇଁ ଚାଇନା ସପକ୍ଷବାଦୀ ନ୍ୟାଶନାଲିଷ୍ଟ ପାର୍ଟି ବା କେଏମ୍‌ଟି ଏବଂ ତାଇୱାନ୍ ପିପୁଲ୍ସ ପାର୍ଟି ହାତରେ ଯଥେଷ୍ଟ ଆସନ ରହିଛି। ସେମାନେ ପ୍ରତିରକ୍ଷା ବଜେଟ ଭଳି ଗୁରୁତ୍ୱପୂର୍ଣ୍ଣ ବିଧେୟକକୁ ଅଟକାଇବା ସହ ବିବାଦୀୟ ପରିବର୍ତ୍ତନକୁ ଗୃହୀତ କରାଇଛନ୍ତି, ଯାହା ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରିବା ସହ ଚାଇନା ସପକ୍ଷରେ ଯାଉଛି। ସେଥିପାଇଁ ୨୪ ବିରୋଧୀ ସଦସ୍ୟଙ୍କୁ ବହିଷ୍କାର ପାଇଁ ଭୋଟ ନିଆଯାଇଥିଲା।



ମାଲେଠାରେ ଶନିବାର ଅନୁଷ୍ଠିତ ମାଳଦ୍ୱୀପର ୬୦ତମ ସ୍ୱାଧୀନତା ଦିବସ ଉତ୍ସବରେ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଛନ୍ତି।

## ମାଳଦ୍ୱୀପ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ହେଲେ ମୋଦି

ମାଲେ,୨୬।୭

ମାଳଦ୍ୱୀପ ସ୍ୱାଧୀନତା ଦିବସ ଶନିବାର ପାଳିତ ହୋଇଥିବାବେଳେ ସେଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି, ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ହୋଇଥିବା ଉଲ୍ଲେଖନୀୟ ପରିବର୍ତ୍ତନର ଅନ୍ୟତମ ସଙ୍କେତ। ଏହି ଅବସରରେ ମାଳଦ୍ୱୀପ ରାଜଧାନୀସ୍ଥିତ ରିପବ୍ଲିକ୍ ସ୍କୋୟାରରେ ତାଙ୍କୁ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ଏବଂ ତାଙ୍କ କ୍ୟାବିନେଟର ଶୀର୍ଷ ମନ୍ତ୍ରୀମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ୬୦ତମ ସ୍ୱାଧୀନତା ଦିବସ ଅବସରରେ ୫୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୋଦି ରାଷ୍ଟ୍ରପତି ମୁଇଜ୍ଜୁଙ୍କ ସହ ବସି ଦେଖିଥିଲେ। ସାମରିକ ପରେଡ୍ ସାଙ୍ଗକୁ ପିଲା ଏବଂ ପାରମ୍ପରିକ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ ପ୍ରଦର୍ଶନ କରାଯାଇଥିଲା। ମୋଦିଙ୍କ ସହ ତାଙ୍କ ପ୍ରତିନିଧି ଦଳରେ ଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମାଳଦ୍ୱୀପ ସହ ସମ୍ପର୍କକୁ ଆଗେଇ ନେବାକୁ ଭାରତ ଅଧିକ ଘନିଷ୍ଠତାର ସହ କାର୍ଯ୍ୟ କରିବାକୁ ଚାହେଁ ବୋଲି ଉପରାଷ୍ଟ୍ରପତି ଉଜ୍ ହୁସେନ୍ ମହମ୍ମଦ ଲତିଫ ଓ ଅନ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା ବେଳେ ମୋଦି କହିଛନ୍ତି। ଭାରତ ମହାସାଗର ଭାରତ ଓ ମାଳଦ୍ୱୀପ ମଧ୍ୟରେ ଦୀର୍ଘଦିନ ସମ୍ପର୍କର ଜୀବନ୍ତ ପ୍ରମାଣ ବୋଲି ଏହି ଅବସରରେ ରାଷ୍ଟ୍ରପତି ମୁଇଜ୍ଜୁ କହିଛନ୍ତି। ୨ ଦେଶ ମଧ୍ୟରେ ସମ୍ପର୍କରେ ଏକ ଦୃଢ଼ ବନ୍ଧନ ରହିଆସିଛି, ଯାହା କୂଟନୀତିରୁ ବହୁ ଊର୍ଦ୍ଧ୍ୱରେ ବୋଲି ସେ ମତ ଦେଇଛନ୍ତି।

## ୧୭ ଏମ୍‌ପିଙ୍କୁ ସଂସଦରତ୍ନ ପୁରସ୍କାର

ନୂଆଦିଲ୍ଲୀ,୨୬।୭(ପି.ଟି.)

ଲୋକ ସଭାରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ ପାଇଁ ୧୭ ଜଣ ଏମ୍‌ପିଙ୍କୁ ଚଳିତ ବର୍ଷର ସଂସଦରତ୍ନ ପୁରସ୍କାର ପାଇଁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରେ ଏନ୍‌ସିପି (ଏସ୍‌ପି) ଏମ୍‌ପି ସୁପ୍ରିୟା ସୁଲେ, ଭାଜପା ଏମ୍‌ପି ରବି କିଶନ ଏବଂ ନିଶିକାନ୍ତ ଦୁବେ, ଶିବସେନା (ୟୁବିଟି)ର ଅରବିନ୍ଦ ସାୱନ୍ତ ପ୍ରମୁଖ ରହିଛନ୍ତି। କ୍ରମାଗତ ତୃତୀୟ ପାଳିରେ ସଂସଦୀୟ ଗଣତନ୍ତ୍ର ପ୍ରତି ସୁସଂଗତ ଅବଦାନର ସ୍ୱୀକୃତି ସ୍ୱରୂପ ୪ ଜଣ ଏମ୍‌ପିଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାରରେ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଓଡ଼ିଶାର ଭାଜପା ଏମ୍‌ପି ଭର୍ତ୍ତୃହରି ମହତାବ, କେରଳ ରିଭଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି ଏମ୍‌ପି ଏନ୍.କେ. ପ୍ରେମଚନ୍ଦ୍ରନ, ମହାରାଷ୍ଟ୍ରର ଏନ୍‌ସିପି-ଏସ୍‌ପି ଏମ୍‌ପି ସୁପ୍ରିୟା ସୁଲେ ଏବଂ ଶିବସେନା ଏମ୍‌ପି ଶ୍ରୀରଙ୍ଗ ଆପ୍ପା ବର୍ନେ। ଏମାନେ ସମସ୍ତେ ଷୋଡ଼ଶ ଲୋକ ସଭା ସମୟରୁ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛନ୍ତି।

**ଭର୍ତ୍ତୃହରିଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର**



ଭର୍ତ୍ତୃହରି ମହତାବ

ପୁରସ୍କୃତ ହେବାକୁ ଥିବା ଅନ୍ୟ ଏମ୍‌ପିମାନେ ହେଲେ ଭାଜପାର ସ୍ମିତା ଉଦୟ ୱାଗ, ଶିବସେନାର ନରେଶ ମହସ୍କେ, କଂଗ୍ରେସର ବର୍ଷା ଗାଏକ୍ୱାଡ୍, ଭାଜପାର ମେଧା କୁଲ୍‌କର୍ନି, ପ୍ରବୀଣ ପଟେଲ, ବିଦ୍ୟୁତ୍‌ବରନ ମାହାତୋ, ଦିଲୀପ ସାଇକିଆ ପ୍ରମୁଖ। ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ଥିକ ସ୍ଥାୟୀ କମିଟି ଏବଂ କଂଗ୍ରେସର ଡ. ଚିରଞ୍ଜିତ ସିଂ ଚନ୍ନିଙ୍କ ଅଧ୍ୟକ୍ଷତାରେ ଗଠିତ କୃଷି ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଏବଂ ବୈଧାନିକ ନିରୀକ୍ଷଣର ମାନ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି।

## ଟ୍ରକ୍ ଧକ୍କାରେ ୨୦ କାର୍ ଚୂରମାର

ମୁମ୍ବାଇ,୨୬।୭

ମୁମ୍ବାଇ-ପୁଣେ ଏକ୍ସପ୍ରେସ୍‌ୱେର ରାଇଗଡ଼ ଜିଲ୍ଲା ଖୋପୋଲି ନିକଟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ୨୦ଟି କାର୍‌କୁ ଧକ୍କା ଦେଇଛି। ଗଡ଼ାଣି ରାସ୍ତାରେ କଣ୍ଟେନର ଟ୍ରକ୍‌ଟି ବ୍ରେକ୍ ଫେଲ୍ ହେବାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ମୁମ୍ବାଇ ଯାଉଥିବା ଲେନ୍‌ର ନ୍ୟୁ ଟନେଲଠାରୁ ଫୁଡ୍ ମଲ୍ ହୋଟେଲ ଅଞ୍ଚଳ ପର୍ଯ୍ୟନ୍ତ ରାସ୍ତାରେ ବିଏମ୍‌ଡବ୍ଲ୍ୟୁ, ମର୍ସିଡିସ୍ ସମେତ ଅନେକ କାର୍ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ବହୁ ଲୋକ ଆହତ ହୋଇଥିବାବେଳେ କାହାର ମୃତ୍ୟୁ ଘଟି ନ ଥିବା ଜଣାପଡ଼ିଛି। ୧୯ ଜଣଙ୍କ ଅବସ୍ଥା ଗମ୍ଭୀର ରହିଥିବାବେଳେ ସେମାନଙ୍କୁ ନଭି ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ନାଗକୁ କାମୁଡ଼ି ମାରିଦେଲା ବର୍ଷକର ଶିଶୁ

ନୂଆଦିଲ୍ଲୀ, ୨୬।୭

ବିହାରର ପଶ୍ଚିମ ଚମ୍ପାରଣ ଜିଲ୍ଲା ବେତିଆଠାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଗୋବିନ୍ଦ କୁମାର ନାମକ ଏକ ବର୍ଷକର ଶିଶୁ ନିଜ ଘରେ ଖେଳୁଥିବା ସମୟରେ ଏକ ବିଷଧର ନାଗସାପ ଆସି ଗୋବିନ୍ଦର ହାତରେ ଗୁଡ଼େଇ ହେବାକୁ ଲାଗିଥିଲା। ଗୋବିନ୍ଦ ଉତ୍ତେଜିତ ହୋଇ ସାପଟିକୁ ଜୋର୍‌ରେ କାମୁଡ଼ି ଦେଇଥିଲା। ଏହାପରେ ସାପଟିର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ଏକ ମରିପଡ଼ିଥିବା ସାପ ନିକଟରେ ଗୋବିନ୍ଦକୁ ଦେଖି ଭୟଭୀତ ହୋଇଯାଇଥିଲେ।



ତୁରନ୍ତ ଗୋବିନ୍ଦକୁ ନିକଟସ୍ଥ ବେତିଆସ୍ଥିତ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲର ଚିକିତ୍ସକ ଡାକ୍ତର ସୌରଭ କୁମାର କହିଛନ୍ତି, ଏବେ ପିଲାଟି ବିପଦମୁକ୍ତ ରହିଛି ଏବଂ ଡାକ୍ତରଙ୍କ ତତ୍ତ୍ୱାବଧାନରେ ତା'ର ଚିକିତ୍ସା ଜାରି ରହିଛି। ଠିକ୍ ସମୟରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାରୁ ଗୋବିନ୍ଦର ଜୀବନ ବଞ୍ଚିଯାଇଥିବା ସେ କହିଛନ୍ତି। ଗୋବିନ୍ଦର କାମୁଡ଼ାରେ ସାପଟି ମରିଯାଇଥିବା ନେଇ ତାଙ୍କ ପରିବାର ଲୋକେ ଏବଂ ପଡ଼ୋଶୀ କହିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଛି।

## କାର୍‌ଗିଲ ବିଜୟ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ରାଷ୍ଟ୍ର

ନୂଆଦିଲ୍ଲୀ/ଲେହ, ୨୬।୭

କାର୍‌ଗିଲ ବିଜୟ ଦିବସ ଶନିବାର ଦେଶର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, କାର୍‌ଗିଲ ବିଜୟ ଦିବସ ହେଉଛି ଯବାନଙ୍କ ଅସାଧାରଣ ବୀରତ୍ୱର ପ୍ରତୀକ। ଯବାନଙ୍କ ସମର୍ପଣ ଏବଂ ବଳିଦାନ ସର୍ବଦା ଦେଶବାସୀଙ୍କୁ ପ୍ରେରଣା ଯୋଗାଇ ଆସୁଥିବା ସେ କହିଛନ୍ତି।



ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ୱାର୍ ମେମୋରିଆଲଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ଦିବସ କାରଗିଲର ପର୍ବତମାଳାରୁ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ବିତାଡ଼ିତ କରିବାରେ ଭାରତର ସଶସ୍ତ୍ର ବାହିନୀର ସଫଳତାକୁ ମନେପକାଏ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଦେଶର ସମ୍ମାନ ରକ୍ଷା ପାଇଁ ଅସାଧାରଣ ସାହସ, ସଂକଳ୍ପ ଏବଂ ଦୃଢ଼ତା ପ୍ରଦର୍ଶନ କରିଥିବା ଯବାନଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଉଛି। କାର୍‌ଗିଲ ୱାର୍ ମେମୋରିଆଲରେ ଶହୀଦ ଯବାନଙ୍କୁ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ କାର୍‌ଗିଲ ବିଜୟ ଦିବସରେ ଶହୀଦ ଯବାନଙ୍କ ବଳିଦାନକୁ ମନେପକାଇଛନ୍ତି।

**ଫୁରସତ୍**

## ସବୁଠୁ ଶୀଘ୍ର ଜନ୍ମହୋଇ ବିଶ୍ୱ ରେକର୍ଡ

ୱାଶିଂଟନ୍

ଗତବର୍ଷ ଜୁଲାଇ ୫ରେ ଆମେରିକାର ୟୁଆ ସିଟି ନିବାସୀ ମୋଲି କିନ୍ ମାତ୍ର ୨୧ ସପ୍ତାହର ଗର୍ଭଧାରଣ ପରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଚଳିତ ବର୍ଷ ଉକ୍ତ ଶିଶୁପୁତ୍ର ନାଶ୍ କିନ୍ ନିଜ ପ୍ରଥମ ଜନ୍ମଦିନକୁ ପାଳନ କରିଥିଲା। ଏହାସହ ସେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)କୁ ମଧ ହାତେଇଥିଲା। ସାରା ବିଶ୍ୱରେ ସର୍ବାଧିକ ସମୟ ପୂର୍ବରୁ ଜନ୍ମ ହୋଇଥିବା ଶିଶୁ (ୱାର୍ଲ୍ଡସ୍ ମୋଷ୍ଟ ପ୍ରିମାଚ୍ୟୁଅର ବେବି) ଶ୍ରେଣୀରେ ନାଶ୍‌କୁ ଏହି ସଫଳତା ମିଳିଛି।

ଜିଡବ୍ଲ୍ୟୁଆର୍ ଅନୁଯାୟୀ, ସର୍ବାଧିକ ସମୟ ଆଗରୁ ଜନ୍ମହେବାର ରେକର୍ଡ ପୂର୍ବରୁ ଆମେରିକାର ଆଲ୍‌ବାମାରେ ଜନ୍ମିତ ଜଣେ ଶିଶୁଙ୍କ ନାମରେ ଥିଲା। ନାଶ୍ ଉକ୍ତ ରେକର୍ଡକୁ ଭାଙ୍ଗିଛନ୍ତି। ଜନ୍ମ ସମୟରେ ନାଶ୍‌ର ଓଜନ ମାତ୍ର ୨୮୩ ଗ୍ରାମ ଥିବାବେଳେ ସେ ମାତ୍ର ୨୪ ସେ.ମି. ଲମ୍ବା ଥିଲା। ସମୟ ପୂର୍ବରୁ ଜନ୍ମ ଏବଂ




ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁ ନାଶ୍‌କୁ ଜନ୍ମହେବାର ୬ ମାସ ପର୍ଯ୍ୟନ୍ତ ୟୁଆ ୟୁନିଭର୍ସିଟି ହେଲ୍‌ଥ କେୟାର ଅଧୀନ ଫ୍ୟାମିଲି ଚିଲ୍‌ଡ୍ରେନ୍ସ ହସ୍ପିଟାଲରେ ନବଜାତକ ଇଣ୍ଟେନ୍ସିଭ କେୟାର ୟୁନିଟ୍‌ରେ ରହି ଚିକିତ୍ସିତ ହେବାକୁ ପଡ଼ିଥିଲା। ଗତ ଜାନୁଆରୀରେ ମା' ମୋଲି ଏବଂ ବାପା ରାଣ୍ଡେଲ କିନ୍‌ଙ୍କ ସହ ଘରକୁ ଯିବା ପାଇଁ ନାଶ୍‌କୁ ଅନୁମତି ମିଳିଥିଲା।

ମୋଲି କହିଛନ୍ତି, ବର୍ଷେ ତଳେ ଯେତେବେଳେ ନାଶ୍ ଜନ୍ମ ହୋଇଥିଲା, ସେତେବେଳେ ତା'ର ଭବିଷ୍ୟତକୁ ନେଇ ପୂରା ପରିବାର ଅନିଶ୍ଚିତତା ମଧ୍ୟରେ ରହିଥିଲେ। ଏବେ ପୁଅର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିବାରୁ ସେମାନେ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ମୋଲି କହିଛନ୍ତି, ପ୍ରସବ ଯାଞ୍ଚ ସମୟରେ ତାଙ୍କର ଗର୍ଭାଶୟ ୨ ସେ.ମି. ବିସ୍ତାରିତ ହୋଇଥିବା ନେଇ ଜଣାପଡ଼ିଥିଲା। କିଛିଦିନ ପରେ ତାଙ୍କର ପ୍ରସବ ପୀଡ଼ା ଆରମ୍ଭ ହୋଇଯାଇଥିଲା ଏବଂ ସମୟର ଯଥେଷ୍ଟ ପୂର୍ବରୁ ନାଶ୍ ଜନ୍ମ ହୋଇଥିଲା। ଘରକୁ ଫେରିବା ପରଠାରୁ ନାଶ୍‌ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ତେବେ ପୁଅର ଶାରୀରିକ ବିକାଶକୁ ଦୃଷ୍ଟିରେ ରଖି ତାଙ୍କୁ ନିୟମିତ ଭାବେ ଡାକ୍ତରଙ୍କ ସହ ଯୋଗାଯୋଗରେ ରହିବାକୁ ପଡ଼ିବ ବୋଲି ମୋଲି କହିଛନ୍ତି।

## 'ଖୋସ୍‌ଲା କା ଘୋସ୍‌ଲା ୨'ରେ ହୁମା

ମୁମ୍ବାଇ

୨୦୦୬ରେ 'ଖୋସ୍‌ଲା କା ଘୋସ୍‌ଲା' ଫିଲ୍ମ ରିଲିଜ୍ ହୋଇଥିଲା। ବକ୍ସ ଅଫିସ୍‌ରେ ଉକ୍ତ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଥିଲା। ଦିବାକର ବାନାର୍ଜୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିବା ଉକ୍ତ ଫିଲ୍ମରେ ଅଭିନେତା ଅନୁପମ ଖେର୍, ବୋମନ ଇରାନୀ, ଅଭିନେତ୍ରୀ ତାରା ଶର୍ମା ପ୍ରମୁଖ ନଜରକୁ ଆସିଥିଲେ। ୨୦୨୬ରେ ଏହି ଫିଲ୍ମର ସିକ୍ୱେଲ 'ଖୋସ୍‌ଲା କା ଘୋସ୍‌ଲା ୨' ରିଲିଜ୍ ହେବ ବୋଲି ଶନିବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଉମେଶ ବିଷ୍ଟଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମ ନିର୍ମିତ ହେବ। ଫିଲ୍ମର ସ୍କ୍ରିପ୍ଟ ପ୍ରସ୍ତୁତ ହୋଇସାରିଛି ଏବଂ ଫିଲ୍ମର କାଷ୍ଟିଂ ମଧ ଆରମ୍ଭ ହୋଇସାରିଥିବା ରିପୋର୍ଟରେ କୁହାଯାଇଛି। ଫିଲ୍ମର ମୁଖ୍ୟ ଅଭିନେତ୍ରୀ ଭୂମିକା ପାଇଁ ହୁମା କୁରେଶୀଙ୍କୁ କାଷ୍ଟିଂ କରାଯାଇଛି। ଫିଲ୍ମର ସ୍କ୍ରିପ୍ଟ ହୁମାଙ୍କୁ ପସନ୍ଦ ଆସିଥିବା ନେଇ ରିପୋର୍ଟରେ କୁହାଯାଇଛି। ଆସନ୍ତା ନଭେମ୍ବରରେ 'ଖୋସ୍‌ଲା କା ଘୋସ୍‌ଲା ୨' ଫିଲ୍ମର ଶୁଟିଂ ଆରମ୍ଭ ହେବ। ଆସନ୍ତା ସେପ୍ଟେମ୍ବର ୩ରେ 'ଜଲି ଏଲ୍‌ଏଲ୍‌ବି ୩' ରିଲିଜ୍ ହେବାକୁ ଥିବାବେଳେ ସମ୍ପ୍ରତି ହୁମା ଏହାର ଶୁଟିଂରେ ବ୍ୟସ୍ତ ଅଛନ୍ତି। 'ଜଲି ଏଲ୍‌ଏଲ୍‌ବି ୩'ରେ ଅଭିନେତା ଅକ୍ଷୟ କୁମାର, ଅର୍ଶଦ ୱାର୍ଶି, ସୌରଭ ଶୁକ୍ଳା, ଅଭିନେତ୍ରୀ ଅମ୍ରିତା ରାଓ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।



ହୁମା କୁରେଶୀ

# ଆଦ୍ୟାଶାଙ୍କୁ 'ଏକ୍ସଲେନ୍ସ ଇନ୍ ପବ୍ଲିଶିଂ' ଆୱାର୍ଡ

## ୨୫ ଜଣ ପାଇଲେ 'ଫେମିନା ଆଚିଭର୍ସ-୨୦୨୫'

ଭୁବନେଶ୍ୱର,୨୬।୭ (ସୌମ୍ୟରଞ୍ଜନ ରାଉତ)

ଖିମ୍‌ଜୀ ଜୁଏଲାରୀ ପକ୍ଷରୁ ଶନିବାର ୱେଲ୍‌କମ୍ ହୋଟେଲ୍‌ଠାରେ 'ଫେମିନା ଆଚିଭର୍ସ-୨୦୨୫' ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଏସ୍ଏନ୍ଏମ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ପ୍ରଦୀପ୍ତ ମହାନ୍ତି, ସୋଆର କୁଳପତି ପ୍ରଦୀପ୍ତ କୁମାର ନନ୍ଦ, ଅଭିନେତା ଆମୋଲ ପରାଶର ପ୍ରମୁଖ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ପ୍ରାୟ ୨୫ ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ 'ଏକ୍ସଲେନ୍ସ ଇନ୍ ପବ୍ଲିଶିଂ' ଆୱାର୍ଡ ପ୍ରଦାନ କରାଯାଇଥିଲା। ସେହିପରି କ୍ରୀଡ଼ାକ୍ଷେତ୍ରରେ ଶ୍ରାବଣୀ ନନ୍ଦ, ନୃତ୍ୟରେ ଇଲିଆନା ଚିତାରିଷ୍ଟି, ସମାଜସେବା କ୍ଷେତ୍ରରେ ଡ. ଶ୍ରୁତି ମହାପାତ୍ର, କଳାକ୍ଷେତ୍ରରେ ଅଭିନେତ୍ରୀ ଅର୍ଚ୍ଚିତା, ସଙ୍ଗୀତରେ ଅନ୍ତରା ଚକ୍ରବର୍ତ୍ତୀ, ଐତିହ୍ୟ ସଂରକ୍ଷଣ କ୍ଷେତ୍ରରେ ରାଜକୁମାରୀ ମୃଣାଳିକା ଭଞ୍ଜଦେଓଙ୍କୁ ସମ୍ମାନିତ କରାଯାଇଛି। ଅନୁରୂପ ଭାବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୀଳାଞ୍ଜନା ମୁଖାର୍ଜୀ, ଚଳଚ୍ଚିତ୍ର ନିର୍ମାଣରେ ବିନି ସାମଲ, ମହିଳା ସଶକ୍ତୀକରଣରେ ଅଙ୍କିତା ମହାନ୍ତି, ଚିକିତ୍ସାରେ ଡା. ସଂଘମିତ୍ରା ପତି, ସାହିତ୍ୟରେ ଡ. ଗାୟତ୍ରୀବାଳା ପଣ୍ଡା, ଫ୍ୟାଶନ୍‌ରେ ଜୁବିନା ଅଲ୍ଲୀ, ଶିକ୍ଷା ଓ ସ୍ୱାସ୍ଥ୍ୟରେ ସୋଆ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ୱିମେନ୍ ସେଲ୍, ଶିକ୍ଷାରେ ପଞ୍ଚମୀ ମନୋ ୟୁକିଲ୍, ଅନ୍ତର୍ଭୁକ୍ତି ଓ ସାମାଜିକ ପ୍ରଭାବ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଅର୍ପିତା ମହାପାତ୍ର, ମହିଳା ଉଦ୍ୟୋଗୀ ରଶ୍ମି ସାହୁ, କମ୍ବାଟ ସ୍ପୋର୍ଟ୍ସ କ୍ଷେତ୍ରରେ ଶ୍ୱେତାରାଣୀ ମହନ୍ତ ଓ ମଞ୍ଜୁ ମୁଣ୍ଡା, ଅଟିଜମ୍ ଅଡ୍‌ଭୋକେସିରେ ଗାର୍ଗୀ ଭଟ୍ଟାଚାର୍ଯ୍ୟ, ଫ୍ୟାଶନ୍ ଡିଜାଇନ୍‌ରେ ରେମ୍‌ଲୀ ମହାନ୍ତି, ଅନୁସନ୍ଧାନମୂଳକ ସାମ୍ବାଦିକତା କ୍ଷେତ୍ରରେ ଶୁଭଦର୍ଶିନୀ ମିଶ୍ର, ପ୍ରେରଣାଦାୟୀ ପେଣ୍ଟିଂରେ ଶୁଦ୍ଧସତା ମିଶ୍ର, ପବ୍ଲିକ୍ ସର୍ଭିସ୍‌ରେ ସାଗରିକା ନାଥ, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୋଆର ୱିମେନ୍ ୱାର୍କ ଫୋର୍ସକୁ ଆୱାର୍ଡ ପ୍ରଦାନ କରାଯାଇଛି।



'ଫେମିନା ଆଚିଭର୍ସ-୨୦୨୫' କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ 'ଏକ୍ସଲେନ୍ସ ଇନ୍ ପବ୍ଲିଶିଂ' ଆୱାର୍ଡ ପ୍ରଦାନ କରାଯାଉଛି।




ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ୱେଲ୍‌କମ୍ ହୋଟେଲଠାରେ ଆୟୋଜିତ 'ଫେମିନା ଆଚିଭର୍ସ-୨୦୨୫' ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ। (ଫଟୋ: ବିକାଶ ନାୟକ)

# ମେଟ୍ରୋ ରେଳ କଣ୍ଟ୍ରାକ୍ଟ ବାତିଲ କଲା ଡିଏମ୍ଆର୍‌ସି

ଭୁବନେଶ୍ୱର,୨୬।୭(ବନ୍ଦନା ସେଠୀ)

**ପ୍ରକଳ୍ପକୁ ନେଇ ଦ୍ୱନ୍ଦ୍ୱରେ ଭୁବନେଶ୍ୱରବାସୀ**

ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍ଆର୍‌ସି) ପକ୍ଷରୁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର କଣ୍ଟ୍ରାକ୍ଟକୁ ବାତିଲ୍ କରାଯାଇଛି। ଦୀର୍ଘଦିନ ଧରି କାର୍ଯ୍ୟାନ୍ୱୟନ ବିଳମ୍ବକୁ ଦର୍ଶାଇ ଡିଏମ୍ଆର୍‌ସି ପକ୍ଷରୁ ସେଇଗଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ରଞ୍ଜିତ୍ ବିଲ୍ଡକନ୍ ସହିତ ହୋଇଥିବା ଚୁକ୍ତିନାମାକୁ ଜୁଲାଇ ୨୫ରେ ବାତିଲ୍ କରାଯାଇଛି। ଏହି ଦୁଇ କମ୍ପାନୀ ସହିତ ୬ଟି ମେଟ୍ରୋ ଷ୍ଟେଶନ ନିର୍ମାଣ ପାଇଁ ଚୁକ୍ତି ହୋଇଥିଲା। ମାତ୍ର ପ୍ରାୟ ୮ମାସ ହେଲା ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟରେ କୌଣସି ଆଖିଦୃଶିଆ କାମ ହୋଇ ନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ତେଣୁ ଭୁବନେଶ୍ୱରବାସୀଙ୍କ ମନରେ ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହି ଚୁକ୍ତିନାମାରେ ଡିପୋ ରାମ୍ପ ସମେତ ନନ୍ଦନ ବିହାର ଏବଂ ତ୍ରିଶୂଳିଆ ଛକ ଦେଇ ୬ଟି ମେଟ୍ରୋ ଷ୍ଟେଶନର ଡିଜାଇନ୍ ଏବଂ ନିର୍ମାଣ ଅନ୍ତର୍ଭୁକ୍ତ ଥିଲା।

୨୦୨୪ ନିର୍ବାଚନ ପୂର୍ବରୁ ପୂର୍ବ ସରକାର ମେଟ୍ରୋ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୪-୨୫ ବଜେଟ୍‌ରେ ଏହି ପ୍ରକଳ୍ପ ପାଇଁ ଅର୍ଥ ବରାଦ ହେଲା। ସହର ଉପରେ ଏଲିଭେଟେଡ୍ କରିଡରରେ ମେଟ୍ରୋ ରେଳ ପଥ ନିର୍ମାଣ ହେବ ବୋଲି ଆରମ୍ଭରୁ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏଥିପାଇଁ କିଛି ମାସ ପାଇଁ ସହରରେ ମାଟି ପରୀକ୍ଷା ପାଇଁ ଖୋଳତାଡ଼ ଆରମ୍ଭ ହୋଇଥିଲା। ମାତ୍ର ହଠାତ୍ ସବୁ କାମ ବନ୍ଦ କରାଯାଇ ନିର୍ମାଣ ସାମଗ୍ରୀ ମଧ୍ୟ ଉଠାଇ ନିଆଗଲା। ନୂତନ ସରକାର ଆସିବା ପରେ ମାଟି ତଳେ ମେଟ୍ରୋ ଚାଲିବ ବୋଲି କୁହାଗଲା। ତେବେ କାମର ଅଗ୍ରଗତି ହେଉ ନ ଥିବାରୁ ଏବେ ଡିଏମ୍ଆର୍‌ସି ପକ୍ଷରୁ ଦୁଇ କମ୍ପାନୀ ସହିତ ଚୁକ୍ତି ବାତିଲ କରାଯାଇଛି। ତେଣୁ କେବେ ମେଟ୍ରୋ ପ୍ରକଳ୍ପ କାମ ଆରମ୍ଭ ହୋଇ ଶେଷ ହେବ ତାହାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ ମେଟ୍ରୋ ରେଳ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଜୁଲାଇ ୧୬ରେ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଉପ-କମିଟି ବୈଠକରେ ଭୁବନେଶ୍ୱର ମେଟ୍ରୋର ଭବିଷ୍ୟତ ଏବଂ ରାଜଧାନୀ ପାଇଁ ବ୍ୟାପକ ସହରାଞ୍ଚଳ ଗତିଶୀଳତା ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଆଗକୁ ପୁଣି ବୈଠକ ବସି ଆଲୋଚନା ହେବା ସହ ନୂଆ ଡିପିଆର୍ ପ୍ରସ୍ତୁତ ପରେ କେନ୍ଦ୍ରକୁ ପ୍ରସ୍ତାବ ପଠାଯିବ। କେନ୍ଦ୍ରର ସହଯୋଗରେ ପ୍ରକଳ୍ପ ହେବ। ଏଥିସହ ନୂଆ ଢାଞ୍ଚାରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

# ୧୫ ଛାତ୍ରୀଙ୍କୁ ଅସଦାଚରଣ, ବିଜ୍ଞାନ ଶିକ୍ଷକଙ୍କୁ ଉଠାଇନେଲା ପୋଲିସ

ରାଜନଗର,୨୬।୭ (ଭାସ୍କର ରାଉତରାୟ)



ଅମର ପ୍ରସାଦ ମଲିକଙ୍କୁ ଥାନାକୁ ନିଆଯାଉଛି।

କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଅଧୀନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ୧୫ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଛାତ୍ରୀମାନେ ପ୍ରଧାନଶିକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପ୍ରଧାନଶିକ୍ଷକଙ୍କ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଶନିବାର ସ୍କୁଲରୁ ଉଠାଇ ନେଇଛି। ବିଜ୍ଞାନ ଶିକ୍ଷକ ଅମର ପ୍ରସାଦ ମଲିକ ସ୍କୁଲର ଛାତ୍ରୀମାନଙ୍କୁ ବହୁଦିନ ହେଲା ଅସଦାଚରଣ କରିଆସୁଥିଲେ। ଶୁକ୍ରବାର ସେ ସପ୍ତମ ଶ୍ରେଣୀର ୭ ଛାତ୍ରୀଙ୍କୁ ଅସଦାଚରଣ କରିବା ସହ ବିଭିନ୍ନ କଥା କହି ତାଙ୍କ ଘରକୁ ଡାକିଥିଲେ। ଜଣେ ଛାତ୍ରୀ କାନ୍ଦି ଏକଥା ଜଣେ ଶିକ୍ଷୟିତ୍ରୀଙ୍କୁ କହିଥିଲେ। ଶନିବାର ବିଦ୍ୟାଳୟରେ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା, ୨ ପଞ୍ଚାୟତ ସରପଞ୍ଚ ଓ ଅଭିଯୋଗ କରିଥିବା ଛାତ୍ରୀଙ୍କ ଅଭିଭାବକଙ୍କ ସମ୍ମୁଖରେ ଛାତ୍ରୀମାନେ ବିଜ୍ଞାନ ଶିକ୍ଷକଙ୍କ ଅସଦାଚରଣ କଥା କହିଥିଲେ। ଏହାପରେ ପ୍ରଧାନଶିକ୍ଷକଙ୍କୁ ସପ୍ତମ ଶ୍ରେଣୀର ୭ ଓ ନବମ ଶ୍ରେଣୀର ୮ ଜଣ ଛାତ୍ରୀ ଲିଖିତ ଭାବେ ଏ ସମ୍ପର୍କରେ ଜଣାଇଥିଲେ। ଛାତ୍ରୀମାନଙ୍କ ଅଭିଭାବକମାନେ ମଧ୍ୟ ଏ ନେଇ ପ୍ରଧାନଶିକ୍ଷକଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ଘଟଣା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଳଚୁଆ ସାମୁଦ୍ରିକ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ଆଇଆଇସି ବିମଳ କୁମାର ମଲିକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ, ଅଭିଭାବକ, ପୀଡ଼ିତା ଛାତ୍ରୀମାନଙ୍କୁ ପଚରାଉଚରା କରିବା ପରେ ପୋଲିସ ବିଜ୍ଞାନ ଶିକ୍ଷକଙ୍କୁ ଥାନାକୁ ନେଇଛି। ଉକ୍ତ ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ଭୁଲ୍ ଇଞ୍ଜେକଶନ ନେଲା ମହିଳାଙ୍କ ଜୀବନ

**ତୁରେକେଲା ଅଞ୍ଚଳରେ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ**

ଲାଠୋର/କଣ୍ଟାବାଞ୍ଜି,୨୬।୭ (ଭୁବନେଶ୍ୱର ବାରିକ/ଗୁରୁଦୟାଲ ହଂସ)

କ୍ୱାକ୍‌ଙ୍କ ଦ୍ୱାରା ଭୁଲ୍ ଇଞ୍ଜେକଶନ ନେଇ ଜଣେ ମହିଳାଙ୍କ ଜୀବନ ଯାଇଛି। ମୃତା ମହିଳା ହେଲେ ଭବାନୀ ପୁଟା (୪୨)। ଶୁକ୍ରବାର ରାତିରେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ୍ ମହୁଲପାଟି ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସମ୍ପୃକ୍ତ କ୍ୱାକ୍ ଜଣକ ଫେରାର ଅଛନ୍ତି। ଏନେଇ ତୁରେକେଲା ଥାନାରେ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ମହୁଲପାଟି ଗ୍ରାମର ଡିଙ୍ଗର ପୁଟାଙ୍କ ସ୍ତ୍ରୀ ଭବାନୀ ଶୁକ୍ରବାର ଧାନବିଲରେ କାମକରି ସନ୍ଧ୍ୟାରେ ଘରକୁ ଫେରିଥିଲେ। ତେବେ ଘରକୁ ଆସିବା ପରେ ତାଙ୍କର ଗୋଡ଼ ହାତ ପ୍ରବଳ ବିନ୍ଧିଥିଲା। ଏହି ସମୟରେ ତୁରେକେଲା ବ୍ଲକ୍ ଅଧୀନ ଲର୍କି ଗ୍ରାମର ଜଣେ କ୍ୱାକ୍ ମହୁଲପାଟି ଗ୍ରାମକୁ ଚିକିତ୍ସା କରିବା ପାଇଁ ଆସିଥିଲେ। ଏହା ଜାଣି ଭବାନୀଙ୍କ ପରିବାରବର୍ଗ କ୍ୱାକ୍‌ଙ୍କୁ ଭେଟି ସମସ୍ୟା କହିଥିଲେ। ଫଳରେ ସେ ଭବାନୀଙ୍କୁ କୌଣସି ଏକ ଇଞ୍ଜେକଶନ ଦେଇ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ପରିବାର ଲୋକେ ତାଙ୍କୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ଅକ୍ସିଜେନ ଲଗାଇ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସ୍ୱାମୀ ଡିଙ୍ଗର ତୁରେକେଲା ଥାନାରେ ଏତଲା ଦେଇଥିଲେ। ଭୁଲ୍ ଇଞ୍ଜେକଶନ ଦେବାରୁ ଭବାନୀଙ୍କର ମୃତ୍ୟୁ ଘଟିଥିବା ସେ ସେଥିରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଥିବା ବେଳେ ମୃତଦେହ ଜବତକରି ଶନିବାର ସକାଳେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ତୁରେକେଲା ଅଞ୍ଚଳରେ ଦିନକୁ ଦିନ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଅନେକ ସମୟରେ ସାଧାରଣ ଲୋକ କ୍ୱାକ୍‌ମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଏନେଇ ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁଙ୍କୁ ଫୋନରେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ନ ହେବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଅନାସ୍ଥା ନିଷ୍ପତ୍ତିକୁ ଜଗିଲେଣି

ଭୁବନେଶ୍ୱର,୨୬।୭(ସୁନିତ୍ ମିଶ୍ର)

**ସରକାରର ଆସ୍ଥା, ଅନାସ୍ଥା, ଅବସ୍ଥା, ବ୍ୟବସ୍ଥା ସବୁ ଆଲୋଚନା ହେବ: ଅରୁଣ**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ସରକାର ବିରୋଧରେ ପ୍ରସ୍ତାବିତ ଅନାସ୍ଥା ବିଷୟ ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିଜେଡି ଏ ନେଇ କ'ଣ ନିଷ୍ପତ୍ତି ନେବ, ତାହାକୁ ନେଇ ରାଜ୍ୟ ରାଜନୀତି ସରଗରମ। ବିଶେଷକରି ଭକ୍ତଙ୍କ ଏହି ବାଣ ପରେ ବିଜେଡି ଭିତରେ ଅନାସ୍ଥାକୁ ନେଇ ପ୍ରବଳ ଆଲୋଚନା ଆରମ୍ଭ ହୋଇଯାଇଛି। ଯଦି ଦଳ କଂଗ୍ରେସର ଏହି ଆହ୍ୱାନକୁ ଗ୍ରହଣ ନ କରୁଛି ତେବେ ବିଜେଡି ଓ ଭାଜପା ଭିତରେ ମଧୁର ସମ୍ପର୍କ ଥିବା ବୁଝପଡ଼ିବ। ଏହି କଥାକୁ ନେଇ ବିଜେଡି ଭିତରେ ବହୁ ମାତ୍ରାରେ ଚର୍ଚ୍ଚା ଚାଲୁଛି। ବିଜେଡି ଏହି କଥାରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି ତାଙ୍କ ଦଳର ଅନେକ ନେତା ଇଚ୍ଛା କରୁଛନ୍ତି। ଭକ୍ତ ଏହି କଥା ଉଠାଇବା ପରେ ଗଣମାଧ୍ୟମ ଆଗରେ ବିଜେଡି ପକ୍ଷରୁ ଦେବୀପ୍ରସାଦ ମିଶ୍ର ପ୍ରତିକ୍ରିୟା ରଖି କହିଲେ, ବିଧାନସଭା ଅଧିବେଶନ ଘୋଷଣା ହେବା ପରେ ନିଷ୍ପତ୍ତି ହେବ। ଏହି କଥା ଉପରେ ସେ କୌଣସି ଷ୍ଟାଣ୍ଡ କ୍ଲିୟର କଲେ ନାହିଁ। ଫଳରେ ଦଳର ଅନ୍ୟ ନେତାମାନଙ୍କଠାରୁ ଅନାସ୍ଥା ଉପରେ ମତାମତ ନେବା ଲାଗି ଯେଉଁ ଯୋଗାଯୋଗ କରାଯାଇଥିଲା ବହୁ ଜଣ କହିଥିଲେ, ଦେବୀ ମିଶ୍ର ଗଣମାଧ୍ୟମକୁ ଯାହା କହିଥିଲେ ସେଥିରେ ଦଳ ଏକଥାରେ ପଛଘୁଞ୍ଚା ଦେଇଥିବା ବୁଝିହେବା କଥା। ତେଣୁ ଏ ପ୍ରସଙ୍ଗରେ ମୁହଁ ଖୋଲିବାକୁ ମନା କରିଦେଲେ। ହେଲେ ଦଳ ଭିତରେ ଏହି କଥାରେ ବିଜେଡି ନିଜର ଷ୍ଟାଣ୍ଡ କ୍ଲିୟର କରୁ ବୋଲି ଦାବି ଉଠିଛି। ଶନିବାର ଶଙ୍ଖ ଭବନଠାରେ ୮ ଜଣ ବରିଷ୍ଠ ନେତାଙ୍କୁ ନେଇ ଏକ ବୈଠକ ବସିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଏଥିରେ ବରିଷ୍ଠ ନେତା ଦେବୀ ମିଶ୍ର, ପ୍ରତାପ ଦେବ, ପ୍ରତାପ ଜେନା, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସଚୀ ନାୟକ, ଅରୁଣ କୁମାର ସାହୁ ଏବଂ ପ୍ରମିଳା ମଲ୍ଲିକ ରହିଥିଲେ। ବୈଠକରେ କେତେକ ବିଷୟରେ ଆଲୋଚନା ହୋଇଥିବା ବେଳେ ଅନାସ୍ଥା କଥା ମଧ୍ୟ ଉଠିଥିଲା। ଅନାସ୍ଥା ବିଷୟ ବିଧାନସଭାରେ ନ ଆଣିବା ଛଡ଼ା ବାଟ କ'ଣ ରହିଛି ବୋଲି ଆଲୋଚନାର ସାରାଂଶ ଥିଲା ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ଅନାସ୍ଥାକୁ ସମର୍ଥନ କରିବା ଲାଗି ନବୀନଙ୍କ ଅନୁଗତ ଭି.କେ. ପାଣ୍ଡିଆନ୍‌ଙ୍କ ନିକଟକୁ ବାର୍ତ୍ତା ପଠାଇବା ଏବଂ ଏହା ଉପରେ ସହମତି ଆଣିବା ପାଇଁ ଆଲୋଚନା ହୋଇଥିବା ଶୁଣିବାକୁ ମଧ୍ୟ ମିଳିଛି। ଅନାସ୍ଥା ପ୍ରସଙ୍ଗରେ ଦଳର ସଭାପତି ନବୀନ ପଟ୍ଟନାୟକ କିପରି ରଣନୀତି ଆପଣାଇବେ ଏଥର ଦେଖାଯିବ ବୋଲି ଦଳର କେତେଜଣ ବରିଷ୍ଠ ନେତା ଚର୍ଚ୍ଚା ମଧ୍ୟ କରୁଛନ୍ତି। ସେଥିଲାଗି କେତେଜଣ ଦଳୀୟ ନେତା ଏହି କଥା ଉପରେ ଗଣ୍ଠି ପକାଇବା ଆରମ୍ଭ କରିଦେଇଛନ୍ତି। ଅନାସ୍ଥା ଯଦିନ ଆଣନ୍ତି ଏବଂ ଆଗକୁ ଉପରାଷ୍ଟ୍ରପତି ନିର୍ବାଚନ କଥାରେ ଦଳର ଆଭିମୁଖ୍ୟ କ'ଣ ହେବ ସେକଥାକୁ ମଧ୍ୟ ଜଗିଲେଣି।

ଏପରି ସ୍ଥିତିରେ ଅନାସ୍ଥା ବିଷୟକୁ ନେଇ ବରିଷ୍ଠ ନେତା ଅରୁଣ ସାହୁ ଗଣମାଧ୍ୟମକୁ କହିଛନ୍ତି, ଭାଜପା ପକ୍ଷରୁ ଯେଉଁ ଚ୍ୟାଲେଞ୍ଜ କରାଯାଉଛି ବିରୋଧୀ ଅନାସ୍ଥା ଆଣନ୍ତୁ ତା'ପରେ ସେମାନେ ଦେଖିବେ। ଏହା ସେମାନଙ୍କ ଫମ୍ପା ଦମ୍ଭୋକ୍ତି। ସେମାନେ ଆଗେ ବିଧାନସଭା ଡକାନ୍ତୁ, ସେଠି ଦେଖାଦେଖି ହେବ। ସମସ୍ତେ ଜାଣିରଖିବା ଦରକାର, ବର୍ଷକୁ ବିଧାନସଭାରେ ୩ଟି ଅଧିବେଶନ ହୁଏ। ବର୍ଷାଦିନରେ ଏକ ଅଳ୍ପଦିନିଆ ଅଧିବେଶନ ବସେ ଯାହା ଅଗଷ୍ଟ ପ୍ରଥମ ସପ୍ତାହରୁ ବସିଥାଏ। ତାହା ଏପର୍ଯ୍ୟନ୍ତ କଲେନାହିଁ। ଶୁଣିବାକୁ ମିଳୁଛି ଭାଜପା ସରକାର ଏଥର ସେପ୍ଟେମ୍ବର ମାସରେ ଡାକିବେ ବୋଲି ଚିନ୍ତା କରିଛନ୍ତି। ଗୋପାଳପୁରର ଛାତ୍ରୀ ଗଣବଳାତ୍କାର, ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣା ଭଳି ରାଜ୍ୟରେ ଯେଉଁ ନାରୀ ନିର୍ଯାତନା ବଢ଼ିଚାଲିଛି ସେଥିନେଇ ସରକାର ସାହସ ଜୁଟାଇ ପାରୁନାହାନ୍ତି। ଏମାନଙ୍କ ବର୍ଷେ ଏକ ବିଫଳତା ଅନେକ। ଏମାନେ ବିଧାନସଭା ଡାକନ୍ତୁ ଏମାନଙ୍କ ଆସ୍ଥା, ଅନାସ୍ଥା, ଅବସ୍ଥା ଏବଂ ବ୍ୟବସ୍ଥା ସବୁ ଆଲୋଚନା ହେବ। ରାଜ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ରାଜ୍ୟର ପ୍ରକୃତ ଅନାସ୍ଥା ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ମୁତାବକ ବିଜେଡିର ବହୁ ନେତା ଏବେ କହୁଛନ୍ତି କଂଗ୍ରେସକୁ ରାଜ୍ୟରୁ ସଫା କରି ଭାଜପା ସହ ସଲାସୁତୁରା ଯୋଗୁ ବିଜେଡିର ଏବେ ଏହି ଅବସ୍ଥା। ବିଜେଡିକୁ ଅକ୍ତିଆର କରିଥିବା କେତେଜଣଙ୍କ ଭୁଲ୍ ରାଜନୈତିକ ଗୋଟିଚାଳନା ଏବଂ ନିହିତ ସ୍ୱାର୍ଥ ଲାଗି ଭାଜପା ରାଜ୍ୟରେ ସରକାର କରିଛି। ଏବର ସ୍ଥିତିରେ ଯଦି ଭାଜପା ସପକ୍ଷରେ ଯିବାଭଳି କୌଣସି ନିଷ୍ପତ୍ତି ବିଜେଡିକୁ ଅକ୍ତିଆର କରିଥିବା ବ୍ୟକ୍ତି ନିଅନ୍ତି, ତେବେ କର୍ମୀଙ୍କ ଯେଉଁ ଚାପ ଦଳ ଉପରେ ବଢ଼ିଛି ତାହା ଉଗ୍ରରୂପ ନେଇପାରେ।




# ସମରେଶଙ୍କ ଅତିରିକ୍ତ ଷ୍ଟାଣ୍ଡିଂ କାଉନ୍‌ସିଲ୍ ନିଯୁକ୍ତି ରଦ୍ଦ

ଭୁବନେଶ୍ୱର,୨୬।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟର ଅତିରିକ୍ତ ଷ୍ଟାଣ୍ଡିଂ କାଉନ୍‌ସିଲ ଥିବା ସମରେଶ ଜେନାଙ୍କ ନିଯୁକ୍ତିକୁ ରଦ୍ଦ କରିଦିଆଯାଇଛି। ଆଇନ ବିଭାଗ ପକ୍ଷରୁ ଶନିବାର ପ୍ରକାଶିତ ବିଜ୍ଞପ୍ତିରେ ସମରେଶଙ୍କ ନିଯୁକ୍ତିକୁ ରଦ୍ଦ କରାଯାଇଛି। ଆଡଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କ ସୁପାରିସ ଅନୁସାରେ ନିଯୁକ୍ତି ରଦ୍ଦ ହୋଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ନିର୍ଦ୍ଦେଶ ଜାରି କରାଯାଇଛି। ୨୦୨୪ ଅକ୍ଟୋବର ୧୦ ରେ ସମରେଶଙ୍କୁ ଦିଆଯାଇଥିବା ନିଯୁକ୍ତିକୁ ରଦ୍ଦ କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଜେଡି କର୍ପୋରେଟର ଅମରେଶ ଜେନା(ବାଇଆଁ)ଙ୍କ ଭାଇ ହେଉଛନ୍ତି ସମରେଶ ଜେନା। ନିକଟରେ ଜଣେ ଯୁବତୀ ୨ବର୍ଷ ହେବ ଅମରେଶଙ୍କ ଦ୍ୱାରା ଯୌନନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ପରେ ଲକ୍ଷ୍ମୀସାଗର ଥାନାରେ ଏନେଇ ଏକ ମାମଲା ହୋଇଛି। ପୀଡ଼ିତାଙ୍କ ଡାକ୍ତରୀ ମାଇନା ମଧ୍ୟ କରାଯାଇ ସାରିଛି। ଉକ୍ତ ମାମଲାରେ ଅମରେଶଙ୍କ ନାମ ଅଭିଯୁକ୍ତ ତାଲିକାରେ ରହିଥିବାରୁ ତାଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ପ୍ରଦାନ କରିବା ଲାଗି ସମରେଶ ଚେଷ୍ଟା କରିଥିଲେ। ଏହା ଜଣାପଡ଼ିବା ପରେ ସମରେଶଙ୍କ ନିଯୁକ୍ତି ରଦ୍ଦ କରାଯାଇଥିବା ଆଲୋଚନା ହେଉଛି।

# ଜାଲରେ ପଡ଼ିଲା ୪୫ କେଜିର କଣା ମାଛ

ପବିତ୍ରନଗର,୨୬।୭(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲଠାରେ ବ୍ରାହ୍ମଣୀ ନଦୀରୁ ଶନିବାର ସକାଳେ ୩ଟି ବଡ଼ କଣା ମାଛ ଧରାଯାଇଛି। ସ୍ଥାନୀୟ କୁଲେଇ ଗ୍ରାମର ଆରତ ବେହେରା ଓ ପ୍ରଦୀପ ବେହେରା ଏହି ମାଛ ଧରିଥିବା ବେଳେ ଗୋଟିଏର ଓଜନ ୪୫ କେଜି ରହିଛି। ଆଉ ଗୋଟିଏ ମାଛ ୩୫ କେଜି ଓଜନର ହୋଇଥିବା ବେଳେ ଅନ୍ୟଟି ୨୦ କେଜି ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗରେ ଏହି ମାଛର ଚାହିଦା ଅଧିକ ରହିଥିବା ସ୍ଥାନୀୟ ଧୀବରମାନେ କହିଛନ୍ତି। ତେଣୁ କଣା ମାଛ ଧରାଯିବା ଖବର ମିଳିବା ମାତ୍ରେ କେତେଜଣ ବ୍ୟବସାୟୀ ପହଞ୍ଚି ଅଧିକ ମୂଲ୍ୟ ଦେଇ ୩ଟି ମାଛ କିଣିନେଇଛନ୍ତି। ଏହାକୁ ପଶ୍ଚିମବଙ୍ଗ ପଠାଯିବା ବୋଲି ସୂଚନା ମିଳିଛି।



# ବସ୍ ଧକ୍କାରେ ଶଳା ଭିଣୋଇ ମୃତ

ରାଜନଗର/ପଟ୍ଟାମୁଣ୍ଡାଇ,୨୬।୭ (ଭାସ୍କର ରାଉତରାୟ/କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ମଦନପୁର ଛକରେ ଶନିବାର ଅପରାହ୍ନରେ ବସ୍ ଧକ୍କାରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଳଭଦ୍ରପୁର ଗ୍ରାମର ସାମାଜିକ କର୍ମୀ ସରୋଜ ଧଳ (୫୭) ଓ ତାଙ୍କ ଶଳା ରାଜନଗର ବ୍ଲକ ନଗଡ଼ ଗ୍ରାମର ଲମ୍ବୋଦର ପ୍ରଧାନ (୪୫)। ଉତ୍ତ୍ୟକ୍ତ ଲୋକମାନେ ପଟ୍ଟାମୁଣ୍ଡାଇ-ମଦନପୁର-ରାଜନଗର ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଶେଷରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଉଭୟ ମୃତଦେହ ପଟ୍ଟାମୁଣ୍ଡାଇ ହସ୍ପିଟାଲକୁ ଆଣିଥିଲେ। ପୋଲିସ ଉଭୟ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଳି ଡାକ୍ତରଖାନା ପଠାଇଛି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଜୟ ଓଡ଼ିଶା ପକ୍ଷରୁ 'ରକ୍ତଦାନ' ଶିବିର, ସ୍ଥାନ: ଟ୍ରାଇଡେଣ୍ଟ ଗ୍ୟାଲାକ୍ସି ଆପାର୍ଟମେଣ୍ଟ, ସମୟ: ସକାଳ, ୯ଟା।
- ବାଙ୍କବିହାରୀ ଦାସଙ୍କ ୨୫ତମ ଶ୍ରାଦ୍ଧବାର୍ଷିକ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ ଆଞ୍ଚଳିକ ସମ୍ମିଳନୀ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନ୍ୟାଶନାଲ୍ ସିଇଓ କନ୍‌କ୍ଲେଭ୍, ସ୍ଥାନ : ସ୍ୱସ୍ତି ପ୍ରିମିୟମ୍, ସମୟ: ଅପରାହ୍ନ ୪ଟା।
- ୮୬ତମ ସିକନ୍ଦର ଆଲାମ୍ ଜୟନ୍ତୀ, ସ୍ଥାନ, ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ଷଷ୍ଠ ଦିବସ, ସ୍ଥାନ: ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ଚାରବାଟିଆ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନବମ ନବ ଗୁଞ୍ଜନ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଟେବୁଲ ଟେନିସ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନଷ ଖୋ ଖୋ ହଲ୍, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ହୋଟେଲ ହରିପ୍ଲାଜା, ବାଲେଶ୍ୱର, ସମୟ: ସକାଳ ୯ଟା।
- 'ଧ୍ୱନିପ୍ରତିଧ୍ୱନି ଓ ସାଗରିକା' ର ବାର୍ଷିକ ଉତ୍ସବ, ସ୍ଥାନ:ଭେନିୟା ପାରାଡାଇଜ୍, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଓଷ୍ଟା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ:ଓଷ୍ଟା କାର୍ଯ୍ୟାଳୟ, ଭାସ୍କରଗଞ୍ଜ, ବାଲେଶ୍ୱର, ସମୟ:ଅପରାହ୍ନ ୪ଟା।

## ଭଦ୍ରକ
- ଉତ୍କଳ ସାମ୍ବାଦିକ ସଂଘର ଜିଲା ଶାଖା ପକ୍ଷରୁ ବୃକ୍ଷରୋପଣ ସଚେତନତା ସଭା ଓ କବିତା ପାଠ, ସ୍ଥାନ: ମନମୋହନ ସଙ୍ଗୀତ ପରିଷଦ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଅଡାଳପଙ୍କ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- କ୍ୟାରମ ଟୁର୍ନାମେଣ୍ଟ,ସ୍ଥାନ:ଅମ୍ବିକା ମନ୍ଦିର ପାର୍ଶ୍ୱ କଲ୍ୟାଣ ମଣ୍ଡପ,ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ, ସ୍ଥାନ: କୋର୍ଟ ପରିସର, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାସ୍ତରୀୟ ଲୋକ ଅଦାଲତ, ଯାଜପୁର ସମେତ ଅନ୍ୟ ଆଦାଲତ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗନଗର ବୁଲେଟିନ ପକ୍ଷରୁ ସାଧାରଣ ମହିଳାଙ୍କ ସାମର୍ଥ୍ୟରେ ସୁଭଦ୍ରା ଶକ୍ତି ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ଯାଜପୁର ରୋଡ ରୟାଲ କଳିଙ୍ଗ ହୋଟେଲ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ରଣପୁର ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ:ମହାବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୧ଟା।
- ଜିଲାବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ସାମଗ୍ରୀ ବଣ୍ଟନ, ସ୍ଥାନ:ନୂଆଗାଁ ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ଜିଲାସ୍ତରୀୟ ଯୋଗାଶନ ସ୍ପୋର୍ଟ୍ସ ଚାମ୍ପିୟନଶିପ୍, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଡିଇଓ କାର୍ଯ୍ୟାଳୟରର ବରିଷ୍ଠ ସହାୟକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନବରଙ୍ଗପୁର ଜେଇଏଲ୍‌ସି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ: ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀଙ୍କୁ ରାସନ କାର୍ଡ ଓ ଇନପୁଟ ସବ୍‌ସିଡି ବଣ୍ଟନ: ସ୍ଥାନ: ରାଇଘର, ସମୟ: ଅପରାହ୍ନ ୨ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ସମୟ : ସକାଳ ୮ଟା।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜନରେ ଚିତ୍ରାଙ୍କନ ପ୍ରତିଯୋଗୀତା, ସ୍ଥାନ : ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା।
- ସଂସ୍କାର ଭାରତୀ ଆୟୋଜନରେ ଆଲୋଚନାଚକ୍ର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ସମ୍ବଲପୁରୀ ଦିନ୍ ସକାଶେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ : ବାଲିବନ୍ଧା ଛକ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଦିନ୍ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : କଳା ପରିଷଦ ସଭାକକ୍ଷ, ସମୟ : ଅପରାହ୍ନ ୨ଟାରୁ ୪ଟା।
- ସୈରିନ୍ଧ୍ରୀ ନାୟକ ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଜିଲା ଓକିଲ ସଂଘ ପକ୍ଷରୁ ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା, ସ୍ଥାନ: ପତିତପାପନ ଏକାଡେମୀ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ।

## ରାଉରକେଲା
- ଭାଜପା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ସେକ୍ଟର-୭ ପ୍ରଜାପତି ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ରାଉରକେଲା କଲ୍‌ଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଅଟୋ ରିକ୍ସା ମାଲିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜୁନାଗଡ଼ ସାହିତ୍ୟ ସଂସଦର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଜୁନାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୩ଟା।
- ସଶକ୍ତ ନାରୀ, ସଶକ୍ତ ଦେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବିକାଶ ନର୍ସିଂ କଲେଜ, ସମୟ: ପୂର୍ବାହ୍ନ୧୧ଟା।
- ସଶକ୍ତ ନାରୀ, ସଶକ୍ତ ଦେଶ କାର୍ଯ୍ୟକ୍ରମ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସ. ମାଲପଡା ପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣୀ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ନାଗରିକ କମିଟି ପକ୍ଷରୁ ନୂତନ ହସ୍ପିଟାଲର ଅବ୍ୟବସ୍ଥା ନେଇ ଜରୁରୀକାଳୀନ ବୈଠକ, ସ୍ଥାନ: ଗୋପାଳଜୀଉ ମନ୍ଦିର, କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ:ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା
- ନାଗବାଚା ଗୁଡିରେ ହରିଆଲି ତିହାର ପାଳନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବୋଲବମ ସେବା ସମିତି ତରବୋଡ ପକ୍ଷରୁ ଅନ୍ନ ଭୋଗ, ସ୍ଥାନ: ମା' ମଙ୍ଗଳା ଅଟୋ ପାର୍ଟସ୍ ନୂତନ ଗ୍ୟାରେଜ ତରବୋଡ଼, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପରିବାର ଓ କର୍ମକ୍ଷେତ୍ର ପାଇଁ ପାପଗ୍ରହ ସନ୍ନିବେଶିତ ଚନ୍ଦ୍ରଙ୍କ ସ୍ଥିତି ଆଦୌ ଅନୁକୂଳ ନୁହେଁ। ପ୍ରତ୍ୟେକ କାମରେ ସମସ୍ୟା ଲାଗି ରହିବ। ଅବଶ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରେ।

**ବୃଷ** ବନ୍ଧୁଙ୍କ ସହଯୋଗ ଲାଭକରି ନୂଆ କାମରେ ମନ ଦେବେ। ପରିବାର ମଧ୍ୟରେ ଛୋଟବଡ଼ ସମସ୍ୟା ପୂର୍ବରୁ ରହିଥିଲେ ମଧ ତାହା ଶିଥିଳତାରେ ରହିଯିବ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବନ୍ଧୁ ଠିକ୍ ସମୟରେ ଆସି ଆପଣଙ୍କୁ ସାହାଯ୍ୟ କରିବେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ** ଅନୁଚିତ ବିଚାରଧାରାକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ସହ କଳହ ଲାଗିପାରେ। ଆଶା କରୁଥିବା ଦିଗରୁ ଅର୍ଥ ଓ ସମ୍ମାନ ପାଇବାର ଆଶା ରହିଛି। ଭାଗ୍ୟାଧିପ ଶନି କର୍ମଭାବସ୍ଥ ଯୋଗୁ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ହେତୁ କର୍ମକ୍ଷେତ୍ରରେ ଖୁସି ରହିବେ। ବୁଧାଦିତ୍ୟ ଯୋଗ ଫଳ ସ୍ୱରୂପ ସରକାରୀସ୍ତରରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ** ପାପଯୁକ୍ତ ରାଶ୍ୟାଧିପ ଯୋଗୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମାନସିକ ଓ ଶାରୀରିକ ସୁସ୍ଥତା ରହିବ ନାହିଁ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। କୌଣସି ବ୍ୟକ୍ତିଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ ବୁଝାମଣାଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟିହେବ। ସପ୍ତମାଧିପତିଙ୍କ ଦୁର୍ବଳତାଜନିତ ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** ରବି ଦ୍ୱାଦଶରେ ରହିଥିବାରୁ ବ୍ୟୟବୃଦ୍ଧି ସାଙ୍ଗକୁ ଦୂରଯାତ୍ରା କିମ୍ବା ସ୍ଥାନାନ୍ତରଜନିତ ବ୍ୟସ୍ତତା ଅନୁଭବ କରିବେ। କର୍ମକ୍ଷେତ୍ରରେ ଜଗି ରଖି ଚଳିବା ଭଲ ହେବ। ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ହିତୈଷୀଙ୍କ ସାହାଯ୍ୟ ଓ ସହଯୋଗରୁ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା** ସ୍ୱଗୃହକୁ ମଙ୍ଗଳଙ୍କ ଦୃଷ୍ଟିଥିବାରୁ କୌଣସି ଜିନିଷ ପ୍ରାପ୍ତି ଆଶାରେ ଆତ୍ମୀୟଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଆବିର୍ଭାବ ପରିସ୍ଥିତିକୁ ଏପଟସେପଟ କରିଦେବ। ବହୁ ସଂଘର୍ଷ ପରେ ସଫଳତା ପାଇବେ। ଭଲ ସମ୍ପର୍କ ରହିଥିବା ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି।

**ତୁଳା** ରାହୁଙ୍କ ଦୃଷ୍ଟି ବୃହସ୍ପତିଙ୍କ ଉପରେ ଥିବାରୁ ଅନ୍ୟମାନଙ୍କ ଭୁଲ୍ ଧାରଣା କାମରେ ଅନର୍ଥ ସୃଷ୍ଟି କରିବ। କର୍ମକ୍ଷେତ୍ରର ଚାପ ଯୋଗୁ ଶାନ୍ତିରେ ରହି ପାରିବେ ନାହିଁ। ଘର ଲୋକଙ୍କ କାମରେ ଅସନ୍ତୁଷ୍ଟ ହେଲେ ସୁଦ୍ଧା ପାଟି ଫିଟାଇବାର ରାସ୍ତା ନଥିବ। ଆନୁଷ୍ଠାନିକ କାମ ସାଙ୍ଗକୁ ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ବିଛା** ରାଶ୍ୟାଧିପ ରାଶିକୁ ଅବଲୋକନ କରୁଥିବାରୁ ପରିସ୍ଥିତିକୁ ଅନୁଧ୍ୟାନ କରି ପଦକ୍ଷେପ ନେବା ବୁଦ୍ଧିମାନର କାମ ହେବ। ନିଜର ଭାବୁଥିବା ବନ୍ଧୁଟିର କାର୍ଯ୍ୟକଳାପ ସନ୍ଦେହ ସୃଷ୍ଟି କରିପାରେ। ବ୍ୟବସାୟ, ସଭାସମିତି, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ। ଶାରୀରିକ ସୁସ୍ଥତା ଅନୁଭବ କରିପାରନ୍ତି।

**ଧନୁ** ଗୁରୁକ୍ଷେତ୍ରସ୍ଥ ଶନିଙ୍କ ଯୋଗୁ ପଡ଼ୋଶୀଙ୍କ ମିତ୍ରତା ମାନସିକ ଅସୁସ୍ଥତାକୁ ଦୂରେଇବାରେ ସମର୍ଥ ହେବ। ଘରର ଅପ୍ରକାଶ୍ୟ ଘଟଣାସବୁ ଶୁଣିବେ ସିନା କାହାକୁ କିଛି କହିପାରିବେ ନାହିଁ। କାମରେ ପ୍ରତିବନ୍ଧକ ଲାଗି ରହିବା ଯୋଗୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ପଡ଼ିପାରେ।

**ମକର** ରାହୁଙ୍କ କୁପ୍ରଭାବରୁ କାର୍ଯ୍ୟବ୍ୟସ୍ତତା ସାଙ୍ଗକୁ ଅନ୍ୟମାନଙ୍କର ଅଭିଯୋଗ ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ। ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ବିନା କାରଣରେ ସନ୍ଦେହ ସୃଷ୍ଟିହେବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ। ବନ୍ଧୁଙ୍କ ପ୍ରେରଣାରେ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସମୟୋଚିତ ପଦକ୍ଷେପ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବ। ବନ୍ଧୁଙ୍କ ପାରିବାରିକ ସମସ୍ୟା ସମାଧାନ ଚିନ୍ତା ଘାରିପାରେ। ଭୁଲ୍ କାର୍ଯ୍ୟପଦ୍ଧତି ଅନୁସରଣ କଲେ ଅଫିସ୍‌ରେ ଉତ୍ତରଦାୟୀ ହେବେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଆପୋସ ସମାଧାନର ଆଶା କରାଯାଇପାରେ।

**ମୀନ** ଷଷ୍ଠଭାବସ୍ଥ ଚନ୍ଦ୍ର ପାପଯୁକ୍ତ ଯୋଗୁ କର୍ମକ୍ଷେତ୍ରରେ ବାରମ୍ବାର ବିଫଳତା ଲାଗି ରହିପାରେ। ବୁଧ ଦୁଃସ୍ଥାନସ୍ଥ ଯୋଗୁ ବାଣିଜ୍ୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ସୂଚନା ରହିଛି। ସାମୟିକ ଭାବରେ ସ୍ନାୟବିକ ଦୁର୍ବଳତା ଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି।

ଆଜି ଜୁଲାଇ ୨୭ ତାରିଖ, ପରମାଣୁର ଜନକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବ୍ଦୁଲ୍ କଲାମଙ୍କ ତିରୋଧାନ ଦିବସ, ଶ୍ରାବଣ ଶୁକ୍ଳ ତୃତୀୟା ରବିବାର। ରାଶିନକ୍ଷତ୍ର-ମଘା/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୪ ଗତେ ଘ.୦୧।୪୩ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୪ ଗତେ ଘ.୦୬।୨୧ ମଧ୍ୟେ ରାହୁକାଳ।

## ଚଳନ୍ତା ଆମ୍ବୁଲାନ୍ସରେ ...

ଏବଂ ଟେକ୍‌ନିସିଆନ୍‌ଙ୍କୁ ପଚରାଉଚରା କରାଯାଇଥିଲା। ସେମାନଙ୍କ ଉତ୍ତରରେ ତାଳମେଳ ନ ରହିବାରୁ ଗିରଫ କରାଯାଇଥିବା ସିଟି ଏସ୍‌ପି ରାମାନନ୍ଦ କୁମାର କୌଶଲ କହିଛନ୍ତି। ପୀଡ଼ିତାଙ୍କ ଡାକ୍ତରୀ ମାଇନାରୁ ବଳାତ୍କାର ହୋଇଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି। ଡାକ୍ତରୀ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ଯୁବତୀଙ୍କୁ ଗଣବଳାତ୍କାର ଘଟଣାକୁ ନେଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ସମାଲୋଚିତ ହୋଇଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଭୁସୁଡ଼ିପଡ଼ିଥିବା ନେଇ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏଭଳି ସରକାରକୁ ସମର୍ଥନ ଦେଇଥିବାରୁ ସେ ଲଜ୍ଜିତ ବୋଲି ଗୟାଜୀରେ ଆୟୋଜିତ ଏକ ରାଲିକୁ ସମ୍ବୋଧନ କରିବାକୁ ଯିବା ପୂର୍ବରୁ ପାଟନାରେ ଚିରାଗ ଖବରଦାତାମାନଙ୍କୁ କହିଛନ୍ତି। ସେ ଆହୁରି କହିଛନ୍ତି, ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ସରକାରଙ୍କୁ ବଦନାମ କରାଇବା ଉଦ୍ଦେଶ୍ୟରେ ହିଂସାତ୍ମକ ଅପରାଧ ସୃଷ୍ଟି କରାଯାଉଥିବା ଶୁଣିବାକୁ ପାଉଛି। ତଥାପି ଆଇନଶୃଙ୍ଖଳା ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ହାଜିପୁର ଏମ୍‌ପି ଚିରାଗ କହିଛନ୍ତି।

## ଆସିଷ୍ଟାଣ୍ଟ ପ୍ରଫେସରଙ୍କ ...

ପ୍ରଫେସରଙ୍କ ସ୍ତ୍ରୀ ପ୍ରଥମେ ଘଟଣା ସମ୍ପର୍କରେ ଏଫ୍‌ଏମ୍‌ୟୁ କୁଳପତିଙ୍କୁ ଅବଗତ କରାଇଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ। ତେବେ କେଉଁ ପରିସ୍ଥିତିରେ ଯୁବକ ସେଠାରେ ପହଞ୍ଚି ଏଭଳି କାଣ୍ଡ ଘଟାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତନାଘନା ଜାରି ରଖିଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସବୁବେଳେ ଯିଏ ହସେ**
**ରୋଗ ତା' ପାଖେ ନ ପଶେ।**

ହସ ଏକ ସକାରାତ୍ମକ, ସବୁଠୁ ପୁରସ୍କୃତ ଏବଂ ସହଜରେ ସଫଳତା ହାସଲ କରିବାର ଏକ ଉତ୍ତମ ମାଧ୍ୟମ। ହସ ମନୁଷ୍ୟର ଭାବନା କୁ ପ୍ରତିପାଦନ କରିଥାଏ ଏବଂ ଆତ୍ମବିଶ୍ୱାସକୁ ବଢାଇଥାଏ। ହସିବା ପାଇଁ କୌଣସି ମୂଲ୍ୟ ଦେବାକୁ ପଡେ ନାହିଁ କିନ୍ତୁ ହସିବା ଦ୍ୱାରା ଆମକୁ ବହୁ ଲାଭ ମିଳିଥାଏ। ହସ ହିଁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶ୍ରେଷ୍ଠ ମହୌଷଧି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସଜନା ଫୁଲ ରାଇକି,**
**ହେଂସରେ ମୂତିଲୁ ଚେଇଁକି ?**
**ଘର କଥା ତ ଘରେ ଥାଆନ୍ତା**
**ଦାଣ୍ଡରେ କହିଲୁ କାଇଁକି ?**

ଘରର ଗୁମର ବା ଗୋପନୀୟ କଥା ବାହାରେ ଗପିବା ଉଚିତ ହୋଇ ନ ଥାଏ। ଘର କଥା ବାହାରେ ଗପିଲେ ଘରର ମାନସମ୍ମାନ ହାନି ହେବା ସହ ଲୋକହସା ହେବାକୁ ପଡ଼ିଥାଏ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ବୈତରଣୀ, ଜଳକାରେ ...

ନଦୀର ଜଳସ୍ତର ୧୮.୦୫ ମିଟରରେ ପହଞ୍ଚିଥିଲା। ଅପରାହ୍ନ ୨ଟାରେ ଜଳସ୍ତର ଏକାବେଳେ ୨୮ ମି.ମି. ବୃଦ୍ଧି ପାଇ ବିପଦ ସଙ୍କେତ ୧୮.୩୩ ମିଟର ଛୁଇଁଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ଚମ୍ପୁଆଠାରେ ସର୍ବାଧିକ ୯୭.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ସ୍ୱାମ୍ପାଟଣାରେ ୭୬.୪ ମି.ମି., କେନ୍ଦୁଝରରେ ୨୯.୨ ମି.ମି., ଆନନ୍ଦପୁରରେ ୧୨.୪ ମି.ମି. ଓ ଆଖୁଆପଦାରେ ୭.୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ତେବେ ଅତିବେଶିରେ ଜଳସ୍ତର ୧୯ ମିଟର ଛୁଇଁପାରେ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ଆଖୁଆପଦା ଜଳସମ୍ପଦ ଡିଭିଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସ କହିଛନ୍ତି। ଭଦ୍ରକ ଜିଲାପାଳ ଦିଲୀପ କୁମାର ରାଉତରାଏ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିଛନ୍ତି। ବନ୍ୟା ମୁକାବିଲା ପାଇଁ ୩ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଓ ୩୨ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯାଇ ନୋଡାଲ ଅଧିକାରୀଙ୍କୁ ମୁତୟନ କରାଯାଇ ଶୁଖିଲା ଖାଦ୍ୟ ରଖାଯାଇଛି। ଆବଶ୍ୟକ ହେଲେ ବନ୍ୟାଘେରରୁ ଲୋକଙ୍କୁ ଉଦ୍ଧାର କରାଯିବା ପାଇଁ ବନ୍ଦାଲୋ-ମଢ଼ିଆଳି ଓ ମାଳଦାରେ ଗୋଟିଏ ଲେଖାଏ ଡଙ୍ଗା ପ୍ରସ୍ତୁତ କରି ରଖାଯାଇଛି। ଭଣ୍ଡାରିପୋଖରୀର ୧୧ଟି ବନ୍ୟା ପ୍ରବଣ ପଞ୍ଚାୟତରେ ସମ୍ଭାବ୍ୟ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଗୋଟିଏ ୟୁନିଟ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ୨ ସେକ୍ସନ ପୋଲିସ ପହଞ୍ଚି ଭଣ୍ଡାରିପୋଖରୀ ମହାବିଦ୍ୟାଳୟରେ ଅବସ୍ଥାନ କରୁଛନ୍ତି ବୋଲି ବିଡିଓ ଦେବଦତ୍ତ ଦାସ ସୂଚନା ଦେଇଛନ୍ତି।

ବୈତରଣୀ ଜଳସ୍ତର ବୃଦ୍ଧିପାଉଥିବାରୁ କେନ୍ଦୁଝର ଜିଲାର ତଳିଆ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଶେଷକରି ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ଅଞ୍ଚଳର ୮ ଗ୍ରାମ, ଆନନ୍ଦପୁରରେ ୫ ଓ ଘସିପୁରାରେ ୫ ଗ୍ରାମ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା ତଳିଆ ଅଞ୍ଚଳ ପରିଦର୍ଶନକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆବଶ୍ୟକ ସ୍ଥଳେ ପ୍ରତିକାର ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ସ୍ଥାନରେ ଓଡ୍ରାଫ ଟିମ୍ ସଜାଗ ରହିଥିବା ସେ କହିଛନ୍ତି।

ବୈତରଣୀ ନଦୀର ଉପରମୁଣ୍ଡ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ଯୋଗୁ ଯାଜପୁର ଜିଲାରେ ବନ୍ୟା ଆଶଙ୍କା ଦେଖାଦେଇଛି। ଆନନ୍ଦପୁର ବ୍ୟାରେଜରେ ୪୧୦୦ ଘନମିଟର, କାନପୁର ଡ୍ୟାମରୁ ୧୭୧ ଘନମିଟର, କଞ୍ଝାରୀରେ ୧୦.୭୬ ଘନମିଟର ଓ ରେମାଲ ଡ୍ୟାକତରୁ ୧.୮୭ ଘନମିଟର ବନ୍ୟାଜଳ ନିଷ୍କାସିତ ହେଉଛି। ତେଣୁ ଆଗାମୀ ୧୫ ଘଣ୍ଟା ମଧ୍ୟରେ ଯାଜପୁର ଜିଲାର କୋରେଇ, ଦଶରଥପୁର, ଯାଜପୁର ଓ ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଏକ ବଡଧରଣର ବନ୍ୟା ଆଶଙ୍କା ସୃଷ୍ଟି କରିଛି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ତଳିଆ ଅଞ୍ଚଳର ଲୋକମାନଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀଗୁଡ଼ିକୁ ସ୍ଥାନାନ୍ତରହେବାକୁ ସୂଚନା ଦିଆଯାଇଛି। ଏହାବାଦ ଜଳସେଚନ ବିଭାଗ ପକ୍ଷରୁ ନଦୀବନ୍ଧଗୁଡ଼ିକର ଯାଞ୍ଚ ଆରମ୍ଭ ହେବା ସହ ଦୁର୍ବଳ ନଦୀବନ୍ଧଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ତୀକ୍ଷଣ ଦୃଷ୍ଟି ରଖାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୬ ତାରିଖ ରାତିରେ ଜିଲାର ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ଅଧୀନ ନୂଆପାଟଣା ଗ୍ରାମ ନିକଟରେ ବୈତରଣୀ ନଦୀବନ୍ଧ ୩୦ ଫୁଟ ପର୍ଯ୍ୟନ୍ତ ଧସି ଯାଇଥିଲା। ସେଠାରେ ପୂର୍ତ୍ତ ବିଭାଗ ଦ୍ୱାରା ସେତୁ ନିର୍ମାଣ କାର୍ଯ୍ୟ ସରୁ ନ ଥିବାବେଳେ ବିଭିନ୍ନ ନିର୍ମାଣ ସାମଗ୍ରୀ ନଦୀ ଗର୍ଭରେ ରହିଯିବାରୁ ବନ୍ୟା ଜଳ ଉପଯୁକ୍ତ ଭାବେ ନିଷ୍କାସନ ହୋଇ ନ ପାରି ଏଭଳି ସ୍ଥିତି ଦେଖା ଦେଇଥିଲା। ଜଳସେଚନ ବିଭାଗର ଯାଜପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି କହିଛନ୍ତି, ସମ୍ଭାବ୍ୟ ବନ୍ୟା ସ୍ଥିତି ଉପରେ ବିଭାଗ ସଜାଗ ରହିଛି। ଏଥିପାଇଁ ବାଲିବସ୍ତା, ବଲ୍ଲା ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ନଦୀବନ୍ଧ ଅଞ୍ଚଳରେ ରାତିରେ ପାଟ୍ରୋଲିଂ ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି।

ଅନ୍ୟପକ୍ଷରେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବିପଦସଙ୍କେତ ଉପରେ ରହିଛି। ଏହି ନଦୀର ଉପରମୁଣ୍ଡ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଜମ୍ବୀରା ନଦୀବନ୍ଧରେ ୬୦ ଫୁଟ୍ ଲମ୍ବର ଘାଇ ସୃଷ୍ଟି ହୋଇ ଜଳକାରେ ବନ୍ୟା ପରିସ୍ଥିତି ଭୟଙ୍କର ହୋଇଛି। ମଥାନୀଠାରେ ନଦୀର ବିପଦସଙ୍କେତ ୬.୫୦ମିଟର ରହିଥିବା ବେଳେ ଶନିବାର ଅପରାହ୍ନ ୧ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୭.୨୦ମିଟରରେ ପ୍ରବାହିତ ହେଉଥିଲା। ସନ୍ଧ୍ୟା ୭ଟା ସୁଦ୍ଧା ଏହା ହ୍ରାସ ପାଇ ୭.୦୯ ମିଟରରେ ପ୍ରବାହିତ ହେଉଛି। ଏହି ନଦୀରେ ବନ୍ୟା ଯୋଗୁ ରଘୁନାଥପୁର, କାଦରାୟାଁ, କରୁଆଁ, ପତ୍ରଝଡ଼ା, ରାଉତପଡ଼ା, ବାହାର୍ଦ୍ଦା, କୁଡ଼ିଆ, ବାସିଚକୁରି, ସଦାନନ୍ଦପୁର, ମଥାନୀ, ଦୁଧହଂସା ଆଦି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗାଁରେ ବନ୍ୟା ଜଳ ପ୍ରବେଶ କରିଛି। ବସ୍ତା ଓ ସଦର ବ୍ଲକର ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ଶତାଧିକ ହେକ୍ଟର ଚାଷଜମି ଜଳାର୍ଣ୍ଣବ ହୋଇଛି। ମଥାନୀ ଚଟାଣ, ଗାନ୍ଧୀଛକ, କୁଡ଼ିଆ ରାସ୍ତା, କଟିପୋଲ-ରାଉତପଡ଼ା ରାସ୍ତାର ପଳାସିଆଠାରେ ଆଣ୍ଠୁଏ ଉଚ୍ଚର ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଚାଷଜମିରୁ ଧାନ ତଳି ଭାସିଯାଇଥିବା ଦେଖିବାକୁ ମିଳିଛି। ପ୍ରଶାସନ ତରଫରୁ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ରଖାଯାଇଛି। ପାନୀୟ ଜଳ, ଶୁଖିଲା ଖାଦ୍ୟ ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ଓଡ୍ରାଫ୍ ଓ ଅଗ୍ନିଶମ ଟିମ୍ ନିୟୋଜିତ ରହିଛନ୍ତି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ବୁଢ଼ାବଳଙ୍ଗ ନଦୀର ବିପଦସଙ୍କେତ ୮.୧୩ ମିଟର ଥିବାବେଳେ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ୫.୬୮ ମିଟରରେ ପ୍ରବାହିତ ହେଉଛି।

ଅପରପକ୍ଷରେ ଝାଡ଼ଖଣ୍ଡ ମାଳାଞ୍ଚଳରେ ଲଘୁଚାପଜନିତ ବର୍ଷା ଯୋଗୁ ଗାଲୁଡ଼ିହି ଡ୍ୟାମ୍‌ରୁ ୧୩ଟି ଗେଟ୍ ଖୋଲାଯାଇ ଘଣ୍ଟାକୁ ୫୧୬୯.୦୯ କ୍ୟୁସେକ୍ ପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ରାଜଘାଟ ଗେଜ୍‌ଠାରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ସୁବର୍ଣ୍ଣରେଖା ସତର୍କ ସୂଚନା ୯.୪୫ମିଟର ଓ ବିପଦ ସଙ୍କେତ ୧୦. ୩୬ମିଟର ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୭.୮୬ମିଟରରେ ପ୍ରବାହିତ ହେଉଛି। ଗତମାସ ୨୦ ତାରିଖରୁ ଅଦ୍ୟାବଧି ସୁବର୍ଣ୍ଣରେଖାରେ ୫ ଥର ବନ୍ୟା ଆସିବାରୁ ଜନଜୀବନ ଦୁର୍ବିଷହ ହୋଇପଡ଼ିଛି। ଭୋଗରାଇ ଓ ବାଲିଆପାଳ ବ୍ଲକ ତଳିଆ ଅଞ୍ଚଳରେ ବନ୍ୟାଜଳ ଛାଡି ନ ଥିବା ବେଳେ ପୁଣି ଏକ ବନ୍ୟା ସାମ୍ନା କରିବାକୁ ଲୋକେ ଭୟଭୀତ ହୋଇପଡିଛନ୍ତି। ପୂର୍ବବନ୍ୟାରେ ଧାନ ତଳି ପଚି ନଷ୍ଟ ହୋଇଥିବା ବେଳେ ଅନ୍ୟସ୍ଥାନରୁ ବଳକା ଧାନ ବିହନ କିଣି ଆଣି ଚାଷୀମାନେ ରୋଇବାକୁ ସଜବାଜ ହେଉଥିବା ବେଳେ ପୁଣି ବନ୍ୟା ସେମାନଙ୍କ ଅକଲ ଗୁଡୁମ୍ କରିଛି। ସୁବର୍ଣ୍ଣରେଖାର ଦୁର୍ବଳ ଥିବା ଉଭୟ ପାର୍ଶ୍ୱ ନଦୀବନ୍ଧରେ ବାଲିବସ୍ତା ପକାଯିବା ଓ ଜଗିବାକୁ ଜିଲା ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମୋଥ କୁମାର ଦେ, ଡାକ୍ତର ସିଂ, କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଳଙ୍କ ସହ ସେଚ କର୍ମଚାରୀ ନଦୀବନ୍ଧରେ ୨୪ଘଣ୍ଟିଆ ପହରା ଦେଉଥିବା ସୂଚନା ମିଳିଛି। ଏଥିସହିତ ଜିଲା ପ୍ରଶାସନ ବନ୍ୟା ମୁକାବିଲା ନିମନ୍ତେ ସଜାଗ ରହି ଉଦ୍ଧାରକାରୀ ଦେଶୀ ଡ଼ଙ୍ଗା, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବିଭାଗକୁ ନିୟୋଜିତ କରିଛି।

## ପରିମଳ କର୍ମୀଙ୍କୁ ୧୦ ଲକ୍ଷର ବୀମା, ...

କରିବାକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱେରେଜ ଓ ସେପ୍ଟିକ୍ ଟାଙ୍କି ସଫେଇ କର୍ମଚାରୀ)ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନବୀମା ଯୋଗାଇଦେବେ ସରକାର। କେବଳ ସେତିକି ନୁହେଁ, କର୍ମକ୍ଷେତ୍ରରେ ଜୀବନହାନି ହେଲେ ତାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି, ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ଏବଂ ପ୍ରଧାନମନ୍ତ୍ରୀ ଆବାସ(ସହରୀ) ଯୋଜନାରେ ବାସଗୃହ ମିଳିବ। ଏହାସହ ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ ଆଇଇସି ଆକ୍ଟିଭିଟି କରାଯିବ। ଏହା ସହ ପ୍ରତିବର୍ଷ ଓଡ଼ିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଭୁବନେଶ୍ୱର ଲୋକସେବା ଭବନ କନଭେନସନ୍ ସେଣ୍ଟରଠାରେ ୨ ଦିନିଆ ଜାତୀୟ କର୍ମଶାଳା ଆୟୋଜନ ହୋଇଛି। ଏହି ଅବସରରେ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିବା ସହ ମୁଖ୍ୟମନ୍ତ୍ରୀ ୭ଟି ରାଜ୍ୟ ଏବଂ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ସରକାରୀ ଅଧିକାରୀ ଓ ସଫେଇ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ସେ କହିଛନ୍ତି, ଆମ ଜଗନ୍ନାଥ ସଂସ୍କୃତିରେ ସ୍ୱଚ୍ଛତା ବିଷୟରେ ମଧ୍ୟ ଦର୍ଶାଯାଇଛି। ରଥଯାତ୍ରା ସମୟରେ ଛେରାପହଁରା ଏହାର ଏକ ପ୍ରମୁଖ ଉଦାହରଣ। ଓଡ଼ିଶାର ଗରିମା ଯୋଜନା ପରିମଳ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରୁଛି। ଗରିମା ଯୋଜନା ଜାତୀୟ ପରିମଳ ଲକ୍ଷ୍ୟକୁ ପୂରଣ କରିବା ସହ ଅନେକ ରାଜ୍ୟ ପାଇଁ ପ୍ରେରଣାଦାୟୀ ହୋଇଛି। ଏହି କର୍ମଶାଳା କେବଳ ଏକ ବୈଠକ ନୁହେଁ, ଏହା ଆମ ସହରକୁ ନିରନ୍ତର ଭାବେ ପରିଚ୍ଛନ୍ନ ରଖୁଥିବା ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ଆମର ପ୍ରତିବଦ୍ଧତା। ସେମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ଆମର ନୈତିକ ଦାୟିତ୍ୱ। ଆୟୋଜିତ ୨ ଦିନିଆ କର୍ମଶାଳାର ବିଷୟବସ୍ତୁ ହେଉଛି 'ପ୍ରମୁଖ ପରିମଳ କାର୍ଯ୍ୟର ରୂପାନ୍ତରୀକରଣ- ସୁରକ୍ଷା, ସମ୍ମାନ ଓ ସମାବେଶନ'। ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଗରିମା ଯୋଜନାରେ ପରିମଳ କର୍ମୀଙ୍କୁ ଚିହ୍ନଟୀକରଣ ଓ ପରିଚୟ ପ୍ରଦାନ, ସୁରକ୍ଷା ଉପକରଣ ପ୍ରଦାନ, ଦକ୍ଷତା ବିକାଶ, ଆପତ୍‌କାଳୀନ ପରିମଳ ସେବା ୟୁନିଟ୍ ସ୍ଥାପନ, ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉଛି। ରାଜ୍ୟର ୧୧୫ଟି ସହରର ୧୦ ହଜାରରୁ ଅଧିକ ପରିମଳ କର୍ମଚାରୀଙ୍କୁ ଚିହ୍ନଟକରି ସେମାନଙ୍କୁ କୁଶଳୀ ଓ ଅତିକୁଶଳୀ କର୍ମଚାରୀ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରମୁଖ ପରିମଳ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ପ୍ରମୁଖ ପରିମଳ କର୍ମଚାରୀମାନେ ହେଉଛନ୍ତି ଆମ ସହରର ଓ ଗ୍ରାମର ଅଦୃଶ୍ୟ ନାୟକ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପରିମଳ କ୍ଷେତ୍ରରେ ବର୍ତ୍ତମାନ ଓଡ଼ିଶାର ଦେଶରେ ନାଁ ଅଛି। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ସଚିବ ଅମିତ ଯାଦବ କହିଛନ୍ତି, ଓଡ଼ିଶା ସରକାର ପରିମଳ କର୍ମଚାରୀମାନଙ୍କ କଲ୍ୟାଣ ପ୍ରତି ପ୍ରତିବଦ୍ଧ ଅଛନ୍ତି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଡିଜିଟାଇଜେଶନରେ ଅଗ୍ରଣୀ ଭୂମିକା ନେଇଛି ହାଇକୋର୍ଟ'



ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସମେତ ଅନ୍ୟମାନେ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ବୀରକିଶୋର ରାୟଙ୍କ ଶ୍ରାଦ୍ଧୋତ୍ସବରେ ମାଲ୍ୟାର୍ପଣ କରୁଛନ୍ତି।

## ଓଡ଼ିଶା ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ

କଟକ, ୨୬।୭ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଆଜି ୭୮ ବର୍ଷରେ ପଦାର୍ପଣ କରିଛି। ଏହି ୭୮ ବର୍ଷ ମଧ୍ୟରେ ହାଇକୋର୍ଟ ବିଚାରର ବିଭିନ୍ନ କ୍ଷେତ୍ରରେ ଯଥା ପେପରଲେସ୍‌ଠାରୁ ଆରମ୍ଭ କରି ଡିଜିଟାଇଜେଶନ ମାଧ୍ୟମରେ ସମସ୍ତ ରେକର୍ଡପତ୍ର ସୁରକ୍ଷିତ ରଖିବା ପାଇଁ ସମଗ୍ର ଭାରତବର୍ଷରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ କହିଛନ୍ତି। ଜଷ୍ଟିସ ବୀରକିଶୋର ରାୟ ସ୍ମାରକୀ କମିଟି ପକ୍ଷରୁ ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନ ସହଯୋଗରେ ଶନିବାର ଓଡ଼ିଶା ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ ଏବଂ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ବୀରକିଶୋର ରାୟଙ୍କ ୬୭ତମ ଶ୍ରାଦ୍ଧୋତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଟଣ୍ଡନ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ଯୋଗଦେଇ ବାର ଓ ବେଞ୍ଚ ମଧ୍ୟରେ ସମନ୍ୱୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ହାଇକୋର୍ଟ ବାର ଆସୋସିଏଶନ ସମ୍ପାଦକ ଅଭିଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବୀରକିଶୋର ରାୟ ସ୍ମାରକୀ କମିଟି ସମ୍ପାଦକ ଆଇନଜୀବୀ ବିଜୟ କୁମାର ରଗଡ଼ ସ୍ମାରକୀ କମିଟିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ହାଇକୋର୍ଟ ପରିସରସ୍ଥ ସ୍ୱର୍ଗତ ରାୟଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଟଣ୍ଡନଙ୍କ ସମେତ ହାଇକୋର୍ଟର ବିଚାରପତି ଏବଂ ବରିଷ୍ଠ ଆଇନଜୀବୀମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ହାଇକୋର୍ଟ ବାର ଆସୋସିଏଶନର ସମ୍ମିଳନୀ କକ୍ଷରେ ବାର୍ ସଭାପତି ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ହାଇକୋର୍ଟ ପ୍ରତିଷ୍ଠା ଦିବସ ଏବଂ ଜଷ୍ଟିସ ବୀରକିଶୋର ରାୟଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ଇଂରେଜ ସରକାରଙ୍କ ଅମଳରେ କଲିକତା ହାଇକୋର୍ଟରେ ଓଡ଼ିଶା ସଂକ୍ରାନ୍ତ ମାମଲାଗୁଡ଼ିକ ବିଚାର କରାଯାଉଥିଲା। ପରବର୍ତ୍ତୀ ସମୟରେ ଏହା ପାଟନା ହାଇକୋର୍ଟ ସହିତ ମିଶ୍ରଣରେ ଓଡ଼ିଶା ସଂକ୍ରାନ୍ତ ମାମଲାଗୁଡ଼ିକ ବିଚାର କରାଯାଉଥିଲା। ପରବର୍ତ୍ତୀ କାଳରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ଏଥିସହ ବିଚିତ୍ରାନନ୍ଦ ଦାସ, ରାୟବାହାଦୁର ଚିନ୍ତାମଣି ଆଚାର୍ଯ୍ୟ ପ୍ରମୁଖଙ୍କ ଉଦ୍ୟମ ଫଳରେ କଟକରେ ୧୯୪୮ ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟ ସ୍ଥାପନ ହୋଇଥିଲା। ତତ୍କାଳୀନ ଫେଡେରାଲ କୋର୍ଟର ମୁଖ୍ୟ ବିଚାରପତି ଏଚ୍‌ଜେ କାନିଆ ୧୯୪୮ ଜୁଲାଇ ୨୬ ତାରିଖରେ ଆନୁଷ୍ଠାନିକ ଭାବେ ଓଡ଼ିଶା ହାଇକୋର୍ଟର ଲୋକାର୍ପଣ କରିଥିଲେ। ଜଷ୍ଟିସ ବୀରକିଶୋର ରାୟଙ୍କୁ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ଅବସ୍ଥାପିତ କରାଯାଇଥିଲା। ଆଜି ଓଡ଼ିଶା ହାଇକୋର୍ଟ ବିଚାର କ୍ଷେତ୍ରରେ ସମଗ୍ର ଭାରତବର୍ଷରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

# ଜମ୍ବୀରା ନଦୀବନ୍ଧରେ ଘାଇ



ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ବଡ଼ାମପୁର ନିକଟରେ ଜମ୍ବୀରା ନଦୀରେ ହୋଇଥିବା ଘାଇ।

ମୋରଡ଼ା, ୨୬।୭ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଜମ୍ବୀରା ନଦୀର ବଡ଼ାମପୁର ନଦୀବନ୍ଧରେ ଶନିବାର ୪୦ ଫୁଟ ଘାଇ ସୃଷ୍ଟି ହୋଇଛି। ବନ୍ୟାପାଣି ମାଡ଼ି ୨ ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଛି। ଧାନ ତଳି ନଷ୍ଟହେବା ଆଶଙ୍କା ଥିବାରୁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ସେହିପରି ଉକ୍ତ ବ୍ଲକ୍ ଅଧୀନ ସାନମାଣିଦା ପଞ୍ଚାୟତର ଦହଲିପୁରା, ପିଙ୍ଗୁଳି, ପଦ୍ମତୋଳିଆ, ହାଣ୍ଡିଧୁଆ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଲୋକ ପାଣି ଘେରରେ ରହିଛନ୍ତି। ଶନିବାର ସକାଳେ ଜିଲାପାଳ ହେମକାନ୍ତ ସାଏ, ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା, ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା ଓଡ୍ରାଫ ଟିମ୍ ସହ ବୋଟ୍ ଯୋଗେ ପାଣି ଘେରରେ ଥିବା ଗ୍ରାମବାସୀଙ୍କ ନିକଟକୁ ଯାଇ ପରିସ୍ଥିତି ପରଖିଥିଲେ। ସେହିପରି କେତେଜଣ ଲୋକଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରାଯାଇ ଖାଦ୍ୟ, ପାନୀୟର ବ୍ୟବସ୍ଥା କରାଯାଇଛି। ପାଣି ଘେରରେ ଥିବା ଲୋକଙ୍କୁ ମଧ୍ୟ ଓଡ୍ରାଫ୍ ଟିମ୍ ଦ୍ୱାରା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ପ୍ରଶାସନ ସୂଚନା ଦେଇଛି। କିଛିଦିନ ତଳେ ହୋଇଥିବା ବନ୍ୟାରେ ଶତାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୁଣି ଧାନ ବୁଣି ତଳି କରିଥିଲେ। କିନ୍ତୁ ଚଳିତ ବନ୍ୟାରେ ଏହା ମଧ୍ୟ ନଷ୍ଟହେବାକୁ ବସିଛି। ସରକାର ଯଥାଶୀଘ୍ର ସହାୟତା ଯୋଗାଇଦେବାକୁ ଚାଷୀ ଜନ୍ମେଜୟ ଗିରି, ମାନସ କୁମାର ନାୟକ, ମୁରଲୀଧର ଦେ ଏବଂ ଅନ୍ୟମାନେ ନିବେଦନ କରିଛନ୍ତି।

# ଟାକେରା ଘାଟିରେ ୨ ଟ୍ରକ୍ ମୁହାଁମୁହିଁ ଧକ୍କା, ୩ ମୃତ

ନୟାଗଡ଼/ଦଶପଲ୍ଲା, ୨୬।୭ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)



ଦୁର୍ଘଟଣା ପରେ ଓଲଟି ପଡ଼ିଥିବା ଟ୍ରକ।

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଦଶପଲ୍ଲା ଥାନା ଟାକେରା ଘାଟିରେ ଶନିବାର ସନ୍ଧ୍ୟାରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁଇ ଟ୍ରକ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଗୁରୁତର ହୋଇଛନ୍ତି। ମୃତକଙ୍କ ପରିଚୟ ଜଣାପଡିନାହିଁ। ପଙ୍କରାଜ ଦିହାନ(୩୫), କେହାନ ମହାନ୍ତ(୩୫) ନାମକ ୨ ଯୁବକ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ୩ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଅନ୍ୟପକ୍ଷେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଏକ ବାଇକ୍ ଉପରେ ଓଲଟି ପଡିଥିଲା। ତେବେ ବାଇକ୍ ଚାଳକ ବର୍ତ୍ତି ଯାଇଛନ୍ତି। ଦଶପଲ୍ଲା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଟ୍ରକ୍ ସହ ଏକ ବାଇକ୍ ଜବତ କରିଛି।

ଦଶପଲ୍ଲା ପାର୍ଶ୍ୱରୁ ଏକ ଚିପ୍‌କିରି ବୋଝେଇ ଟ୍ରକ୍ (ନଂ.ଏପି୩୧ ଟିଏଚ ୭୭୯) ବୌଦ୍ଧ ଅଞ୍ଚଳରୁ ଆସୁଥିବାବେଳେ ବିପରୀତ ଦିଗରୁ ଚୁନ ବୋଝେଇ ଏକ ଟ୍ରକ୍ (ନଂ.ଓଡି ୧୮କେ ୯୬୫୪) ଆସୁଥିଲା। ସନ୍ଧ୍ୟା ସମୟରେ ଟାକେରା ଘାଟି ନିକଟରେ ଏକ କୁକୁର ଟ୍ରକ୍ ଆଗକୁ ଦୌଡି ଯିବାରୁ ଉଭୟ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇ ରାସ୍ତା କଡକୁ ଓଲଟି ପଡିଥିଲା। ଗୋଟିଏ ଟ୍ରକ୍ ବାଇକ୍ ଉପରେ ପଡ଼ିଯିବାରୁ ବାଇକ୍ ଆରୋହୀ ଜୀବନ ବିକଳରେ ଦୌଡି ପଳାଇ ଆସିବାରୁ ସେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଦଶପଲ୍ଲା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଟ୍ରକ୍ ତଳେ ଚାପି ହୋଇ ରହିଥିଲେ। ସେମାନଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଜଣ ଚିକିତ୍ସିତ ହେଉଛନ୍ତି।

# ବାଡ଼ି ପୋଖରୀରୁ ୨ ବଉଳା କୁମ୍ଭୀର ଉଦ୍ଧାର



ରାଜନଗର, ୨୬।୭ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଏଣ୍ଡୁଳାପୁର ଗ୍ରାମର ଦିବାକର ସେଠୀଙ୍କ ପୋଖରୀରୁ ଶନିବାର ୬.୬ଫୁଟର ଏକ ମାଈ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। କୁମ୍ଭୀରକୁ ଗୁପ୍ତି ନିକଟସ୍ଥ ହବଲ କ୍ରିକ୍‌ରେ ଛଡ଼ାଯାଇଛି। କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀକୁ ଚାଲିଆସିଥିବା ଅନୁମାନ କରାଯାଉଛି। ପ୍ରବଳ ବର୍ଷା ସତ୍ତ୍ୱେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ବନ କର୍ମଚାରୀ କୌଶଳକ୍ରମେ କୁମ୍ଭୀରକୁ ପୋଖରୀରୁ ଉଦ୍ଧାର କରିଥିଲେ। ସେହିପରି ଭିତରକନିକା ଜାତୀୟ ଉଦ୍ୟାନ ନିକଟସ୍ଥ ଡାଙ୍ଗମାଳ ଗ୍ରାମର କାର୍ତ୍ତିକ ବେହେରାଙ୍କ ପୋଖରୀରୁ ୫ ଫୁଟ୍ ଲମ୍ବର ଅନ୍ୟ ଏକ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ପୂର୍ବାହ୍ନ ୧୧ଟା ବେଳେ ଡାଙ୍ଗମାଳ ସେକ୍ସନ କର୍ମଚାରୀମାନେ ସେହି କୁମ୍ଭୀରକୁ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନସ୍ଥିତ ଭିତରକନିକା ନଦୀରେ ଛାଡ଼ି ଦେଇଛନ୍ତି।

# ବନ୍ୟାସ୍ରୋତରେ ଭାସିଗଲେ ବୃଦ୍ଧ

ମହାକାଳପଡ଼ା, ୨୬।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ମାର୍ଶାଘାଇ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମହାନଦୀରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହେଉଛି। ଏହି ବନ୍ୟା ସ୍ରୋତରେ ଭାସିଯାଇ ଜଣେ ବୃଦ୍ଧ ନିଖୋଜ ହୋଇଯାଇଛନ୍ତି। ମାର୍ଶାଘାଇ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ମହାକାଳପଡ଼ା ବ୍ଲକ ପାର୍ଟଲିପଙ୍କ ଗ୍ରାମର ଜଗପଡ଼ା ତୁଠରେ ମୋହନ ଚରଣ ବେହେରା(୭୫) ଶୌଚ ହେବାକୁ ଯାଇଥିଲେ। ହେଲେ ତାଙ୍କ ଗୋଡ଼ ଖସିଯିବାରୁ ସେ ବନ୍ୟାସ୍ରୋତରେ ଭାସି ଯାଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ମହାନଦୀ ଘାଟରେ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ମହାକାଳପଡ଼ା ତହସିଲଦାର ଶିବ ମଲିକଙ୍କ ଉପସ୍ଥିତିରେ ମାର୍ଶାଘାଇ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ହେଲେ ସନ୍ଧ୍ୟା ସୁଦ୍ଧା ମୋହନଙ୍କୁ ଉଦ୍ଧାର କରାଯାଇପାରିନାହିଁ। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ାର ନବ ନିଯୁକ୍ତ ଜିଲାପାଳ ରଘୁରାମ ଆର ଆୟାରଙ୍କୁ ପଚାରିବାରୁ ଓଡ୍ରାଫ୍ଟ ଟିମ୍‌ଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଜାତୀୟ/ଅନ୍ତର୍ଜାତୀୟ ଖବର

# ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ

ବିଜାପୁର/ମାଲକାନଗିରି, ୨୬।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁରରେ ଶନିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୪ ଜଣ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ବିଜାପୁରର ବାସଗୁଡ଼ା ଗ୍ରାମ ନିକଟରେ ଗୁଳି ବିନିମୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ୪ ମୃତଦେହ ନିକଟରୁ ଇନ୍‌ସାସ୍ ଏବଂ ଏସ୍‌ଏଲ୍‌ଆର୍ ରାଇଫଲ ସହ ବିପୁଳ ପରିମାଣର ଅସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ମିଳିଛି। ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ ବାସଗୁଡ଼ା ଗ୍ରାମ ନିକଟରେ ତଲାସି ଅଭିଯାନ ଚଳାଇଥିବାବେଳେ ମାଓବାଦୀ ଗୁଳି ଚଳାଇବାରୁ ଯବାନମାନେ ଏହାର ଜବାବ ଦେଇଥିଲେ। ସନ୍ଧ୍ୟାଠରୁ ଗୁଳି ବିନିମୟ ଜାରି ରହିଛି। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ନାରାୟଣପୁର ଜିଲାର ଅବୁଝମଦଠାରେ ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିହତ ହୋଇଥିଲେ।

# ପାଠ୍ୟପୁସ୍ତକରେ ସାମିଲ ହେବ ଅପରେଶନ ସିନ୍ଦୂର

ନୂଆଦିଲ୍ଲୀ, ୨୬।୭

### ଏନ୍‌ସିଇଆର୍‌ଟିର ଯୋଜନା




ଆତଙ୍କବାଦ ବିରୋଧରେ ଭାରତର ଅପରେଶନ ସିନ୍ଦୂରକୁ ତୃତୀୟରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଠ୍ୟକ୍ରମରେ ଏକ ସ୍ୱତନ୍ତ୍ର ଶ୍ରେଣୀଗୃହ ମଡ୍ୟୁଲ ଭାବେ ଯୋଡ଼ିବାକୁ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି)ର ଯୋଜନା ରହିଛି। ସମ୍ପ୍ରତି ଏନ୍‌ସିଇଆର୍‌ଟି ଏହି ମଡ୍ୟୁଲକୁ ପ୍ରସ୍ତୁତ କରୁଛି। ଆତଙ୍କବାଦ ବିରୋଧରେ ଭାରତର ପ୍ରତିରକ୍ଷା ରଣନୀତି ସହ କୂଟନୈତିକ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଏହି ସ୍ୱତନ୍ତ୍ର ମଡ୍ୟୁଲ କେନ୍ଦ୍ରିତ ରହିବ। ୨ ଭାଗରେ ଏହି ମଡ୍ୟୁଲକୁ ଜାରି କରାଯିବ। ପ୍ରଥମ ଭାଗ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ହୋଇଥିବାବେଳେ ଦ୍ୱିତୀୟ ଭାଗ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଏହି ସ୍ୱତନ୍ତ୍ର ମଡ୍ୟୁଲ ୮ରୁ ୧୦ ପୃଷ୍ଠା ବିଶିଷ୍ଟ ହୋଇଥିବା ନେଇ ଏନ୍‌ସିଇଆର୍‌ଟି ସୂତ୍ରରୁ ଜଣାପଡ଼ିଛି। ଆତଙ୍କବାଦ ଧମକକୁ ଭାରତ କିପରି ସାମ୍ନା କରିଥିଲା ଏବଂ ବିଭିନ୍ନ କୂଟନୈତିକ ରଣନୀତି ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ଜାତୀୟ ସୁରକ୍ଷାରେ କିପରି ପ୍ରମୁଖ ଭୂମିକା ଗ୍ରହଣ କରିଥିଲା, ସେନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଏହାର ଉଦ୍ଦେଶ୍ୟ। ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଗତ ମେ' ୬ ତାରିଖ ମଧ୍ୟରାତ୍ରିରେ ଅପରେଶନ ସିନ୍ଦୂର ମାଧ୍ୟମରେ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ବିଭିନ୍ନ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା।

# ସ୍କୁଲର ବାଧ୍ୟତାମୂଳକ ସୁରକ୍ଷା ଅଡିଟ୍ ହେବ

ନୂଆଦିଲ୍ଲୀ, ୨୬।୭

ରାଜସ୍ଥାନରେ ସ୍କୁଲ ଛାତ ଭୁଶୁଡ଼ି ୭ ପିଲାଙ୍କ ଜୀବନ ଯିବା ପରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଏବଂ ସୁସ୍ଥତା ସୁନିଶ୍ଚିତ କରିବା ଦିଗରେ ଜରୁରୀ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶନାମା ଜାରି ହୋଇଛି। ଜାତୀୟ ସୁରକ୍ଷା ନିୟମ ଅନୁଯାୟୀ ସ୍କୁଲ୍ ଏବଂ ପିଲାମାନେ ରହୁଥିବା ଅନୁଷ୍ଠାନର ବାଧ୍ୟତାମୂଳକ ସୁରକ୍ଷା ଅଡିଟ୍ କରାଯିବ। ଏଥିସହିତ କାଉନସେଲିଂ ଜରିଆରେ ପିଲାମାନଙ୍କୁ ମନସ୍ତାତ୍ତ୍ୱିକ-ସାମାଜିକ ସହାୟତା ଯୋଗାଇ ଦିଆଯିବ। ପିଲାମାନଙ୍କ ପ୍ରତି କୌଣସି ବିପଦ ଘଟିଲେ ୨୪ ଘଣ୍ଟା ମଧ୍ୟରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ କରିବାକୁ ହେବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ଏଥିରେ ବିଳମ୍ବ, ଅବହେଳା କିମ୍ବା ବିଫଳତା ପାଇଁ ଉତ୍ତରଦାୟୀ ରହିବାକୁ ହେବ। ସୁରକ୍ଷା ଯାଞ୍ଚ ବେଳେ ବିଲ୍ଡିଂର ଢାଞ୍ଚାଗତ ସାମର୍ଥ୍ୟ, ଅଗ୍ନି ନିରାପତ୍ତା, ଜରୁରୀ ପ୍ରସ୍ଥାନ ଏବଂ ବିଦ୍ୟୁତ୍ ୱେୟାରିଂ ଆଦିକୁ ଭଲ ଭାବେ ଆକଳନ କରାଯିବ ବୋଲି ଏକ ବିବୃତିରେ କୁହାଯାଇଛି।

# ଖବରଦାତାଙ୍କ ମାସିକ ପେନ୍‌ସନ ୧୫,୦୦୦କୁ ବଢ଼ାଇଲେ ନୀତୀଶ

ପାଟନା, ୨୬।୭

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର 'ବିହାର ପତ୍ରକାର ସମ୍ମାନ ପେନ୍‌ସନ ଯୋଜନା'ରେ ରାଜ୍ୟର ମାନ୍ୟତାପ୍ରାପ୍ତ ଖବରଦାତାମାନଙ୍କ ମାସିକ ପେନ୍‌ସନ ୧୫,୦୦୦ ଟଙ୍କାକୁ ବଢ଼ାଇବା ପାଇଁ ଶନିବାର ଘୋଷଣା କରିଛନ୍ତି। ବର୍ତ୍ତମାନ ଯୋଗ୍ୟ ଖବରଦାତାଙ୍କୁ ୬,୦୦୦ ଟଙ୍କା ପେନ୍‌ସନ ମିଳୁଥିବାବେଳେ ଏହାକୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ନୀତୀଶ Xରେ ଲେଖିଛନ୍ତି। ଏଥିସହିତ ପେନ୍‌ସନ ପାଉଥିବା ଜଣେ ସାମ୍ବାଦିକଙ୍କ ମୃତ୍ୟୁ ଘଟିଲେ ତାଙ୍କ ଉପରେ ନିର୍ଭରଶୀଳ ସ୍ୱାମୀ/ସ୍ତ୍ରୀଙ୍କୁ ୩,୦୦୦ ଟଙ୍କା ପରିବର୍ତ୍ତେ ୧୦,୦୦୦ ଟଙ୍କା ଲେଖାଏ ସାରା ଜୀବନ ପେନ୍‌ସନ ମିଳିବ। ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବାରୁ ନୀତୀଶ ଅନେକ ସାମାଜିକ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି। ଘରୋଇ ଉପଭୋକ୍ତାମାନଙ୍କୁ ମାସିକ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଇ ଦିଆଯିବ ବୋଲି ସେ ପୂର୍ବରୁ ଘୋଷଣା କରିଥିଲେ।

# ଡେଣ୍ଟାଲ କଲେଜ କର୍ମଚାରୀଙ୍କ ଉତ୍ପୀଡ଼ନରୁ ଛାତ୍ରୀଙ୍କ ଆତ୍ମହତ୍ୟା

ଉଦୟପୁର, ୨୬।୭

ରାଜସ୍ଥାନର ଉଦୟପୁରସ୍ଥିତ ପାସିଫିକ୍ ଡେଣ୍ଟାଲ କଲେଜରେ ବିଡିଏସ୍ ଶେଷ ବର୍ଷର ଛାତ୍ରୀ ଶ୍ୱେତା ସିଂ (୨୫) ଗୁରୁବାର ରାତିରେ ଆତ୍ମହତ୍ୟା କରିଛନ୍ତି। ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି। କଲେଜର କେତେଜଣ କର୍ମଚାରୀ ତାଙ୍କୁ ମାନସିକ ଉତ୍ପୀଡ଼ନ ଦେଇ ଆସୁଥିଲେ ବୋଲି ସେ ଦର୍ଶାଇଛନ୍ତି। ଉକ୍ତ ଡେଣ୍ଟାଲ କଲେଜରେ ଛାତ୍ରୀଛାତ୍ରଙ୍କୁ ମନଇଚ୍ଛା ଫେଲ୍ କରିଦିଆଯାଏ। ପରୀକ୍ଷା ଠିକ୍ ସମୟରେ ହୁଏନାହିଁ ଏବଂ କଲେଜ ଫି' ନାମରେ ଛାତ୍ରୀଛାତ୍ରଙ୍କୁ ହଇରାଣ କରାଯାଇଥାଏ ବୋଲି ଶ୍ୱେତା ସୁଇସାଇଡ୍ ନୋଟ୍‌ରେ ଦର୍ଶାଇଥିଲେ। ଘଟଣାକୁ ନେଇ ଶନିବାର ଉତ୍ୟକ୍ତ ଛାତ୍ରୀଛାତ୍ର କଲେଜର ମୁଖ୍ୟ ଫାଟକକୁ ବନ୍ଦକରି ଧାରଣାରେ ବସିଥିଲେ। କଲେଜ ପ୍ରଶାସନ ପକ୍ଷରୁ ଉପସ୍ଥାନ ଏବଂ ପରୀକ୍ଷା ନାମରେ ବାରମ୍ବାର ଟଙ୍କା ମଗାଯାଉଛି, ଯାହା ଛାତ୍ରୀଛାତ୍ରଙ୍କୁ ମାନସିକ ଚାପରେ ପକାଉଥିବା ସେମାନେ ଅଭିଯୋଗ ଆଣିଛନ୍ତି। ପୋଲିସ ଉତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲା। ବିବାଦ ବଢ଼ିବା ପରେ କଲେଜ ପ୍ରଶାସନ ଶନିବାର ୨ ଜଣ କର୍ମଚାରୀଙ୍କୁ ବହିଷ୍କୃତ କରିଛି।

# ସୀମାରେ ସେନାର ସାମର୍ଥ୍ୟ ବଢ଼ାଇବ ରୁଦ୍ର ବ୍ରିଗେଡ୍, ଭୈରବ ବାଟାଲିୟନ

ନୂଆଦିଲ୍ଲୀ, ୨୬।୭

ଭାରତୀୟ ସେନା ରୁଦ୍ର ନାମରେ ଏକ ସମ୍ପୂର୍ଣ୍ଣ ସଶସ୍ତ୍ର ବ୍ରିଗେଡ୍ ଗଠନ କରିବାକୁ ଯାଉଛି। ଏହା ଅଧୀନରେ ଇନ୍‌ଫାଣ୍ଟ୍ରି, ମେକାନିକାଲ ଇନ୍‌ଫାଣ୍ଟ୍ରି, ସଶସ୍ତ୍ର ୟୁନିଟ୍, କମାଣ, ସ୍ୱତନ୍ତ୍ର ବଳ ଓ ମାନବବିହୀନ ଏରିଏଲ୍ ସିଷ୍ଟମ ରହିବ। ୨୬ତମ କାର୍‌ଗିଲ ବିଜୟ ଦିବସ ଅବସରରେ ଶନିବାର ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏହା ଘୋଷଣା କରିଛନ୍ତି। ସୀମାରେ ନିୟୋଜିତ ସେନାର ଦୁଇଟି ଇନ୍‌ଫାଣ୍ଟ୍ରି ବ୍ରିଗେଡ୍‌କୁ ରୁଦ୍ରରେ ପରିବର୍ତ୍ତନ କରାଯାଇଛି। ସେହିପରି ସୀମାରେ ଶତ୍ରୁକୁ ଦୋହଲାଇଦେବା ପାଇଁ ଭୈରବ ନାମରେ ଲାଇଟ୍ କମାଣ୍ଡୋ ବାଟାଲିୟନ ଗଢ଼ାଯିବ। ଏହା ଏକ ସ୍ୱତନ୍ତ୍ର ଘାତକ ବାହିନୀ ହେବ ବୋଲି ସେନାମୁଖ୍ୟ କହିଛନ୍ତି। ସବୁ ଇନ୍‌ଫାଣ୍ଟ୍ରି ବାଟାଲିୟନରେ ଏଣିକି ଡ୍ରୋନ୍ ପ୍ଲାଟୁନ୍ ରହିବା ସହ ଦିବ୍ୟାସ୍ତ୍ର ବ୍ୟାଟେରି ଓ ଲୋଟର ମ୍ୟୁନିଶନ ବ୍ୟାଟେରି ସହାୟତାରେ କମାଣଗୁଡ଼ିକର ଫାୟାରିଂ କ୍ଷମତାକୁ ବହୁଗୁଣିତ କରାଯିବ। ସ୍ୱଦେଶୀ ମିଶାଇଲ୍ ସିଷ୍ଟମ୍ ସହ ସେନାର ଏୟାର ଡିଫେନ୍ସକୁ ସୁଦୃଢ଼ କରାଯିବ ବୋଲି ସେନାମୁଖ୍ୟ କହିଛନ୍ତି।

# ଥାଇଲାଣ୍ଡ-କାମ୍ବୋଡ଼ିଆ ସଂଘର୍ଷରେ ୩୩ ମୃତ

ସୁରିନ୍/ୱାଶିଂଟନ, ୨୬।୭

### ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପଙ୍କ ଆହ୍ୱାନ



ସୀମା ବିବାଦରୁ ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ସୈନ୍ୟଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ସଂଘର୍ଷ ଶନିବାର ତୃତୀୟ ଦିନରେ ପହଞ୍ଚିଛି। ଏହି ସଂଘର୍ଷରେ ୩୩ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୬୮,୦୦୦ ଲୋକ ବିସ୍ଥାପିତ ହେଲେଣି। ଅସ୍ତ୍ରବିରତି ପାଇଁ ଅନ୍ତର୍ଜାତୀୟ ସ୍ତରରେ ଚାପ ବଢ଼ିବାରେ ଲାଗିଛି। ଶନିବାର କାମ୍ବୋଡ଼ିଆରେ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ମୃତ୍ୟୁସଂଖ୍ୟା ୧୩ରେ ପହଞ୍ଚିଛି। ସେହିପରି ଥାଇଲାଣ୍ଡରେ ଶନିବାର ଜଣେ ସୈନ୍ୟଙ୍କ ମୃତ୍ୟୁ ସହ ମୋଟ ମୃତ୍ୟୁସଂଖ୍ୟା ୨୦ ହୋଇଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ଲୋକ। କାମ୍ବୋଡ଼ିଆର ୩ ସୀମାନ୍ତ ରାଜ୍ୟରୁ ମୋଟ ୩୭,୬୩୫ ଜଣଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଥିବାବେଳେ ଥାଇଲାଣ୍ଡର ୧,୩୧,୦୦୦ ଲୋକ ସୀମାନ୍ତ ଗ୍ରାମ ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି। ତୁରନ୍ତ ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉଭୟ ଦେଶକୁ ଆହ୍ୱାନ ଦେଇଛନ୍ତି। ସେମାନେ ଅସ୍ତ୍ରବିରତି ଘୋଷଣା ନ କଲେ ଆମେରିକା ସେମାନଙ୍କ ସହ ବାଣିଜ୍ୟ ଚୁକ୍ତିନାମା କରିବ ନାହିଁ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷକୁ ସେ ସଫଳତାର ସହ ବନ୍ଦ କରାଇଥିବା ଦାବି କରିଛନ୍ତି। କାମ୍ବୋଡ଼ିଆ ପ୍ରଧାନମନ୍ତ୍ରୀ ଏବଂ ଥାଇଲାଣ୍ଡର କାମଚଳା ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇ ସେମାନଙ୍କୁ ଯୁଦ୍ଧ ବନ୍ଦ କରିବାକୁ ଟ୍ରମ୍ପ୍ କହିଛନ୍ତି।

# ଗୁଗଲ ମ୍ୟାପ୍ ପାଇଁ ଖାତରେ ଖସିଲା କାର୍

ମୁମ୍ବାଇ, ୨୬।୭

ମହାରାଷ୍ଟ୍ରର ନଭି ମୁମ୍ବାଇର ବେଲାପୁରସ୍ଥିତ ଏକ ଖାତରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କାର୍ ଓଲଟି ପଡ଼ିଛି। ଗୁଗଲ ମ୍ୟାପ୍‌ର ସହାୟତା ନେଇ ଜଣେ ମହିଳା ଉକ୍ତ କାର୍ ଚଳାଉଥିଲେ। ସେ ଗୁଗଲ ମ୍ୟାପ୍ ଭରସାରେ ବେଲାପୁରରୁ ଉଲ୍‌ୱେ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସୌଭାଗ୍ୟବଶତଃ ଘଟଣାସ୍ଥଳ ନିକଟରେ କେତେଜଣ ସାମୁଦ୍ରିକ ସୁରକ୍ଷା ଅଧିକାରୀ ନିୟୋଜିତ ଥିଲେ। ସେମାନେ ତୁରନ୍ତ କାର୍ ମଧ୍ୟରୁ ମହିଳାଙ୍କୁ ଉଦ୍ଧାର କରିଥିଲେ। ମହିଳା ଜଣଙ୍କ ଆହତ ହୋଇନାହାନ୍ତି ଏବଂ ତାଙ୍କ ବ୍ୟତୀତ କାର୍ ମଧ୍ୟରେ ଅନ୍ୟ କେହି ନ ଥିଲେ ବୋଲି ପୋଲିସ ସୂଚନା ଦେଇଛି। ଶନିବାର ପୋଲିସ ଏକ କ୍ରେନ୍ ସାହାଯ୍ୟରେ ଓଲଟି ପଡ଼ିଥିବା କାର୍‌କୁ ବାହାର କରିଛି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

# ସ୍ଥିତିରେ ପରିବର୍ତ୍ତନ

ଆକାର ପଟେଲ

୧୯୫୭ରେ ଜନସଂଘ ତା' ଇସ୍ତାହାରରେ ଉଲ୍ଲେଖ କରିଥିଲା, "ଯୌଥ ପରିବାର ଏବଂ ଅତୁଟ(ସ୍ଥାୟୀ) ବିବାହ ହିନ୍ଦୁ ସମାଜର ଆଧାର ହୋଇ ରହିଆସିଛି। ଏହି ଆଧାରକୁ ପରିବର୍ତ୍ତନ କରୁଥିବା କୌଣସି ଆଇନ ଅଶେଷରେ ସମାଜର ଏକତାକୁ ଭାଙ୍ଗିଦେବ। ଏଣୁ ଜନସଂଘ ହିନ୍ଦୁ ବିବାହ ଓ ହିନ୍ଦୁ ଉତ୍ତରାଧିକାର ଆଇନକୁ ରଦ୍ଦ କରିବ"। ଜନସଂଘ/ଭାଜପା ଛାଡ଼ପତ୍ରକୁ ବିରୋଧ ଏବଂ ଯୌଥ ପରିବାରକୁ ସମର୍ଥନ କରିବା ସହ ମହିଳାଙ୍କ ଅଧିକାର ବିରୋଧରେ ଠିଆ ହୋଇଥିଲା। ୧୯୫୦ ଦଶକରେ ବିଧେୟକ ଚିଠାରେ ଡ. ବି.ଆର୍. ଆମ୍ବେଦକର, ବିଶେଷକରି ମହିଳାଙ୍କ ଉତ୍ତରାଧିକାରକୁ ନେଇ ହିନ୍ଦୁ ବ୍ୟକ୍ତିଗତ ଆଇନରେ ସାମାନ୍ୟ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଥିଲେ। ସେ ପୁରୁଣା ଉତ୍ତରାଧିକାର ଆଇନର ତ୍ରୁଟି ପ୍ରମୁଖ ପ୍ରାବଧାନକୁ ଚିହ୍ନଟ କରିଥିଲେ ଏବଂ ମହିଳାଙ୍କ ପାଇଁ ଉତ୍ତରାଧିକାରକୁ ସ୍ପଷ୍ଟ କରିବା ସକାଶେ ସେଥିରୁ ଗୋଟିଏକୁ ସଂଶୋଧନ କରିଥିଲେ। ୧୯୫୧ରେ ଜନସଂଘ ହିନ୍ଦୁ କୋଡ୍ ବିଲ୍‌ରେ ଏହି ପ୍ରସ୍ତାବକୁ ବିରୋଧ କରି କହିଥିଲା ଯେ, ସାମାଜିକ ସୁଧାର ଉପରସ୍ତରରୁ ହେବା ଉଚିତ ନୁହେଁ, ବରଂ ସମାଜରୁ ହେବା ଦରକାର। ୧୯୫୭ରେ ଜନସଂଘ କହିଥିଲା, ଏଭଳି ପରିବର୍ତ୍ତନଗୁଡ଼ିକ ଯଦିଓ ପ୍ରାଚୀନ ସଂସ୍କୃତିରେ ନାହିଁ ସେଥିପାଇଁ ଗ୍ରହଣୀୟ ନୁହେଁ। ବିବାହକୁ ଶାଶ୍ୱତ ବା ସ୍ୱର୍ଗୀୟ ଭାବୁଥିବାରୁ ଏହା ଛାଡ଼ପତ୍ରକୁ ବିରୋଧ କରିଥିଲା। ତେବେ ସମାଜର ଭୌତିକ ତତ୍ତ୍ୱଗୁଡ଼ିକ ଛାଡ଼ପତ୍ର ପାଇଥିବା ମହିଳା ଓ ବିଧବା ପୁତ୍ରବଧୂଙ୍କୁ ସମ୍ପତ୍ତିର ଉତ୍ତରାଧିକାରୀ ହେବା ଲାଗି ଅନୁମତି ଦେଉ ନ ଥିଲା। ସମୟକ୍ରମେ ଏହି ସ୍ଥିତି ପରିବର୍ତ୍ତନ ହୋଇଥିଲା, କିନ୍ତୁ ପାର୍ଟି ଇସ୍ତାହାରରେ ଏହାର ସ୍ଥିତିକୁ କାହିଁକି ବାରମ୍ବାର ପରିବର୍ତ୍ତନ କରିଥିଲା ତାହା ସ୍ପଷ୍ଟ କରିନାହିଁ। ସମୟକ୍ରମେ ଭାରତୀୟ ସମାଜରେ ଛାଡ଼ପତ୍ର ଅଧିକ ଘଟିଲା ଏବଂ ସହରାଞ୍ଚଳରେ ଏପରି କି ଉଚ୍ଚଜାତି, ମଧ୍ୟବିତ୍ତ ପରିବାରଗୁଡ଼ିକ (ଯେଉଁଗୁଡ଼ିକ ଭାଜପାର ଆଧାର) ଧୀରେ ଧୀରେ ଅଧିକ ଏକକ ପରିବାର ହୋଇଗଲେ। ଫଳରେ ଯୌଥ ପରିବାର ପ୍ରତି ଥିବା ସମର୍ଥନର ସଂକଳ୍ପ ଭୁଶୁଡ଼ି ପଡ଼ିଲା। ଜନସଂଘ/ଭାଜପା ଅର୍ଥ ବ୍ୟବସ୍ଥା ଉପରେ ଏହାର ସମାଜବାଦୀ ନୀତିଗୁଡ଼ିକୁ କିଭଳି ଦୂରେଇଦେଇଛି ତାହା ଆମେ ପୂର୍ବ ସପ୍ତାହରେ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲେ। ସବୁ ଦଳ ସେମାନଙ୍କ ସ୍ଥିତିରେ ପରିବର୍ତ୍ତନ କରିବାର ଅଧିକାର ଅଛି। କିନ୍ତୁ ଦୃଷ୍ଟିକୋଣକୁ ବାହାରେ ଉପସ୍ଥାପିତ କରିବା ପରେ ସେଥିରୁ ପଛଘୁଞ୍ଚା ଦେବା ଓ ଇସ୍ତାହାରରୁ ହଟାଇଦେବା ଏବଂ ପୂର୍ବରୁ ଯାହାକୁ ବିରୋଧ କରିଥିଲା ସେସବୁ ବିଷୟ ଉପରେ ପୁନର୍ବାର କହିବାର କାରଣ ସାମ୍ନାକୁ ଆଣି ବୁଝାଇବା ଦରକାର। କିନ୍ତୁ ଦଳ ତାହା କରିବାକୁ ଚାହିଁନାହିଁ। ପାର୍ଟି କହିଥିଲା, ହିନ୍ଦୁ ସମାଜରେ ଅସ୍ପୃଶ୍ୟତା ଓ ଜାତିବାଦ ଦୂର କରି ସମାନତା ଓ ଐକ୍ୟଭାବନା ସୃଷ୍ଟି କରିବ। କିନ୍ତୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ କଂଗ୍ରେସର ସଂରକ୍ଷଣ ନୀତିରେ ସଂଘ କାହିଁକି କିଛି ଯୋଡ଼ି ନ ଥିଲା (ଉଦାହରଣ ସ୍ୱରୂପ, ଘରୋଇ କ୍ଷେତ୍ରରେ ଏହାକୁ ଲାଗୁକରି କିମ୍ବା ବଢ଼ାଇ ନ ଥିଲା) ତାହା କହିଲା ନାହିଁ। ସାମାଜିକ ସ୍ତରରେ, ପାର୍ଟି ସାରା ଭାରତରେ ଗୋମାଂସକୁ ନିଷେଧ କରିବାକୁ ଦାବି କରିଥିଲା। ସବୁ କ୍ଷେତ୍ରରେ ଇଂଲିଶ ବଦଳରେ ସ୍ଥାନୀୟ ଭାଷା ବିଶେଷକରି ହିନ୍ଦୀ ଲାଗୁ କରିବାକୁ ଚାହିଁଥିଲା। କୃଷି କ୍ଷେତ୍ରରେ ମଧ୍ୟ ଜନସଂଘ ମଧ୍ୟବିତ୍ତ ଶ୍ରେଣୀର ପାର୍ଟି ହେବାକୁ ଚାହିଁଥିବା ଦେଖାଇଥିଲା। ଅଧିକ ଉତ୍ପାଦନ ପାଇଁ କଠିନ ପରିଶ୍ରମ ଦରକାର ବୋଲି କୃଷକଙ୍କ ମଧ୍ୟରେ ସଚେତନତା ଆଣିବା ସହ ସେମାନଙ୍କୁ ଉତ୍ସାହିତ କରିବା ସକାଶେ ଦେଶବ୍ୟାପୀ ଅଭିଯାନ ଚଳାଇବା ଲାଗି ତାହାର ପ୍ରଥମ ଇସ୍ତାହାରରେ ପ୍ରଥମ ଥର ପାଇଁ ଆହ୍ୱାନ ଦେଇଥିଲା। ହେଲେ ଏବେ ଭାରତୀୟ କୃଷକମାନେ ଅଧିକ କଠିନ ପରିଶ୍ରମ କରୁନାହାନ୍ତି ବୋଲି କହିବାକୁ ଭାଜପା ଜଣେ ମନ୍ତ୍ରୀଙ୍କୁ ଆଗକୁ ଛାଡ଼ିଛି। ବୈଦେଶିକ ବ୍ୟାପାରରେ ଭାଜପା ସବୁଠୁ ଭଲ କାମକରିଛି ବୋଲି ନିକଟରେ କୁହାଯାଉଛି। ହେଲେ ଜନସଂଘର ନିର୍ଦ୍ଦିଷ୍ଟ ଭାବେ କୌଣସି ବୈଶ୍ୱିକ ରଣନୀତିକ ଦୃଷ୍ଟିକୋଣ ନ ଥିଲା। ଭାରତ ପ୍ରତିଙ୍କୁ ନେଇ ଏହା କହିଥିଲା, ଯେଉଁମାନେ ଭାରତର ବନ୍ଧୁ ସେମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବା ଉଚିତ ଏବଂ ଯେଉଁମାନେ ଶତ୍ରୁ ସେମାନଙ୍କ ପ୍ରତି କଠୋର ହେବା ଦରକାର। ଜାତିସଂଘ ସୁରକ୍ଷା ପରିଷଦରେ ଭାରତକୁ ସ୍ଥାନ ଦିଆଯିବା ଦରକାର ବୋଲି ଏହା ଚାହିଁଥିଲା, କିନ୍ତୁ ଭାରତକୁ ଏହା କାହିଁକି ମିଳିବ ଓ ଭାରତର ଭୂମିକା କ'ଣ ରହିବ ସେସମ୍ପର୍କରେ କିଛି ସ୍ପଷ୍ଟ କରି ନ ଥିଲା। ସୁରକ୍ଷା ପରିଷଦରେ ପ୍ରବେଶ କରିବାର ବାଟ ବନ୍ଦ ହୋଇଯାଇଥିଲା। ତେବେ ଏ ବିଷୟରେ ଜନସଂଘ ଯାହା ଚିନ୍ତା କରିଥିଲା ତାହା ଆଗକୁ ଦୋହରାଇ ନାହିଁ। ୧୯୫୭ ଇସ୍ତାହାରରେ ପ୍ରଥମ କରି ପାକିସ୍ତାନ -ପର୍ତ୍ତୁଗାଲ ମେଣ୍ଟରୁ ସୃଷ୍ଟି ବିପଦ ସମ୍ପର୍କରେ ଚେତାବନୀ ଦେଇଥିଲା। ପରେ ୧୯୬୨ ଇସ୍ତାହାରରେ ଏ ବିଷୟରେ କୌଣସି ସୂଚନା ଦେଇ ନ ଥିଲା, କିନ୍ତୁ ଚାଇନାଠାରୁ ଯୁଦ୍ଧରେ ଭାରତର ପରାଜୟକୁ ନେଇ ନେହେରୁଙ୍କୁ ସମାଲୋଚନା କରିଥିଲା। ୧୯୭୨ ଇସ୍ତାହାରରେ, ବାଂଲାଦେଶ ଯୁଦ୍ଧ ସମ୍ପର୍କରେ କିଛି ଲେଖାଯାଇ ନ ଥିଲା। ଏହା ବ୍ୟତୀତ ସବୁ ବାଳକ ଓ ବାଳିକାଙ୍କ ପାଇଁ ବାଧ୍ୟତାମୂଳକ ସାମରିକ ପ୍ରଶିକ୍ଷଣ, ମୁଜେଲ ଲୋଡିଂ ଗନ୍ (ଅଷ୍ଟଦଶ ଶତାବ୍ଦୀର ବନ୍ଧୁକ) ଲାଇସେନ୍ସ ରଦ୍ଦ, ଜାତୀୟ ଛାତ୍ର ସେନା ବାହିନୀ(ଏନ୍‌ସିସି)କୁ ବ୍ୟାପକ କରିବା ଏବଂ ଆଣବିକ ଅସ୍ତ୍ର ଉତ୍ପାଦନ ଭଳି ବିଷୟ ପାର୍ଟିର ପ୍ରତିରକ୍ଷା ନୀତି ବିଚାର ସାମ୍ନାକୁ ଆସିଥିଲା। ଇସ୍ତାହାରରେ ଏଭଳି ଅନେକ ବିଷୟ ଥିଲା, ଯାହା ସୁସଙ୍ଗତ କିମ୍ବା ସ୍ପଷ୍ଟ ନ ଥିଲା। ୨୦୨୫ରେ ଏହିସବୁ ବିଷୟକୁ ପୁଣି ଉତ୍ଥାପନ କରିବାର କାରଣ ସମ୍ପର୍କରେ ପାଠକମାନେ ପଚାରିବା ଯୁକ୍ତିଯୁକ୍ତ। ଦେଶରେ ଭାଜପା ସବୁଠୁ ବଡ଼ ଓ ସବୁଠୁ ପ୍ରାଧାନ୍ୟବିସ୍ତାର କରିଥିବା ଦଳ ହୋଇଥିବାରୁ ପୁନର୍ବାର ବିଷୟଗୁଡ଼ିକୁ ଉଠାଉଛି। ଦଳ ଯାହା ଚାହୁଁଛି ଶେଷରେ ତାହାହିଁ କରୁଛି। ପାର୍ଟିର ନିଜସ୍ୱ ସମ୍ବିଧାନ କହେ, ସମାଜବାଦ ଓ ଧର୍ମ ନିରପେକ୍ଷତାବାଦ ପ୍ରତି ଏହାର ପ୍ରକୃତ ଶ୍ରଦ୍ଧା ଓ ବିଶ୍ୱାସ ରହିବ। ଆଇନ ଦ୍ୱାରା ଅନ୍ୟ ଦଳଗୁଡ଼ିକ ଏହା କରିବା ପୂର୍ବରୁ ଜନସଂଘ ପ୍ରଥମେ ଏଭଳି ଚିନ୍ତାଧାରାକୁ ସାମ୍ନାକୁ ଆଣିଥିଲା। ଏବେ ଭାଜପା ସମ୍ବିଧାନରୁ ଏହିସବୁ ଶବ୍ଦକୁ ହଟାଇଦେବା ଲାଗି କହୁଛି। ଗୁରୁତ୍ୱପୂର୍ଣ୍ଣ ହେଉଛି, ପାର୍ଟିକୁ ତା' ନିଜ ଶବ୍ଦଗୁଡ଼ିକୁ ପଢ଼ି ଶୁଣାଇବା ଦରକାର। ଏପରି କି ପାର୍ଟି ନିଜର ସ୍ଥିତି ଓ କରିଥିବା ଅସଂଖ୍ୟ ପରିବର୍ତ୍ତନ ସମ୍ପର୍କରେ ତା' ଭୋଟର ଏବଂ ଏହି ଦେଶର ନାଗରିକଙ୍କୁ ବୁଝାଇବା ଦରକାର।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | 8 | 4 | | 7 | 6 |
| | | | | | | | | 1 |
| | | | | | 6 | 9 | | 4 |
| | | 1 | | 6 | | | | 9 |
| | | 2 | | | 5 | | | |
| | | | 4 | | 3 | | | |
| 8 | | | | | | | | 2 |
| 7 | 3 | | | | | 6 | 1 | |
| 6 | | | | 4 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 6 | 7 | 4 | 9 | 1 | 5 | 3 |
| 5 | 1 | 9 | 8 | 2 | 3 | 6 | 4 | 7 |
| 4 | 3 | 7 | 1 | 5 | 6 | 9 | 8 | 2 |
| 6 | 9 | 2 | 5 | 7 | 8 | 4 | 3 | 1 |
| 3 | 4 | 5 | 6 | 9 | 1 | 2 | 7 | 8 |
| 1 | 7 | 8 | 4 | 3 | 2 | 5 | 6 | 9 |
| 8 | 2 | 3 | 9 | 6 | 5 | 7 | 1 | 4 |
| 7 | 6 | 1 | 2 | 8 | 4 | 3 | 9 | 5 |
| 9 | 5 | 4 | 3 | 1 | 7 | 8 | 2 | 6 |

ଗତକାଲିର ଉତ୍ତର

# ସୌନ୍ଦର୍ଯ୍ୟବୋଧ ଓ ଗଣତନ୍ତ୍ର

ବ୍ରଜମୋହନ ମିଶ୍ର

ଏଯାବତ୍ ଉଦ୍ଭାବିତ ଏବଂ ଅନୁସୃତ ଶାସନ ପଦ୍ଧତିମାନଙ୍କ ମଧ୍ୟରେ ଗଣତନ୍ତ୍ର ଯଥାର୍ଥରେ ଶ୍ରେଷ୍ଠ ବୋଲି ପରିଗଣିତ। କାରଣ ଏହି ପଥରେ ଶାସକ ଏବଂ ଶାସିତ ସୁଦୃଢ଼ ଓ ସୁସଙ୍ଗ ରୂପେ ସମ୍ପର୍କିତ ହୋଇ ଶାସନର ମର୍ଯ୍ୟାଦା ରକ୍ଷାକରନ୍ତି, ଯାହା ଅନ୍ୟ ଅନେକ ଧରଣର ଶାସନରେ ପରିଲକ୍ଷିତ ହୋଇନାହିଁ। ଗଣତନ୍ତ୍ରରେ 'ତନ୍ତ୍ର' ଥାଏ ସତ କିନ୍ତୁ 'ଗଣ'ମାନେ ପ୍ରାଧାନ୍ୟ ଲାଭ କରିଥାଆନ୍ତି। ଏହା ଫଳରେ ପ୍ରଥମ ସଜୀବ ସତ୍ତା ଦ୍ୱିତୀୟ ନିର୍ଜୀବ ଧାରଣାଠାରୁ ଶ୍ରେଷ୍ଠତର ବୋଲି ଗୃହୀତ ହୁଏ। ଅର୍ଥାତ୍ ଶାସିତ ଶାସନଠାରୁ ବହୁ ଉଚ୍ଚତର, କାରଣ ସେ 'ଶାସନ'ର ସ୍ରଷ୍ଟା। ଗଣତନ୍ତ୍ରର ଏହି ଉଦାର ଦୃଷ୍ଟି ଓ ଦର୍ଶନ କିନ୍ତୁ ସଭ୍ୟତାର ଅବଲୀଳାକ୍ରମ ବିବର୍ତ୍ତିତ ମଣିଷର ଖୁବ୍ ପ୍ରୟୋଜନୀୟ ହୋଇଥିଲେ ହେଁ ମୂଳତଃ ସ୍ୱକୈନ୍ଦ୍ରିକ। ତେଣୁ ସ୍ୱାର୍ଥପର ହୋଇଥିବା ଯୋଗୁ ସଭ୍ୟ ବୋଲି କୁହାଯାଉଥିବା ମଣିଷ ଏହି ଅପରିହାର୍ଯ୍ୟ ଶାସନ ପଦ୍ଧତିକୁ ସେପରି ବୁଝି ଆତ୍ମସ୍ଥ କରିପାରିନାହିଁ। ତେଣୁ ତା'ର ଯଥାର୍ଥ ପ୍ରୟୋଗ କରିବାରେ ସେ ଶୋଚନୀୟ ବିଫଳ ହୋଇଛି। ଫଳରେ ଯେଉଁ ଗଣତାନ୍ତ୍ରିକ ଶାସନ ପଦ୍ଧତି 'ଅଭିଜାତମାନଙ୍କ ଶାସନ' ହେବା କଥା ତାହା ବହୁମାତ୍ରାରେ ହୋଇଯାଇଛି 'ଅଜ୍ଞ, ଅପୋଗଣ୍ଡ ଓ ଅଖାଡୁଆ, ଅକର୍ମଶୀଳା'ଙ୍କ ଦୁଃଶାସନ। ସେକ୍ସପିୟରଙ୍କ ବିୟୋଗାନ୍ତକ ନାଟକରେ ଉଚ୍ଚ ସ୍ଥାନରେ ସ୍ଥାନିତ ନାୟକର ଅଧୋଗତି, ଅବକ୍ଷୟ ଏବଂ ପରିଶେଷରେ ନିଃଶେଷ ହେବାପରି, 'ମହାନତା' ସମୃଦ୍ଧ ତଥା ସର୍ବୋଦୟନିଷ୍ଠ ଗଣତନ୍ତ୍ରର ଖୁବ୍ ଅଧୋଗତି ହୋଇଛି ଅବା ଏହାର ଅପବ୍ୟବହାର କରି ଏପରି ଏକ 'ସଂସ୍କୃତ' ବିଚାରଧାରାକୁ 'ଦୁଷ୍କୃତି'ର ମହାରୌରବ ମଧ୍ୟକୁ ଠେଲି ଦିଆଯାଇଛି, ଯାହାକୁ ଲକ୍ଷ୍ୟକରି ସେ ଦିନ ହୁଏତ ପ୍ରସିଦ୍ଧ ନାଟ୍ୟକାର ବର୍ଣ୍ଣାଡସ ଆଧୁନିକ ଗଣତନ୍ତ୍ରରେ ଅପରିହାର୍ଯ୍ୟ ଦଳ ବ୍ୟବସ୍ଥା ଉପରେ ତୀବ୍ର କଟାକ୍ଷ ଆଣିଛନ୍ତି।

ଭାରତୀୟ ପରିପ୍ରେକ୍ଷୀରେ ଗଣତନ୍ତ୍ରର ଯେତେ ଜିନ୍ଦାବାଦ କରାଯାଉଥିଲେ ହେଁ ଏଠାରେ ଗଣତନ୍ତ୍ରର ଶରୀରଟି ଅଛି ସିନା ହେଲେ ଏହାର ଆତ୍ମା ଖୁବ୍ ଅବମାନିତ, ଅପମାନିତ ଓ ଅବହେଳିତ ହୋଇଛି। ତେଣୁ ଗଣତାନ୍ତ୍ରିକ ପଦ୍ଧତିରେ ଭୋଟ ଦିଆନିଆ ହୋଇ, ଲୋକପ୍ରତିନିଧି ନିର୍ବାଚିତ ହୋଇ ଓ ସରକାର ଗଠନ କରାଯାଇ ଲୋକଙ୍କ ମତରେ ଶାସନ ଚାଲିଛି ବୋଲି ଉପରେ ଯେତେ କୁହାଯାଉଥିଲେ ହେଁ ଏହାର ଭିତର ସତ୍ୟଟି ଏତେ କଦାକାର ଓ କୁତ୍ସିତ ଯେ ତାହା ବର୍ଣ୍ଣନା କରିବାକୁ ଭାଷାନାହିଁ। ଗଣତନ୍ତ୍ରକୁ ଯଦି ଏକ ସୁନ୍ଦରୀ, ସାଧ୍ୱୀ ସୀମନ୍ତିନୀ ରୂପେ କଳ୍ପନା କରାଯାଏ, ତାହାହେଲେ ଅନୁକ୍ଷଣ ତା'ର ସାଧୁତାର ସୌନ୍ଦର୍ଯ୍ୟ ହରଣ କରାଯାଇ ତାକୁ ହତଭାଗିନୀ ଦାମିନୀଟିଏ କରିଦିଆଯାଉଛି। ତା'ର ଅନ୍ତରର ଶୁଭବାସନା, ଶୁଭ ସଂକଳ୍ପ, ଶୁଭ ଅଭ୍ୟୁଦୟ ଓ ଶୁଭ ସଂକ୍ରାନ୍ତିକୁ ବାଟହୁଡ଼ା ବୀଟମାନେ ବାରମ୍ବାର ବଳାତ୍କାର କରି ଚାଲିଛନ୍ତି। ତେଣୁ ଗଣତନ୍ତ୍ରର ସ୍ୱଭାବ ଓ ସ୍ୱଧର୍ମ ଅବଶ୍ୟ ଅପ୍ରତିପାଦିତ ହୋଇ ରହିଯାଉଛି। ଫଳରେ ଉତ୍କର୍ଷ ଓ ଉତ୍କ୍ରାନ୍ତିର ଏଇ ସାଧୁ ଓ ସମର୍ଥଶକ୍ତି ଆପଣାର କୌଣସି ଦୋଷ ନ ଥାଇ ମଧ୍ୟ ସମାଲୋଚିତ ହେଉଛି ଯେ ଏହା ଏକ ଭ୍ରମାତ୍ମକ ଶାସନପଦ୍ଧତି, ଯାହା ଲୋକମାନଙ୍କୁ କିଣେ, ଲୋକମାନଙ୍କଠାରୁ ଦୂରେଇ ଯାଏ (ଆବ୍ରାହମ ଲିଙ୍କନଙ୍କ 'ଗଣତନ୍ତ୍ର' ସଂଜ୍ଞାର ଏକ ଲାଳିକା)। ଏହାର ଏପରି ଦୁର୍ଦ୍ଦଶା ପାଇଁ ଯେଉଁ ମାୟାମୃଗରୂପୀ ମାରୀଚମାନେ ଦାୟୀ ସେମାନେ ଯଦି ଜୀବନକୁ (ତେଣୁ ନିଜକୁ) ସତରେ ବୁଝିବାକୁ ମନେକରନ୍ତେ, ତାହାହେଲେ ଭାଗବତର ସେଇ 'ବିଷଣ୍ଣ ଗାଭୀ' ତା'ର ଅପହୃତ ସୌନ୍ଦର୍ଯ୍ୟ ଏବଂ ଶକ୍ତି ଫେରି ପାଇବା ପରି ଗଣତନ୍ତ୍ର ପେଙ୍ଗା ଓ ପଣ୍ୟ ନ ହୋଇ ପୁଣ୍ୟର ଅଧିଷ୍ଠାନ ହୋଇପାରନ୍ତା।

ଏହା ଏକ ରୂପାନ୍ତର କ୍ରିୟାଯୋଗ ଉପରେ ନିର୍ଭର କରେ ଯେପରି ଦସ୍ୟୁ ହୃଦୟରେ ଦେବତାର ଅଭ୍ୟୁଥାନ ଘଟିଥିଲା। ଯେଉଁ କପଟୀ କୁହୁଡ଼ିମାନେ ଏଇ କାମନା କର୍ଦ୍ଦମରେ ଘାଣ୍ଟି ହେଉଛନ୍ତି ସେଇମାନଙ୍କଠାରେ 'କଣ' ପ୍ରୟୋଗ କଲେ ସେମାନେ ଅବଶ୍ୟ ବାଟକୁ ଆସନ୍ତେ ? ସେଇ ବିମୂଢ଼, ବିଯୁକ୍ତ, ବିକଳାଙ୍ଗମାନେ 'ଗଣ'ମାନଙ୍କ ସହ ବିଜ୍ଞ ଭାବରେ ସଂଯୁକ୍ତ ହୋଇ ତନ୍ତ୍ର (ଗଣତନ୍ତ୍ର) ଯେ ଏକ ପାଶ ନୁହେଁ, ଏହା ଯେ ଏକ 'ପ୍ୟାର' ତାହା ପ୍ରମାଣ କରିଦିଅନ୍ତେ ? ଯେଉଁମାନେ ଦୁର୍ଜନ, ସେମାନେ ଅଜ୍ଞାନ ଯୋଗୁ ସେପରି ହୋଇଛନ୍ତି ବୋଲି ବହୁବର୍ଷ ତଳେ ମହାମନା ଓ ମହାମାନ୍ୟ ସକ୍ରେଟିସ ଦୃଢ଼ ଭାବରେ କହି ଯାଇଛନ୍ତି। ସେମାନଙ୍କୁ ସେମାନଙ୍କ ଅଜ୍ଞତାଠାରୁ ମୁକ୍ତ କରାଯାଇପାରିଲେ ସେମାନେ ମଧ୍ୟ ସମଗ୍ରର, ସମୂହର 'ବିଷବଳୟ' ନ ହୋଇ ବ୍ରହ୍ମବଳୟ ହୋଇପାରିବେ। ସକ୍ରେଟିସ୍‌ଙ୍କ ଏ ଉପପାଦ୍ୟ ଆଦୌ କପୋଳକଳ୍ପିତ କି ଅସମ୍ଭବ ନୁହେଁ। ଏହା କରାଯାଇ ପାରିବ। ଅର୍ଥ ଅର୍ଜନ, ଆହରଣ ଏବଂ ଆତ୍ମସାତ କରିବାର ଦୁର୍ବାର ବାସନା ଯେ 'କୁତ୍ସିତ', ତାହା ଏଇ ଅବୋଧମାନଙ୍କୁ ବାରମ୍ବାର ଶୁଣାଯାଆନ୍ତା। ସେମାନଙ୍କୁ ଏହା ବଦଳରେ ସୌନ୍ଦର୍ଯ୍ୟ ସମ୍ପର୍କରେ ଚେତନାଗତ ଆଘାତ ଦିଆଯାଆନ୍ତା। ସେମାନଙ୍କ ବିଭିନ୍ନ ଅଧିବେଶନରେ 'ସୌନ୍ଦର୍ଯ୍ୟ' ତତ୍ତ୍ୱ ବୁଝାଇ ଦିଆଯାଇ ତା'ର ବାସ୍ତବ ପ୍ରୟୋଗ କରାଯାନ୍ତା। ସେମାନେ ପ୍ରତ୍ୟକ୍ଷ ଅନୁଭବ କରନ୍ତେ 'କଦର୍ଯ୍ୟ' ନୁହଁ, 'ସୌନ୍ଦର୍ଯ୍ୟ' ହିଁ ଜୀବନରେ ମଧୁରତା ଆଣେ, ଜୀବନକୁ ପରିପୂର୍ଣ୍ଣ କରେ। ଫୁଲ ଛିଣ୍ଡାଇ ଉପଭୋଗ କରିବା ଅପେକ୍ଷା ତାକୁ ଅନ୍ତର ଭରି ଦେଖିବାରେ ଓ ଅଞ୍ଜୁଳ ହୋଇ ସ୍ପର୍ଶ କରିବାରେ ମରମୀ ଦ୍ରଷ୍ଟାର ଅନ୍ତର ବିକଶିତ ହୁଏ। ପୁଣି ଅନ୍ତରର ବିକାଶ ହିଁ ଗଣତନ୍ତ୍ରରେ ନାଭିକେନ୍ଦ୍ର, ଯାହାକୁ ଆମେ ଆଧ୍ୟାତ୍ମିକତା ବୋଲି କହିପାରିବା। ଫୁଲକୁ ଉପଭୋଗ କଲେ ତାହା କିଛି ସମୟ ପାଇଁ ଖୁସି ଆଣିପାରେ, କିନ୍ତୁ ଫୁଲକୁ ଚାହିଁ ତା'ର ଅପୂର୍ବ ବର୍ଣ୍ଣାଳୀ ଓ ବିଭୂତି କଥା ଚିନ୍ତନ କଲେ ତାହା ଦ୍ରଷ୍ଟାକୁ ସଂସ୍କୃତ କରାଏ। ପ୍ରଥମଟି ବହିର୍ବାଣିଜ୍ୟ ଯେତେବେଳେ ଦ୍ୱିତୀୟଟି ଅନ୍ତଃ ତପସ୍ୟା ବା ଭିତରଯୋଗ। ସୌନ୍ଦର୍ଯ୍ୟବୋଧ ଜାଗ୍ରତ କରାଇବା ପାଇଁ ଏହିପରି ସକ୍ରିୟ ଉଦ୍ୟମ କରାଯାଇପାରେ। ସୌନ୍ଦର୍ଯ୍ୟ, ସ୍ୱକୀୟ ସ୍ୱାଭାବିକତାରେ କ'ଣ ଏଇ ପ୍ରଡିଗାଲ ସନ୍ମାନଙ୍କୁ ପ୍ରଭାବିତ କରିପାରିବ ନାହିଁ?



ବିଶ୍ୱାସ ରଖିବା, ଏହାର ସଂକ୍ରାମକ ଓ ଶିଷ୍ଟ ସାନ୍ନିଧ୍ୟର ନିଶ୍ଚିତ ପ୍ରଭାବ ଉପରେ। ଯେଉଁମାନେ ଭ୍ରମରେ ଅର୍ଥ ଓ ସ୍ୱାର୍ଥର କ୍ରୀତଦାସ ହୋଇ ଭ୍ରମୁଛନ୍ତି ସେଇମାନଙ୍କୁ ଦେଖେଇ ଦିଆଯିବ 'ଅର୍ଥହୀନତା' ଏବଂ 'ପରାର୍ଥ'ର ପ୍ରବଳ 'ଆଧ୍ୟାତ୍ମିକ ପରାକ୍ରମ' ଯାହାର ବଳ ଦୁର୍ବଳକୁ ଉଠିବାକୁ ଆଶ୍ୱାସନା ଦିଏ, ଦୁର୍ବଳର ଭରସା ପାଲଟି ଯାଏ ଏବଂ ଯାହା ହୋଇଯାଏ ସର୍ବୋତ୍ତମ ଅଭୀପ୍ସା ପାଇଁ ସର୍ବୋତ୍ତମ ସମର୍ପଣ।

ସଂସାରରେ କିଏ ଭଲ ନ ଚାହେଁ ? ଏପରି କି ଖୁବ୍ ଖରାପ ବ୍ୟକ୍ତି ତ ଆପଣାର ସନ୍ତାନକୁ ଗେଲ କରେ। ତା' ଗାଲରେ ଚୁମ୍ବନଟିଏ ଆଙ୍କିଦିଏ। ତା'ର ପିଲା ଭଲ ହେଉ ବୋଲି ଚାହେଁ (ହୁଏତ ଏଥିପାଇଁ ଭଗବାନଙ୍କୁ ବି ପ୍ରାର୍ଥନା କରୁଥାଇପାରେ)। ଏ ସବୁ ଶୁଭ ବାସନା ସୌନ୍ଦର୍ଯ୍ୟର ଭିନ୍ନ ଭିନ୍ନ ପ୍ରସ୍ତ। ସୌନ୍ଦର୍ଯ୍ୟ ଯେପରି ସୁନ୍ଦର ବସ୍ତୁ ଦର୍ଶନ, ସ୍ପର୍ଶନରେ ଥାଏ ସେହିପରି ମଧ୍ୟ ଥାଏ ସୁନ୍ଦର ଭାବପ୍ରକାଶରେ, ସୁନ୍ଦର ଭଙ୍ଗୀ ଅବଲମ୍ବନରେ, ସୁନ୍ଦର ଭାଷା ପ୍ରୟୋଗରେ। ଗଣତନ୍ତ୍ର ସହ ସମ୍ପୃକ୍ତଥିବା ଆମର ଆପଣାର 'ଏଇ ଅନ୍ୟମନସ୍କ ଅବାଟୋଇମାନେ' ବି ବେଳେବେଳେ ଠିକ୍ ମନସ୍କଥାନ୍ତି। ସେମାନଙ୍କ ଅନ୍ୟମନସ୍କତା ରୂପକ 'କଦର୍ଯ୍ୟ'କୁ ତୀବ୍ର ଆକ୍ଷେପ ନ କରି ସେମାନଙ୍କ ସାମୟିକ ଠିକ୍‌ମନସ୍କତାରୂପକ ଭାବ-ସୌନ୍ଦର୍ଯ୍ୟକୁ ବାରବାର ପ୍ରଶଂସା କରାଯାଇପାରେ। ସେମାନେ ଯେ ସମ୍ପୂର୍ଣ୍ଣ ଅ-ଭାବୀ ନୁହନ୍ତି ତାହା ମଧ୍ୟ ଶ୍ରଦ୍ଧାସହ ସେମାନଙ୍କୁ ପରିବେଷଣ କରାଯାଇପାରେ। ଚିକିତ୍ସକ ରୋଗୀକୁ ରୋଗୀ ବୋଲି କହି ଆଡ଼େଇ ଦିଏ ନାହିଁ। ତା' ପରିବର୍ତ୍ତେ ସେ ଯେତେ ବଡ଼ ରୋଗରେ ପ୍ରପୀଡ଼ିତ ହୋଇଥିଲେ ବି ତା'ର ସୁଚିକିତ୍ସା କରେ, ଗଭୀର ନିଷ୍ଠା ଆଶା ଓ ବିଶ୍ୱାସରେ ଚିକିତ୍ସକର ଏହି ଭାବସୌନ୍ଦର୍ଯ୍ୟ ରୋଗୀଠାରେ ମଧ୍ୟ ପ୍ରତିଫଳିତ ହୁଏ। ତେଣୁ ସେ ଆରୋଗ୍ୟ ଲାଭ କଲା ପରେ ଚିକିତ୍ସକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରେ ଯାହା ତା'ର ଭାବସୌନ୍ଦର୍ଯ୍ୟ। ଅନୁରୂପ ଭାବରେ ଗଣତନ୍ତ୍ରରେ ଆମେ କଦର୍ଯ୍ୟ-ଭୋଗୀ। ତେଣୁ ରୋଗୀ 'ଆପଣାରମାନ'ଙ୍କ ସୌନ୍ଦର୍ଯ୍ୟକରଣ ପାଇଁ ଭିନ୍ନ ଏକ ପୂର୍ଣ୍ଣଯୋଗ ଅବଲମ୍ବନ କରିବା ଫଳରେ ଗଣତନ୍ତ୍ର-ଗାଭୀ ତା'ର ଅସଲ ସ୍ୱାସ୍ଥ୍ୟ ଫେରିପାଇ ଯଥାର୍ଥ ଦୁଗ୍ଧବତୀ ହେବ।

ଭଦ୍ରକ, ମୋ:୮୦୧୮୦୮୭୮୩୧

# ଓଡ଼ିଆ ଭାଷା ସାହିତ୍ୟର ଦୁର୍ଦ୍ଦଶା

ଡ. ମୌସୁମୀ ପରିଡ଼ା

ଓଡ଼ିଆ ଭାଷାର ଉନ୍ନତି ନିମନ୍ତେ ସମୟାନ୍ତରରେ ବହୁମୁଖୀ ଯୋଜନା ପ୍ରସ୍ତୁତ ହୋଇଛି। ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ମାତୃଭାଷାକୁ ସମୁନ୍ନତ କରାଯିବାର ଖସଡ଼ାମାନ ପ୍ରସ୍ତୁତ ହୋଇଆସିଛି। ଗତ କିଛିବର୍ଷ ଭିତରେ ମାତୃଭାଷା ପ୍ରତି ପିଲାମାନଙ୍କର ଆଗ୍ରହ-ବୃଦ୍ଧି ସମୁଜ୍ଜ୍ୱଳ ଭବିଷ୍ୟ-ନିର୍ମାଣ କ୍ଷେତ୍ରରେ ଅଗ୍ରସର ବୋଲି କହିବାରେ କୁଣ୍ଠା ନାହିଁ। ସାହିତ୍ୟ ଶିକ୍ଷକ ଭାବେ କୋଣଠେସା ହେବା ଅସହ୍ୟ ହୋଇଛି ସତ୍ୟ, ହେଲେ ଆଜିକାଲି ସେ ହୀନମନସ୍କତା କମ୍ ପରିଲକ୍ଷିତ। ସଦାସର୍ବଦା ସାହିତ୍ୟର ପୁନଃ ନିର୍ମାଣ ଚାଲିଥାଏ। ଚିରସ୍ରୋତା ଝରର ବିସ୍ତୃତ କାୟା ପରି ସାହିତ୍ୟ ସମୟ ସହିତ ଧାଇଁଛି। ଆମେ ଆଞ୍ଜୁଳେ କିମ୍ବା ଚଳୁଏ ପାଣି ଧରି ନିଜକୁ ଜ୍ଞାନୀ ମନେକରୁଛେ ସିନା, କିନ୍ତୁ ସାହିତ୍ୟ ଅପରିସୀମ, ପରିବ୍ୟାପ୍ତ, ବିସ୍ତୃତ। କେବଳ ସେ ଝରର ଦିଗ ଓ ସ୍ରୋତକୁ ଆମେ ଦେଖିପାରିବା, ମାତ୍ର ଆୟତ୍ତ କରିବା ଅସମ୍ଭବ।

ଏବେ ବି ବନାନ-ଅଶୁଦ୍ଧି ଥିବା ହୋର୍ଡିଂ ରାସ୍ତାକଡ଼ରେ ପରିଲକ୍ଷିତ ହେଉଛି। ବ୍ୟାକରଣଗତ ଅଶୁଦ୍ଧିକୁ ନେଇ ତର୍କବିତର୍କର ଅନ୍ତ ନାହିଁ। କେବେକେବେ ପ୍ରଶ୍ନ ଉଠୁଛି, ଭାଷା ସାହିତ୍ୟର ସେଭଳି ଆଖିଦୃଶିଆ ଉନ୍ନତି କାହିଁ? ଭାଷାକୁ ଚର୍ବିତଚର୍ବଣ ଭାବେ ସଂପୂର୍ଣ୍ଣ କରି ଭବିଷ୍ୟ ନିର୍ମାଣ ପାଇଁ ତରବରିଆ ଭାବେ ଆଗେଇ ଚାଲିନାହାନ୍ତି ତ ପିଲାମାନେ ? ବିଭିନ୍ନ ପାଠଚକ୍ର ଓ ଗବେଷଣାତ୍ମକ ନିବନ୍ଧକୁ ଉପରଠାଉରିଆ ଭାବେ ପ୍ରସ୍ତୁତ କରିବା ଦ୍ୱାରା ସାହିତ୍ୟର ଛଳଛଳ-ଧାରା ଅବରୁଦ୍ଧ ହେଉନି ତ ! ସେପରି ଜବରଦସ୍ତିଆ ପାଠ୍ୟକ୍ରମ ଦ୍ୱାରା ଜ୍ଞାନ ସୀମିତ ରହିଯିବ ସିନା ସାହିତ୍ୟର ଲାଭ ହେବନି। ସ୍ରୋତସ୍ୱିନୀ ନ ହୋଇ ସେ ଧାରା କୋଉଠି ନା କୋଉଠି ଅଟକିଯିବ ନ ହେଲେ ବିଦେଶୀ ଭାଷାର ବାଲିମାଟିରେ ପୋତି ହୋଇପଡ଼ିବ। ଅତ୍ୟଧିକ ପାଠ୍ୟକ୍ରମ ପିଲାଙ୍କ ଉପରେ ଲଦି ଦିଆଯିବା ଦ୍ୱାରା ସେମାନେ ବୀତସ୍ପୃହ ହୋଇଯିବେ।

ସ୍ନାତକୋତ୍ତରର ସିଲାବସ୍‌ରେ ଥିବା ପାଠଚକ୍ର ଓ ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତ ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଉନି। ପିଲାମାନେ ନବୀନ, ପ୍ରବୀଣ ଲେଖକଙ୍କୁ ପଢୁନାହାନ୍ତି, ସେମାନଙ୍କ ବିଷୟରେ ଜାଣିବା ତ ଦୂରର କଥା। ସେଥିପାଇଁ ସମୟ ଓ ଉତ୍ସାହର ଅଭାବ। ଶ୍ରେଣୀକକ୍ଷରେ ପ୍ରତ୍ୟକ୍ଷ ଭାବ ଆଦାନପ୍ରଦାନବେଳେ ପତ୍ରପତ୍ରିକା ସହ ଲେଖକଙ୍କ ମୌଳିକ ସାହିତ୍ୟ ଉପରେ ଆଲୋଚନା କରାଯାଇପାରନ୍ତା। ସମୟାନ୍ତରରେ ସିଲାବସ୍ ବହିର୍ଭୂତ କୌଣସି ବହି ଉପରେ ସମୀକ୍ଷା କରାଗଲେ ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତ କରିବା ସହଜତର ହୋଇପାରନ୍ତା।

ଓଡ଼ିଆ ଆଞ୍ଚଳିକ ଭାଷା ହୋଇଥିବାରୁ ଓ ବିଦ୍ୟାଳୟ ସ୍ତରରୁ ମାତ୍ରାଧିକ ବିଷୟ ଦ୍ୱାରା ପିଲାମାନେ ଚାପଗ୍ରସ୍ତ ହେଉଥିବାରୁ ନିଜ ଭାଷା ପ୍ରତି ଅନାଗ୍ରହ ସୃଷ୍ଟି ହେବା ସ୍ୱାଭାବିକ। ଏମିତିରେ ବିଦ୍ୟାଳୟଗୁଡ଼ିକରେ ମାତୃଭାଷା ପାଇଁ ସ୍ୱତନ୍ତ୍ର



ଶିକ୍ଷକ ନାହାନ୍ତି। ଓଡ଼ିଆ ବିଷୟ ପ୍ରତି ଆଦୌ ଧ୍ୟାନ ଦେଉନଥିବା ପିଲାଟିଏ ଯେତେବେଳେ ଓଡ଼ିଆରେ ସ୍ନାତକ ବା ସ୍ନାତକୋତ୍ତର କରିବ ସେ ପ୍ରତିକ୍ଷେତ୍ରରେ ଝୁଣ୍ଟିବ। ଯେଉଁମାନଙ୍କ ପାଇଁ ଧାଡ଼ିଏ ଓଡ଼ିଆ ଲେଖିବା କଷ୍ଟକର, ସେମାନଙ୍କ ଦ୍ୱାରା ବିଭିନ୍ନ ପାଠଚକ୍ର ବା ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତି ସହଜସାଧ୍ୟ ନୁହେଁ।

ଅଧିକାଂଶ ପିଲା ଦୈନିକ ଖବରକାଗଜ ବା ପତ୍ରପତ୍ରିକା ପଢ଼ନ୍ତିନି। କେବଳ ବହିପାଠ ହିଁ ସେମାନଙ୍କ ପରିସର। ଭାଷା ସାହିତ୍ୟରେ ଅଧ୍ୟାପନା କରୁଥିବା ପିଲାମାନେ ନିଷ୍ଠାପର ହେବା ଉଚିତ୍। ବର୍ଷକୁ କିଛି ପତ୍ରପତ୍ରିକା କିଣି ଲେଖକ/ଲେଖିକାଙ୍କୁ ପଢ଼ିବା ସହିତ ସେଗୁଡ଼ିକର ମର୍ମ ବୁଝିବା ଉଚିତ୍। କେବଳ ବହିପାଠରେ ସୀମିତ ରହିବା ଦ୍ୱାରା ସାହିତ୍ୟର ପ୍ରଚଳିତ ଧାରା, ଗତି, ପ୍ରକୃତି ସମ୍ପର୍କରେ ଅବଗତ ହେବା କଷ୍ଟକର। କାରଣ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ କିମ୍ବା ଉତ୍ସାହ ମିଳେନାହିଁ। ବିଷୟଭିତ୍ତିକ ପାଠଚକ୍ର ତଥା ଗବେଷଣାତ୍ମକ ନିବନ୍ଧ ଓଡ଼ିଆ ସାହିତ୍ୟକୁ ଚିହ୍ନିବା ଓ ଜାଣିବାର ପ୍ରକୃଷ୍ଟ ମାଧ୍ୟମ। ସେଥିପାଇଁ ବର୍ଷକୁ ହଜାର ହଜାର ପାଠଚକ୍ର ଓ ଗବେଷଣା ନିବନ୍ଧମାନ ପ୍ରସ୍ତୁତ ହେଉଛି। ପିଲାଏ କେବଳ ପରୀକ୍ଷା ପାଇଁ ଆଗ୍ରହବିହୀନ ଭାବେ ପ୍ରସ୍ତୁତି କରୁଛନ୍ତି ଓ ପରୀକ୍ଷା ପରେ ବିଭାଗର ସ୍ଥାନାଭାବ ଯୋଗୁଁ ସେଗୁଡ଼ିକୁ କାଗଜବାଲାକୁ କିଲୋ ଦରରେ ବିକାଯାଉଛି। ବିଡ଼ମ୍ବନା ଯେ ସ୍ୱଳ୍ପ ସମୟ ଭିତରେ ସେମିନାର, ପ୍ରୋଜେକ୍ଟ ଚାପରେ ଆକ୍ରାନ୍ତ ପିଲାଏ ନା ଏ କୂଳର ନା ସେ କୂଳର ହୋଇପାରୁଛନ୍ତି!

ବର୍ଷକୁ ଦୁଇଥର ଲେଖାଁ ହେଉଥିବା ନେଟ୍ ପରୀକ୍ଷା ବି ତିନିଭାଗରେ ବିଭକ୍ତ। ପରୀକ୍ଷା ଦେଇ କିଛିପିଲା ପିଏଚ୍.ଡି, କିଛି ନେଟ୍ ଓ ଆଉ କିଛି ଜେଆରଏଫ୍ (ଜୁନିଅର୍ ରିସର୍ଚ୍ଚ ଫେଲୋଶିପ୍-ଷ୍ଟାଇପେଣ୍ଟଯୁକ୍ତ) ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି। ସେ ଅନୁସାରେ ପ୍ରତିବର୍ଷ ୮୦ରୁ ୯୦ ପିଲା ଜୁନିୟର୍ ରିସର୍ଚ୍ଚ ଫେଲୋଶିପ୍ ପାଉଛନ୍ତି। ଗାଇଡ୍ ଓ ବିଶ୍ୱବିଦ୍ୟାଳୟ ସଂଖ୍ୟା ଅତି ନଗଣ୍ୟ ହୋଇଥିବାରୁ ପିଲାମାନେ ନିର୍ଦ୍ଧାରିତ ସମୟସୀମା ଭିତରେ ଗବେଷଣା ସଂପୂର୍ଣ୍ଣ କରିପାରୁନାହାନ୍ତି କିମ୍ବା ଗାଇଡ୍‌ମାନେ ନୂଆ ପିଲାଙ୍କୁ ନେଇପାରୁନାହାନ୍ତି। ନିୟମାନୁସାରେ ଜଣେ ଗାଇଡ୍ ନିର୍ଦ୍ଦିଷ୍ଟ ସଂଖ୍ୟକ ପିଲାଙ୍କୁ ଦିଗ୍‌ଦର୍ଶନ ଦେଇପାରିବେ। ଏହି ତ୍ରୁଟିଯୁକ୍ତ ବ୍ୟବସ୍ଥା ଦ୍ୱାରା କିଛି ପିଲାଙ୍କ ସମୟ ସରିଯାଉଛି, ସେମାନେ ଜେଆରଏଫ୍ କରିପାରୁନାହାନ୍ତି।

ବିଭିନ୍ନ ବିଶ୍ୱବିଦ୍ୟାଳୟ ପ୍ରଥମେ ନିଜ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦେଉଥିବାବେଳେ ଅନ୍ୟମାନେ ଯୋଗ୍ୟତା ଥାଇ ବି ବିଫଳ। ୩ରୁ ୮ ସଂଖ୍ୟକ ପିଏଚ୍.ଡି. ସିଟ୍ ପାଇଁ ଶହଶହ ଆବେଦନକାରୀ! ପୁଣି ସେମାନଙ୍କ ମଧ୍ୟରୁ ସେହି ବିଶ୍ୱବିଦ୍ୟାଳୟର ପ୍ରାର୍ଥୀ ଦଶ/କୋଡ଼ିଏ! ତେଣୁ ବାହାର ପିଲା ସୁଯୋଗରୁ ବଂଚିତ ହେଉଛନ୍ତି। ଭାଷା-ସାହିତ୍ୟର ଏଭଳି ଦୁର୍ଦ୍ଦଶା ତୁଳନାତ୍ମକ ଭାବେ ଅଧିକ। ଗାଇଡ୍ ଓ ବିଶ୍ୱବିଦ୍ୟାଳୟର ସଂଖ୍ୟାବୃଦ୍ଧି ହେବା ସହିତ ନୂତନ ପଦପଦବୀ ସୃଷ୍ଟି ହେବା ଉଚିତ୍। ଓଡ଼ିଆ ଭାଷାର ବିକାଶକୁ ଦୃଷ୍ଟିଦେଇ କିଛି ତ୍ରୁଟିକୁ ନ ସୁଧାରିଲେ ସାହିତ୍ୟର ଉନ୍ନତି ଆଗକୁ ଗୋଦରା କୋଡ଼େ ଯେତେ ମାଡ଼େ ସେତେ ପରି ଅବସ୍ଥା ସୃଷ୍ଟି କରିବ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ରୋଗୀ ସେବା ହିଁ ଜୀବନର ବ୍ରତ ଏବଂ ଏହାର ମୂଲ୍ୟ କୌଣସି ପାରିଶ୍ରମିକରେ ଭରଣା କରାଯାଇପାରିବ ନାହିଁ। ଏଭଳି ବିଚାରକୁ ଗ୍ରହଣ କରି ବାରାଣସୀର ଡାକ୍ତର ଟି. କେ. ଲାହିର ୩୦ ବର୍ଷ ହେଲା ବିନା ଦରମାରେ ରୋଗୀ ସେବା କରିଆସୁଛନ୍ତି। କୋଲକାତାରେ ତାଙ୍କର ଜନ୍ମ ଓ ଆମେରିକାରୁ ଡାକ୍ତରୀ ଶିକ୍ଷାରେ ଡିଗ୍ରୀ ହାସଲ କରିବା ପରେ ବନାରସ ହିନ୍ଦୁ ୟୁନିଭର୍ସିଟିରେ ୨୫୦ ଟଙ୍କା ଦରମାରେ ଚିକିତ୍ସା ସେବା ଆରମ୍ଭ କରିଥିଲେ। ଜଣେ କାର୍ଡିଓଲୋଜିଷ୍ଟ ଭାବେ ସେ ୧୯୯୦ରୁ ତାଙ୍କ ଦରମାକୁ ଗରିବଙ୍କୁ ଦାନ କରିଦେଇଆସୁଛନ୍ତି। ସେ ଅବିବାହିତ ଓ ବୟସ ୭୦ ଟପିଗଲାଣି। ସେ ପେନ୍‌ସନ ଟଙ୍କାରେ ଚଳୁଛନ୍ତି ଏବଂ ପ୍ରତିଦିନ ସକାଳେ ହାତରେ ବ୍ୟାଗ ଓ ଛତାଟିଏ ଧରି ବିଏଚ୍‌ୟୁ କ୍ୟାମ୍ପସରେ ଥିବା ମେଡିକାଲ ପହଞ୍ଚିଯାଉଛନ୍ତି। ବାରାଣସୀର ଗରିବଙ୍କର ଆଶା ଭରସା ପାଲଟିଛନ୍ତି। ତାଙ୍କ ଚାକିରିକାଳ ମଧ୍ୟରେ ସେ ଅନେକ ହଜାର ଯୁବ ଚିକିତ୍ସକଙ୍କୁ ଚିକିତ୍ସା ଓ ମାନବିକତାର ଧାରାରେ ପକାଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଜୁଲାଇ ୧୯୭୬

- ପାକିସ୍ତାନ ଓ ଲିବ୍ୟା ମିଳିତ ଭାବରେ ୧୦୦ ନିୟୁତ ଡଲାରର ଏକ ଅର୍ଥନୈତିକ କମ୍ପାନୀ ସ୍ଥାପନ କରିଛନ୍ତି।
- ଭାରତ ମହାସାଗର ଉପକୂଳବର୍ତ୍ତୀ ରାଷ୍ଟ୍ରର ଦୃଢ଼ ପ୍ରତିବାଦ ସତ୍ତ୍ୱେ ଡିଆଗୋଗାର୍ସିୟାରେ ଆମେରିକା ନିର୍ମାଣ କରୁଥିବା ନୌଘାଟୀକୁ ଚାଲୁ କରାଯାଇଛି।
- ରାଜ୍ୟରେ ଅର୍ଥନୈତିକ ଅପରାଧୀମାନଙ୍କ ବିରୁଦ୍ଧରେ ଚାଲିଥିବା ଅଭିଯାନ ଫଳରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷିତ ହେବାର ବର୍ଷକ ମଧ୍ୟରେ ୨ କୋଟି ୩୦ ଲକ୍ଷ ଟଙ୍କା ମୂଲ୍ୟର ଜିନିଷ ଜବତ ହୋଇପାରିଛି।

## ଚିରନ୍ତନୀ

ମାନବର କୋଳାହଳ
ନ କରେ ଯହିଁ ବିକଳ
ସୃଜି ଯିବା ସେହି ଦେଶ ଏକ ଆଲିଙ୍ଗନେ,
ଯହିଁ ମିଳନର ଗୀତି
ତୁଟାଏ ସକଳ ଭୀତି
ରଖିଯିବା ଅକ୍ଷୟ ସେ କୀରତି ଭୁବନେ।

–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଅଫିସରେ ହେଲ୍ପ ଡେସ୍କ ରହୁ

ମହାଶୟ,

ବିଭିନ୍ନ ଅଫିସରେ କେଉଁ କାମ ଲାଗି କେତେ ଦିନ ଲାଗିବ, ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରାଯାଉ। ସେତିକି ଦିନ ମଧ୍ୟରେ ଯଦି କାମ ହୋଇ ନ ପାରୁଛି, ତେବେ କିରାଣିଠାରୁ ଅଫିସର ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ। ବୃଦ୍ଧ, ଭିନ୍ନକ୍ଷମ ଓ ଅଳ୍ପ ଶିକ୍ଷାଦୀକ୍ଷା ଥିବା ଲୋକ କାଳେ ଠିକ୍ ଭାବରେ ଦରଖାସ୍ତ ଲେଖିପାରୁ ନ ଥିବେ, ସେମାନଙ୍କ ପାଇଁ ପ୍ରତି ଅଫିସରେ ହେଲ୍ପ ଡେସ୍କର ବ୍ୟବସ୍ଥା ରହୁ। ହେଲ୍ପ ଡେସ୍କରେ ବସୁଥିବା ଲୋକ ନିର୍ଭୁଲ୍ ଭାବରେ ଦରଖାସ୍ତଗୁଡ଼ିକୁ ଯାଞ୍ଚ କରିପାରିବେ। ଫଳରେ କୌଣସି କିରାଣି କିମ୍ବା ଅଫିସର ତ୍ରୁଟିଜନିତ ଫାଇଲକୁ ଅଟକାଇ ରଖିବେ ନାହିଁ କିମ୍ବା କାମରେ ବିଳମ୍ବ ହେବ ନାହିଁ। କାଳେ କିରାଣି ବା ଅଫିସରଙ୍କ ବିରୋଧରେ ଅଭିଯୋଗ ହେବ, ସେଥିପାଇଁ ସେମାନେ ସତର୍କତା ଅବଲମ୍ବନ କରିବେ। ହେଲ୍‌ପ ଡେସ୍କର ବ୍ୟବସ୍ଥା କରି ମୂଳରୁ ସବୁ କାମ ନିର୍ଭୁଲ୍‌ଭାବେ କଲେ ବହୁ ପରିମାଣରେ ଦୁର୍ନୀତି କମିଯାଆନ୍ତା ଏବଂ ଲୋକେ ମଧ୍ୟ ଉପକୃତ ହୁଅନ୍ତେ।

**– ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କର୍ପୋରେଟର ଅମରେଶଙ୍କୁ ଫେରାର କରାଇବା ଅଭିଯୋଗରେ ୫ ସହଯୋଗୀ ଗିରଫ

ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ)

ବଳାତ୍କାର ମାମଲାରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନ ୪୫ ନଂ. ୱାର୍ଡର ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଉଆଁ ଛନ୍ଦି ହୋଇଥିବାବେଳେ ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଗିରଫଦାରି ଭୟରେ ଅମରେଶ ଫେରାର ହୋଇଯାଇଥିବା ଜଣାପଡ଼ିଛି। ତେବେ ତାଙ୍କୁ ଫେରାର କରାଇବା ଅଭିଯୋଗରେ ୫ଜଣ ସହଯୋଗୀଙ୍କୁ ଲକ୍ଷ୍ମୀସାଗର ପୋଲିସ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ଗଡ଼ ଥାନା ଅନ୍ତର୍ଗତ ଗୌତମ ନଗରର ବିବେକ କୁମାର ସ୍ୱାଇଁ (୨୯), ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ସନ୍ତୋଷୀ ବିହାରର ବିକ୍ରମ ମହାନ୍ତି (୪୨), ଚିନ୍ତାମଣିଶ୍ୱର ଅଞ୍ଚଳର ଦେବେନ୍ଦ୍ର କୁମାର ଭୋଳା, ଚିନ୍ତାମଣିଶ୍ୱରରେ

## ବଳାତ୍କାର ମାମଲା

ରହୁଥିବା ଜଗତ୍‌ସିଂହପୁରର ସୁମନ କୁମାର ସାହୁ (୨୭) ଓ ଲକ୍ଷ୍ମୀସାଗର ସବର ସାହିର ରାଜି ଦଳେଇ (୪୫)। ଅଭିଯୁକ୍ତଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତିଙ୍କ ନିକଟରେ ହାଜର କରାଯାଇଥିଲା। ପରେ ଅଭିଯୁକ୍ତମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୬୪(୨)(ଏମ୍), ୮୯, ୨୬୭, ୩୫୧(୨), ୬୧(୨), ୨୪୯, ୩(୫) ସହ ପୋକ୍ସୋ ଆକ୍ଟର ସେକ୍ସନ ୬ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ଅମରେଶଙ୍କୁ ଆଶ୍ରୟ ଦେବା ସହ ଗିରଫଦାରିରୁ ବଞ୍ଚାଇବା ପାଇଁ ଗାଡ଼ି ଯୋଗାଇ ଦେଇଥିବା ପୋଲିସ କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ଅମରେଶଙ୍କୁ ଗିରଫ କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଖୋଜାଖୋଜି ଚାଲିଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି।

ସୂଚନାଯୋଗ୍ୟ, ଅମରେଶ ଜଣେ ୧୯ବର୍ଷୀୟ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ବୁଧବାର ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଲକ୍ଷ୍ମୀସାଗର ଥାନା ଅମରେଶଙ୍କ ନାଁରେ ମାମଲା ରୁଜୁ କରିଥିଲା। ପୀଡ଼ିତା ନାବାଳିକା ଥିବା ସମୟରୁ ଅମରେଶ ତାଙ୍କ ସହ ପ୍ରତାରଣା କରି ଅମାନୁଷିକ କାଣ୍ଡ ଘଟାଇଥିବା ଏତଲାରେ ଦର୍ଶାଇଥିଲେ। ଏପରିକି ଅମରେଶ ପୀଡ଼ିତାଙ୍କ ଗର୍ଭପାତ କରାଇ ତାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିବା ସହ ଭୁବନେଶ୍ୱର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ ଅଭିଯୋଗ ହୋଇଛି।

## ନ୍ୟାୟ ଦିଅ, ନଚେତ୍ କ୍ୟାଣ୍ଡେଲ ଜାଳିବ ନାହିଁ

### ଭିଡିଓ ଜାରି କରି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କଲେ ପୀଡ଼ିତା



ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ)- ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନ ୪୫ ନଂ. ୱାର୍ଡର ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଉଆଁଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ପୀଡ଼ିତାଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ସେ କିପରି ପୋଲିସର ଧମକ ଏବଂ ମାମଲା ପ୍ରତ୍ୟାହାର ପାଇଁ ଚାପର ଶିକାର ହେଉଛନ୍ତି, ତାହା ଦର୍ଶାଇଛନ୍ତି। ପୋଲିସ ଅମରେଶଙ୍କୁ ଗିରଫ କରିବା ପରିବର୍ତ୍ତେ ତାଙ୍କୁ କମ୍ପ୍ରୋମାଇଜ୍ କରିବା ପାଇଁ କହୁଛି ନହେଲେ ମିଥ୍ୟା ମାମଲାରେ ତାଙ୍କୁ ଏବଂ ତାଙ୍କ ପରିବାରକୁ ଛନ୍ଦି ଦେବା ପାଇଁ ଧମକାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୀଡ଼ିତା ନ୍ୟାୟ ମାଗିଛନ୍ତି। ସେ ମଧ୍ୟ ସୌମ୍ୟାଶ୍ରୀଙ୍କ ପରି କାଲି ନ ରହିପାରନ୍ତି ବୋଲି କହିବା ସହ ସେ ଗଲାପରେ ତାଙ୍କ ଉଦ୍ଦେଶ୍ୟରେ କେହି କ୍ୟାଣ୍ଡେଲ୍ ନ ଜଳାନ୍ତୁ ବୋଲି ପୀଡ଼ିତା ଭିଡିଓରେ ନିବେଦନ କରିଛନ୍ତି।

# ବାପା ହେଲ୍‌ଥ କାର୍ଡ ନ ଦେବାରୁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ)

ବାପା ହେଲ୍‌ଥ କାର୍ଡ ନ ଦେବାରୁ ଉପଯୁକ୍ତ ଚିକିତ୍ସା ନ ପାଇ ନବଜାତ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ରାଜଧାନୀରେ ଘଟିଥିବା ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଆଲୋଚନା ସୃଷ୍ଟି ହୋଇଛି। ଏନେଇ ଶିଶୁପୁତ୍ରର ଜେଜେମା' କବିତା ନାୟକ ଖଣ୍ଡଗିରି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଓ ପୋଲିସ ସୂଚନା ଅନୁଯାୟୀ, ନୟାଗଡ଼ ଜିଲା କିଆଝରର ଗଙ୍ଗାଧର ନାଏକ ଡୁମୁଡୁମା ଅଞ୍ଚଳରେ ପରିବାର ସହ ରୁହନ୍ତି। ଗତବର୍ଷ ସେ ସ୍ନେହା ନାଏକଙ୍କୁ ପ୍ରେମ ବିବାହ କରିଥିଲେ। ପରେ ଗଙ୍ଗାଧର ଓ ପରିବାର ସଦସ୍ୟ ଯୌତୁକ ଦାବିକରି ସ୍ନେହାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏହା ଭିତରେ ସ୍ନେହା ଗର୍ଭବତୀ ହୋଇଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସ୍ନେହା ଗର୍ଭବତୀ ଅବସ୍ଥାରେ ବାପ ଘରକୁ ଚାଲି ଯାଇଥିଲେ। ତେବେ ପ୍ରସବ ସମୟରେ ସ୍ୱାସ୍ଥ୍ୟବୀମା କାର୍ଡ ଆବଶ୍ୟକ ଥିବାରୁ ସ୍ନେହା ଏଥିପାଇଁ ସ୍ୱାମୀଙ୍କୁ ନେହୁରା

### ଖଣ୍ଡଗିରି ଥାନାରେ ଜେଜେମା' ଦେଲେ ଏତଲା

ହୋଇଥିଲେ। ତେବେ ୫ଦିନ ତଳେ ଗର୍ଭ ଯନ୍ତ୍ରଣା ଅସହ୍ୟ ହେବାରୁ ସ୍ନେହା ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ସ୍ନେହା ତାଙ୍କ ସ୍ୱାମୀଙ୍କୁ ଡାକ୍ତରଖାନା ଆସିବାକୁ କହିଥିଲେ। ତାଙ୍କ ମାଆ ମଧ୍ୟ ଜ୍ୱାଇଁଙ୍କୁ ଡାକି ସ୍ୱାସ୍ଥ୍ୟ ବୀମା କାର୍ଡ ଦେବା ପାଇଁ କାକୁତିମିନତି ହୋଇ କହିଥିଲେ। ହେଲେ ଗଙ୍ଗାଧର ସ୍ୱାସ୍ଥ୍ୟ ବୀମା କାର୍ଡ ଦେଇ ନ ଥିଲେ। ଆବଶ୍ୟକ ସମୟ ପୂର୍ବରୁ ନବଜାତ ଶିଶୁଟି ଜନ୍ମ ହୋଇଥିବାରୁ ଉନ୍ନତ ଚିକିତ୍ସାର ଆବଶ୍ୟକତା ଥିଲା। ହେଲେ ଅର୍ଥାଭାବରୁ ତାହା ସମ୍ଭବ ହୋଇ ନ ଥିଲା। ଚିକିତ୍ସାଧୀନ ଅବସ୍ଥାରେ ୪ଦିନ ତଳେ ନବଜାତ ଶିଶୁପୁତ୍ରର ମୃତ୍ୟୁ ହୋଇଯାଇଥିଲା। ଏନେଇ ଶୁକ୍ରବାର କବିତା ଥାନାରେ ଗଙ୍ଗାଧରଙ୍କ ବିରୋଧରେ ଯୌତୁକ ନିର୍ଯାତନା ଓ ଅବହେଳା ଆଦି ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ ବୀମା କାର୍ଡ ଥିଲେ ଶିଶୁଟି ଉପଯୁକ୍ତ ଚିକିତ୍ସା ପାଇ ବଞ୍ଚିଯାଇ ପାରିଥାନ୍ତା ବୋଲି ସ୍ନେହା ମଧ୍ୟ ଅଭିଯୋଗ କରିଛନ୍ତି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି।

# ଯୁବକ, ଯୁବତୀଙ୍କ ଉନ୍ମତ୍ତକାଣ୍ଡ

ତ୍ରିଶୂଳିଆ, ୨୬।୭
(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ନରାଜ ବ୍ରିଜ୍‌ରେ ଶନିବାର ଯୁବକ ଓ ଯୁବତୀଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଏନେଇ ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ଭୋର ସମୟରେ ଏକ କାର୍ ଯୋଗେ ଦୁଇ ପୁଅ ଓ ଦୁଇ ଝିଅ ନରାଜବ୍ରିଜ ନିକଟକୁ ଆସିଥିଲେ। କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଚଷମା ଓ ମୋବାଇଲ ଫିଙ୍ଗାକୁ ନେଇ ଜଣେ ଝିଅକୁ ଛାଡ଼ି ଅନ୍ୟ ୩ଜଣ(ଦୁଇ ପୁଅ ଓ ଜଣେ ଝିଅ) କାର୍‌ରେ ଫେରାର ହୋଇଯିବାକୁ ଚେଷ୍ଟା କରୁଥିବାବେଳେ ଝିଅଟି କାର୍ ଡୋରକୁ ଧରି ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଯୁବକ ଜଣକ ଚଳନ୍ତା କାର୍‌ରେ ଯୁବତୀଙ୍କୁ କିଛି ବାଟ ଘୋଷାଡ଼ି ନେଇଯାଇଥିଲେ। ଫଳରେ ଝିଅଟି ଛିଟିକି ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ଗୋଡ଼ିସାହି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଦୁଇ ପୁଅ ଓ ଆହତ ଝିଅଙ୍କୁ ଫାଣ୍ଡିରେ ଅଟକ ରଖି ତଦନ୍ତ ଜାରି ରଖିଥିବାବେଳେ ଅନ୍ୟ ଝିଅ ଜଣଙ୍କ ଫେରାର ହୋଇଯାଇଛନ୍ତି।



ନୃତ୍ୟନୀଳୟ ଏବଂ ନୃତାଙ୍କିତା ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଷଷ୍ଠ ସମର୍ପଣ ସମାରୋହରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ପୁସ୍ତକ 'ସ୍ନାନମଣ୍ଡପରୁ ନୀଳାଦ୍ରିବିଜେ' ଉନ୍ମୋଚିତ

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି): ଚକ୍ରତୀର୍ଥ ରୋଡ଼ସ୍ଥିତ ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାଗୃହରେ ପ୍ରିୟପତ୍ର ଏବଂ ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ମିଳିତ ଆୟୋଜନରେ ବିଜୟଲକ୍ଷ୍ମୀ ଦାଶ ମିଶ୍ରଙ୍କ ରଚିତ 'ସ୍ନାନମଣ୍ଡପରୁ ନୀଳାଦ୍ରିବିଜେ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡ. ଭାସ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଡ. ପ୍ରମୋଦ ଦଳାଇ ଏବଂ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ଡ. ହେମନ୍ତ କୁମାର ଛୋଟରାୟ, ପ୍ରସନ୍ନ ମିଶ୍ର, ବିଜୟ କୁମାର ପଣ୍ଡାପ୍ରମୁଖ ଯୋଗଦେଇ ଲେଖିକାଙ୍କୁ ପ୍ରଶଂସା କରିଥିଲେ।


**ସର୍ବସାଧାରଣ ବିଜ୍ଞପ୍ତି**

ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟ
**(ପିଏଫ୍ ଟ୍ରଷ୍ଟ କୋଡ୍ ନଂ. ଏମ୍‌ଆର୍‌ଏନ୍‌ଓଆଇ୦୦୧୧୪୭୬) ଆର୍‌ପିଏଫ୍‌ସି, ନଏଡାକୁ ସ୍ଥାନାନ୍ତର**

ଏହି ସ୍ମାରକପତ୍ର ଦ୍ୱାରା ଏଚ୍‌ସିଏଲ ଇନ୍‌ଫୋସିଷ୍ଟମ୍ ଲିଃ ଏବଂ ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟ (କୋଡ୍ ଏମ୍‌ଆର୍‌ଏନ୍‌ଓଆଇ୦୦୧୧୪୭୬) ଅଧୀନରେ ଅନ୍ତର୍ଭୁକ୍ତ ତାହାର ଅଧୀନସ୍ଥ କମ୍ପାନୀ ତଥା ସହଯୋଗୀ କମ୍ପାନୀର ସକ୍ରିୟ/ପୂର୍ବତନ କର୍ମଚାରୀଙ୍କୁ ସୂଚିତ କରାଯାଉଛି ଯେ ଉକ୍ତ ଛାଡ଼ପ୍ରାପ୍ତ ଟ୍ରଷ୍ଟକୁ ସଭ୍ୟ ପାଣ୍ଠି ସମେତ ଆଞ୍ଚଳିକ ଭବିଷ୍ୟନିଧି ଆୟୁକ୍ତ, ଆର୍‌ପିଏଫ୍‌ସି, ନଏଡା, ଏ-୨ସି, ସେକ୍ଟର-୨୪, ନଏଡା (ଉତ୍ତରପ୍ରଦେଶ)ଙ୍କ ନିକଟରେ ୩୧ ଜୁଲାଇ, ୨୦୨୨ଠାରୁ ସମର୍ପଣ କରିଦିଆଯାଇଛି, ଯାହା ଆମର ପୂର୍ବବର୍ତ୍ତୀ ଯୋଗାଯୋଗରେ ଦର୍ଶାଯାଇଥିଲା। ଉକ୍ତ ଯୋଗାଯୋଗ ରେକର୍ଡରେ ଉପଲବ୍ଧ ଶେଷ ଜ୍ଞାତ ଠିକଣାକୁ ପଠାଯାଇଥିଲା। ଉକ୍ତ ସମର୍ପଣ ପରେ ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟରୁ ଜମା ଭବିଷ୍ୟନିଧି (ପିଏଫ୍) ଉଠାଣ କିମ୍ବା ସ୍ଥାନାନ୍ତର କରି ନ ଥିବା ସଭ୍ୟମାନେ ତୁରନ୍ତ ସ୍ଥାନାନ୍ତର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ପାଇଁ ନିମ୍ନଲିଖିତ ଇମେଲ୍ ଆଇଡିରେ ଯୋଗାଯୋଗ କରିବା ଏବଂ ସେମାନଙ୍କର ଭବିଷ୍ୟନିଧି ଖାତାକୁ ତୁଟାଇବା କିମ୍ବା ସ୍ଥାନାନ୍ତର କରିବା ଲାଗି ଇପିଏଫ୍‌ଓ ସହ ଯୋଗାଯୋଗ କରିବା ଆବଶ୍ୟକ।

କୌଣସି ସ୍ପଷ୍ଟୀକରଣ/ସହାୟତା ପାଇଁ ଆପଣ ନିଜର କର୍ମଚାରୀ କୋଡ୍ ସହ ଇମେଲ୍ ଆଇଡି
pfsupport@hclinfosystems.com
ମାଧ୍ୟମରେ ସମ୍ପର୍କ କରିପାରିବେ।



**ସର୍ବସାଧାରଣଙ୍କ ପାଇଁ ସୂଚନା**

**ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ**

ବୈଦ୍ୟୁତିକ ବିଭାଗ ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ଼ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଛି କି ପ୍ଲାଣ୍ଟ ୟାର୍ଡ ପରିସରରେ ପୂର୍ବତଟ ରେଳବାଇ ଖୋର୍ଦ୍ଧା ରୋଡ଼ ଡିଭିଜନ ଅଧୀନ 25000 ଭୋଲ୍ଟ ଓ 50 ହାଇ ଜୋନ ଏସି ଓଭର ହେଡ ଟ୍ରାକ୍ସନ ଓ୍ୱାର ଶକ୍ତି ସଞ୍ଚାର ଆସନ୍ତା 30/07/2025 ରିଖରେ କରାଯିବ। ଏହି ପରିସରରେ ଥିବା ଲାଇନ ବ୍ୟବହାର କରୁଥିବା ଏବଂ ଆଇନଗତ ଅଧିକାର ନ ଥିବା ବ୍ୟକ୍ତିମାନେ ଏଠାକୁ ନ ଆସିବା ପାଇଁ ସତର୍କ କରାଇଦିଆଯାଉଛି। ଘଣ୍ଟିଖାଲ ନିଧିପୁର ଷ୍ଟେସନ ଖୋର୍ଦ୍ଧା ରୋଡ଼ ଡିଭିଜନ।

**ପ୍ରକଳ୍ପ ମୁଖ୍ୟ**
**ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ**


## ମୋବାଇଲ ଦେଖିବା ପରେ ଝୁଲିପଡ଼ିଲେ ୧୨ବର୍ଷର ବାଳକ

ପୁରୁଣା ଭୁବନେଶ୍ୱର,୨୬।୭
(ସୁବାସ ପ୍ରଧାନ)

ମୋବାଇଲରେ ହରର ଫିଲ୍ମ ଦେଖିବା ଏବଂ ଭୂତ ହେଲେ ସମସ୍ତଙ୍କୁ ମାରିପାରିବା ଭଳି ମାନସିକତାରେ ବଶବର୍ତ୍ତୀ ହୋଇ ଜଣେ ୧୨ବର୍ଷୀୟ ବାଳକଙ୍କ ଜୀବନ ଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାଜଧାନୀ ଉପକଣ୍ଠ ପିପିଲି ଥାନା ଅଧୀନ କାକୁଡ଼ି କୋସାଙ୍ଗ ଗ୍ରାମରେ। ପୋଲିସ ଉପସ୍ଥିତିରେ କାହ୍ନା ପାତ୍ରଙ୍କ ମୃତଦେହ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

ମିଳିଥିବା ଖବର ମୁତାବକ ଢେଙ୍କାନାଳ ଜିଲା ପୁରୁଣା ଅମାଙ୍ଗ କଲୁନିଗୋଡ଼ା ଅଞ୍ଚଳର କାହ୍ନାଙ୍କୁ ତାଙ୍କ ମା' ମମତା ପାତ୍ର ଗତ ୮ମାସ ହେବ ଜଣେ ବ୍ୟକ୍ତିଙ୍କ ଘରେ ଛାଡ଼ି ପାହାଲରେ ରହୁଛନ୍ତି। ଶନିବାର କାହ୍ନା ରହୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଅନ୍ୟ ପିଲାଙ୍କ ଠାରୁ ମୋବାଇଲ ନେଇ ହରର ଫିଲ୍ମ ଦେଖିଥିଲେ। ପରେ ସେ ଭୂତ ହେଲେ ସମସ୍ତଙ୍କୁ କ'ଣ ମାରିପାରିବି ବୋଲି ପଚାରି ଥିଲେ। ଏହାପରେ ସେ ଏକ ରସିରେ ଆଜ୍‌ବେଷ୍ଟସ ବଲ୍ଲାରେ ଝୁଲିପଡ଼ିଥିଲେ। ଏହା ଦେଖି ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଥିବା କୌଶଲ୍ୟା ଗଙ୍ଗ ଫାଣ୍ଡି ଇନ୍‌ଚାର୍ଜ ସନ୍ଦୀପ ସାହୁ କହିଛନ୍ତି।

## ଜାତୀୟ ଅଭିଭାବକ ଦିବସ

### ଜୀବନରେ ଯାହାଙ୍କର ଥାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା



ପ୍ରତିବର୍ଷ ଜୁଲାଇ ମାସର ଚତୁର୍ଥ ରବିବାରରେ ପାଳିତ ହୋଇଥାଏ ଜାତୀୟ ଅଭିଭାବକ ଦିବସ। ପିଲାମାନଙ୍କୁ ଲାଳନପାଳନ ଏବଂ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି ଅଭିଭାବକ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ କ୍ଲିଣ୍ଟନଙ୍କ ଦ୍ୱାରା ୧୯୯୪ରେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ଏହି ଦିବସଟି ଭାବପ୍ରବଣ ବିକାଶ, ମୂଲ୍ୟବୋଧ ଏବଂ ନୈତିକତାରେ ମାତାପିତାଙ୍କ ଅବଦାନକୁ ସ୍ୱୀକୃତି ଦିଏ। ମାତୃ ଦିବସ ଏବଂ ଅଭିଭାବକ ଦିବସ ବ୍ୟକ୍ତିଗତ ମାତାପିତାଙ୍କ ଉପରେ କେନ୍ଦ୍ରିତ କରୁଥିବା ବେଳେ, ଜାତୀୟ ଅଭିଭାବକ ଦିବସ ମାତାପିତାଙ୍କ ସହଭାଗୀତା ଏବଂ ସହଭାଗୀ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରେ।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांक:–                                   दिनांक–

**आवश्यक सूचना**

एतद् द्वारा सूचित किया जाता है कि इस कार्यालय द्वारा ई–निविदा संख्या–23/2025-26/RWD/EE/RANCHI, PR No. 357666 REO(25-26).D द्वारा दैनिक समाचार पत्र में प्रकाशित हुआ था। जिसे अपरिहार्य कारणवश स्थागित किया जाता है। पुनः निविदा शीघ्र आमंत्रित की जाएगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR 358311 REO(25-26)#D


## ରିସେପ୍ସନିଷ୍ଟଙ୍କୁ ଛୁରି ଭୁଷି ହତ୍ୟା ମାମଲା

# ହତ୍ୟାକାରୀଙ୍କୁ ୧୦ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ)- ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀର ଏକ ଅଫିସ୍‌ରେ ରିସେପ୍ସନିଷ୍ଟ ମୀରା ଓରଫ ବୈଜୟନ୍ତୀ ସାହୁଙ୍କୁ ଛୁରି ଭୁଷି ହତ୍ୟା ମାମଲାରେ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଦୌରା ଜଜ୍‌ଙ୍କ ଅଦାଲତ ଶନିବାର ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ଥିବା କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଅରଗଳ ଶାସନ ଗ୍ରାମର ରମେଶ ବାରିକ (୪୨)ଙ୍କୁ ବିଚାରପତି ବିରଞ୍ଚି ନାରାୟଣ ମହାନ୍ତି ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ବର୍ଷ ଜେଲଦଣ୍ଡ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଜିଜିପି କଲୋନୀସ୍ଥିତ ବାବା ନାଗାମଣି ଅଗ୍ନିଶମ ସୁରକ୍ଷା ସେବା ଅଫିସ୍‌ର ସୁରକ୍ଷାକର୍ମୀ ଭାବରେ ରମେଶ କାର୍ଯ୍ୟ କରୁଥିଲେ। ଏହି ଅଫିସରେ ପୂର୍ବରୁ ରିସେପ୍ସନିଷ୍ଟ ଥିବା ସ୍ୱପ୍ନା ସାମଲଙ୍କ ସହ ତାଙ୍କର ଋଣ ଟଙ୍କା ପରିଶୋଧକୁ ନେଇ ବିବାଦ ହୋଇଥିଲା। ଫଳରେ ଉଭୟଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଉଭୟେ ୨୦୨୩ ମେ'ରେ ଚାକିରି ଛାଡିଦେଇଥିଲେ। ସେହିବର୍ଷ ଜୁନ୍ ୬ରେ ମୀରା ଉକ୍ତ ଅଫିସରେ ଯୋଗଦେଇଥିଲେ। ହେଲେ ସ୍ୱପ୍ନା ପୁଣି ଚାକିରିରେ ଯୋଗଦେଇଥିବା ନେଇ ରମେଶ ଭୁଲ୍ ଖବର ପାଇଥିଲେ। ଜୁନ ୨୦ ସକାଳ ପ୍ରାୟ ୧୦ଟା ବେଳେ ମୀରା ସେଠାରେ ଡ୍ୟୁଟିରେ ଥିବାବେଳେ ରମେଶ ଏକ ବ୍ୟାଗରେ ଛୁରି ନେଇ ଅଫିସରେ ପଶିଥିଲେ। ସେ ସ୍ୱପ୍ନାଙ୍କୁ ଖୋଜିଥିଲେ। ଏହି ସମୟରେ ସେଠାରେ ରିସେପ୍ସନିଷ୍ଟ ଥିବା ମୀରାଙ୍କ ସହ ତାଙ୍କର କଥା କଟାକଟି ଓ ଯୁକ୍ତିତର୍କ ହୋଇଥିଲା। ରମେଶ ଉତ୍ତକ୍ଷିପ୍ତ ହୋଇ ମୀରାଙ୍କୁ ଛୁରି ଭୁଷି ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଜୁନ ୨୨ରେ ମୀରାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅଫିସ ମାଲିକ ଶିବ ପ୍ରସାଦ ସାହୁ ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୬୨/୨୦୨୩) ରୁଜୁ କରି ଅଭିଯୁକ୍ତ ରମେଶଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରସିକ୍ୟୁଟର ଏସ୍. ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ଟିଟିଏସ୍ ହଟାଇବା ଦାବିରେ ମୌନ ପ୍ରତିବାଦ




ଭୁବନେଶ୍ୱର, ୨୬।୭ (ବନ୍ଦନା ସେଠୀ)

ସୈନିକ ସ୍କୁଲ ନିକଟସ୍ଥ ଅସ୍ଥାୟୀ ଡମ୍ପିଂୟାର୍ଡ (ଟିଟିଏସ୍)ଠାରେ ଦୀର୍ଘ ୧୮ବର୍ଷ ଧରି ବେଆଇନ ଭାବେ ଅଳିଆ ଗଦାଇ ଲକ୍ଷ ଲକ୍ଷ ଲୋକଙ୍କୁ ଦୁର୍ଗନ୍ଧ ଓ ଦୁରାରୋଗ୍ୟ ବ୍ୟାଧିରେ ବିଏମ୍‌ସି ହନ୍ତସନ୍ତ କରୁଛି। ଏନେଇ ବହୁବାର ଅଭିଯୋଗ ଏବଂ ଟିଟିଏସ୍ ହଟାଇବା ପାଇଁ ଦାବି ହେଉଥିଲେ ମଧ୍ୟ ବିଏମ୍‌ସି ଏଥିପ୍ରତି ଧ୍ୟାନ ଦେଉନାହିଁ। ତେଣୁ ଏହାର ପ୍ରତିବାଦରେ ଶନିବାର ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆଗଦା ହଟାଅ ଅଭିଯାନ ପକ୍ଷରୁ ସ୍କୁଲର ପ୍ରବେଶ ଦ୍ୱାର ସମ୍ମୁଖରେ ମୁହଁରେ କଳାପଟି ବାନ୍ଧି ମୌନ ପ୍ରତିବାଦ କରାଯାଇଛି। ଅଭିଯାନର ଆବାହକ ଭିକ୍ଷାକାରୀ ତ୍ରିପାଠୀ କହିଛନ୍ତି, ବିନା ପରିବେଶ ମଞ୍ଜୁରୀ, ଆବର୍ଜନା ନିରାପଦ ପରିଚାଳନା ନିୟମ ତଥା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିନା ଅନୁମୋଦନରେ ଗତ ୧୮ବର୍ଷ ହେଲା ଟିଟିଏସ୍‌ରେ ଅଳିଆ ପକାଯାଉଛି। ଏହି ପ୍ରସଙ୍ଗରେ ଏକ ଜନସ୍ୱାର୍ଥ ମାମଲା ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରାଜ୍ୟ ସରକାର, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଖୋର୍ଦ୍ଧା ଜିଲାପାଳ ଓ ଭୁବନେଶ୍ୱର ମହାନଗର ନିଗମକୁ ଆଫିଡେଭିଡ୍ ମାଧ୍ୟମରେ ଜବାବ ମାଗିଛନ୍ତି। ଭୁବନେଶ୍ୱର ଉନ୍ନୟନ ପରିଷଦ ତରଫରୁ ଏହାର ସଭାପତି ବାସୁଦେବ ଭଟ୍ଟଙ୍କ ଦ୍ୱାରା ଆଗତ ଏହି ମାମଲାରେ ଉତ୍ତର ପାଇଁ ଆସନ୍ତା ଅଗଷ୍ଟ ୪ ସୁଦ୍ଧା ସମୟ ଧାର୍ଯ୍ୟ କରିଛନ୍ତି । ମାମଲାରେ କେନ୍ଦ୍ର ପ୍ରଦୂଷଣ ବୋର୍ଡ ଓ ସୈନିକ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ପକ୍ଷଭୁକ୍ତ ଅଛନ୍ତି। ଅଳିଆଗଦା ଯୋଗୁ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ହେବା ସହ ଏହା ଆଖପାଖରେ ରହୁଥିବା ବାସିନ୍ଦାଙ୍କ ସ୍ୱାସ୍ଥ୍ୟହାନି ହେଉଛି। ଆଗକୁ ଲଢ଼େଇ ଆହୁରି ଜୋର୍‌ଦାର ହେବ ବୋଲି ଅଭିଯାନ ପକ୍ଷରୁ ଚେତାବନୀ ଦିଆଯାଇଛି। ଆନ୍ଦୋଳନରେ ଅଭିଯାନର ବରିଷ୍ଠ ସଦସ୍ୟ ବାସୁଦେବ ଭଟ୍ଟ, ଅଶୋକ ପାଇକରାୟ, ପ୍ରସନ୍ନ ବିଷୋୟୀ, ଚିନ୍ତାମଣି ବାରିକ, ନିରୁପମା ପାତ୍ର, ଶଙ୍କର୍ଷଣ ବାରିକ, ଦିଲୀପ ଦାଶଶର୍ମା, ଶୀତଳ ଚନ୍ଦ୍ର ମହାନ୍ତି, ଶଶିଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ଆବଶ୍ୟକ କରୁଥିବା ଇସ୍ତାହାର**

**ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୮୨ ସିଆର୍.ପି.ସି./୮୪ ଦେଖନ୍ତୁ**

ଯେହେତୁ, ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ **ଅକ୍ରମ୍ ଖାନ୍, ପିତା:** ଶେଠ୍ ଖାନ୍, **ବାସିନ୍ଦା:** ଗ୍ରାମ- ବ୍ରଗାମ, **ଥାନା**- ତେନ୍ତୁଳିଖୁଣ୍ଟି, **ଜିଲ୍ଲା**-ନବରଙ୍ଗପୁର, ଓଡ଼ିଶା **ଏନଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀ** ଅଧୀନସ୍ଥ ମାମଲାରେ ଅପରାଧ ଘଟାଇଛନ୍ତି (କିମ୍ବା ଘଟାଇଥିବାର ସନ୍ଦେହ କରାଯାଉଛି) ଏବଂ ସେ ବାବଦରେ ଜାରି କରାଯାଇଥିବା ଗିରଫ ପରୱାନାକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍**ଙ୍କର ସନ୍ଧାନ ମିଳୁନାହିଁ ଏବଂ ମୋ ସନ୍ତୁଷ୍ଟିରୂପେ ଏହା ଦର୍ଶାଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଫେରାର୍ ହୋଇଯାଇଛନ୍ତି (ଅଥବା ଉକ୍ତ ପରୱାନାକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି)।

ଏତଦ୍ୱାରା ଇସ୍ତାହାର ଦିଆଯାଉଅଛି କି, **ଏନ୍‌ଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ମାମଲା ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀର** ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଜଣେ ଅଭିଯୁକ୍ତ ଅଟନ୍ତି ଏବଂ ଉକ୍ତ ଅଭିଯୋଗର ଉତ୍ତର ଦେବା ପାଇଁ **ତା୩୦.୦୮.୨୦୨୫ରିଖ** ସୁଦ୍ଧା ତାଙ୍କୁ କୋର୍ଟରେ ହାଜର ହେବା ଆବଶ୍ୟକ ହେଉଅଛି।

**ଆଦେଶକ୍ରମେ**
**କୁମାରୀ ମନୁ ଭେଦୱାନ**
ଅତିରିକ୍ତ ଦୌରା ଜଜ୍-୦୨, ସ୍ପେଶାଲ ଜଜ୍ (ଏନ୍‌ଡିପିଏସ୍ ଅଧିନିୟମ)
ରୁମ୍ ନଂ. ୩୧୧, କଡ଼କଡ଼ଡୁମା ନ୍ୟାୟାଳୟ, ଦିଲ୍ଲୀ

DP/9774/ED/2025
(Court Matter)



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-19-2025, ତା.21.07.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ପଲାସା ମେନ୍ (Main) ଲାଇନ୍‌ରେ ଇଛାପୁରମ୍-ଝାଡୁପୁଡ଼ି ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.334 ପରିବର୍ତ୍ତେ ରେଲୱେ କି.ମି.633/5-7 ଠାରେ ରେଲୱେ ଅଂଶ ପାଇଁ ରୋଡ଼ ଓଭର ବ୍ରିଜ୍ (ROB) 1X36.0 ମିଟର କମ୍ପୋଜିଟ୍ ଗର୍ଡର+2X24.0 ମିଟର କମ୍ପୋଜିଟ୍ ଗର୍ଡର+4X18.75 ମିଟର T- ବିମ୍ ଗର୍ଡର (ବ୍ରିଜ୍ ପ୍ରପର) ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 5782 ଲକ୍ଷ, EMD (ଟଙ୍କାରେ) : 30,41,200/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.08.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ/ଆରଏସ୍‌ପି/ଭୁବନେଶ୍ୱର

PR-67/CI/25-26



Govt. of Jharkhand
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department,
Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

**e-Procurement very Short Notice**

e-Tender Reference No .- RCD/FSD /AP/ RAN/**07**/25-26 Dated **24.07.2025**

| | | |
|---|---|---|
| 1- | Name of Work | Consultancy Services for Preparation of Detailed Project Report (DPR) for H.L. bridge over Harmu river between Hindpiri to Nayatoli road in Ranchi District in the state of Jharkhand including its approaches, Land acquisition proposal with ownership details, Resettlement and Rehabilitation proposal, forest diversion proposal if any, including clearance of all stages etc as required from Consultants empanelled in Category-II with the Road Construction Department, Government of Jharkhand vide letter no -3063(S) W.E dated 22 -08-2022 are allowed to bid. |
| 2- | Tentative Length | 75 m (Approx) |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 25,000/- (Rupees Twenty five Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no-120 dated 03.10.2023. |
| 5- | Date and Time of Publishing of Tender on official website | 28.07.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 05.08.2025, 12.30 PM |
| 7- | Date and Timing of Bid opening | 06.08.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi- 834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

**Executive Engineer, Field Survey Division, A.P**
**Road Construction Department, Ranchi**

PR 358295 (Road) 25-26_D

## ସଂକ୍ଷେପରେ

## ୨୨୦୫ ଲିଟର ଦେଶୀ ମଦ ଜବତ

### ୨୦ ହଜାର ଲିଟର ପୋଚ ନଷ୍ଟ

**ତିଗିରିଆ,୨୬।୭(ଜାଫର ଖାଁ):** ତିଗିରିଆ ଥାନା ଅନ୍ତର୍ଗତ ଭୀରୁଡ଼ା ପଞ୍ଚାୟତର ଭୀରୁଡ଼ା ଓ ପଣସପାଟଣାରେ ଶନିବାର ଅବକାରୀ ବିଭାଗ ୨୨୦୫ ଲିଟର ଦେଶୀ ମଦ ଓ ୨୦୯୬୫ ଲିଟର ଗୁଡ ପୋଚ ଜବତ କରିଛି। ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ଏବଂ ଆଠଗଡ ଅବକାରୀ ଉପଅଧୀକ୍ଷକ ସିଏଚ ତିରୁପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ଏନେଇ ଅବକାରୀ ବିଭାଗ ୬ଟି ମାମଲା ରୁଜୁ ହୋଇ ତଦନ୍ତ କରୁଥିବା ଜଣାପଡ଼ିଛି। ଭୀରୁଡ଼ା ଓ ପଣସପାଟଣାରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ସଦର ଅବକାରୀ ବିଭାଗ, ନରସିଂହପୁର ଅବକାରୀ ବିଭାଗ, ଜିଲା ମୋବାଇଲ ୟୁନିଟ୍ ଅବକାରୀ ବିଭାଗ ସହଯୋଗରେ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଅବସରରେ କାହାରିକୁ ଗିରଫ କରାଯାଇ ନାହିଁ। ଚଢ଼ାଉରେ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଉପନିରୀକ୍ଷକ ଅରୁଣ ଭୋଇ, ବାଙ୍କୀ ଅବକାରୀ ଉପନିରୀକ୍ଷକ ସୌମ୍ୟରଞ୍ଜନ ମାଝୀ, ଜିଲା ମୋବାଇଲ ୟୁନିଟ ଅବକାରୀ ଉପ ନିରୀକ୍ଷକ ଶେଫାଳି ସାହୁଙ୍କ ପ୍ରମୁଖ ଅବକାରୀ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସାଲେପୁର, ୨୬।୭(ଅରବିନ୍ଦ ଭୂୟାଁ):** ସାଲେପୁର ବ୍ଲକ ଅନ୍ତର୍ଗତ ରାମେଶ୍ୱର ଗ୍ରାମ ପଞ୍ଚାୟତର ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶାନ୍ତିଲତା ଦେଇଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ଶାନ୍ତିଲତା ଜଣେ ଉତ୍ତମ ଶିକ୍ଷୟିତ୍ରୀ ଭାବେ ଛାତ୍ରୀଛାତ୍ରଙ୍କ ଅତି ପ୍ରିୟ ଥିଲେ। ମୁଖ୍ୟ ଅତିଥି ଭାବେ ରାମେଶ୍ୱର ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ସମ୍ରାଟ କେଶରୀ ଲେଙ୍କା ଯୋଗଦେଇ କହିଥିଲେ। ମହେନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆର୍‌ସି ସୀତାକାନ୍ତ ରାଉତରାୟଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରୀଛାତ୍ର, ଅଭିଭାବକ

### ଶିକ୍ଷକ ବଦଳିକୁ ବିରୋଧ

**ବାଙ୍କୀ,୨୬।୭( ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନଙ୍କ ଅଦଳବଦଳକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ପ୍ରତିବାଦ ଜୋର ଧରିଛି। ଡମପଡା ବ୍ଲକ ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକଙ୍କୁ ଶନିବାର ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଇଛି। ଏହା ଜଣାପଡ଼ିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ସେମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ବିଜ୍ଞାନ ଶିକ୍ଷକଙ୍କୁ ଫେରାଇ ଆଣିବା ପାଇଁ ଦାବି କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ମଧ୍ୟ ବିଦ୍ୟାଳୟ ବାହାରେ ବସିରହିଥିଲେ।

ଜଣେ ଆଦର୍ଶ ଶିକ୍ଷକଙ୍କୁ ବିଦ୍ୟାଳୟରୁ କାହିଁକି ବଦଳି କରାଗଲା ବୋଲି ଛାତ୍ରୀଛାତ୍ରମାନେ ପ୍ରଶ୍ନ କରିଛନ୍ତି। ନାୟକଙ୍କୁ ପୁନର୍ବାର ବିଦ୍ୟାଳୟକୁ ନ ପଠାଯିବା ପର୍ଯ୍ୟନ୍ତ ସେଠାରେ ତାଲା ଝୁଲିବ ବୋଲି ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ସେହିପରି ଡମପଡା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଢଁସର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗଣିତ ଶିକ୍ଷକ ଦିଲୀପ କୁମାର ମହାପାତ୍ର ଓ ଇତିହାସ ଶିକ୍ଷକ ନନ୍ଦ କିଶୋର ସ୍ୱାଇଁଙ୍କୁ ହଠାତ୍ ବଦଳି କରାଯିବା ପରେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ବସି ଉଭୟ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଦାବି କରିଥିଲେ।

ଏ ସମ୍ପର୍କରେ ଡମପଡା ବ୍ଲକ ଶିକ୍ଷା ବିଭାଗ ଅଧିକାରୀ କାମରାଜ ସାହୁଙ୍କୁ ପଚାରିବାରେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ଚିଠି ଅନୁଯାୟୀ ବଦଳି କରାଯାଇଛି। ବିଦ୍ୟାଳୟରେ ତାଲା ପଡ଼ିବା ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଯାଇଛି। ସୋମବାର ଜିଲା ଶିକ୍ଷା ଅଧିକାରୀ ଡକାଇଛନ୍ତି। ବଦଳି ହୋଇଥିବା ଶିକ୍ଷକଙ୍କ ବଦଳିକୁ ବାତିଲ କରାଯିବ ବୋଲି ଡମପଡା ବ୍ଲକ ଶିକ୍ଷା ବିଭାଗ ଅଧିକାରୀ ସାହୁ ସୂଚନା ଦେଇଛନ୍ତି।



ବିଦ୍ୟାଳୟ ଆଗରେ ବସିଥିବା ଛାତ୍ରୀଛାତ୍ରମାନେ।

## ଆମ୍ବ ବଗିଚାରୁ ଅଜଗର ଛୁଆ ଉଦ୍ଧାର

**ତିଗିରିଆ,୨୬।୭(ଜାଫର ଖାଁ):** ତିଗିରିଆ ବନଖଣ୍ଡ ଅନ୍ତର୍ଗତ ବାଲିପୁଟ ଗ୍ରାମର ଗ୍ରାମ ସଂଲଗ୍ନ ବାରମାଣ ସଂରକ୍ଷିତ ଜଙ୍ଗଲରେ ଥିବା ଜଗନ୍ନାଥ ବଲ୍ଲଭ ଆମ୍ବ ବଗିଚାରୁ ଏକ ଅଜଗର ଛୁଆ ଉଦ୍ଧାର କରାଯାଇଛି। ସାପଟିକୁ ସ୍ଥାନୀୟ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ବନପାଳ ପ୍ରଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସ୍ଥାନୀୟ ଯୁବକମାନେ ଜଙ୍ଗଲ ଆଡେ ଯାଇଥିବା ସମୟରେ ପାର୍ଶ୍ୱରେ ଅବସ୍ଥିତ ଟମି ତୁଆ ନିକଟରେ ଅଜଗର ଛୁଆକୁ ଦେଖିଥିଲେ। ଏହାପରେ ଯୁବକମାନେ ସାପଟିକୁ ଉଦ୍ଧାର କରି ଏକ ପ୍ଲାଷ୍ଟିକ ଜାରରେ ନେଇ ସ୍ଥାନୀୟ ବନ ବିଭାଗ କାର୍ଯ୍ୟାଳୟରେ ଦେଇଥିଲେ। ପରେ ବନ ବିଭାଗ ଦ୍ୱାରା ସାପଟିକୁ ନିକଟରେ ଥିବା ନିଜିଗଡ଼ ସଂରକ୍ଷିତ ଜଙ୍ଗଲରେ ଛଡାଯାଇଛି।

## ଜ୍ଞାନ ବିଜ୍ଞାନ ମେଳା, ୯୩ ପ୍ରକଳ୍ପ ପ୍ରଦର୍ଶିତ

**ମାଣିଆବନ୍ଧ, ୨୬।୭ (ଅଖିଳ କୁମାର ସାହୁ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଶନିବାର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୩ଜଣ ପ୍ରତିଯୋଗୀ ଭାଗନେଇ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ୫ଟି ବିଭାଗରେ ବିଭକ୍ତ କରି ମୂଲ୍ୟାଙ୍କନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ପରିଷଦ କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଉପସଭାପତି ଉତ୍ସବ ଦେବତା, ସମ୍ପାଦକ ଶିବ ନାରାୟଣ ମିଶ୍ର, ଯୁଗ୍ମ ସମ୍ପାଦକ ପୀତବାସ କରଣ, ଉପଦେଷ୍ଟା ଭାବେ ପଦ୍ମନାଭ ମହାନ୍ତି, ବୈକୁଣ୍ଠ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଜ୍ଞାନ ବିଜ୍ଞାନମେଳା ହେଉଛି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଉତ୍ତମ ମାଧ୍ୟମ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ମିତାଶ୍ରୀ ମିଶ୍ର, ଶୁଭ୍ରଲିପି ପାଣିଗ୍ରାହୀ, ପ୍ରଭାତୀ ପଣ୍ଡା, ମାମା ପ୍ରଧାନ, ବୈଶାଳୀ ପରିଡା, ପ୍ରେମାନନ୍ଦ ପାଳ, ବିଶ୍ୱନାଥ ସାହୁ, ବିଦ୍ୟାଧର ବେହେରା ଓ ଗଣେଶ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଶିକ୍ଷା, ଆଧ୍ୟାତ୍ମିକତାର ସମ୍ମିଶ୍ରଣରେ ଜୀବନଜୀବିକା ସରସସୁନ୍ଦର ହୁଏ




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

### ବଡ଼ମ୍ବା ମୋହନ ସୁବୁଦ୍ଧି ବିଦ୍ୟାଳୟରେ ଆଲୋଚନାଚକ୍ର

**ବଡ଼ମ୍ବା, ୨୬।୭(ମାୟାଧର ମଲ୍ଲିକ):** ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜୀବନ ଓ ଜୀବିକା ଶିକ୍ଷା ସମ୍ପର୍କିତ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମୋହିତ କର ଏଥିରେ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଗୁଣବତ୍ତା ସହାୟତା ସଂସ୍ଥା ଓ ଶ୍ରୀ ସତ୍ୟସାଇ ସେବା ସଂସ୍ଥାନ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏହି ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା।

ମୁଖ୍ୟ ଅତିଥିଭାବେ ଶ୍ରୀ ସତ୍ୟସାଇ ସେବା ସଂସ୍ଥାନର କାର୍ଯ୍ୟନିର୍ବାହୀ ପ୍ରତାପ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ ଜିଲା ଯୁଗ୍ମ ଯୁବ ସଂଯୋଜକ ଡ. ଦେବସ୍ମିତା ଆସ ପ୍ରମୁଖ ଯୋଗଦେଇ ଶିକ୍ଷା ଓ ଆଧ୍ୟାତ୍ମିକତାର ସମ୍ମିଶ୍ରଣରେ ଜୀବନ ଓ ଜୀବିକା ସରସସୁନ୍ଦର ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ବିଭାଗ ମୁଖ୍ୟ ଡ଼. ସ୍ନେହଲତା ତ୍ରିପାଠୀ ଯୋଗଦେଇ ଶିକ୍ଷା ଓ ଶୃଙ୍ଖଳା ସଫଳତାର ଚାବିକାଠି ବୋଲି କହିଥିଲେ। ଆଭ୍ୟନ୍ତରୀଣ ଗୁଣବତ୍ତା ସହାୟତା ସଂସ୍ଥା ସଂଯୋଜକ ତଥା ରସାୟନ ବିଭାଗ ମୁଖ୍ୟ ଡ. ସୁବାସ ଚନ୍ଦ୍ର ଆସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ସରିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ସୁବାସିନୀ ସାହୁ ଆଦର୍ଶ ନୀତି ଛାତ୍ରୀଛାତ୍ରଙ୍କ ଏକମାତ୍ର ସାଧନା ହେବା ଆବଶ୍ୟକ ବୋଲି କହିଥିଲେ। ଆଲୋଚନାଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ଇତିହାସ ବିଭାଗର ଅଧ୍ୟାପକ ସୌମ୍ୟରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଗର ଉଦ୍ଧାର

**ବାରଙ୍ଗ,୨୬।୭(ଲିଙ୍ଗରାଜ ରାଉତ):** ବାରଙ୍ଗ ମଣ୍ଡଳୀ ପାଖ ନୂଆସାହି ଗାଁ ନିକଟରୁ ଶନିବାର ସନ୍ଧ୍ୟାରେ ଏକ ଅଜଗର ସାପକୁ ଉଦ୍ଧାର କରାଯାଇଛି। ସାପଟିର ଲମ୍ବ ପ୍ରାୟ ୧୫ଫୁଟ ହେବ ବୋଲି ଜଣାପଡିଛି। ସନ୍ଧ୍ୟାରେ ସାପଟି ରାସ୍ତା ପାର ହେବା ସମୟରେ ସ୍ଥାନୀୟ ଯୁବକ ଦେଖିଥିଲେ। ଏହାପରେ ଯୁବକମାନେ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସ୍ନେକ ହେଲ୍ପ ଲାଇନ ପହଞ୍ଚି ସାପଟିକୁ ଉଦ୍ଧାର କରି ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡିଛନ୍ତି।


**ସର୍ବସାଧାରଣ ବିଜ୍ଞପ୍ତି**

ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟ **(ପିଏଫ୍ ଟ୍ରଷ୍ଟ କୋଡ୍ ନଂ. ଏମ୍‌ଆର୍‌ଏନ୍‌ଓଆଇ୦୦୧୧୪୭୬) ଆର୍‌ପିଏଫ୍‌ସି, ନଏଡାକୁ ସ୍ଥାନାନ୍ତର**

ଏହି ସ୍ମାରକପତ୍ର ଦ୍ୱାରା ଏଚ୍‌ସିଏଲ୍ ଇନ୍‌ଫୋସିଷ୍ଟମ୍ ଲିଃ ଏବଂ ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟ (କୋଡ୍ ଏମ୍‌ଆର୍‌ଏନ୍‌ଓଆଇ୦୦୧୧୪୭୬) ଅଧୀନରେ ଅନ୍ତର୍ଭୁକ୍ତ ତାହାର ଅଧୀନସ୍ଥ କମ୍ପାନୀ ତଥା ସହଯୋଗୀ କମ୍ପାନୀର ସକ୍ରିୟ/ପୂର୍ବତନ କର୍ମଚାରୀଙ୍କୁ ସୂଚିତ କରାଯାଉଛି ଯେ ଉକ୍ତ ଛାଡ଼ପ୍ରାପ୍ତ ଟ୍ରଷ୍ଟକୁ ସଭ୍ୟ ପାଣ୍ଠି ସମେତ ଆଞ୍ଚଳିକ ଭବିଷ୍ୟନିଧି ଆୟୁକ୍ତ, ଆର୍‌ପିଏଫ୍‌ସି, ନଏଡା, ଏ-୨ସି, ସେକ୍ଟର-୨୪, ନଏଡା (ଉତ୍ତରପ୍ରଦେଶ)ଙ୍କ ନିକଟରେ ୩୧ ଜୁଲାଇ, ୨୦୨୨ଠାରୁ ସମର୍ପଣ କରିଦିଆଯାଇଛି, ଯାହା ଆମର ପୂର୍ବବର୍ତ୍ତୀ ଯୋଗାଯୋଗରେ ଦର୍ଶାଯାଇଥିଲା। ଉକ୍ତ ଯୋଗାଯୋଗ ରେକର୍ଡରେ ଉପଲବ୍ଧ ଶେଷ ଜ୍ଞାତ ଠିକଣାକୁ ପଠାଯାଇଥିଲା। ଉକ୍ତ ସମର୍ପଣ ପରେ ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟରୁ ଜମା ଭବିଷ୍ୟନିଧି (ପିଏଫ୍) ଉଠାଣ କିମ୍ବା ସ୍ଥାନାନ୍ତର କରି ନ ଥିବା ସଭ୍ୟମାନେ ତୁରନ୍ତ ସ୍ଥାନାନ୍ତର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ପାଇଁ ନିମ୍ନଲିଖିତ ଇମେଲ୍ ଆଇଡିରେ ଯୋଗାଯୋଗ କରିବା ଏବଂ ସେମାନଙ୍କର ଭବିଷ୍ୟନିଧି ଖାତାକୁ ତୁଟାଇବା କିମ୍ବା ସ୍ଥାନାନ୍ତର କରିବା ଲାଗି ଇପିଏଫ୍‌ଓ ସହ ଯୋଗାଯୋଗ କରିବା ଆବଶ୍ୟକ।

କୌଣସି ସ୍ପଷ୍ଟୀକରଣ/ସହାୟତା ପାଇଁ ଆପଣ ନିଜର କର୍ମଚାରୀ କୋଡ୍ ସହ ଇମେଲ୍ ଆଇଡି
pfsupport@hclinfosystems.com
ମାଧ୍ୟମରେ ସମ୍ପର୍କ କରିପାରିବେ।



**ସର୍ବସାଧାରଣଙ୍କ ପାଇଁ ସୂଚନା**

**ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ**

ବୈଦ୍ୟୁତିକ ବିଭାଗ ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ଼ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଛି କି ପ୍ଲାଣ୍ଟ ୟାର୍ଡ ପରିସରରେ ପୂର୍ବତଟ ରେଳବାଇ ଖୋର୍ଦ୍ଧା ରୋଡ଼ ଡିଭିଜନ ଅଧୀନ 25000 ଭୋଲ୍ଟ ଓ 50 ହାଇ ଜୋନ ଏସି ଓଭର ହେଡ ଟ୍ରାକ୍ସନ ଓୟାର ଶକ୍ତି ସଞ୍ଚାର ଆସନ୍ତା 30/07/2025 ରିଖରେ କରାଯିବ। ଏହି ପରିସରରେ ଥିବା ଲାଇନ ବ୍ୟବହାର କରୁଥିବା ଏବଂ ଆଇନଗତ ଅଧିକାର ନ ଥିବା ବ୍ୟକ୍ତିମାନେ ଏଠାକୁ ନ ଆସିବା ପାଇଁ ସତର୍କ କରାଇଦିଆଯାଉଛି। ଘଣ୍ଟିଖାଲ ନିଧିପୁର ଷ୍ଟେସନ ଖୋର୍ଦ୍ଧା ରୋଡ଼ ଡିଭିଜନ।

**ପ୍ରକଳ୍ପ ମୁଖ୍ୟ**
**ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ**



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः— दिनांक—

**आवश्यक सूचना**

एतद् द्वारा सूचित किया जाता है कि इस कार्यालय द्वारा ई—निविदा संख्या—23/2025-26/RWD/EE/RANCHI, PR No. 357666 REO(25-26).D द्वारा दैनिक समाचार पत्र में प्रकाशित हुआ था। जिसे अपरिहार्य कारणवश स्थागित किया जाता है। पुनः निविदा शीघ्र आमंत्रित की जाएगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR 358311 REO(25-26)#D



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.CAOCRSPBBS-19-2025, ତା.21.07.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ପଲାସା ମେନ୍ (Main) ଲାଇନ୍‌ରେ ଇଚ୍ଛାପୁରମ୍-ଝାଡୁପୁଡ଼ି ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଂ ନଂ.334 ପରିବର୍ତ୍ତେ ରେଲୱେ କି.ମି.633/5-7 ଠାରେ ରେଲୱେ ଅଂଶ ପାଇଁ ରୋଡ଼ ଓଭର ବ୍ରିଜ୍ (ROB) 1X36.0 ମିଟର କମ୍ପୋଜିଟ୍ ଗର୍ଡର+2X24.0 ମିଟର କମ୍ପୋଜିଟ୍ ଗର୍ଡ଼ର+4X18.75 ମିଟର T- ବିମ୍ ଗର୍ଡର (ବ୍ରିଜ୍ ପ୍ରପର) ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 5782 ଲକ୍ଷ, EMD (ଟଙ୍କାରେ) : 30,41,200/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.08.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟେଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଋଟର୍ଡ୍ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରେ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ/ଆରଏସ୍‌ପି/ଭୁବନେଶ୍ୱର

PR-67/CI/25-26



**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ଆବଶ୍ୟକ କରୁଥିବା ଇସ୍ତାହାର**

**ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୮୨ ସିଆର୍.ପି.ସି./୮୪ ଦେଖନ୍ତୁ**

ଯେହେତୁ, ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ **ଅକ୍ରମ୍ ଖାନ୍, ପିତା:** ଶେଠ୍ ଖାନ୍, **ବାସିନ୍ଦା:** ଗ୍ରାମ- ବ୍ରଗାମ, **ଥାନା**- ତେନ୍ତୁଳିଖୁଣ୍ଟି, **ଜିଲ୍ଲା**-ନବରଙ୍ଗପୁର, ଓଡ଼ିଶା **ଏନଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀ** ଅଧୀନସ୍ଥ ମାମଲାରେ ଅପରାଧ ଘଟାଇଛନ୍ତି (କିମ୍ବା ଘଟାଇଥିବାର ସନ୍ଦେହ କରାଯାଉଛି) ଏବଂ ସେ ବାବଦରେ ଜାରି କରାଯାଇଥିବା ଗିରଫ ପରୱାନାକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍**ଙ୍କର ସନ୍ଧାନ ମିଳୁନାହିଁ ଏବଂ ମୋ ସନ୍ତୁଷ୍ଟିରୂପେ ଏହା ଦର୍ଶାଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଫେରାର୍ ହୋଇଯାଇଛନ୍ତି (ଅଥବା ଉକ୍ତ ପରୱାନାକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି)।

ଏତଦ୍ଦ୍ୱାରା ଇସ୍ତାହାର ଦିଆଯାଉଅଛି କି, **ଏନ୍‌ଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ମାମଲା ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀ**ର ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଜଣେ ଅଭିଯୁକ୍ତ ଅଟନ୍ତି ଏବଂ ଉକ୍ତ ଅଭିଯୋଗର ଉତ୍ତର ଦେବା ପାଇଁ **ତା୩୦.୦୮.୨୦୨୫ରିଖ** ସୁଦ୍ଧା ତାଙ୍କୁ କୋର୍ଟରେ ହାଜର ହେବା ଆବଶ୍ୟକ ହେଉଅଛି।

**ଆଦେଶକ୍ରମେ**
**କୁମାରୀ ମନୁ ଭେଦୱାନ**
ଅତିରିକ୍ତ ଦୌରା ଜଜ୍-୦୨, ସ୍ପେଶାଲ ଜଜ୍ (ଏନ୍‌ଡିପିଏସ୍ ଅଧିନିୟମ)
ରୁମ୍ ନଂ. ୩୧୧, କଡ଼କଡ଼ଡୁମା ନ୍ୟାୟାଳୟ, ଦିଲ୍ଲୀ

DP/9774/ED/2025
(Court Matter)


# ଭାରତୀୟ ସୈନିକଙ୍କ ସାହସ ଅସୀମ

- କାରଗିଲ ବିଜୟ ଦିବସରେ ଦେଶ ମାତୃକାର ସେବା ପାଇଁ ଆହ୍ୱାନ
- ସାଲେପୁରରେ ୫୨୭ ଦୀପ ପ୍ରଜ୍ୱଳନ

**ବାଙ୍କୀ,୨୬।୭(ଶୁଭେନ୍ଦୁ ମହାପାତ୍ର)**

ଡମପଡ଼ା ବ୍ଲକ ଅନ୍ତର୍ଗତ ପଦନୁପର ବରେନ୍ଦ୍ର ନାରାୟଣ ବିଦ୍ୟାପୀଠରେ ଶନିବାର କାରଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ମେରା ଯୁବଭାରତ କଟକ ସହାୟତାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଲୋଚନାଚକ୍ର, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା, ପଦଯାତ୍ରା ଓ ଦେଶ ମାତୃକାର ସୁରକ୍ଷା ପାଇଁ ଶପଥ ଗ୍ରହଣ ଉତ୍ସବ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲ ଏଥିରେ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ଆରମ୍ଭରେ ଆଧ୍ୟାତ୍ମିକ ଗୁରୁ କୁମାର ଅମିୟ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ୧୯୯୯ରେ ଆଜିର ଦିନରେ ପାକିସ୍ତାନକୁ ଭାରତ ପରାଜିତ କରି ବିଜୟ ଲାଭ କରିଥିବାରୁ ସାରା ଦେଶରେ ଏହି ଦିନକୁ ବିଜୟ ଦିବସ ଭାବେ ପାଳନ କରାଯାଉଛି। ବାଙ୍କୀ ଅଞ୍ଚଳର ୩ଜଣ ଯବାନ ଏହି ଯୁଦ୍ଧରେ ଶହୀଦ ହୋଇଥିଲେ। ଭାରତୀୟ ସୈନିକଙ୍କ ସାହାସ ଅସୀମ ବୋଲି କହି ଅମିୟ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସୈନ୍ୟ ବିଭାଗର ଅଧିକାରୀ ଦୁର୍ଯ୍ୟୋଧନ ନାୟକ, ସାମାଜିକ କର୍ମୀ ରାଜକିଶୋର ମହାନ୍ତି, ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ ଯୋଗଦେଇ ଦେଶ ମାତୃକାର ସେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀରାମ କମିଟିର ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ବିପିନ ବାରିକ ଓ ରବୀନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ ନାରା ଦେଇ ପଦନପୁର ଗ୍ରାମ ପରିକ୍ରମା କରିଥିଲେ।

**ସାଲେପୁର,(ଅରବିନ୍ଦ ଭୂୟାଁ):** ସାଲେପୁର ଅବସରପ୍ରାପ୍ତ ସୈନିକ ସଂଘ ତରଫରୁ ଓଡ଼ିଶାର ପ୍ରଥମ କାରଗିଲ ଶହୀଦ ଗୋପିନାଥ ମହାରଣାଙ୍କ ପୈତୃକ ଗ୍ରାମ ଜନାର୍ଦ୍ଦନପୁରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଂଘ ଉପସଭାପତି ଡ. ଚିତ୍ତରଞ୍ଜନ ପଣ୍ଡା ଏହି ଅବସରରେ ପୁଷ୍ପମାଲ୍ୟ ଦେଇଥିଲେ। ପରେ ଗୋପିନାଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ବାଇକ୍ ରାଲି କରାଯାଇଥିଲା। ଏଥିରେ ଗୌରାଙ୍ଗ ଚରଣ ହୋତା, ଆର୍ତ୍ତତ୍ରାଣ ନନ୍ଦ, ଅଜୟ କୁମାର ବିଶ୍ୱାଳ, ପ୍ରିୟନାଥ ପରିଡ଼ା, ଶୁଭେନ୍ଦୁ କୁମାର ରଣା, ବିଜୟ କୁମାର ବରାଳ, ଶଶିକାନ୍ତ ଦାଶ, ଉମାକାନ୍ତ ଦାଶ, ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ଗୋପିନାଥପୁରସ୍ଥିତ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା ଆନୁକୂଲ୍ୟରେ ୨୬ତମ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାରତୀୟ ବାୟୁ ସେନାର ଅବସରପ୍ରାପ୍ତ କନିଷ୍ଠ ୱାରେଣ୍ଟ ଅଧିକାରୀ ପବିତ୍ର ମୋହନ ସାହୁ ଯୋଗଦେଇ କାରଗିଲ ଯୁଦ୍ଧର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ମାନେଜିଂ ଟ୍ରଷ୍ଟି ବିରଞ୍ଚିନାରାୟଣ ଦାସ, ପ୍ରାକ୍ତନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ୫୨୭ ଜଣ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୫୨୭ ଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଜୟାନନ୍ଦ ଯୁବ ପରିଷଦ ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପାର ସମ୍ପାଦିକା ସୁନିତା ସାମଲ, ମନୋରଞ୍ଜନ ସାହୁ, ମୋନାଲିସା ସ୍ୱାଇଁ, ଜ୍ୟୋତିପ୍ରକାଶ ପରିଡା, ରାଜ କିଶୋର ସାହୁ, କମଳାକାନ୍ତ ସାହୁ, ଧନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।




ସାଲେପୁର ଗୋପୀନାଥପୁରସ୍ଥିତ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିରରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୫୨୭ ଦୀପ ପ୍ରଜ୍ୱଳନ କରାଯାଉଛି।


Govt. of Jharkhand
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department,
Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

**e-Procurement very Short Notice**

e-Tender Reference No .- RCD/FSD /AP/ RAN/07/25-26 Dated 24.07.2025

| | | |
|---|---|---|
| 1- | Name of Work | Consultancy Services for Preparation of Detailed Project Report (DPR) for H.L. bridge over Harmu river between Hindpiri to Nayatoli road in Ranchi District in the state of Jharkhand including its approaches, Land acquisition proposal with ownership details, Resettlement and Rehabilitation proposal, forest diversion proposal if any, including clearance of all stages etc as required from Consultants empanelled in Category-II with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 75 m (Approx) |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 25,000/- (Rupees Twenty five Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no-120 dated 03.10.2023. |
| 5- | Date and Time of Publishing of Tender on official website | 28.07.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 05.08.2025, 12.30 PM |
| 7- | Date and Timing of Bid opening | 06.08.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhawan, 56 set Chowk, Doranda, Ranchi- 834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

**Executive Engineer, Field Survey Division, A.P**
**Road Construction Department, Ranchi**

PR 358295 (Road) 25-26_D

# କର୍ପୋରେଟର ଅମରେଶଙ୍କୁ ଫେରାର କରାଇବା ଅଭିଯୋଗରେ ୫ ସହଯୋଗୀ ଗିରଫ

ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ)

ବଳାତ୍କାର ମାମଲାରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନ ୪୫ ନଂ. ୱାର୍ଡର ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଇଆଁ ଛନ୍ଦି ହୋଇଥିବାବେଳେ ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଗିରଫଦାରି ଭୟରେ ଅମରେଶ ଫେରାର ହୋଇଯାଇଥିବା ଜଣାପଡ଼ିଛି। ତେବେ ତାଙ୍କୁ ଫେରାର କରାଇବା ଅଭିଯୋଗରେ ୫ଜଣ ସହଯୋଗୀଙ୍କୁ ଲକ୍ଷ୍ମୀସାଗର ପୋଲିସ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ଗଡ଼ ଥାନା ଅନ୍ତର୍ଗତ ଗୌତମ ନଗରର ବିବେକ କୁମାର ସ୍ୱାଇଁ (୨୯), ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ସନ୍ତୋଷୀ ବିହାରର ବିକ୍ରମ ମହାନ୍ତି (୪୨), ଚିନ୍ତାମଣିଶ୍ୱର ଅଞ୍ଚଳର ଦେବେନ୍ଦ୍ର କୁମାର ଭୋଳା, ଚିନ୍ତାମଣିଶ୍ୱରରେ ରହୁଥିବା ଜଗତ୍‌ସିଂହପୁରର ସୁମନ କୁମାର ସାହୁ (୨୭) ଓ ଲକ୍ଷ୍ମୀସାଗର ସବର ସାହିର ରାଜି ଚମ୍ପତି (୪୫)। ଅଭିଯୁକ୍ତଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତିଙ୍କ ନିକଟରେ ହାଜର କରାଯାଇଥିଲା। ପରେ ଅଭିଯୁକ୍ତମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଦଫା ୬୪(୨)(ଏମ୍), ୮୯, ୨୯୬, ୩୫୧(୨), ୬୧(୨), ୨୪୯, ୩(୫) ସହ ପୋକ୍ସୋ ଆକ୍ଟର ସେକ୍ସନ ୬ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଅମରେଶଙ୍କୁ ଆଶ୍ରୟ ଦେବା ସହ ଗିରଫଦାରିରୁ ବଞ୍ଚାଇବା ପାଇଁ ଗାଡ଼ି ଯୋଗାଇ ଦେଇଥିବା ପୋଲିସ କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ଅମରେଶଙ୍କୁ ଗିରଫ କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଖୋଜାଖୋଜି ଚାଲିଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି।

ସୂଚନାଯୋଗ୍ୟ, ଅମରେଶ ଜଣେ ୧୯ବର୍ଷୀୟ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ବୁଧବାର ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଲକ୍ଷ୍ମୀସାଗର ଥାନା ଅମରେଶଙ୍କ ନାଁରେ ମାମଲା ରୁଜୁ କରିଥିଲା। ପୀଡ଼ିତା ନାବାଳିକା ଥିବା ସମୟରୁ ଅମରେଶ ତାଙ୍କ ସହ ପ୍ରତାରଣା କରି ଅମାନୁଷିକ କାଣ୍ଡ ଘଟାଇଥିବା ଏତଲାରେ ଦର୍ଶାଇଥିଲେ। ଏପରିକି ଅମରେଶ ପୀଡ଼ିତାଙ୍କ ଗର୍ଭପାତ କରାଇ ତାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିବା ସହ ଭୁବନେଶ୍ୱର ଛାଡ଼ି ଚାଲିଯବାକୁ ଧମକ ଦେଇଥିଲେ ଅଭିଯୋଗ ହୋଇଛି।

## ନ୍ୟାୟ ଦିଅ, ନଚେତ୍ କ୍ୟାଣ୍ଡେଲ ଜାଳିବ ନାହିଁ

### ଭିଡିଓ ଜାରି କରି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କଲେ ପୀଡ଼ିତା



ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ)- ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନ ୪୫ ନଂ. ୱାର୍ଡର ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଇଆଁଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ପୀଡ଼ିତାଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ସେଥିରେ ସେ କିପରି ପୋଲିସର ଧମକ ଏବଂ ମାମଲା ପ୍ରତ୍ୟାହାର ପାଇଁ ଚାପର ଶିକାର ହେଉଛନ୍ତି, ତାହା ଦର୍ଶାଇଛନ୍ତି। ପୋଲିସ ଅମରେଶଙ୍କୁ ଗିରଫ କରିବା ପରିବର୍ତ୍ତେ ତାଙ୍କୁ କମ୍ପ୍ରମାଇଜ୍ କରିବା ପାଇଁ କହୁଛି। ନହେଲେ ମିଥ୍ୟା ମାମଲାରେ ତାଙ୍କୁ ଏବଂ ତାଙ୍କ ପରିବାରକୁ ଛନ୍ଦି ଦେବା ପାଇଁ ଧମକାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୀଡ଼ିତା ନ୍ୟାୟ ମାଗିଛନ୍ତି। ସେ ମଧ ସୌମ୍ୟାଶ୍ରୀଙ୍କ ପରି କାଲି ନ ରହିପାରନ୍ତି ବୋଲି କହିବା ସହ ସେ ଗଲାପରେ ତାଙ୍କ ଉଦ୍ଦେଶ୍ୟରେ କେହି କ୍ୟାଣ୍ଡେଲ୍ ନ ଜଳାନ୍ତୁ ବୋଲି ପୀଡ଼ିତା ଭିଡିଓରେ ନିବେଦନ କରିଛନ୍ତି।

**ବଳାତ୍କାର ମାମଲା**

# ବାପା ହେଲ୍‌ଥ କାର୍ଡ ନ ଦେବାରୁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ)

ବାପା ହେଲ୍‌ଥ କାର୍ଡ ନ ଦେବାରୁ ଉପଯୁକ୍ତ ଚିକିତ୍ସା ନ ପାଇ ନବଜାତ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ରାଜଧାନୀରେ ଘଟିଥିବା ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଆଲୋଡନ ସୃଷ୍ଟି ହୋଇଛି। ଏନେଇ ଶିଶୁପୁତ୍ରର ଜେଜେମା' କବିତା ନାଏକ ଖଣ୍ଡଗିରି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଓ ପୋଲିସ ସୂଚନା ଅନୁଯାୟୀ, ନୟାଗଡ଼ ଜିଲା କିଆଝରର ଗଙ୍ଗାଧର ନାଏକ ଡୁମୁଡୁମା ଅଞ୍ଚଳରେ ପରିବାର ସହ ରୁହନ୍ତି। ଗତବର୍ଷ ସେ ସ୍ନେହା ନାଏକକୁ ପ୍ରେମ ବିବାହ କରିଥିଲେ। ପରେ ଗଙ୍ଗାଧର ଓ ପରିବାର ସଦସ୍ୟ ଯୌତୁକ ଦାବିକରି ସ୍ନେହାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏହା ଭିତରେ ସ୍ନେହା ଗର୍ଭବତୀ ହୋଇଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସ୍ନେହା ଗର୍ଭବତୀ ଅବସ୍ଥାରେ ବାପ ଘରକୁ ଚାଲି ଯାଇଥିଲେ। ତେବେ ପ୍ରସବ ସମୟରେ ସ୍ୱାସ୍ଥ୍ୟବୀମା କାର୍ଡ ଆବଶ୍ୟକ ଥିବାରୁ ସ୍ନେହା ଏଥିପାଇଁ ସ୍ୱାମୀଙ୍କୁ ନେହୁରା ହୋଇଥିଲେ। ତେବେ ୫ଦିନ ତଳେ ଗର୍ଭ ଯନ୍ତ୍ରଣା ଅସହ୍ୟ ହେବାରୁ ସ୍ନେହା ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ସ୍ନେହା ତାଙ୍କ ସ୍ୱାମୀଙ୍କୁ ଡାକ୍ତରଖାନା ଆସିବାକୁ କହିଥିଲେ। ତାଙ୍କ ମାଆ ମଧ ଜ୍ୱାଇଁଙ୍କୁ ଡାକି ସ୍ୱାସ୍ଥ୍ୟ ବୀମା କାର୍ଡ ଦେବା ପାଇଁ କାକୁତିମିନତି ହୋଇ କହିଥିଲେ। ହେଲେ ଗଙ୍ଗାଧର ସ୍ୱାସ୍ଥ୍ୟ ବୀମା କାର୍ଡ ଦେଇ ନ ଥିଲେ। ଆବଶ୍ୟକ ସମୟ ପୂର୍ବରୁ ନବଜାତ ଶିଶୁଟି ଜନ୍ମ ହୋଇଥିବାରୁ ଉନ୍ନତ ଚିକିତ୍ସାର ଆବଶ୍ୟକତା ଥିଲା। ହେଲେ ଅର୍ଥାଭାବରୁ ତାହା ସମ୍ଭବ ହୋଇ ନ ଥିଲା। ଚିକିତ୍ସାଧୀନ ଅବସ୍ଥାରେ ୪ଦିନ ତଳେ ନବଜାତ ଶିଶୁପୁତ୍ରର ମୃତ୍ୟୁ ହୋଇଯାଇଥିଲା। ଏନେଇ ଶୁକ୍ରବାର କବିତା ଥାନାରେ ଗଙ୍ଗାଧରଙ୍କ ବିରୋଧରେ ଯୌତୁକ ନିର୍ଯାତନା ଓ ଅବହେଳା ଆଦି ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ ବୀମା କାର୍ଡ ଥିଲେ ଶିଶୁଟି ଉପଯୁକ୍ତ ଚିକିତ୍ସା ପାଇ ବଞ୍ଚିଯାଇ ପାରିଥାନ୍ତା ବୋଲି ସ୍ନେହା ମଧ ଅଭିଯୋଗ କରିଛନ୍ତି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି।

**ଖଣ୍ଡଗିରି ଥାନାରେ ଜେଜେମା' ଦେଲେ ଏତଲା**

# ଯୁବକ, ଯୁବତୀଙ୍କ ଉନ୍ମତ୍ତକାଣ୍ଡ

ତ୍ରିଶୂଳିଆ, ୨୬।୭ (ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ନରାଜ ବ୍ରିଜ୍‌ରେ ଶନିବାର ଯୁବକ ଓ ଯୁବତୀଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଏନେଇ ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ଭୋର ସମୟରେ ଏକ କାର୍ ଯୋଗେ ଦୁଇ ପୁଅ ଓ ଦୁଇ ଝିଅ ନରାଜବ୍ରିଜ ନିକଟକୁ ଆସିଥିଲେ। କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଚଷମା ଓ ମୋବାଇଲ ଫିଙ୍ଗାକୁ ନେଇ ଜଣେ ଝିଅକୁ ଛାଡ଼ି ଅନ୍ୟ ୩ଜଣ(ଦୁଇ ପୁଅ ଓ ଜଣେ ଝିଅ) କାର୍‌ରେ ଫେରାର ହୋଇଯିବାକୁ ଚେଷ୍ଟା କରୁଥିବାବେଳେ ଝିଅଟି କାର୍ ଡୋରକୁ ଧରି ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଯୁବକ ଜଣକ ଚଳନ୍ତା କାର୍‌ରେ ଯୁବତୀଙ୍କୁ କିଛି ବାଟ ଘୋଷାଡ଼ି ନେଇଯାଇଥିଲେ। ଫଳରେ ଝିଅଟି ଛିଟିକି ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ଗୋଡ଼ିସାହି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଦୁଇ ପୁଅ ଓ ଆହତ ଝିଅଙ୍କୁ ଫାଣ୍ଡିରେ ଅଟକ ରଖି ତଦନ୍ତ ଜାରି ରଖିଥିବାବେଳେ ଅନ୍ୟ ଝିଅ ଜଣଙ୍କ ଫେରାର ହୋଇଯାଇଛନ୍ତି।

# ଜିଜ୍ଞାସା ଭାବ ରଖି ଆଗକୁ ବଢ଼



ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

## ଶିଶୁମନ୍ଦିରରେ ବିଜ୍ଞାନ ମେଳା, ୭୨ ପ୍ରକଳ୍ପ ପ୍ରଦର୍ଶିତ

ଖୋର୍ଦ୍ଧା,୨୬।୭(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଜୟନ୍ତୀ ଅବସରରେ ବିଜ୍ଞାନ ସପ୍ତାହ ଜୁଲାଇ ୨୫ତାରିଖରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଶନିବାର ବିଦ୍ୟାଳୟର କନିଷ୍ଠ ଶିଶୁ ବିଭାଗ ଅରୁଣଠାରୁ ପ୍ରଥମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ଉଭଣୀଭାଇମାନଙ୍କୁ ନେଇ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ୭୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ପଲ୍ଲା ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ବିମଳଚନ୍ଦ୍ର ରାଉତରାୟ, ବିଶିପଡ଼ିଆ ପ୍ରଧାନାଚାର୍ଯ୍ୟ ଗୋରାଚନ୍ଦ ରାୟ ଯୋଗଦେଇ ପିଲାଙ୍କ ବିଜ୍ଞାନମେଳା ମୂଲ୍ୟାଙ୍କନ କରିଥିଲେ। ପରିଚାଳନା ସମିତିର ଉପସଭାପତି ପ୍ରଭାତ ପାଣିଗ୍ରାହୀ, କୋଷାଧକ୍ଷ ନୃସିଂହ ମହାପାତ୍ର, ପୂର୍ବ ସମିତିର କୋଷାଧକ୍ଷ ସୁମନ୍ତ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିବା ସହ ଜିଜ୍ଞାସାଭାବ ରଖି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଏହି ମେଳାରେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନାଚାର୍ଯ୍ୟ ଦୁଷ୍ମନ୍ତ କୁମାର ସୁବୁଦ୍ଧିଙ୍କ ସଂଯୋଜନାରେ ସମସ୍ତ ଗୁରୁମା,ଗୁରୁଜୀ ପରିଚାଳନା କରିଥିଲେ।

## ପୁସ୍ତକ 'ସ୍ନାନମଣ୍ଡପରୁ ନୀଳାଦ୍ରିବିଜେ' ଉନ୍ମୋଚିତ

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି): ଚକ୍ରତୀର୍ଥ ରୋଡ୍‌ସ୍ଥିତ ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାଗୃହରେ ପ୍ରିୟପତ୍ର ଏବଂ ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ମିଳିତ ଆୟୋଜନରେ ବିଜୟଲକ୍ଷ୍ମୀ ଦାଶ ମିଶ୍ରଙ୍କ ରଚିତ 'ସ୍ନାନମଣ୍ଡପରୁ ନୀଳାଦ୍ରିବିଜେ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡ. ଭାସ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଡ. ପ୍ରମୋଦ ଦଳାଇ ଏବଂ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ଡ. ହେମନ୍ତ କୁମାର ଛୋଟରାୟ, ପ୍ରସନ୍ନ ମିଶ୍ର, ବିଜୟ କୁମାର ପଣ୍ଡାପ୍ରମୁଖ ଯୋଗଦେଇ ଲେଖିକାଙ୍କୁ ପ୍ରଶଂସା କରିଥିଲେ।

**ସର୍ବସାଧାରଣ ବିଜ୍ଞପ୍ତି**

ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟ **(ପିଏଫ୍ ଟ୍ରଷ୍ଟ କୋଡ୍ ନଂ. ଏମ୍‌ଆର୍‌ଏନ୍‌ଓଆଇ୦୦୧୧୪୭୬)** **ଆର୍‌ପିଏଫ୍‌ସି, ନଏଡାକୁ ସ୍ଥାନାନ୍ତର**

ଏହି ସ୍ମାରକପତ୍ର ଦ୍ୱାରା ଏଚ୍‌ସିଏଲ୍ ଇନ୍‌ଫୋସିଷ୍ଟମ୍ ଲିଃ ଏବଂ ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟ (କୋଡ୍ ଏମ୍‌ଆର୍‌ଏନ୍‌ଓଆଇ୦୦୧୧୪୭୬) ଅଧୀନରେ ଅନ୍ତର୍ଭୁକ୍ତ ତାହାର ଅଧୀନସ୍ଥ କମ୍ପାନୀ ତଥା ସହଯୋଗୀ କମ୍ପାନୀର ସକ୍ରିୟ/ପୂର୍ବତନ କର୍ମଚାରୀଙ୍କୁ ସୂଚିତ କରାଯାଉଛି ଯେ ଉକ୍ତ ଛାଡ଼ପ୍ରାପ୍ତ ଟ୍ରଷ୍ଟକୁ ସଭ୍ୟ ପାଣ୍ଠି ସମେତ ଆଞ୍ଚଳିକ ଭବିଷ୍ୟନିଧି ଆୟୁକ୍ତ, ଆର୍‌ପିଏଫ୍‌ସି, ନଏଡା, ଏ-୨ସି, ସେକ୍ଟର-୨୪, ନଏଡା (ଉତ୍ତରପ୍ରଦେଶ)ଙ୍କ ନିକଟରେ ୩୧ ଜୁଲାଇ, ୨୦୨୨ଠାରୁ ସମର୍ପଣ କରିଦିଆଯାଇଛି, ଯାହା ଆମର ପୂର୍ବବର୍ତ୍ତୀ ଯୋଗାଯୋଗରେ ଦର୍ଶାଯାଇଥିଲା। ଉକ୍ତ ଯୋଗାଯୋଗ ରେକର୍ଡରେ ଉପଲବ୍ଧ ଶେଷ ଜ୍ଞାତ ଠିକଣାକୁ ପଠାଯାଇଥିଲା। ଉକ୍ତ ସମର୍ପଣ ପରେ ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟରୁ ଜମା ଭବିଷ୍ୟନିଧି (ପିଏଫ୍) ଉଠାଣ କିମ୍ବା ସ୍ଥାନାନ୍ତର କରି ନ ଥିବା ସଭ୍ୟମାନେ ତୁରନ୍ତ ସ୍ଥାନାନ୍ତର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ପାଇଁ ନିମ୍ନଲିଖିତ ଇମେଲ୍ ଆଇଡିରେ ଯୋଗାଯୋଗ କରିବା ଏବଂ ସେମାନଙ୍କର ଭବିଷ୍ୟନିଧି ଖାତାକୁ ତୁଟାଇବା କିମ୍ବା ସ୍ଥାନାନ୍ତର କରିବା ଲାଗି ଇପିଏଫ୍‌ଓ ସହ ଯୋଗାଯୋଗ କରିବା ଆବଶ୍ୟକ।

କୌଣସି ସ୍ପଷ୍ଟୀକରଣ/ସହାୟତା ପାଇଁ ଆପଣ ନିଜର କର୍ମଚାରୀ କୋଡ୍ ସହ ଇମେଲ୍ ଆଇଡି
pfsupport@hclinfosystems.com
ମାଧ୍ୟମରେ ସମ୍ପର୍କ କରିପାରିବେ।

**ସର୍ବସାଧାରଣଙ୍କ ପାଇଁ ସୂଚନା**

**ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ**

ବୈଦ୍ୟୁତିକ ବିଭାଗ ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ୍ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଛି କି ପ୍ଲାଣ୍ଟ ୟାର୍ଡ ପରିସରରେ ପୂର୍ବତଟ ରେଳବାଇ ଖୋର୍ଦ୍ଧା ରୋଡ଼ ଡିଭିଜନ ଅଧୀନ 25000 ଭୋଲ୍ଟ ଓ 50 ହାଇ ଜୋନ ଏସି ଓଭର ହେଡ ଟ୍ରାକ୍ସନ ଓୟାର ଶକ୍ତି ସଞ୍ଚାର ଆସନ୍ତା 30/07/2025 ରିଖରେ କରାଯିବ। ଏହି ପରିସରରେ ଥିବା ଲାଇନ ବ୍ୟବହାର କରୁଥିବା ଏବଂ ଆଇନଗତ ଅଧିକାର ନ ଥିବା ବ୍ୟକ୍ତିମାନେ ଏଠାକୁ ନ ଆସିବା ପାଇଁ ସତର୍କ କରାଇଦିଆଯାଉଛି। ଘଣ୍ଟିଖାଲ ନିଧିପୁର ଷ୍ଟେସନ ଖୋର୍ଦ୍ଧା ରୋଡ଼ ଡିଭିଜନ।

**ପ୍ରକଳ୍ପ ମୁଖ୍ୟ**
**ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ**

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः— दिनांक—

**आवश्यक सूचना**

एतद् द्वारा सूचित किया जाता है कि इस कार्यालय द्वारा ई—निविदा संख्या—23/2025-26/RWD/EE/RANCHI, PR No. 357666 REO(25-26).D द्वारा दैनिक समाचार पत्र में प्रकाशित हुआ था। जिसे अपरिहार्य कारणवश स्थागित किया जाता है। पुनः निविदा शीघ्र आमंत्रित की जाएगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR 358311 REO(25-26)#D

# ଜନତାଙ୍କ ମନର ନେତା ଥିଲେ ଅଟଳଜୀ : ମୁଖ୍ୟମନ୍ତ୍ରୀ

## ପ୍ରତିଭା ରାୟଙ୍କୁ 'ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ'

ଭୁବନେଶ୍ୱର, ୨୬।୭ (ସୌମ୍ୟରଞ୍ଜନ ରାଉତ)- ଅଟଳ ବିହାରୀ ବାଜପେୟୀଙ୍କ କଥା ଯେତେବେଳେ ଆଲୋଚନା ହେବ, 'ପୋଖରାନ ପରମାଣୁ ପରୀକ୍ଷଣ' ଓ 'କାର୍‌ଗିଲ ବିଜୟ' କଥା ସର୍ବାଗ୍ରେ ଆସିବ। ଅଟଳ ଜୀ କେବଳ ଜଣେ ରାଜନେତା ନୁହନ୍ତି, ସେ ଜନମାନସର ହୃଦୟରେ ଥିବା ଏକ ଅଭିନ୍ନ ଅନୁଭୂତି। ଅଟଳ ଜୀଙ୍କ ଓଡ଼ିଶାପ୍ରତି ପ୍ରଗାଢ ଭଲ ପାଇବା ଥିଲା। ସେ ଅନେକ ସମୟରେ ଓଡ଼ିଶା ପାଇଁ ରାସ୍ତା, ରେଳପଥ, ଶିକ୍ଷା, ଔଦ୍ୟୋଗିକ ରୂପାନ୍ତରଣ ଆଦିରେ ନୂଆ ଯୁଗର ଆରମ୍ଭ କରିଥିଲେ। ଅଟଳ ଜୀ ଗୋଟିଏ ଦଳର ପ୍ରତିନିଧି ଥିଲେ ସତ କିନ୍ତୁ ଜନତାଙ୍କ ମନର ନେତା ଥିଲେ। ତାଙ୍କ ଯୁଗ ହେଉଛି ସୁଜଳାମ ସୁଫଳାମ ଭାରତର ପ୍ରତୀକ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଅଟଳ ଯୁବଶକ୍ତି ଓଡ଼ିଶା ପକ୍ଷରୁ ସୂଚନାଭବନଠାରେ ବାଜପେୟୀଙ୍କ ଜନ୍ମଶତବାର୍ଷିକୀ ପାଳନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚଣ ମାଝୀ ଯୋଗଦେଇ ସ୍ମରଣିକା 'ଯୁଗଜନ୍ମା ଅଟଳ'କୁ ଉନ୍ମୋଚନ କରି ଏହା କହିଥିଲେ। ସେ କହିଲେ, ଯୁଗପୁରୁଷଙ୍କ ସ୍ମରଣରେ ପ୍ରସ୍ତୁତ ଏହି ସ୍ମରଣିକାରେ ଅଟଳଜୀଙ୍କ ଜୀବନ, ଚିନ୍ତାଧାରା, ସଂସ୍କୃତି, ଦୃଷ୍ଟିକୋଣ, ତାଙ୍କ ଦୃଢ଼ ପଦକ୍ଷେପ ଓ ଦେଶପ୍ରେମ ଉପରେ ଆଧାରିତ ଗୁରୁତ୍ୱପୂର୍ଣ୍ଣ ଲେଖାମାନେ ସ୍ଥାନ ପାଇଛି। ଏହା କେବଳ ସ୍ମୃତି ନୁହେଁ, ଏହା ଏକ ଦିଗଦର୍ଶନ ଏକ ଅଟଳ ମାର୍ଗ., ଯାହା ଆସନ୍ତା ପିଢ଼ିଙ୍କୁ ଅନୁପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମ୍ମାନିତ ଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବାଜପେୟୀଙ୍କ ଚିନ୍ତାଧାରାକୁ ଏକ ସମ୍ପୂର୍ଣ୍ଣ ଅନୁଷ୍ଠାନ ବୋଲି କହିଥିଲେ। ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ, ବାଜପାୟୀ କେବଳ ଏକ ନାମ ନୁହେଁ, ଏକ ବିଚାରଧାରା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ନିଜ ପ୍ରତିଭା ଦ୍ୱାରା ଦେଶ ଓ ରାଜ୍ୟକୁ ଗର୍ବିତ କରୁଥିବା ବ୍ୟକ୍ତିମାନଙ୍କୁ 'ଅଟଳ ସମ୍ମାନ'ରେ ସମ୍ମାନିତ କରିଥିଲେ। ସାରସ୍ୱତ ସାଧିକା ଡ. ପ୍ରତିଭା ରାୟଙ୍କୁ 'ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ', ସମାଜିକ କର୍ମୀ ସମୀର ମହାନ୍ତିଙ୍କୁ 'ଅଟଳ ମିତ୍ର ରତ୍ନ', ସାହିତ୍ୟିକ ଦେବପ୍ରସାଦ ଦାଶଙ୍କୁ 'ଅଟଳ ସାହିତ୍ୟ ରତ୍ନ', ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ 'ଅଟଳ ଖେଳ ରତ୍ନ' ସମ୍ମାନ ଦିଆଯାଇଥିଲା। ସେହିଭଳି ଅନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା।

**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ଆବଶ୍ୟକ କରୁଥିବା ଇସ୍ତାହାର**

**ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୮୨ ସିଆର୍.ପି.ସି./୮୪ ଦେଖନ୍ତୁ**

ଯେହେତୁ, ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ **ଅକ୍ରମ୍ ଖାନ୍**, **ପିତା:** ଶେଠ୍ ଖାନ୍, **ବାସିନ୍ଦା:** ଗ୍ରାମ- ବ୍ରଗାମ, **ଥାନା**- ତେନ୍ତୁଳିଖୁଣ୍ଟି, **ଜିଲ୍ଲା**-ନବରଙ୍ଗପୁର, ଓଡ଼ିଶା **ଏନଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀ** ଅଧୀନସ୍ଥ ମାମଲାରେ ଅପରାଧ ଘଟାଇଛନ୍ତି (କିମ୍ବା ଘଟାଇଥିବାର ସନ୍ଦେହ କରାଯାଉଛି) ଏବଂ ସେ ବାବଦରେ ଜାରି କରାଯାଇଥିବା ଗିରଫ ପରୱାନାକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍**ଙ୍କର ସନ୍ଧାନ ମିଳୁନାହିଁ ଏବଂ ମୋ ସନ୍ତୁଷ୍ଟିରୂପେ ଏହା ଦର୍ଶାଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଫେରାର୍ ହୋଇଯାଇଛନ୍ତି (ଅଥବା ଉକ୍ତ ପରୱାନାକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି)।

ଏତଦ୍ଦ୍ୱାରା ଇସ୍ତାହାର ଦିଆଯାଉଅଛି କି, **ଏନ୍‌ଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ମାମଲା ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀର** ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଜଣେ ଅଭିଯୁକ୍ତ ଅଟନ୍ତି ଏବଂ ଉକ୍ତ ଅଭିଯୋଗର ଉତ୍ତର ଦେବା ପାଇଁ **ତା୩୦.୦୮.୨୦୨୫ରିଖ** ସୁଦ୍ଧା ତାଙ୍କୁ କୋର୍ଟରେ ହାଜର ହେବା ଆବଶ୍ୟକ ହେଉଅଛି।

**ଆଦେଶକ୍ରମେ**
**କୁମାରୀ ମନୁ ଭେଦୱାନ**
ଅତିରିକ୍ତ ଦୌରା ଜଜ୍-୦୨, ସ୍ପେଶାଲ ଜଜ୍ (ଏନ୍‌ଡିପିଏସ୍ ଅଧିନିୟମ)
ରୁମ୍ ନଂ. ୩୧୧, କଡ଼କଡ଼ଡୁମା ନ୍ୟାୟାଳୟ, ଦିଲ୍ଲୀ

DP/9774/ED/2025
(Court Matter)

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-19-2025, ତା.21.07.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ପଲାସା ମେନ୍ (Main) ଲାଇନ୍‌ରେ ଇଛାପୁରମ୍-ଝାଡୁପୁଡ଼ି ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଂ ନଂ.334 ପରିବର୍ତ୍ତେ ରେଲୱେ କି.ମି.633/5-7 ଠାରେ ରେଲୱେ ଅଂଶ ପାଇଁ ରୋଡ଼ ଓଭର ବ୍ରିଜ୍ (ROB) 1X36.0 ମିଟର କମ୍ପୋଜିଟ୍ ଗର୍ଡର+2X24.0 ମିଟର କମ୍ପୋଜିଟ୍ ଗର୍ଡ଼ର+4X18.75 ମିଟର T- ବିମ୍ ଗର୍ଡର (ବ୍ରିଜ୍ ପ୍ରପର) ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 5782 ଲକ୍ଷ, EMD (ଟଙ୍କାରେ) : 30,41,200/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.08.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉକ୍ତ ଆକାଙ୍କ୍ଷୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ/ଆରଏସ୍‌ପି/ଭୁବନେଶ୍ୱର

PR-67/CI/25-26

# କାର୍‌ଗିଲ ବିଜୟ ଦିବସରେ ୩୨ ସେନାନୀ ସମ୍ବର୍ଦ୍ଧିତ



ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ କାର୍‌ଗିଲ ବିଜୟ ଦିବସ ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ ସମ୍ବର୍ଦ୍ଧିତ ସେନାନୀ।

ଟାଙ୍ଗୀ,୨୬।୭(ରଘୁନାଥ ସାହୁ)

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ଉତ୍ସବ କୁହୁଡ଼ିସ୍ଥିତ ପୂର୍ବତନ ସେନାନୀ ସଂଘ କାର୍ଯ୍ୟାଳୟଠାରେ ଶନିବାର ପାଳିତ ହୋଇଯାଇଛି। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ଖୋର୍ଦ୍ଧା ଜିଲାପାଳ ତଥା ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ନିରଞ୍ଜନ ସାହୁ ଯୋଗଦେଇ ଦେଶ ମାତୃକାର ସୁରକ୍ଷା ଦାୟିତ୍ୱରେ ଥିବା ସମସ୍ତ ସେନା କର୍ମଚାରୀ ଆମର ନମସ୍ୟ। କାର୍‌ଗିଲ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ସମସ୍ତ ସେନାନୀଙ୍କୁ ଯେତେ ପ୍ରଶଂସା କଲେ ବି କମ ପଡିବ ବୋଲି ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତଥା ବିଶିଷ୍ଟ ମଞ୍ଚ ଉପସ୍ଥାପକ ଡ. ମୃତ୍ୟୁଞ୍ଜୟ ରଥ ଯୋଗଦେଇ କାର୍‌ଗିଲ ଯୁଦ୍ଧରେ ବୀର ଶହୀଦ ୫୨୭ଜଣଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ଯଥାଚିତ ସମ୍ମାନ ଜଣାଇବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସେନାନୀ ସଂଘ ସଭାପତି ଶ୍ରୀବସ୍ତ ବୈରିଗଞ୍ଜନ, ଉପଦେଷ୍ଟା କ୍ୟାପଟେନ ମନ୍ମଥ କୁମାର ସିଂ, ଚାନ୍ଦପୁର ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁ, ସବ୍‌ଇନ୍ସପେକ୍ଟର ଶ୍ରଦ୍ଧା ନାୟକ ପ୍ରମୁଖ ଯୋଗଦେଇ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁହୁଡି ଜନତା କଲେଜ ଅବସରପ୍ରାପ୍ତ ଅଧକ୍ଷ ବାଳକୃଷ୍ଣ ମିଶ୍ର ଶ୍ଳୋକ ଉଚ୍ଚାରଣ କରିଥିଲେ। କାର୍‌ଗିଲ ଯୁଦ୍ଧରେ ଅଂଶ ଗ୍ରହଣ କରିଥିବା ବିଜୟ କୁମାର ପ୍ରଧାନ, ଶରତ କୁମାର ବ୍ରହ୍ମା ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷାବିତ ରମେଶ କୁମାର ବଳବନ୍ତରାୟ, ମନୋଜ କୁମାର ପାତ୍ର, ଆଇନଜୀବୀ ମନୋଜ କୁମାର ମାନସିଂହ, ବଡପାରୀ ବରିଷ୍ଠ ନାଗରିକ ସଂଘ ସଭାପତି ବିଚ୍ଛେନ୍ଦ ଜୟ ସିଂ ପ୍ରମୁଖ ଯୋଗଦେଇ କାର୍‌ଗିଲ ଯୁଦ୍ଧ ସମୟର ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। କବି ମଞ୍ଜୁଲତା ଇନ୍ଦ୍ରଜିତ, କୁନ୍ତଳା ସାହୁ, ଲିଙ୍ଗରାଜ ସାହୁ, ପ୍ରଫୁଲ୍ଲ କୁମାର ଜେନା, ଉମେଶ ପ୍ରସାଦ ଧଳ, ଗୋପାଳ ଚନ୍ଦ୍ର ମହାରଣା ପ୍ରମୁଖ କାରଗିଲ ଯୁଦ୍ଧ ସମ୍ପର୍କରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ପୂର୍ବତନ ସେନାନୀ ସଂଘ ଚିଲିକା ଶାଖାର ୩୨ଜଣ ସଦସ୍ୟଙ୍କୁ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ତଥା ସାମ୍ବାଦିକ ରଘୁନାଥ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କୃଷ୍ଣ ଚନ୍ଦ୍ର ପ୍ରଧାନ, ସାରଙ୍ଗଧର ପାଲଟା ସିଂ, ନିମାଇଁ ଚରଣ ସାହୁ, ଅରୁଣ ରଞ୍ଜନ ମହାନ୍ତି, ଘନଶ୍ୟାମ ମହାନ୍ତି, ଲକ୍ଷ୍ମୀଧର ପାଇକରାୟ, ଦିଲୀପ କୁମାର ନାଥ, ଗଙ୍ଗାଧର ପ୍ରଧାନ, ତାରା ପ୍ରସାଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, କେଦାରେଶ୍ୱର ପାତାଳ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department,**
**Nirupan Bhawan, 4th floor, 56-Set Chowk, Doranda, Ranchi-834002**
**e-mail--- eercdapfsdran-jhr@nic.in**

**e-Procurement very Short Notice**

e-Tender Reference No .- RCD/FSD /AP/ RAN/**07**/25-26 Dated **24.07.2025**

| | | |
|---|---|---|
| 1- | Name of Work | Consultancy Services for Preparation of Detailed Project Report (DPR) for H.L. bridge over Harmu river between Hindpiri to Nayatoli road in Ranchi District in the state of Jharkhand including its approaches, Land acquisition proposal with ownership details, Resettlement and Rehabilitation proposal, forest diversion proposal if any, including clearance of all stages etc as required from Consultants empanelled in Category-II with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 75 m (Approx) |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 25,000/- (Rupees Twenty five Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no-120 dated 03.10.2023. |
| 5- | Date and Time of Publishing of Tender on official website | 28.07.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 05.08.2025, 12.30 PM |
| 7- | Date and Timing of Bid opening | 06.08.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi- 834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

**Executive Engineer, Field Survey Division, A.P**
**Road Construction Department, Ranchi**

PR 358295 (Road) 25-26_D

## ସଂକ୍ଷେପରେ

### ୫୫ ପ୍ରକଳ୍ପ ସଙ୍କୁଳସ୍ତରୀୟ ମେଳା ପାଇଁ ବିବେଚିତ

ସାକ୍ଷୀଗୋପାଳ,୨୬।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାସୁକେରା, ସାକ୍ଷୀଗୋପାଳର ୨୬ତମ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଡାକ୍ତର ସୁବାଶିଷ ଦାସ, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜୟନ୍ତ କୁମାର ତ୍ରିପାଠୀ, ସମ୍ପାଦକ ବାଉରିବନ୍ଧୁ ସ୍ୱାଇଁ, ସହସମ୍ପାଦକ ବିକାଶ ପ୍ରଧାନ, କୋଷାଧ୍ୟକ୍ଷ ଶିକ୍ଷାବିତ୍ ମନୋରଞ୍ଜନ ମିଶ୍ର, ଉପସଭାପତି ଶରତ ଚନ୍ଦ୍ର ନନ୍ଦ, ଅନୁଷ୍ଠାନର ବିଦ୍ୱତ୍ ପରିଷଦ ସଭାପତି ନିରଞ୍ଜନ ମିଶ୍ର, ଶିକ୍ଷାବିତ୍ ପ୍ରଣବ କୁମାର ମିଶ୍ର, ବିଦ୍ୱତ୍ ପରିଷଦ ସଦସ୍ୟ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଜେନା, ଶରତ ଚନ୍ଦ୍ର ମିଶ୍ର, ବିଜ୍ଞାନ ଶିକ୍ଷକ ସତ୍ୟଜିତ୍ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଦେବ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଆଚାର୍ଯ୍ୟା ସସ୍ମିତା ବିଶ୍ୱାଳ ବେଦପାଠ କରିଥିଲେ। ମେଳାରେ ବିଦ୍ୟାଳୟର ବିଭିନ୍ନ ବିଭାଗରୁ ୨୭୧ ଜଣ ପ୍ରତିଯୋଗୀ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିରୁ ୫୫ ପ୍ରତିଯୋଗୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପ୍ରତିଯୋଗୀମାନେ ଆସନ୍ତା ୨ ତାରିଖରେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଭାଗନେବେ ବୋଲି ପ୍ରଧାନ ଆଚାର୍ଯ୍ୟ ଦେବ କୁମାର ପ୍ରକାଶ କରିଛନ୍ତି।

### ଜଳିଗଲା ୩ ବଖରା, ବାହାଘର ସାମଗ୍ରୀ ପୋଡ଼ି ପାଉଁଶ

କାକଟପୁର/ଅସ୍ତରଙ୍ଗ,୨୬।୭ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଶିଶୁଅ ପଞ୍ଚାୟତ ଅଧୀନ ଉଦୟକଣି ଗ୍ରାମର କପିଳ କାଣ୍ଡିଙ୍କ ପରିବାର ଶୋଇଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ହୋଇଥିଲା। ଅଗ୍ନିକାଣ୍ଡ ପ୍ରଖର ଏତେ ଥିଲା କ୍ଷଣିକ ମଧ୍ୟରେ ଜଳିଗଲା ୩ ଚାଳଘର ସମେତ ଘର ଭିତରେ ଥିବା ସ୍କୁଟି ଗାଡ଼ି, ସାଇକେଲ, ଟ୍ରଙ୍କ ମଧ୍ୟରେ ଥିବା ଘରର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ମୋବାଇଲ୍, ବସ୍ତ୍ର ସମେତ ଝିଅ ବାହାଘର ପାଇଁ ରଖିଥିବା ଜିନିଷପତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ଖବରପାଇ କୋଣାର୍କ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏବେ ଝିଅ ବାହାଘର କେମିତି ହେବ ସେହି ଚିନ୍ତାରେ ଅଗ୍ନିବିପନ୍ନ କପିଳ କାଣ୍ଡି ଓ ତାଙ୍କ ସ୍ତ୍ରୀ। ଖବରପାଇ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ପହଞ୍ଚି ପରିବାରକୁ ଆଶ୍ୱାସନା ଦେବା ସହ ସ୍ଥାନୀୟ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ବିପନ୍ନ କପିଳ କାଣ୍ଡିଙ୍କୁ ପାଲ ଯୋଗାଇ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି, ଖୁବ୍ ଶୀଘ୍ର ଅଗ୍ନିବିପନ୍ନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ଏଭଳି ଅଗ୍ନିକାଣ୍ଡ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଶୁଖିଲା ଖାଦ୍ୟ ସମେତ ବସ୍ତ୍ର ମଧ୍ୟ ପରିବାରଙ୍କୁ ପ୍ରଦାନ କରିଛନ୍ତି।

### ମହିଳା, ଶିଶୁ ସୁରକ୍ଷା ପାଇଁ ସଚେତନ ଶୋଭାଯାତ୍ରା

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପ୍ରଶାସନ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସମସ୍ତ ୨୫୯୯ ଅଙ୍ଗନୱାଡ଼ି କେନ୍ଦ୍ରରେ ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁମାନଙ୍କ ସୁରକ୍ଷା, ବେଟି ବଚାଓ ବେଟି ପଢ଼ାଓର ଆହ୍ୱାନ ଦେଇ ଏହି ଶୋଭାଯାତ୍ରା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଅଞ୍ଚଳ ପରିକ୍ରମା କରିଥିଲା। ଜିଲାସ୍ତରରେ ଜିଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା ଓ ଅନ୍ୟ ଅଧିକାରୀମାନେ ଏହାର ପରିଚାଳନା କରିଥିଲେ। ସମାଜରେ ଝିଅ ଓ ପୁଅ ଉଭୟଙ୍କର ଅବଦାନ ରହିଛି। ଝିଅମାନଙ୍କୁ ଉପଯୁକ୍ତ ଭାବେ ସୁରକ୍ଷା ଦେଲେ ଓ ପଢ଼ାଇଲେ ସେମାନେ ସମାଜରେ ଜଣେ ଜଣେ ସମ୍ବଳ ହୋଇ ଉଭାହେବେ। ଅପରପକ୍ଷରେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟରେ କାହାଠାରୁ ଇଙ୍ଗିତ ମିଳେ, ତେବେ ତତ୍‌କ୍ଷଣାତ୍ ମହିଳାମାନଙ୍କ ସୁରକ୍ଷା ପାଇଁ ଥିବା ହେଲ୍ପଲାଇନ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପଲାଇନ ନମ୍ବର ୧୦୯୮ ଓ ଏମରଜେନ୍ସି ନମ୍ବର ୧୧୨ରେ ଯୋଗାଯୋଗ ପାଇଁ ଏହି ଶୋଭାଯାତ୍ରାରେ ସୂଚନା ଦିଆଯାଇଥିଲା। ଅପରପକ୍ଷେ ସମସ୍ୟା ପାଇଁ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟଗୁଡ଼ିକରେ ଇଣ୍ଟରନାଲ କମ୍ପ୍ଲେନ୍ କମିଟି(ଆଇସିସି)ର ସହାୟତା ନେବା ପାଇଁ ଅନୁରୋଧ କରାଯାଇଥିଲା।

# ବଢ଼ିଧରଣର ଆନ୍ଦୋଳନ ପାଇଁ ଶିକ୍ଷକ ସଂଘର ଚେତାବନୀ

ସାକ୍ଷୀଗୋପାଳ,୨୬।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ବ୍ଲକସ୍ତରୀୟ କନ୍‌ଭେନ୍‌ଶନ ସ୍ଥାନୀୟ ମଠସାହି ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ସହିତ ବାରମ୍ବାର ଆଲୋଚନା ସତ୍ତ୍ୱେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀରେ ଶିକ୍ଷକ ନିଯୁକ୍ତି, ନୂତନ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅବସର ବୟସ ୬୨ ବର୍ଷକୁ ବୃଦ୍ଧି, ଅବସର ପରେ ପେନ୍‌ସନ ଇତ୍ୟାଦି ଦାବି ପୂରଣ ହୋଇପାରିଲା ନାହିଁ। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨ ତାରିଖରେ ବ୍ଲକ ଶିକ୍ଷାଧିକାରୀ ଅଫିସ୍ ଏବଂ ଅଗଷ୍ଟ ୮ରେ ଜିଲା ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କ ଦପ୍ତର ଆଗରେ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଏବଂ ବିଭାଗୀୟ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସରକାର ଟାଳଟୁଳ ନୀତି ଅବଲମ୍ବନ କଲେ ଅଗଷ୍ଟ ୧୬ରେ ଶିକ୍ଷକ ଦାବି ଦିବସରେ ବିଧାନସଭା ଆଗରେ ପ୍ରତିବାଦ କରିବେ। ଅଭାବନୀୟ ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ। ବୈଠକରେ ରାଜ୍ୟ ଓଷ୍ଟାର ମୁଖପତ୍ର 'ଶିକ୍ଷାପ୍ରଦୀପ'ର ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ପୁରୀ ଜିଲା ଓଷ୍ଟାର ସଭାପତି ବିଜୟ କୁମାର ବରାଳ, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାସ, ଉପସଭାପତି ଲକ୍ଷ୍ମୀଧର ଉପାଧ୍ୟାୟ, ସମ୍ପାଦକ ବିଭୁପ୍ରସାଦ ନାୟକଙ୍କ ସମେତ ଆନ୍ଦୋଳନରେ ସମସ୍ତ ଶିକ୍ଷକ ଯୋଗଦେବା ପାଇଁ ଆହ୍ୱାନ କରିଛନ୍ତି।



ବୈଠକରେ ଯୋଗ ଦେଇଥିବା ଶିକ୍ଷକ ନେତା ଓ ଅନ୍ୟମାନେ।

# ମୋବାଇଲ ଦେଖିବା ପରେ ଝୁଲିପଡ଼ିଲେ ୧୨ବର୍ଷର ବାଳକ

ପୁରୁଣା ଭୁବନେଶ୍ୱର,୨୬।୭(ସୁବାସ ପ୍ରଧାନ)

ମୋବାଇଲରେ ହରର ଫିଲ୍ମ ଦେଖିବା ଏବଂ ଭୂତ ହେଲେ ସମସ୍ତଙ୍କୁ ମାରିପାରିବା ଭଳି ମାନସିକତାର ବଶବର୍ତ୍ତୀ ହୋଇ ଜଣେ ୧୨ବର୍ଷୀୟ ବାଳକଙ୍କ ଜୀବନ ଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାଜଧାନୀ ଉପକଣ୍ଠ ପିପିଲି ଥାନା ଅଧୀନ କାକୁଡ଼ି କୋସାଙ୍ଗ ଗ୍ରାମରେ। ପୋଲିସ ଉପସ୍ଥିତିରେ କାହ୍ନା ପାତ୍ରଙ୍କ ମୃତଦେହ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

ମିଳିଥିବା ଖବର ମୁତାବକ ଢେଙ୍କାନାଳ ଜିଲା ପୁରୁଣା ଅମାଙ୍ଗ କଲୁନିଗୋଡ଼ା ଅଞ୍ଚଳର କାହ୍ନାଙ୍କୁ ତାଙ୍କ ମା' ମମତା ପାତ୍ର ଗତ ୮ମାସ ହେବ ଜଣେ ବ୍ୟକ୍ତିଙ୍କ ଘରେ ଛାଡ଼ି ପାହାଳରେ ରହୁଛନ୍ତି। ଶନିବାର କାହ୍ନା ରହୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଅନ୍ୟ ପିଲାଙ୍କ ଠାରୁ ମୋବାଇଲ ନେଇ ହରର ଫିଲ୍ମ ଦେଖିଥିଲେ। ପରେ ସେ ଭୂତ ହେଲେ ସମସ୍ତଙ୍କୁ କ'ଣ ମାରିପାରିବି ବୋଲି ପଚାରିଥିଲେ। ଏହାପରେ ସେ ଏକ ରସିରେ ଆଜ୍‌ବେଷ୍ଟସ ବହ୍ଲାରେ ଝୁଲିପଡ଼ିଥିଲେ। ଏହା ଦେଖି ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଥିବା କୌଶଲ୍ୟାଗଙ୍ଗ ଫାଣ୍ଡି ଇନ୍‌ଚାର୍ଜ ସନ୍ଦୀପ ସାହୁ କହିଛନ୍ତି।


ପୁରୀଠାରେ ଅନୁଷ୍ଠିତ ଟେବୁଲ୍ ଟେନିସ ପ୍ରତିଯୋଗିତାରେ ୨ଜଣ ଖେଳାଳି ଖେଳୁଛନ୍ତି।

# ଶିଶୁକନ୍ୟା, ମହିଳାଙ୍କ ସୁରକ୍ଷା ଆମର ପ୍ରାଥମିକତା

## ବେଟୀ ବଚାଅ ବେଟୀ ପଢ଼ାଅ ସଚେତନତା ଶୋଭାଯାତ୍ରା

ଗୋପ,୨୬।୭(ଭାରତୀ ଭୂଷଣ ଉପାଧ୍ୟାୟ)

ସମାଜରେ ବସବାସ କରୁଥିବା ଶିଶୁକନ୍ୟା, ଶିଶୁଙ୍କ ସହିତ ମହିଳାଙ୍କୁ ସୁରକ୍ଷା ଦେବା ଆମ୍ଭମାନଙ୍କର ପ୍ରାଥମିକତା ବୋଲି ଶନିବାର ଗୋପ ବ୍ଲକରେ ଅନୁଷ୍ଠିତ ବେଟୀ ବଚାଅ ବେଟୀ ପଢ଼ାଅ ସଚେତନତା ଶୋଭାଯାତ୍ରାରେ ଯୋଗଦେଇ ଗୋପ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମୀନାକ୍ଷୀ ସାହୁ ଉପସ୍ଥିତ କର୍ମୀ ଓ ସହାୟିକାଙ୍କୁ ସୂଚନା ଦେଇଛନ୍ତି। ଗୋପ ବ୍ଲକର ୨୮୭ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଏହି ସଚେତନତା ସୃଷ୍ଟି କରାଯିବା ଉଦ୍ଦେଶ୍ୟରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସମାଜ ଲାଗି ପ୍ରତ୍ୟେକ ଶିଶୁପୁତ୍ର ସହିତ ଶିଶୁକନ୍ୟାମାନଙ୍କର ଆବଶ୍ୟକତା ରହିଛି। ଶିଶୁକନ୍ୟାଙ୍କୁ ଶିକ୍ଷା ଓ ସମସ୍ତ କାର୍ଯ୍ୟରେ ସାମିଲ କରାଯିବା ସହ ସେମାନଙ୍କୁ ସୁରକ୍ଷା ଦେବା ଜରୁରୀ। ଯଦିଓ କୌଣସି କାରଣରୁ ବା କୌଣସି ଘଟଣାକୁ ନେଇ ଶିଶୁ, ଶିଶୁକନ୍ୟା ଓ ମହିଳାଙ୍କୁ ଅସଦାଚରଣ ଅଭିଯୋଗ ଆସୁଛି ତୁରନ୍ତ ସରକାରୀସ୍ତରରେ ଜାରି କରାଯାଇଥିବା ହେଲ୍ପଲାଇନ ନମ୍ବର ସହିତ ଯୋଡ଼ି ହେବାକୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟର ସମସ୍ତ ଅଧିକାରିଣୀ ଓ କର୍ମଚାରୀ ଉପସ୍ଥିତ ଥିଲେ।


ଶୋଭାଯାତ୍ରାରେ ଗୋପ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମୀନାକ୍ଷୀ ସାହୁ, କର୍ମୀ ଓ ସହାୟିକାମାନେ।

# ଫାର୍ମାସ୍ୟୁଟିକାଲ୍ କଲେଜରେ ନିଯୁକ୍ତି ସାକ୍ଷାତ୍କାର ପର୍ବ

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି)

ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍, ପୁରୀ ଓ ହାଇଦ୍ରାବାଦସ୍ଥିତ ଏସ୍‌ଏସ୍‌ଏସ୍‌ଭି ସଲ୍ୟୁଶନ ସହଯୋଗିତାରେ ଅରୋବିନ୍ଦ ଫାର୍ମା ଲିଃ. ଔଷଧ ପ୍ରସ୍ତୁତକାରୀ କମ୍ପାନୀ ନିମନ୍ତେ କଲେଜ ପରିସରରେ ଅଧ୍ୟକ୍ଷ ଡ. ଅମିୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ନିଯୁକ୍ତି ସାକ୍ଷାତ୍କାର ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ କଲେଜ ଅଧ୍ୟକ୍ଷ ମିଶ୍ର, ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମହାପାତ୍ର ଓ ଏସ୍‌ଏସ୍‌ଏସ୍‌ଭି ସଲ୍ୟୁଶନ ମୁଖ୍ୟ ପରିଚାଳକ ଟି. ଭି. ଏସ୍. ସ୍ୱରୂପ ଓ ମାନବ ସମ୍ବଳ ବିଭାଗର ମୁଖ୍ୟ ବିଶ୍ୱଜିତ୍ ଦାସ, ମାନବ ସମ୍ବଳ ବିଭାଗର ମୁଖ୍ୟ ପ୍ରବନ୍ଧକ କେ. ପ୍ରଭାକର ଓ ଅରୋବିନ୍ଦ ଫାର୍ମାର ଉପସଭାପତି ଗୌରୀଶଙ୍କର ଟି.ଙ୍କ ଉପସ୍ଥିତିରେ ଆୟୋଜନ କରାଯାଇଥିଲା। ଉପସ୍ଥିତ ସମସ୍ତ ଆଶାୟୀ ପ୍ରାର୍ଥୀଙ୍କୁ କଲେଜର ଅଧ୍ୟକ୍ଷ ମିଶ୍ର କଲେଜ ବିଷୟରେ ସବିଶେଷ ବିବରଣୀ ଦେବା ସହିତ ସେମାନଙ୍କୁ ଶୁଭକାମନା ଜ୍ଞାପନ କରିଥିଲେ। ଫାର୍ମାସୀ ପଢୁଥିବା ଛାତ୍ରୀଛାତ୍ରଙ୍କ ୧୦୦% ନିଯୁକ୍ତିକୁ ଲକ୍ଷ୍ୟରେ ରଖି ବିଭିନ୍ନ ଫାର୍ମା କମ୍ପାନୀଙ୍କ ସହ ମିଶି ବର୍ଷସାରା ଏହିପରି ନିଯୁକ୍ତିଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ ବୋଲି ସେ କହିଥିଲେ। ଉପସ୍ଥିତ ସମସ୍ତ ଆଶାୟୀ ପ୍ରାର୍ଥୀ ଚାକିରି କ୍ଷେତ୍ରରେ ନିଜକୁ ଦୃଢ଼ ପ୍ରତିଷ୍ଠିତ କରିବାକୁ ହେଲେ ନିଜ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବାକୁ ହେବ ବୋଲି କଲେଜ ନିର୍ଦ୍ଦେଶକ ମହାପାତ୍ର କହିଛନ୍ତି। ନିଯୁକ୍ତକାରୀ ସଂସ୍ଥା ଦ୍ୱାରା କମ୍ପାନୀ ବିଷୟରେ ସମ୍ୟକ୍ ବିବରଣୀ ଦେବାପରେ ଏକ ଲିଖିତ ନିଯୁକ୍ତି ପରୀକ୍ଷା ଆରମ୍ଭ ହୋଇଥିଲା। ନିଯୁକ୍ତି ସାକ୍ଷାତ୍କାରରେ ନିଜ କଲେଜ ଓ ବାହାର କଲେଜର ବହୁ ଆଶାୟୀ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ତନ୍ମଧ୍ୟରୁ ପ୍ରାୟ ୪୨ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହୋଇ ଉକ୍ତ ଔଷଧ ପ୍ରସ୍ତୁତକାରୀ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଥିଲେ। ନିଯୁକ୍ତି ସାକ୍ଷାତ୍କାରକୁ କଲେଜର ଅଧ୍ୟାପିକା ସୁନୀତା ମିଶ୍ର, ସଞ୍ଚୟିତା ମଣ୍ଡଳ, ଅଧ୍ୟାପକ ଯଶସ୍ୱୀ ରାୟ, ଅସିତ୍ କୁମାର ଷଡ଼ଙ୍ଗୀ, ତୃପ୍ତି ରଞ୍ଜନ ପାଢ଼ୀ ଓ ବିଶ୍ୱଜିତ୍ ପାଇକରାୟ ପ୍ରମୁଖ ପରିଚାଳନା କରିଥିଲେ।


ନିଯୁକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ବିଜ୍ଞାନ ସହ ଛାତ୍ରୀଛାତ୍ର ଜଡ଼ିତ ହେବା ଜରୁରୀ


କୃତୀ ଛାତ୍ରୀଛାତ୍ରମାନଙ୍କ ସହ ଗୁରୁଜୀ ଓ ଗୁରୁ ମା'ମାନେ।

## ୨୦୬ ଜଣ ଛାତ୍ରୀଛାତ୍ରଙ୍କ ଦ୍ୱାରା ୮୭ ପ୍ରକଳ୍ପ ପ୍ରଦର୍ଶିତ

ଗୋପ,୨୬।୭(ଭାରତୀ ଭୂଷଣ ଉପାଧ୍ୟାୟ)

ବିଜ୍ଞାନକୁ ଛାଡ଼ି ଆମେ ବଞ୍ଚିପାରିବା ନାହିଁ। ଆଜିର ଛାତ୍ରୀଛାତ୍ରମାନେ ବିଜ୍ଞାନ ସହିତ ଯୋଡ଼ି ହୋଇରହିବାର ସମୟ ଆସିଛି ବୋଲି ଶନିବାର ଗୋପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳାରେ ମୁଖ୍ୟ ଅତିଥି ଭାବେ ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ କହିଛନ୍ତି। ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଲାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ପ୍ରଧାନଶିକ୍ଷକ ଦାୟିତ୍ୱରେ ସୁବାସ ଚନ୍ଦ୍ର ପ୍ରଧାନ, ସ୍କୁଲ ସମ୍ପାଦକ ସତ୍ୟ ନାରାୟଣ ସେନାପତି, ରଶ୍ମିରଞ୍ଜନ ପଟ୍ଟନାୟକ, ପ୍ରସନ୍ନ କୁମାର କର, ଶିକ୍ଷାବିତ ରବିନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ବିଜ୍ଞାନ କିପରି ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଛି ସେ ସମ୍ପର୍କରେ ବୁଝାଇଥିଲେ। ବିଜ୍ଞାନମେଳାରେ ଶିଶୁ ବର୍ଗ, ବାଲ ବର୍ଗରେ ଛାତ୍ରୀଛାତ୍ରମାନେ ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ, ପ୍ରଶ୍ନମଞ୍ଚ, ଗଣିତ ପ୍ରୟୋଗ, ଗଣିତ ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ, ମୂର୍ତ୍ତିକଳା କଥା କଥନ, ପତ୍ରବାଚନ ଓ ନିବନ୍ଧ ପ୍ରତିଯୋଗିତାରେ ୨୦୬ ଛାତ୍ରୀଛାତ୍ର ଭାଗନେଇ ୮୭ ଗୋଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ପରେ ଯୋଗ ଦେଇଥିବା ବିଚାରକମଣ୍ଡଳୀ ଏହି ସବୁ ବିଜ୍ଞାନ ପ୍ରକଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରିଥିଲେ।

## ଶୃଙ୍ଖଳିତ ସମାଜ ପାଇଁ ଆଧ୍ୟାତ୍ମିକତା ଜରୁରୀ

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି)

ଉତ୍କଳୀୟ ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ ପ୍ରତିଟି ଜଗନ୍ନାଥ ଭକ୍ତ ସଂକଳ୍ପବଦ୍ଧ ହେବା ଉଚିତ ବୋଲି ବଦ୍ରି ମିଶ୍ର କହିଛନ୍ତି। ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟ କାଙ୍କଣ ଶିଖରୀ ଆନୁକୂଲ୍ୟରେ ବୁଦ୍ଧମନ୍ଦିର ପରିସରରେ ଡ. ରବିନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୮ତମ କଥାଲହରିରେ ବିଶେଷ ଅତିଥି ଭାବେ ଯୋଗଦେଇ ମିଶ୍ର କହିଥିଲେ ଯେ, ଅପସଂସ୍କୃତି କବଳରୁ ଆମ ପରିବାରକୁ ଉଦ୍ଧାରକରି ଏକ ଶୃଙ୍ଖଳିତ ସମାଜ ଗଠନ ପାଇଁ ଗାଁ ଓ ସହରରେ ଆଧ୍ୟାତ୍ମିକ ଜନଜାଗରଣ ଜରୁରୀ ହୋଇପଡ଼ିଛି। ସମ୍ପାଦକ ଇଞ୍ଜିନିୟର ଦେବ ପ୍ରସାଦ ଦାଶଙ୍କ ପରିଚାଳିତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ପ୍ରବଚକ ପଣ୍ଡିତ ଚାରଣ ଇଂ. ପାର୍ଥସାରଥି ପ୍ରବଚନ ଦେଇଥିଲେ।


**ସର୍ବସାଧାରଣ ବିଜ୍ଞପ୍ତି**

ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟ (ପିଏଫ୍ ଟ୍ରଷ୍ଟ କୋଡ୍ ନଂ. ଏମ୍‌ଆର୍‌ଏନ୍‌ଓଆଇ୦୦୧୧୪୭୬) ଆର୍‌ପିଏଫ୍‌ସି, ନଏଡାକୁ ସ୍ଥାନାନ୍ତର
ଏହି ସ୍ମାରକପତ୍ର ଦ୍ୱାରା ଏଚ୍‌ସିଏଲ୍ ଇନ୍‌ଫୋସିଷ୍ଟମ୍ ଲିଃ ଏବଂ ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟ (କୋଡ୍ ଏମ୍‌ଆର୍‌ଏନ୍‌ଓଆଇ୦୦୧୧୪୭୬) ଅଧୀନରେ ଅନ୍ତର୍ଭୁକ୍ତ ତାହାର ଅଧୀନସ୍ଥ କମ୍ପାନୀ ତଥା ସହଯୋଗୀ କମ୍ପାନୀର ସକ୍ରିୟ/ପୂର୍ବତନ କର୍ମଚାରୀଙ୍କୁ ସୂଚିତ କରାଯାଉଛି ଯେ ଉକ୍ତ ଛାଡ଼ପ୍ରାପ୍ତ ଟ୍ରଷ୍ଟକୁ ସଭ୍ୟ ପାଣ୍ଠି ସମେତ ଆଞ୍ଚଳିକ ଭବିଷ୍ୟନିଧି ଆୟୁକ୍ତ, ଆର୍‌ପିଏଫ୍‌ସି, ନଏଡା, ଏ-୨ସି, ସେକ୍ଟର-୨୪, ନଏଡା (ଉତ୍ତରପ୍ରଦେଶ)ଙ୍କ ନିକଟରେ ୩୧ ଜୁଲାଇ, ୨୦୨୨ଠାରୁ ସମର୍ପଣ କରିଦିଆଯାଇଛି, ଯାହା ଆମର ପୂର୍ବବର୍ତ୍ତୀ ଯୋଗାଯୋଗରେ ଦର୍ଶାଯାଇଥିଲା। ଉକ୍ତ ଯୋଗାଯୋଗ ରେକର୍ଡରେ ଉପଲବ୍ଧ ଶେଷ ଜ୍ଞାତ ଠିକଣାକୁ ପଠାଯାଇଥିଲା। ଉକ୍ତ ସମର୍ପଣ ପରେ ହିନ୍ଦୁସ୍ତାନ କମ୍ପ୍ୟୁଟର୍ସ ଲିଃ କର୍ମଚାରୀ ଭବିଷ୍ୟନିଧି ଟ୍ରଷ୍ଟରୁ ଜମା ଭବିଷ୍ୟନିଧି (ପିଏଫ୍) ଉଠାଣ କିମ୍ବା ସ୍ଥାନାନ୍ତର କରି ନ ଥିବା ସଭ୍ୟମାନେ ତୁରନ୍ତ ସ୍ଥାନାନ୍ତର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ପାଇଁ ନିମ୍ନଲିଖିତ ଇମେଲ ଆଇଡିରେ ଯୋଗାଯୋଗ କରିବା ଏବଂ ସେମାନଙ୍କର ଭବିଷ୍ୟନିଧି ଖାତାକୁ ତୁଟାଇବା କିମ୍ବା ସ୍ଥାନାନ୍ତର କରିବା ଲାଗି ଇପିଏଫ୍‌ଓ ସହ ଯୋଗାଯୋଗ କରିବା ଆବଶ୍ୟକ।
କୌଣସି ସ୍ପଷ୍ଟୀକରଣ/ସହାୟତା ପାଇଁ ଆପଣ ନିଜର କର୍ମଚାରୀ କୋଡ୍ ସହ ଇମେଲ୍ ଆଇଡି
pfsupport@hclinfosystems.com
ମାଧ୍ୟମରେ ସମ୍ପର୍କ କରିପାରିବେ।

**ସର୍ବସାଧାରଣଙ୍କ ପାଇଁ ସୂଚନା**

**ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ**

ବୈଦ୍ୟୁତିକ ବିଭାଗ ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ଼ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଛି କି ପ୍ଲାଣ୍ଟ ୟାର୍ଡ ପରିସରରେ ପୂର୍ବତଟ ରେଳବାଇ ଖୋର୍ଦ୍ଧା ରୋଡ଼ ଡିଭିଜନ ଅଧୀନ 25000 ଭୋଲ୍ଟ ଓ 50 ହାଇ ଜୋନ ଏସି ଓଭର ହେଡ ଟ୍ରାକ୍ସନ ଓୟାର ଶକ୍ତି ସଞ୍ଚାର ଆସନ୍ତା 30/07/2025 ରିଖରେ କରାଯିବ। ଏହି ପରିସରରେ ଥିବା ଲାଇନ ବ୍ୟବହାର କରୁଥିବା ଏବଂ ଆଇନଗତ ଅଧିକାର ନ ଥିବା ବ୍ୟକ୍ତିମାନେ ଏଠାକୁ ନ ଆସିବା ପାଇଁ ସତର୍କ କରାଇଦିଆଯାଉଛି। ଘଣ୍ଟିଖାଲ ନିଧିପୁର ଷ୍ଟେସନ ଖୋର୍ଦ୍ଧା ରୋଡ଼ ଡିଭିଜନ।

ପ୍ରକଳ୍ପ ମୁଖ୍ୟ
ଏମ୍/ଏସ୍ ଆରତୀ ଷ୍ଟିଲ ଲିମିଟେଡ

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः— दिनांक—

**आवश्यक सूचना**

एतद् द्वारा सूचित किया जाता है कि इस कार्यालय द्वारा ई—निविदा संख्या—23/2025-26/RWD/EE/RANCHI, PR No. 357666 REO(25-26).D द्वारा दैनिक समाचार पत्र में प्रकाशित हुआ था। जिसे अपरिहार्य कारणवश स्थागित किया जाता है। पुनः निविदा शीघ्र आमंत्रित की जाएगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR 358311 REO(25-26)#D

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-19-2025, ତା.21.07.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ପଲାସା ମେନ୍ (Main) ଲାଇନରେ ଇଛାପୁରମ୍-ଝାଡୁପୁଡ଼ି ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.334 ପରିବର୍ତ୍ତେ ରେଲୱେ କି.ମି.633/5-7 ଠାରେ ରେଲୱେ ଅଂଶ ପାଇଁ ରୋଡ଼ ଓଭର ବ୍ରିଜ୍ (ROB) 1X36.0 ମିଟର କମ୍ପୋଜିଟ୍ ଗର୍ଡର+2X24.0 ମିଟର କମ୍ପୋଜିଟ୍ ଗର୍ଡର+4X18.75 ମିଟର T-ବିମ୍ ଗର୍ଡର (ବ୍ରିଜ୍ ପ୍ରପର) ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 5782 ଲକ୍ଷ, EMD (ଟଙ୍କାରେ) : 30,41,200/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.08.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚତର୍ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ/ଆରଏସ୍‌ପି/ ଭୁବନେଶ୍ୱର
PR-67/CI/25-26

**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ଆବଶ୍ୟକ କରୁଥିବା ଇସ୍ତାହାର**

**ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୮୨ ସିଆର୍.ପି.ସି./୮୪ ଦେଖନ୍ତୁ**

ଯେହେତୁ, ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ **ଅକ୍ରମ୍ ଖାନ୍, ପିତା:** ଶେଠ୍ ଖାନ୍, **ବାସିନ୍ଦା:** ଗ୍ରାମ- ବ୍ରଗାମ, **ଥାନା**- ତେନ୍ତୁଲିଖୁଣ୍ଟି, **ଜିଲ୍ଲା**-ନବରଙ୍ଗପୁର, ଓଡ଼ିଶା **ଏନଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀ** ଅଧୀନସ୍ଥ ମାମଲାରେ ଅପରାଧ ଘଟାଇଛନ୍ତି (କିମ୍ବା ଘଟାଇଥିବାର ସନ୍ଦେହ କରାଯାଉଛି) ଏବଂ ସେ ବାବଦରେ ଜାରି କରାଯାଇଥିବା ଗିରଫ ପରୱାନାକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍**ଙ୍କର ସନ୍ଧାନ ମିଳୁନାହିଁ ଏବଂ ମୋ ସନ୍ତୁଷ୍ଟିରୂପେ ଏହା ଦର୍ଶାଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଫେରାର୍ ହୋଇଯାଇଛନ୍ତି (ଅଥବା ଉକ୍ତ ପରୱାନାକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି)।
ଏତଦ୍ୱାରା ଇସ୍ତାହାର ଦିଆଯାଉଅଛି କି, **ଏନ୍‌ଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ମାମଲା ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀ**ର ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଜଣେ ଅଭିଯୁକ୍ତ ଅଟନ୍ତି ଏବଂ ଉକ୍ତ ଅଭିଯୋଗର ଉତ୍ତର ଦେବା ପାଇଁ **ତା୩୦.୦୮.୨୦୨୫ରିଖ** ସୁଦ୍ଧା ତାଙ୍କୁ କୋର୍ଟରେ ହାଜର ହେବା ଆବଶ୍ୟକ ହେଉଅଛି।

ଆଦେଶକ୍ରମେ
କୁମାରୀ ମନୁ ଭେଦୱାନ
ଅତିରିକ୍ତ ଦୌରା ଜଜ୍-୦୨, ସ୍ପେଶାଲ ଜଜ୍ (ଏନ୍‌ଡିପିଏସ୍ ଅଧିନିୟମ)
ରୁମ୍ ନଂ. ୩୧୧, କଡ଼କଡ଼ଡୁମା ନ୍ୟାୟାଳୟ, ଦିଲ୍ଲୀ

DP/9774/ED/2025 (Court Matter)

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002**
**e-mail--- eercdapfsdran-jhr@nic.in**

**e-Procurement very Short Notice**

e-Tender Reference No .- RCD/FSD /AP/ RAN/07/25-26 Dated 24.07.2025

| | | |
|---|---|---|
| 1- | Name of Work | Consultancy Services for Preparation of Detailed Project Report (DPR) for H.L. bridge over Harmu river between Hindpiri to Nayatoli road in Ranchi District in the state of Jharkhand including its approaches, Land acquisition proposal with ownership details, Resettlement and Rehabilitation proposal, forest diversion proposal if any, including clearance of all stages etc as required from Consultants empanelled in Category-II with the Road Construction Department, Government of Jharkhand vide letter no -3063(S) W.E dated 22 -08-2022 are allowed to bid. |
| 2- | Tentative Length | 75 m (Approx) |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 25,000/- (Rupees Twenty five Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no-120 dated 03.10.2023. |
| 5- | Date and Time of Publishing of Tender on official website | 28.07.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 05.08.2025, 12.30 PM |
| 7- | Date and Timing of Bid opening | 06.08.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi- 834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

Executive Engineer, Field Survey Division, A.P
Road Construction Department, Ranchi

PR 358295 (Road) 25-26_D

# ଜନପଥ ହୋର୍ଡିଂ ରାଜସ୍ୱ ବାଟମାରଣା

ଭୁବନେଶ୍ୱର, ୨୬।୭ (ବନ୍ଦନା ସେଠୀ)

## ବିଏମ୍‌ସିର ୩୯ କୋଟି ବକେୟା ରଖିଥିବା ସଂସ୍ଥାକୁ ସ୍ମାର୍ଟସିଟିର ଅନୁକମ୍ପା

ରାଜଧାନୀବାସୀଙ୍କୁ ବିଭିନ୍ନ ସେବା ଯୋଗାଇ ଆସୁଥିବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିଜ ରାଜସ୍ୱ ବଢାଇବା ପାଇଁ ଉଦ୍ୟମ କରୁଛି। ବିଶେଷକରି ରାଜସ୍ୱର ବଡ଼ ଅଂଶ ଟିକସରୁ ଆସୁଥିବାରୁ ଏହା ଉପରେ ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛି। ତେବେ ସାଧାରଣ ଟିକସଦାତାଙ୍କୁ ନାଲିଆଖି ଦେଖାଇ ବକେୟା ସଂଗ୍ରହ କରୁଥିବା ବିଏମ୍‌ସି କେତେକ ଏଜେନ୍ସି ଆଗରେ ହାର୍ ମାନି ଯାଉଛି। ଫଳରେ ବିଭିନ୍ନ ଏଜେନ୍ସି ପାଖରେ କୋଟି କୋଟି ଟଙ୍କା ବକେୟା ପଡି ରହୁଛି। ସେହିପରି ବିଏମ୍‌ସି ଟିକସକୁ ଅନ୍ୟ ସଂସ୍ଥା ଛଡ଼ାଇ ନେଉଥିଲେ ମଧ୍ୟ ଅଧିକାରୀମାନେ ହାତବାନ୍ଧି ବସିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମ୍ୟୁନିସିପାଲ କର୍ପୋରେଶନ ନିୟମ ଅନୁଯାୟୀ, ବିଏମ୍‌ସିର ଆଡ୍‌ଭର୍ଟାଇଜ୍‌ମେଣ୍ଟ ରାଇଟ୍ସ ରହିଛି। ତେଣୁ ଭୁବନେଶ୍ୱରରେ ଲାଗୁଥିବା ସମସ୍ତ ହୋର୍ଡିଂର ରାଜସ୍ୱ ବିଏମ୍‌ସିକୁ ମିଳିବା କଥା। ମାତ୍ର ସହରରେ ବହୁ ହୋର୍ଡିଂ ଲଗାଯାଉଥିବାବେଳେ କେତେକ ହୋର୍ଡିଂର ଟିକସ ବିଏମ୍‌ସି ଖାତାକୁ ନ ଆସି ବାଟମାରଣା ହେଉଛି।




ଜୋନ୍’ ଘୋଷଣା କରାଯାଇଥିବେଳେ ପରେ ତାହାକୁ ତରବରିଆ ଭାବେ ହୋର୍ଡିଂ ଜୋନ୍ କରାଯାଇଛି। ଆଉ ଏହି ଜୋନ୍‌ରେ ହୋର୍ଡିଂ ଓ ଅନ୍ୟାନ୍ୟ ବିଜ୍ଞାପନ ଲଗାଇବାକୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ) ବିଏମ୍‌ସିର ବିନା ଅନୁମତିରେ ମେଟ୍ରୋ ସାଇନ ନାମକ ଏଜେନ୍ସିକୁ ଟେଣ୍ଡର ପ୍ରଦାନ କରିଛି। ସେହିପରି ବିଏମ୍‌ସି ରାସ୍ତାରେ ହୋର୍ଡିଂ ଲଗାଯାଇଥିଲେ ହେଁ ଏଥିରୁ ମିଳୁଥିବା ଟିକସ ବିଏମ୍‌ସି ଖାତାକୁ ନ ଯାଇ ସ୍ମାର୍ଟସିଟି ନିଜେ ରଖୁଥିବା ଜଣାପଡିଛି। ବିଏସ୍‌ସିଏଲ୍ ୨୦୨୧ରେ ସମ୍ପୃକ୍ତ ସଂସ୍ଥାକୁ ସରିଥିବାବେଳେ ଏଯାବତ୍ ଜନପଥର ବିଭିନ୍ନ ସ୍ଥାନରେ ସମ୍ପୃକ୍ତ ଏଜେନ୍ସିର ହୋର୍ଡିଂ ରହିଛି। ସେହିପରି ଗତ ୪ ବର୍ଷ ମଧ୍ୟରେ ସଂସ୍ଥା ଉପରେ ବିଏମ୍‌ସିର ୩୯ କୋଟି ଟଙ୍କା ବକେୟା ପଡିଛି। ବିଏମ୍‌ସିକୁ ଏତେ ପରିମାଣରେ ଟିକସ ନ ଦେଇ ସଂସ୍ଥା ବର୍ଷ ବର୍ଷ ଧରି କାହା ଛତ୍ରଛାୟା ତଳେ ଜନପଥରେ ହୋର୍ଡିଂ ଲଗାଇଛି ବୋଲି ପ୍ରଶ୍ନ ଉଠୁଛି। ସଂସ୍ଥା ଟିକସ ପଇଠ ନ କରି ହୋର୍ଡିଂ ଲଗାଉଥିଲେ ବି ଟେଣ୍ଡର ପ୍ରଦାନ କରିଥିବା ସ୍ମାର୍ଟସିଟି ସଂସ୍ଥା ଅନୁକମ୍ପା ଦେଖାଉଛି। ସେହିପରି ସ୍ମାର୍ଟସିଟି ଉପରେ ମଧ୍ୟ ବିଏମ୍‌ସି କୌଣସି ରୋକ୍ ନ ଲଗାଇବା ଭିତିରି ସନ୍ଧି ଆଶଙ୍କାକୁ ଦୃଢ଼ୀଭୂତ କରୁଛି। ଅନ୍ୟପକ୍ଷରେ ଯଦି ସଂସ୍ଥା ଟିକସ ବାବଦରେ ଟଙ୍କା ପଇଠ କରିଛି, ତେବେ ତାହା ବିଏମ୍‌ସି ଖାତାକୁ ନ ଆସି ସ୍ମାର୍ଟସିଟି ଖାତାକୁ କିଭଳି ଯାଉଛି, ତାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ବିଏମ୍‌ସିକୁ ଅବଗତ ନ କରାଇ ସ୍ମାର୍ଟ ଜନପଥରେ ଥିବା ଭେଣ୍ଡିଂ କିଓସ୍କରେ ୩,୬୩୪ ବର୍ଗଫୁଟ ଅଞ୍ଚଳରେ ବିଜ୍ଞାପନ ପାଇଁ ବିଏସ୍‌ସିଏଲ୍ ଟେଣ୍ଡର ଆହ୍ୱାନ କରିଥିଲା। ଟେଣ୍ଡର ଅନୁଯାୟୀ ମେଟ୍ରୋ ସାଇନ୍‌କୁ ୪,୭୦୦ ବର୍ଗଫୁଟ ପାଇଁ ଟେଣ୍ଡର ପ୍ରଦାନ କରାଯାଇଥିଲା। ମାତ୍ର ସଂସ୍ଥା ଏହାକୁ ଉଲ୍ଲଂଘନ କରି ୮୦୦୦ ବର୍ଗଫୁଟରେ ହୋର୍ଡିଂ ଲଗାଇଛି। ବିଏମ୍‌ସି ପକ୍ଷରୁ ସ୍ମାର୍ଟସିଟି ଏବଂ ସମ୍ପୃକ୍ତ ସଂସ୍ଥାକୁ ଏନେଇ ବାରମ୍ବାର ଡକ୍ୟୁମେଣ୍ଟ ମଗାଯାଇଥିଲେ ବି କୌଣସି ତଥ୍ୟ ପ୍ରଦାନ କରାଯାଇ ନାହିଁ। ସେହିପରି ବିନା ଅନୁମତିରେ ୨୦୨୨ରେ ସଂସ୍ଥା ପକ୍ଷରୁ ଟ୍ରାନ୍ସଫର୍ମରରେ ବିଜ୍ଞାପନ ବୋର୍ଡ ଲଗାଇ ନିୟମ ଉଲ୍ଲଂଘନ କରାଯାଇଥିଲା। ପୁନର୍ବାର ୨୦୨୨ରେ ବର୍ଗଫୁଟ ପିଛା ୩୦୧ ଟଙ୍କା ଦର ଧାର୍ଯ୍ୟ ହୋଇଥିବାବେଳେ ୨୦୨୩ ଚୁକ୍ତିନାମାରେ ଏହାକୁ କେଉଁ ଆଧାରରେ କମାଇ ୧୫୦ଟଙ୍କା କରାଯାଇଛି ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି।

ଏନେଇ ବିଏମ୍‌ସିର ରାଜସ୍ୱ ଡେପୁଟି କମିଶନର ଅଜୟ କୁମାର ମହାନ୍ତି କହିଛନ୍ତି, ସ୍ମାର୍ଟସିଟି ସ୍ମାର୍ଟ ଜନପଥ ନିର୍ମାଣ କରିଥିବାରୁ ଏଠାରେ ହୋର୍ଡିଂ ଲଗାଇବା ପାଇଁ ଟେଣ୍ଡର ଆହ୍ୱାନ କରିଥିଲା। ତେବେ ନିୟମ ଅନୁଯାୟୀ ହୋର୍ଡିଂ ବାବଦରେ ସେଠାରୁ ଆଦାୟ ହେଉଥିବା ଟିକସ ବିଏମ୍‌ସିକୁ ମିଳିବା କଥା, ଯାହା ହେଉନାହିଁ। ସେହିପରି ସମ୍ପୃକ୍ତ ସଂସ୍ଥା ହୋର୍ଡିଂ ବାବଦରେ କିଛି ଟିକସ ଦେଇଛି କି ନାହିଁ ସେନେଇ ମଧ୍ୟ ସୂଚନା ନାହିଁ। ତେଣୁ ନିୟମ ଅନୁଯାୟୀ ବିଏମ୍‌ସି ପକ୍ଷରୁ ସଂସ୍ଥାକୁ ୪ ବର୍ଷ ପାଇଁ ୩୯ କୋଟି ଟଙ୍କାର ଡିମାଣ୍ଡ ନୋଟିସ ପଠାଯାଇଛି। ପ୍ରଥମବର୍ଷ ବର୍ଗଫୁଟକୁ ୧୭୬ଟଙ୍କା, ଦ୍ୱିତୀୟ ବର୍ଷ ମୂଳ ୧୭୬ଟଙ୍କାର ୧୦% ଅଧିକ ଏବଂ ତୃତୀୟ ଓ ଚତୁର୍ଥ ବର୍ଷ ୧୦% ଅଧିକ ଲେଖାଏ ମୋଟ ୩୯ କୋଟି ଟଙ୍କାର ଡିମାଣ୍ଡ ନୋଟିସ ଗତ ୮ ଦିନ ତଳେ ପ୍ରଦାନ କରାଯାଇଛି। ୧୫ ଦିନ ମଧ୍ୟରେ ସଂସ୍ଥା ଏହାର ଉତ୍ତର ନ ରଖିଲେ ଆଇନ ଅନୁଯାୟୀ ତା’ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏନେଇ ସ୍ମାର୍ଟସିଟି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସୃଜନଶୀଳତା ପ୍ରଦର୍ଶନ କଲେ ଛାତ୍ରଛାତ୍ରୀ





ପ୍ରଦର୍ଶନୀରେ ଯୋଗଦେଇଥିବା ଅତିଥି(ଉପର)। ଛାତ୍ରୀମାନେ ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।

ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)

## ଲୟୋଲା ସ୍କୁଲରେ ‘ସିଙ୍କ୍ରୋନି ୨୦୨୫’

ଲୟୋଲା ସ୍କୁଲର ଗୋଲ୍ଡେନ ଜୟନ୍ତୀ ଅବସରରେ ‘ସିଙ୍କ୍ରୋନି ୨୦୨୫’ ଶୀର୍ଷକ ଏକ ଆର୍ଟ, କ୍ରାଫ୍ଟ, ମଡେଲ ମେକିଂ ଓ ରୋବୋଟିକ୍ସ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ, ବିଜ୍ଞାନ ମଡେଲ, କୁକୁଡ଼ା ନାଟକ, ମେହେନ୍ଦି, ଟାଟୁ ତିଆରି, ରଙ୍ଗୋଲି ଓ ରୋବୋଟିକ୍ସ ମାଧ୍ୟମରେ ତାଙ୍କର ସୃଜନଶୀଳତା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଶତ୍ରୁଘ୍ନ ସାମଲ, ଡ. ମିନକେତନ ପଟ୍ଟନାୟକ, ଡ. ସୁଧାଂଶୁ ମୋହନ, ରବି ନାରାୟଣ ବର୍ଣ୍ଣିକ, ଗୋପାଳ କୃଷ୍ଣ ସାହୁ, ବସନ୍ତ କୁମାର ପାତ୍ର ଓ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ବିଚାରପତି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନବୀନତା ଓ ଶିକ୍ଷା ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ଦେଇ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ କୁକୁଡ଼ା ନାଟକ ସାମାଜିକ ସଚେତନତା ସୃଷ୍ଟି କରିଥିଲା। ସେମାନଙ୍କ ହାତ ତିଆରି ପ୍ରତ୍ୟେକ ପ୍ରକଳ୍ପ, ମଡେଲ, ଡିଜାଇନ ଓ ଚିତ୍ରାଙ୍କନକୁ ଦର୍ଶକ ଖୁବ୍ ପ୍ରଶଂସା କରିଥିଲେ। ପ୍ରତ୍ୟେକ ବର୍ଗରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ତଥା ସୃଜନଶୀଳତାର ବିକାଶ ପାଇଁ ଏକ ପ୍ରକୃଷ୍ଟ ମାଧ୍ୟମ ହେବ ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ଏ ଅମଲା ଏସ୍‌ଜେ ମତ ଦେଇଛନ୍ତି।

# ଓଡ଼ିଆ ଅସ୍ମିତାର ପ୍ରତୀକ ବାରବାଟୀ ସମ୍ପୂର୍ଣ୍ଣ ଅବହେଳିତ

ଭୁବନେଶ୍ୱର, ୨୬।୭ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୪ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଜାତୀୟ ପ୍ରସାରଣ ଓ ମଲ୍ଟିମିଡିଆ ଏକାଡେମୀର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ଦୀପକ ସାମନ୍ତରାୟ ଯୋଗଦେଇ କହିଲେ, ବାରବାଟୀକୁ ବାଦ୍‌ଦେଇ ଓଡ଼ିଶାର ଇତିହାସ କଳ୍ପନା କରିବା ସମ୍ଭବ ନୁହେଁ। ଗଙ୍ଗପତି କପିଳେନ୍ଦ୍ର ଦେବ ଅଙ୍ଗ, ବଙ୍ଗ, କଳିଙ୍ଗ ଓ କୋଶଳ ଇତ୍ୟାଦି ଅଞ୍ଚଳ ସମୂହକୁ ଗୋଟିଏ ଶାସନ ଅଧୀନକୁ ଆଣିଥିଲେ। ବାରବାଟୀ ସବୁ ସମୟରେ ପ୍ରେରଣାର ଉତ୍ସ ଭାବରେ ଓଡ଼ିଆ ଜାତିକୁ ଉଦ୍‌ବୁଦ୍ଧ କରିଛି। ବାରବାଟୀକୁ ନେଇ ସର୍ଜନଶୀଳ ଓଡ଼ିଆ ରଚନା କରିଛନ୍ତି ଅନେକ କବିତା ଏବଂ ସାହିତ୍ୟ କୃତି ପଢ଼ିଲାପରେ ବିଷୟ ଆଜି ଓଡ଼ିଆ ଜାତିର ଅସ୍ମିତାର ପ୍ରଭାବଶାଳୀ ପ୍ରତୀକ ବାରବାଟୀ ସମ୍ପୂର୍ଣ୍ଣ ଭାବେ ଅବହେଳିତ। ଗଡ଼ଖାଇର ପୁନରୁଦ୍ଧାର, ସାଉଣ୍ଡ ଓ ଲାଇଟ୍ ସୋ, ସଂଗ୍ରହାଳୟ ସ୍ଥାପନ, ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦିଆଯାଇପାରିଲେ ଆମେ କହିପାରିବା ଆମେ ବାରବାଟୀର ଡାକ ଶୁଣିଛୁ। ଏହିଭଳି ସମ୍ମାନ ଦେବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ। ଆସନ୍ତୁ ଆମେ ଏହିଟିକୁ ସୁରକ୍ଷା ଦେବା। କାରଣ ଆମ ଏହିଟି ହିଁ ଆମ ଅସ୍ମିତା ବୋଲି ଡ. ସାମନ୍ତରାୟ ମତ ରଖିଥିଲେ। ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଜନତାଙ୍କ ମନର ନେତା ଥିଲେ ଅଟଳଜୀ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୬।୭ (ସୌମ୍ୟରଞ୍ଜନ ରାଉତ)

## ପ୍ରତିଭା ରାୟଙ୍କୁ ‘ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ’

ଅଟଳ ବିହାରୀ ବାଜପେୟୀଙ୍କ କଥା ଯେତେବେଳେ ଆଲୋଚନା ହେବ, ‘ପୋଖରାନ ପରମାଣୁ ପରୀକ୍ଷଣ’ ଓ ‘କାର୍ଗିଲ ବିଜୟ’ କଥା ସର୍ବାଗ୍ରେ ଆସିବ। ଅଟଳ ଜୀ କେବଳ ଜଣେ ରାଜନେତା ନୁହନ୍ତି, ସେ ଜନମାନସର ହୃଦୟରେ ଥିବା ଏକ ଅଭିନ୍ନ ଅନୁଭୂତି। ଅଟଳ ଜୀଙ୍କ ଓଡ଼ିଶାପ୍ରୀତି ପ୍ରଗାଢ ଭଲ ପାଇବା ଥିଲା। ସେ ଅନେକ ସମୟରେ ଓଡ଼ିଶା ପାଇଁ ରାସ୍ତା, ରେଳପଥ, ଶିକ୍ଷା, ଔଦ୍ୟୋଗିକ ରୂପାନ୍ତରଣ ଆଦିରେ ନୂଆ ଯୁଗର ଆରମ୍ଭ କରିଥିଲେ। ଅଟଳ ଜୀ ଗୋଟିଏ ଦଳର ପ୍ରତିନିଧି ଥିଲେ ସତ କିନ୍ତୁ ଜନତାଙ୍କ ମନର ନେତା ଥିଲେ। ତାଙ୍କ ଯୁଗ ହେଉଛି ସୁଶାସନ ସୁସ୍ଥକାମ ଭାରତର ପ୍ରତୀକ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଅଟଳ ଯୁବଶକ୍ତି ଓଡ଼ିଶା ପକ୍ଷରୁ ସୂଚନାଭବନଠାରେ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସ୍ମରଣିକା ‘ଯୁଗଜନ୍ମା ଅଟଳ’କୁ ଉନ୍ମୋଚନ କରି ଏହା କହିଥିଲେ। ସେ କହିଲେ, ଯୁଗପୁରୁଷଙ୍କ ସ୍ମରଣରେ ପ୍ରସ୍ତୁତ ଏହି ସ୍ମରଣିକାରେ ଅଟଳଜୀଙ୍କ ଜୀବନ, ଚିନ୍ତାଧାରା, ସଂସ୍କୃତି, ଦୃଷ୍ଟିକୋଣ, ତାଙ୍କ ଦୃଢ଼ ପଦକ୍ଷେପ ଓ ଦେଶପ୍ରେମ ଉପରେ ଆଧାରିତ ଗୁରୁତ୍ୱପୂର୍ଣ୍ଣ ଲେଖାମାନ ସ୍ଥାନ ପାଇଛି। ଏହା କେବଳ ସ୍ମୃତି ନୁହେଁ, ଏହା ଏକ ଦିଗଦର୍ଶନ ଏକ ଅଟଳ ମାର୍ଗ, ଯାହା ଆସନ୍ତା ପିଢ଼ିକୁ ଅନୁପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମ୍ମାନିତ ଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବାଜପେୟୀଙ୍କ ଚିନ୍ତାଧାରାକୁ ଏକ ସମ୍ପୂର୍ଣ୍ଣ ଅନୁଷ୍ଠାନ ବୋଲି କହିଥିଲେ। ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ, ବାଜପେୟୀ କେବଳ ଏକ ନାମ ନୁହେଁ, ଏକ ବିଚାରଧାରା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ନିଜ ପ୍ରତିଭା ଦ୍ୱାରା ଦେଶ ଓ ରାଜ୍ୟକୁ ଗର୍ବିତ କରୁଥିବା ବ୍ୟକ୍ତିମାନଙ୍କୁ ‘ଅଟଳ ସମ୍ମାନ’ରେ ସମ୍ମାନିତ କରିଥିଲେ। ସାରସ୍ୱତ ସାଧିକା ଡ. ପ୍ରତିଭା ରାୟଙ୍କୁ ‘ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ’, ସମାଜିକ କର୍ମୀ ସମୀର ମହାନ୍ତିଙ୍କୁ ‘ଅଟଳ ମିତ୍ର ରତ୍ନ’, ସାହିତ୍ୟିକ ଦେବପ୍ରସାଦ ଦାଶଙ୍କୁ ‘ଅଟଳ ସାହିତ୍ୟ ରତ୍ନ’, ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ‘ଅଟଳ ଖେଳ ରତ୍ନ’ ସମ୍ମାନ ଦିଆଯାଇଥିଲା। ସେହିଭଳି ଅନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ବିକାଶ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣିଷଙ୍କ ଅସନ୍ତୁଳିତ କାର୍ଯ୍ୟକଳାପ ପ୍ରକୃତି ପାଇଁ ସଙ୍କଟ ଆଣୁଛି

ଭୁବନେଶ୍ୱର, ୨୬।୭(ବନ୍ଦନା ସେଠୀ)

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

ମଣିଷଙ୍କ କ୍ରମବର୍ଦ୍ଧିଷ୍ଣୁ ଅସ୍ଥାୟୀ ଓ ଅସନ୍ତୁଳିତ କାର୍ଯ୍ୟକଳାପ ଯୋଗୁ ଆମ ପ୍ରକୃତି ସଙ୍କଟର ସମ୍ମୁଖୀନ ହେଉଛି। ପରିଣାମ ସ୍ୱରୂପ ଅଧିକ ସଂଖ୍ୟକ ଅପ୍ରତ୍ୟାଶିତ ଏବଂ ବିପଜ୍ଜନକ ପ୍ରାକୃତିକ ବିପର୍ଯ୍ୟୟ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦେଖାଦେଉଛି। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ)ସ୍ଥିତ ସାଇନ୍ସ ଫର୍ କମନ ପିପୁଲ ସୋସାଇଟି (ସ୍କୋପ୍), ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି ଏବଂ ଭାରତୀୟ ପାଣିପାଗ ସମିତି ପକ୍ଷରୁ ଶନିବାର ଟ୍ରାଇଡେଣ୍ଟ ଏକାଡେମୀଠାରେ ‘ବିଶ୍ୱ ପ୍ରକୃତି ସଂରକ୍ଷଣ’ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରବୋଧ ମହାନ୍ତି ଯୋଗଦେଇ କହିଲେ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶିଳ୍ପ ନିତାନ୍ତ ଆବଶ୍ୟକ। ଶିଳ୍ପ ସର୍ବଦା ପରିବେଶ ପ୍ରଦୂଷଣ କ୍ଷେତ୍ରରେ ପ୍ରଭାବ ପକାଉଥିବା ବିଚାର କରାଯାଉଥାଏ। ମାତ୍ର ଏବେ ସରକାରଙ୍କ କଠିନ ନିୟମାବଳୀ ଓ ଶିଳ୍ପପତିଙ୍କ ପରିବେଶ-ଅନୁକୂଳମୂଳକ ଦୃଷ୍ଟିକୋଣ ଯୋଗୁ ଶିଳ୍ପ ସହ ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ବୃଦ୍ଧିପାଇଛି। ପୂର୍ବତନ ପିସିସିଏଫ୍ ତଥା ସ୍କୋପ୍‌ର ଉପସଭାପତି ଡ. ବିଜୟ କେତନ ପଟ୍ଟନାୟକ ଯୋଗଦେଇ ପ୍ରକୃତି ସଂରକ୍ଷଣ ଓ ନିରନ୍ତର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସୋଆର ଜଳବାୟୁ ବୈଜ୍ଞାନିକ ତଥା ସ୍କୋପ୍‌ର ସଭାପତି ପ୍ରଫେସର ୟୁ.ସି. ମହାନ୍ତି କହିଲେ, ପ୍ରକୃତି ପଛରେ ବିଜ୍ଞାନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ସାମ୍ପ୍ରତିକ ସ୍ଥିତିରେ ଆଲୋଚନା କରିବାର ପ୍ରମୁଖ ଆବଶ୍ୟକତା ରହିଛି। ଜନସାଧାରଣଙ୍କ ସଂପୃକ୍ତି ଓ ଭାଗୀଦାରିତାରେ ଦ୍ରୁତ ଶିଳ୍ପ ଅଭିବୃଦ୍ଧି ସତ୍ତ୍ୱେ କାର୍ବନ ମାତ୍ରା ହ୍ରାସକରି କିପରି ଦ୍ରୁତ ଜଳବାୟୁ ପରିବର୍ତ୍ତନ ଦୃଶ୍ୟପଟକୁ ନିୟନ୍ତ୍ରଣ କରିହେବ ସେ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ପାଣିପାଗ ବିଭାଗ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି, ଟ୍ରାଇଡେଣ୍ଟ ଏକାଡେମୀ ଅଧ୍ୟକ୍ଷ ଡ. ଡି.ଏନ୍. ପଟ୍ଟନାୟକ, ସ୍କୋପ୍‌ର ସମ୍ପାଦକ ଡ. ନିହାର ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ଫୁଟର ଅଜଗର ଉଦ୍ଧାର

ବାରଙ୍ଗ,୨୬।୭(ଲିଙ୍ଗରାଜ ରାଉତ): ବାରଙ୍ଗ ମଣ୍ଡଳୀ ପାଖ ଦୁଆଡ଼ି ଗାଁରିକିରେ ଶନିବାର ସନ୍ଧ୍ୟାରେ ଏକ ଅଜଗର ସାପକୁ ଉଦ୍ଧାର କରାଯାଇଛି। ସାପଟିର ଲମ୍ବ ପ୍ରାୟ ୧୫ଫୁଟ ହେବ ବୋଲି ଜଣାପଡିଛି। ସନ୍ଧ୍ୟାରେ ସାପଟି ରାସ୍ତା ପାର ହେବା ସମୟରେ ସ୍ଥାନୀୟ ଯୁବକ ଦେଖିଥିଲେ। ଏହାପରେ ଯୁବକମାନେ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସ୍ନେକ ହେଲ୍ପ ଲାଇନ ପହଞ୍ଚି ସାପଟିକୁ ଉଦ୍ଧାର କରି ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡିଛନ୍ତି।

# ଓଡିଏମ୍‌ରେ ନଲେଜ୍ କ୍ରଲ୍ ଉଦ୍‌ଘାଟିତ




ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ‘ନଲେଜ୍-କ୍ରଲ୍ ୨୦୨୫’ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ।

ଭୁବନେଶ୍ୱର,୨୬।୭ (ଅଭୟ ଦାଶ)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ‘ନଲେଜ୍-କ୍ରଲ୍ ୨୦୨୫’ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଆଇଆଇଏମ୍‌ଟି-ସିଏସ୍‌ଆଇଆରର ପ୍ରୋସେସ୍ ଇଞ୍ଜିନିୟରିଂ ଏବଂ ଇନ୍‌ଷ୍ଟ୍ରୁମେଣ୍ଟେସନ ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ଦେବୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଟ୍ରାଇଡେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ସହଯୋଗୀ ପ୍ରଫେସର ଡ. ଶୁଭେନ୍ଦୁ କୁମାର ତ୍ରିପାଠୀ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପିଲାଙ୍କ ଅନ୍ତର୍ନିହିତ ପ୍ରତିଭା ଏବଂ ଦକ୍ଷତାର ବିକାଶ ନିମନ୍ତେ ଉକ୍ତ ପ୍ରଦର୍ଶନୀ ଏକ ମଞ୍ଚ, ଯାହା ଭବିଷ୍ୟତରେ ଜଣେ ଜଣେ କୁନି ବୈଜ୍ଞାନିକ ସୃଷ୍ଟି କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡିଏମ୍ ସମୂହର ପ୍ରତିଷ୍ଠାତା ଡ. ମୀନକେତନ ପିଲାଙ୍କ ଭିତରେ ଥିବା ଆଗ୍ରହକୁ ସମ୍ମାନ କରିବା ସହ ସେମାନଙ୍କ ପ୍ରତିଭାର ବିକାଶ ନିମନ୍ତେ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ। ବିଜ୍ଞାନ ବିଷୟକୁ ଆଧାରକରି ଆୟୋଜନ କରାଯାଇଥିଲା। ପ୍ରଥମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଦର୍ଶନୀର ୨ୟ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ମଣ୍ଡଳୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ, ଚାର୍ଟ, ମଡେଲ, କ୍ଷୁଦ୍ର ଚଳଚ୍ଚିତ୍ରକୁ ନିରୀକ୍ଷଣ କରିଥିଲେ। ଏପରିକି ଶିକ୍ଷାଭିତ୍ତିକ କ୍ଷୁଦ୍ର ଚଳଚ୍ଚିତ୍ର ଫନ୍ ଉଇଥ୍ ସାଇନ୍ସ,ମ୍ୟାଡ୍ ଓଭର ମ୍ୟାଥ୍, ଲିଭିଂ ଆୱାର ହିଷ୍ଟ୍ରିକୁ ପ୍ରଦର୍ଶନ କରି ମୂଲ୍ୟାୟନ କରିଥିଲେ। ଶ୍ରେଷ୍ଠ ବିବେଚିତ ପ୍ରକଳ୍ପଗୁଡ଼ିକୁ ଚୟନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଏଆଇ (କୃତ୍ରିମ ବୁଦ୍ଧିମତ୍ତା), ସସ୍ଟେନ୍ଡ ପରିବେଶ ଏବଂ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ/ସିଓଓ ସ୍ୱର୍ଣ୍ଣ ସତ୍ପେନ୍ଦ୍ର, ଉପାଧ୍ୟକ୍ଷ ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ଦ୍ରିତା ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାତ୍ରୀ ଏବଂ ଅଭିଭାବକମାନେ ଏହି ପ୍ରଦର୍ଶନୀଗୁଡ଼ିକୁ ପରିଦର୍ଶନ କରିଥିଲେ।

# ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଶକ୍ତି ସ୍ଥାୟୀ ଭବିଷ୍ୟତ ନିର୍ମାଣରେ ସହାୟକ ହେବ

## ସାଇମୁନ୍ ୨୦୨୫ ଉଦ୍‌ଯାପିତ

ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)



ସାଇମୁନ୍‌ର ଉଦ୍‌ଯାପନୀ ସମାରୋହରେ ବିଭିନ୍ନ ଦେଶର ଛାତ୍ର ପ୍ରତିନିଧି ଓ ଅତିଥିମାନଙ୍କ ସହ ବାଚସ୍ପତି ସୁରମା ପାଢ଼ୀ।

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ଦ୍ୱାରା ଆୟୋଜିତ ପୂର୍ବ ଭାରତର ସର୍ବବୃହତ ମଡେଲ ୟୁନାଇଟେଡ ନେସନ୍ସ (ସାଇମୁନ୍)ର ତ୍ରୟୋଦଶତମ ସଂସ୍କରଣ ଶନିବାର ଶେଷ ହୋଇଛି। ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଲେ, ସାଇମୁନ୍ ଏକ ସମ୍ମିଳନୀ ନୁହେଁ, ବରଂ ଏକ ମିଶନର ପର୍ବ। ଏହା ଯୁବପିଢ଼ିଙ୍କ ମନକୁ ଏକତ୍ର କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ସହ ସମସ୍ତ ସମସ୍ୟାର ସମାଧାନ କରିବାରେ ସହାୟକ ହୋଇପାରିବ। ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଶକ୍ତି, ଅନ୍ତର୍ଜାତୀୟ ଚିନ୍ତାଧାରା ଏବଂ ସହଯୋଗ ମନୋଭାବ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ମୁକାବିଲା କରିବା ସହିତ ଏକ ଶାନ୍ତିପୂର୍ଣ୍ଣ ତଥା ସ୍ଥାୟୀ ଭବିଷ୍ୟତ ନିର୍ମାଣରେ ସହାୟକ ହେବ ବୋଲି ବାଚସ୍ପତି କହିଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଲେ, ଛାତ୍ରଛାତ୍ରୀ ବିଶ୍ୱ ସମସ୍ୟାଗୁଡ଼ିକୁ ବୁଝିବା, ତଥ୍ୟଭିତ୍ତିକ ଯୁକ୍ତି ଉପସ୍ଥାପନ କରିବା, ବିଚାରଧାରାରେ କାର୍ଯ୍ୟକରିବା ଓ ଆକର୍ଷଣୀୟ ସଂକଳ୍ପ ପ୍ରସ୍ତୁତ କରିବାରେ ଏକ ପ୍ଲାଟଫର୍ମ ପ୍ରଦାନ କରିଥାଏ। ଏହି ଅବସରରେ ଅନ୍ତର୍ଜାତୀୟ ପ୍ରତିନିଧିମାନେ ଭୁବନେଶ୍ୱରରେ ଥିବା ଚେତନା ଭିନ୍ନକ୍ଷମ ସ୍କୁଲକୁ ଯାଇ ସେମାନଙ୍କ ସହ ମିଶି ଚାରାରୋପଣ କରିବା ସହ ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ୧୦ କମିଟିର ପ୍ରତିନିଧିମାନେ ବିଶ୍ୱର କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିତର୍କ କରିଥିଲେ। ଏଥିରେ ରାଜନୈତିକ, ଜନସ୍ୱାସ୍ଥ୍ୟ ଏବଂ ମାନବାଧିକାର ବିଷୟ ଅନ୍ତର୍ଭୁକ୍ତ ଥିଲା। ଯେମାନେ ଅନ୍ତର୍ଜାତୀୟ ଅସ୍ତ୍ରଶସ୍ତ୍ର ବାଣିଜ୍ୟ ଚୁକ୍ତିଗୁଡ଼ିକର ଆଇନଗତ କାର୍ଯ୍ୟକାରିତାର ମୂଲ୍ୟାଙ୍କନ, ଆମେରିକାର ଟିକସ ସଂଶୋଧନର ପ୍ରଭାବ, ୟେମେନି ହାଉଥି ଆକ୍ରମଣ, ଲୋହିତ ସାଗର ସୁରକ୍ଷା ଏବଂ ଚାଇନାରେ ତିବ୍ବତୀୟ ବୌଦ୍ଧଙ୍କ ନିର୍ଯ୍ୟାତନା ଉପରେ ଆଲୋଚନା କରିଥିଲେ। ଗ୍ଲୋବାଲ ଭିଲେଜ୍ ଏହି କାର୍ଯ୍ୟକ୍ରମର ଅନ୍ୟଏକ ଆକର୍ଷଣ ଥିଲା। ଉଗାଣ୍ଡା, ବାଂଲାଦେଶ, ଶ୍ରୀଲଙ୍କା, ପାପୁଆ ନ୍ୟୁ ଗିନି ଓ ଅନ୍ୟ ଦେଶ ଓ ରାଜ୍ୟର ଛାତ୍ରଛାତ୍ରୀ ଏକାଠି ହୋଇ ପରସ୍ପର ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ, ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ, ପ୍ରିନ୍ସିପାଲ ରଶ୍ମି ପାଣ୍ଡେ ଓ ସାଇ ରେସିଡେନ୍ସିଆଲ ସ୍କୁଲର ହେଡ୍ ମାଷ୍ଟର ଅମିତାଭ ଅଗ୍ନିହୋତ୍ରୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଚୋରି ଘଟଣାରେ ଜଣେ ଗିରଫ

**ଜଟଣୀ,୨୬।୭(ରବୀନ୍ଦ୍ରନାଥ ମହାକୁଡ଼)**

ଚୋରି ଘଟଣାରେ ଜଟଣୀ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଜଟଣୀ ଥାନା ଅଧୀନ ତରାବୋଇ ଗ୍ରାମ ପଥରଚକଡା ଅଞ୍ଚଳର ଶ୍ରୀମନ୍ତ ବରାଳ ଓରଫ ମାନସ (୩୦)। ତାଙ୍କ ନିକଟରୁ ନଗଦ ୧୦, ୦୦୦ଟଙ୍କା ଜବତ କରାଯାଇଛି। ଏ ନେଇ ଜଟଣୀ ଥାନାରେ ବିଭିନ ଦଫାରେ ମାମଲା (ନଂ.୩୩୩/୨୫) ରୁଜୁ ହୋଇ କୋର୍ଟ ଚାଲାଣ କରାଯାଉଥିବା ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ସୂଚନା ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ଗତ ୨୫ ତାରିଖରେ ଅଭିଯୋଗକାରୀ ଜଳନ୍ଧର ବରାଳଙ୍କ ଦୋକାନ ଶଟର ଓ ଛାତ ଭାଙ୍ଗି କେହି ତାଙ୍କ ଦୋକାନରୁ ୧୦ ହଜାର ଟଙ୍କା ଚୋରିକରି ନେଇ ଯାଇଥିଲେ। ଏ ନେଇ ଜଳନ୍ଧର ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ବିଶେଷ ସୂତ୍ରରୁ ଖବର ପାଇ ତରାବୋଇ ଚୁଲିବିକାର ଛକରେ ସନ୍ଦେହଜନକ ଭାବେ ଟଙ୍କା ଖର୍ଚ୍ଚ କରିବା ପାଇଁ ଚେଷ୍ଟା କରୁଥିବା ସମୟରେ ପୋଲିସ ଗିରଫ କରିଥିଲା। ପଚରାଉଚରା ବେଳେ ସେ ଦୋଷ ସ୍ୱୀକାର କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା।

## ମୋବାଇଲ ଦେଖି ଘରେ ଝୁଲିପଡ଼ିଲେ ୧୨ବର୍ଷର ବାଳକ

**ପୁରୁଣା ଭୁବନେଶ୍ୱର,୨୬।୭ (ସୁବାସ ପ୍ରଧାନ)**

ମୋବାଇଲରେ ହରର ଫିଲ୍ମ ଦେଖିବା ଏବଂ ଭୂତ ହେଲେ ସମସ୍ତଙ୍କୁ ମାରିପାରିବା ଭଳି ମାନସିକତାରେ ବଶବର୍ତ୍ତୀ ହୋଇ ଜଣେ ୧୨ବର୍ଷୀୟ ବାଳକଙ୍କ ଜୀବନ ଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାଜଧାନୀ ଉପକଣ୍ଠ ପିପିଲି ଥାନା ଅଧୀନ କାକୁଡ଼ି କୋସାଙ୍ଗ ଗ୍ରାମରେ। ପୋଲିସ ଉପସ୍ଥିତିରେ କାହ୍ନା ପାତ୍ରଙ୍କ ମୃତଦେହ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

ମିଳିଥିବା ଖବର ମୁତାବକ ଢେଙ୍କାନାଳ ଜିଲା ପୁରୁଣା ଅମାଙ୍ଗ କଲୁନିଗୋଡ଼ା ଅଞ୍ଚଳର କାହ୍ନାଙ୍କୁ ତାଙ୍କ ମା' ମମତା ପାତ୍ର ଗତ ୮ମାସ ହେବ ଜଣେ ବ୍ୟକ୍ତିଙ୍କ ଘରେ ଛାଡ଼ି ପାହାଳରେ ରହୁଛନ୍ତି। ଶନିବାର କାହ୍ନା ରହୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଅନ୍ୟ ପିଲାଙ୍କ ଠାରୁ ମୋବାଇଲ ନେଇ ହରର ଫିଲ୍ମ ଦେଖିଥିଲେ। ପରେ ସେ ଭୂତ ହେଲେ ସମସ୍ତଙ୍କୁ କ'ଣ ମାରିପାରିବି ବୋଲି ପଚାରିଥିଲେ। ଏହାପରେ ସେ ଏକ ରସିରେ ଆଜ୍‌ବେଷ୍ଟସ ବହ୍ଲାରେ ଝୁଲିପଡ଼ିଥିଲେ। ଏହା ଦେଖି ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଥିବା କୌଶଲ୍ୟା ଗଙ୍ଗ ଫାଣ୍ଡି ଇନ୍‌ଚାର୍ଜ ସନ୍ଦୀପ ସାହୁ କହିଛନ୍ତି।

# ଗୟାବନ୍ଧରେ ୨,୪୫୦ କୁକୁଡ଼ା, ୧୯ ବତକ ମରାଗଲା

**ଖୋର୍ଦ୍ଧା,୨୬।୭(ପ୍ରଭାତ ପାଣିଗ୍ରାହୀ)**

### ଜଙ୍କିଆରେ ବାର୍ଡ ଫ୍ଲୁ

- ସ୍ଥିତି ଅନୁଧ୍ୟାନ କଲେ ସିଡିଭିଓ, ୧୩ ଟିମ୍ ନିୟୋଜିତ
- ପଲ୍ଟ୍ରିଫାରି ସଂସ୍ଥା ମାନୁନାହାନ୍ତି କଟକଣା

ଖୋର୍ଦ୍ଧା ଜଙ୍କିଆ ମୁଣ୍ଡାଆମର ଏକ କୁକୁଡ଼ା ଫାର୍ମରେ ନମୁନା ପଜିଟିଭ୍ ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ବାର୍ଡ ଫ୍ଲୁ ଘୋଷଣା କରାଯାଇଛି। ଗୁରୁବାର ପ୍ରଥମ ଦିନରେ ୪,୫୦୭ କୁକୁଡ଼ା ମରାଯାଇ ପୋତାଯାଇଥିବା ବେଳେ ଦ୍ୱିତୀୟ ଦିନରେ ୭୦୩ ବତକ ମରାଯାଇଥିଲା। ଶନିବାର ତୃତୀୟ ଦିନରେ ମୁଣ୍ଡାଆମର ଏକ କି.ମି. ପରିଧି ମଧ୍ୟରେ ରହିଥିବା ଅନ୍ୟ ଏକ କୁକୁଡ଼ା ଫାର୍ମର ୨,୪୫୦ କୁକୁଡ଼ା, ୧୯ ବତକ ମରାଯାଇ ପୋତାଯାଇଛି। ଶନିବାର ପିପି କିଟ୍ ପିନ୍ଧି ପ୍ରାଣୀଧନ ବିଭାଗର କର୍ମଚାରୀମାନେ କୁକୁଡ଼ା ମାରିଥିଲେ। ଏଥିରେ ୧୩ଟି ଟିମ୍ ନିୟୋଜିତ ଅଛନ୍ତି। ଜିଲା ପ୍ରାଣୀଧନ ବିଭାଗ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ରବି ନାରାୟଣ ପଟ୍ଟନାୟକ, ଡେପୁଟି ନିର୍ଦ୍ଦେଶକ ଡା. ମାନସ ଚାନ୍ଦ, ସହକାରୀ ପ୍ରାଣୀଧନ ଚିକିତ୍ସାଧିକାରୀ(ଏଭିଓ) ଡା. ପ୍ରଜ୍ଞାପାରମିତା ହରିଚନ୍ଦନଙ୍କ ସମେତ ଜଙ୍କିଆ, ଟାଙ୍ଗୀ, ବେଗୁନିଆ ପ୍ରଭୃତି ଅଞ୍ଚଳର ପ୍ରାଣୀଧନ ଚିକିତ୍ସକ ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ସାମିଲ ଅଛନ୍ତି। ଏନେଇ ଡା. ହରିଚନ୍ଦନ କହିଛନ୍ତି, ବାର୍ଡ ଫ୍ଲୁ ଅଞ୍ଚଳର ଏକ କି.ମି. ପରିଧି ମଧ୍ୟରେ ରହିଥିବା ସମସ୍ତ ଫାର୍ମରୁ କୁକୁଡ଼ା ମରାଯାଇ କ୍ଲିନିଂ ଏବଂ ସାନିଟାଇଜ୍ କରାଯାଇଛି। ସିଡିଭିଓ ପଟ୍ଟନାୟକ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ସେ କହିଲେ ଯେ, ବାର୍ଡ ଫ୍ଲୁ ଅଞ୍ଚଳକୁ ଜିଲା ପ୍ରଶାସନ ପକ୍ଷରୁ ନିଷେଧାଞ୍ଚଳ ଘୋଷଣା କରାଯାଇଛି। ଏଠାରେ ନୂତନ କୁକୁଡ଼ା ଚିଆଁ ପକାଇବା, ବିକ୍ରି ଉପରେ ସମ୍ପୂର୍ଣ୍ଣ କଟକଣା ରହିଛି। ପ୍ରଶାସନିକ କଟକଣା ସତ୍ତ୍ୱେ କେତେକ ପଲ୍ଟ୍ରିଫାରି ସଂସ୍ଥା ଏହି ସବୁ ଅଞ୍ଚଳକୁ କଞ୍ଚାମାଲ ପଠାଉଥିବା ଅଭିଯୋଗ ଆସିଛି। ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଏଠାରେ କୌଣସି କୁକୁଡ଼ା ଫାର୍ମ ଅଥବା ଚାଷୀଙ୍କୁ କଞ୍ଚାମାଲ ନ ପଠାଇବା ପାଇଁ ନିବେଦନ କରାଯାଉଛି। ନଚେତ୍ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି। ଏ ଦିଗରେ ଜିଲା ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଛି। ବାର୍ଡ ଫ୍ଲୁର ଏକ କି.ମି. ପରିଧି ମଧ୍ୟରେ ରହିଥିବା ସମସ୍ତ କୁକୁଡ଼ା ଫାର୍ମଗୁଡ଼ିକର କୁକୁଡ଼ା ମରାଯିବା, ଘରେ ପାଳିଥିବା କୁକୁଡ଼ା ମଧ୍ୟ ମରାଯିବ। କୁକୁଡ଼ା ମରାଯିବା ସମୟରେ ସେମାନଙ୍କ ମଳ, ସ୍ରାବ ସଂଗ୍ରହ କରାଯାଇ ପ୍ରଥମେ କଟକ ଏବଂ ସେଠାରୁ ଭୋପାଳ ନମୁନା ପଠାଯିବ। ଭୋପାଳ ରିପୋର୍ଟକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି।


ପ୍ରାଣୀଧନ ବିଭାଗର କର୍ମଚାରୀମାନେ ଏକ କୁକୁଡ଼ା ଫାର୍ମକୁ କ୍ଲିନିଂ ଏବଂ ସାନିଟାଇଜ୍ କରୁଛନ୍ତି।

# ପାଣିପମ୍ପ ଘରୁ ଯନ୍ତ୍ରାଂଶ ଚୋରି, ୩ ଯୁବକ କୋର୍ଟ ଚାଲାଣ


ଗିରଫ ୩ ଲୁଟେରା ।

**ବେଗୁନିଆ,୨୬।୭(ହରପ୍ରସନ୍ନ ପଣ୍ଡା)**

ପାଣିପମ୍ପ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ବେଗୁନିଆ ପୋଲିସ ୩ଜଣ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଲୁଟେରାମାନେ ହେଲେ ଏହି ଥାନା ଅନ୍ତର୍ଗତ ଗଡତରା ଗ୍ରାମର ମଧୁ ନାୟକ (୨୮), ପ୍ରଶାନ୍ତ ନାୟକ(୨୪) ଏବଂ ରବି ନାୟକ (୨୦)। ପୋଲିସ ସୂଚନା ଅନୁସାରେ ଗଡତରା ଗ୍ରାମର କୁନି ସାହୁ ନାମ୍ନୀ ଜଣେ ଚାଷୀ ନିଜ ଜମିରେ ଏକ ବୋର୍ ପଏଣ୍ଟ ଖନନ କରିଥିଲେ। ଜମିକୁ ଜଳ ସେଚିତ କରି ଦୀର୍ଘଦିନ ହେଲା ବିଭିନ୍ନ ଫସଲ ଅମଳ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ୪ ଦିନ ପୂର୍ବେ କେହି ଲୁଟେରା ପାଣିପମ୍ପ ଘର ତାଲା ଭାଙ୍ଗି ପମ୍ପ ମୋଟର ସହିତ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି କରି ନେଇଯାଇଥିଲେ। କୁନି ଗତ ୨୪ ତାରିଖରେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା (ନଂ.୨୦୫/୨୫) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ଏକ ୫ ଜଣିଆ ଦଳ ଗଠିତ ହୋଇଥିଲା। ବିଭିନ୍ନ ସ୍ଥାନରେ ଚଢାଉ କରି ଶୁକ୍ରବାର ବିଳମ୍ବିତ ରାତିରେ ସମ୍ପୃକ୍ତ ଲୁଟେରାମାନେ ସ୍ଥାନୀୟ ରାଧାକାନ୍ତପୁର ଗ୍ରାମ ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ଲୁଚି ରହିଥିବା ଜାଣିବାକୁ ପାଇଥିଲେ। ପୋଲିସକୁ ଦେଖି ଲୁଟେରାମାନେ ଖସି ପଳାଉଥିବା ବେଳେ ସେମାନେ ଗହିର ମଝିରେ ମାଡି ବସିଥିଲେ। ଶନିବାର ସମ୍ପୃକ୍ତ ଲୁଟେରାମାନଙ୍କୁ ଖୋର୍ଦ୍ଧା ଏସ୍‌ଡିଜେଏମ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଖୋର୍ଦ୍ଧା କାରାଗାରକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ କହିଛନ୍ତି।

# ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୯ତମ ଶ୍ରାଦ୍ଧଦିବସ


ପୁଣ୍ୟତିଥିରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ଅବସରରେ ଯୋଗଦେଇଥିବା ଅତିଥି।

**ବାଣପୁର,୨୬।୭(ଦିଲୀପ କୁମାର ସ୍ୱାଇଁ)**

ଉତ୍କଳମଣି ଗୋପବନ୍ଧୁଙ୍କ ପଞ୍ଚଶିଷ୍ୟ, ସତ୍ୟବାଦୀ ବନ ବିଦ୍ୟାଳୟର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ସୁଶିକ୍ଷକ, ଓଡ଼ିଶାର ପ୍ରଥମ ଶିକ୍ଷାମନ୍ତ୍ରୀ, କବି, ନାଟ୍ୟକାର ତଥା ବାଣପୁର ଗୌରବ ପୁଣ୍ୟଶ୍ଳୋକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୯ତମ ପୁଣ୍ୟତିଥି ଅବସରରେ ଶନିବାର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଗୋଦାବରୀଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମମାଟି ବାଣପୁରଠାରେ ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସଙ୍କ ସଭାପତିତ୍ୱରେ ଏକ ତିଳତର୍ପଣ କାର୍ଯ୍ୟକ୍ରମ ସହ ବଜାର ନିକଟସ୍ଥ ଶିଶୁ ଉଦ୍ୟାନରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ବାଣପୁର ତଥା ଓଡିଶାର ଶିକ୍ଷା, ସାହିତ୍ୟ, ସମାଜସେବା,

### ବ୍ରୋଞ୍ଜର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ, ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ସହିତ ସେହି ଅଞ୍ଚଳରେ ରହୁଥିବା ଓଡ଼ିଆ ଭାଷାଭାଷୀଙ୍କ ଶିକ୍ଷା ନିମନ୍ତେ ଓଡ଼ିଆ ବିଦ୍ୟାଳୟ ଗଠନରେ ଗୋଦାବରୀଶଙ୍କ ଅସୀମ ତ୍ୟାଗ ଓ ଉତ୍ସର୍ଗୀକୃତ ଜୀବନ ଉପରେ ଆଲୋକପାତ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ବାଣପୁରର ବିଶିଷ୍ଟ କଥାକାର ଶିବ ମିଶ୍ର, କବି ପୁରୁଷୋତ୍ତମ ମହାପାତ୍ର, ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଉପସଭାପତି ପ୍ରଦୀପ କୁମାର ସ୍ୱାଇଁ, ରାଜେନ୍ଦ୍ର ପ୍ରସାଦ ରଥ, ପୂର୍ବତନ ଅଧ୍ୟକ୍ଷ ନୃସିଂହ ପ୍ରଧାନ, ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, କ୍ୟାପଟେନ୍ ଭବାନୀ ଶଙ୍କର ହୋତା, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଶିକ୍ଷାବିତ୍ ଚିନ୍ତାମଣି ମିଶ୍ର, ମଧୁସୂଦନ ନନ୍ଦ, ବୈରାଗୀ ଚରଣ ବଳ, ବ୍ରଜବନ୍ଧୁ ମିଶ୍ର, ସୁଶାନ୍ତ ଦାଶ, ବରିଷ୍ଠ ଓକିଲ ରବୀନ୍ଦ୍ରନାଥ ମାନସିଂ, ଶେଷଦେବ ମହାରଣା, କବି ଦିଗମ୍ବର ବିଶ୍ୱାଳ, ଅନନ୍ତ ଚରଣ ଖଟେଇ, ପତ୍ରକାର ଅନନ୍ତ ଚରଣ ବାରିକ, ବ୍ରଜକିଶୋର ଜେନା, ପ୍ରସନ୍ନ କୁମାର ଭୋଳ, ଅବସରପ୍ରାପ୍ତ ସେନା କର୍ମଚାରୀ ବିଜୟ କୁମାର ପ୍ରଧାନ, କିଶୋରଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ଏଥିସହିତ ସହରର ମଧ୍ୟଭାଗରେ ପଣ୍ଡିତ ମିଶ୍ରଙ୍କ ଏକ ସୁନ୍ଦର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା।

## ଜାତୀୟ ବନ୍ଧୁକ ଚାଳନାରେ ବେଗୁନିଆ ଛାତ୍ରଙ୍କୁ ବ୍ରୋଞ୍ଜ ପଦକ

**ବେଗୁନିଆ,୨୬।୭ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ଜାତୀୟସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ବେଗୁନିଆର ଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ପଞ୍ଜାବ ଫୁଗୱାଡାରେ ଅନୁଷ୍ଠିତ ୫୪ତମ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ନ୍ୟାଶନାଲ ସ୍ପୋର୍ଟ୍ସ ମିଟ-୨୦୨୫ରେ ବେଗୁନିଆର ସପ୍ତମ ଶ୍ରେଣୀ ଛାତ୍ର ସତ୍ୟମ ବିଷୋୟୀ ବନ୍ଧୁକ ଚାଳନାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୦ ମିଟର ପିପ ସାଇଟ ଏୟାର ରାଇଫଲ ଇଭେଣ୍ଟରେ ମାଷ୍ଟର ସତ୍ୟମ ୧୪ବର୍ଷରୁ କମ ବିଭାଗରେ ମୋଟ ୩୭୯ ପଏଣ୍ଟ ହାସଲ କରି ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ଓଡିଶାକୁ ଗୌରବାନ୍ୱିତ କରିଛି। ଏଥିସହ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଭୁବନେଶ୍ୱର ରିଜିଅନ-ଓଡିଶାକୁ ପ୍ରଥମ ଥର ଲାଗି ବନ୍ଧୁକ ଚାଳନାରେ କାସ୍ୟ ପଦକ ମିଳିଛି। ଛାତ୍ର ସତ୍ୟମ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ୟୁନିଟ ୩ରେ ସପ୍ତମ ଶ୍ରେଣୀରେ ପଢୁଛନ୍ତି। ସେ ଖୋର୍ଦ୍ଧା ଜିଲା ବେଗୁନିଆ ବଜାର ବାସିନ୍ଦା ସୁଶାନ୍ତ ବିଷୋୟୀ ଓ ସ୍ୱାତୀ ବିଷୋୟୀଙ୍କ ସୁପୁତ୍ର ତଥା ବେଗୁନିଆ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକର୍ତ୍ତା ଅଧିକାରୀ ବିଷୋୟୀଙ୍କ ନାତି। ପଦକ ପାଇବା ପରେ ଛାତ୍ର ସତ୍ୟମଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।


ସତ୍ୟମ ବିଷୋୟୀ

## ଆରିକମା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥି।

**ବୋଲଗଡ,୨୬।୭(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଆରିକମାସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଆଲୁମିନି ସଂଘ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍କୁଲ ସଭଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡ. ସୁଦର୍ଶନ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡାକ୍ତର ପ୍ରଫୁଲ କୁମାର ସାହୁ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବାସୁଦେବ ବେହେରା, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ଶଙ୍କର ମହାପାତ୍ର, ମାଧବ ଚନ୍ଦ୍ର ପଣ୍ଡା, ଅମରବର ସାହୁ ଓ ଗୀତାଞ୍ଜଳି ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଦିଲୀପ କୁମାର ଯତି ଗୀତାପାଠ ଓ ବେଦପାଠ କରିଥିବା ବେଳେ ବିଦ୍ୟାଳୟ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ମୃତ ପୂର୍ବତନ ବିଦ୍ୟାର୍ଥୀଙ୍କ ସ୍ମୃତିରେ ଏକ ମିନିଟ ନିରବ ପ୍ରାଥନା କରାଯାଇଥିଲା। ସଂଘ ସଭାପତି ଡ. ବେହେରା ସ୍ୱାଗତ ଭାଷଣ ଓ ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ସୂଚନା ପ୍ରଦାନ କରି ଥିବାବେଳେ ସମ୍ପାଦକ ବାସୁଦେବ ଦାସ ଗତ ବୈଠକ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ପ୍ରଭାତ ଚନ୍ଦ୍ର ହୋତା ଆୟବ୍ୟାୟ ବିବରଣୀ ପ୍ରଦାନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଅତିଥି ଭାବେ ଓଡିଶା ରାଜ୍ୟପାଳଙ୍କୁ ନିମନ୍ତ୍ରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଉତ୍ସବ ପାଳନ ନେଇ ମୁଖ୍ୟଅତିଥି ଡାକ୍ତର ସାହୁ ସବୁ ବର୍ଗର ସକ୍ରିୟ ସହଯୋଗ କାମନା କରିଥିଲେ। ଏହି ଅବସରରେ ଆରିକମାର ସୂର୍ଯ୍ୟମଣୀ ଶିକ୍ଷା ସ୍ମାରକୀ ଟ୍ରଷ୍ଟ ଦ୍ୱାରା ବିଦ୍ୟାଳୟର ଗତ ୨୦୨୩ ଓ ୨୪ ବର୍ଷର ମାଟ୍ରିକ, ୮ମ ଓ ୫ମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ସହ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଆଲୁମିନି କମିଟି ସଦସ୍ୟ ଚନ୍ଦ୍ରନାରାୟଣ ପ୍ରତାପସିଂ, ଅକ୍ଷୟ ସୁବୁଦ୍ଧି ଓ ପ୍ରହ୍ଲାଦ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ବନମାଳୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେବି ଉଚ୍ଚ ବିଦ୍ୟାଳୟରେ କାରଗିଲ୍ ବିଜୟ ଦିବସ

**ଖୋର୍ଦ୍ଧା,୨୬।୭ (ପ୍ରଭାତ ପାଣିଗ୍ରାହୀ)**

ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର କାରଗିଲ୍ ବିଜୟ ଦିବସ ଉପଲକ୍ଷେ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ମୃତିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦିନରେ ଭାରତୀୟ ସେନାର ବୀରତ୍ୱ ଓ ବଳିଦାନକୁ ସ୍ମରଣ କରାଯାଇଥାଏ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି କାରଗିଲ୍ ଯୁଦ୍ଧରେ ବଳିଦାନ ଦେଇଥିବା ସେନାଯବାନଙ୍କୁ ସ୍ମରଣ କରି ନିଜ ମନ ଭିତରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ତାଙ୍କ ବକ୍ତବ୍ୟରେ ମତପୋଷଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ମଧ୍ୟ ସେମାନଙ୍କ ଅଭିଭାଷଣରେ ପିଲାମାନଙ୍କ ମଧ୍ୟରେ ଦେଶପ୍ରେମ ବୃଦ୍ଧି ପାଇଁ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନ୍‌ସିସି, ସ୍କାଉଟ୍ ତଥା ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରକାନ୍ତ ଦାସ, ଶ୍ରୀରାମ ଭୂୟାଁ, ଚିନ୍ମୟ ମାର୍ଥା, ଜଗନ୍ନାଥ ରାଉତ ତଥା ଶିକ୍ଷୟିତ୍ରୀ ନିବେଦିତା ଛୁଆଳସିଂହ, ପୁଷ୍ପଲତା ପାତ୍ର, ଅନୁପମା ସାହୁ, ରୋଜାଲିନ ରାଉତରାୟ, ବିଷ୍ଣୁପ୍ରିୟା ସାହୁ, ଜ୍ୟୋତିର୍ମୟୀ ପଣ୍ଡା, ଇଫତ୍ ଜାହାନ, ସୀମାରାଣୀ ବେହେରା, ସ୍ନିଗ୍ଧାମୟୀ ଦାସ, ପ୍ରିୟଦର୍ଶିନୀ ସାହୁ, ସୌଦାମିନୀ ବାରିକ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।



କାର୍‌ଗିଲ ବିଜୟ ଦିବସ ପାଳନ ଅବସରରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଏନସିସି ସ୍କାଉଟ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

# ଭାରତୀୟ ଯବାନଙ୍କ ବୀରତ୍ୱ, ପରାକ୍ରମ ଅତୁଳନୀୟ

### କାର୍‌ଗିଲ ବିଜୟ ଦିବସ

**ଖୋର୍ଦ୍ଧା,୨୬।୭(ପ୍ରଭାତ ପାଣିଗ୍ରାହୀ)**

ଭାରତୀୟ ସେନାର ଅଦ୍ୟମ ସାହସ ଓ ବଳିଦାନକୁ ସ୍ମରଣ କରି ମାଇଁ ୟୁଥ୍ ଭାରତ, ଯୁବ ବ୍ୟାପାର କ୍ରୀଡ଼ା ମନ୍ତ୍ରଣାଳୟ ଭାରତ ସରକାରଙ୍କ ମିଳିତ ସହଯୋଗରେ ଛଣଗିରିଠାରେ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ୧୯୯୯ କାର୍ଗିଲ୍ ଯୁଦ୍ଧରେ ଭାରତୀୟ ସେନାର ପରାକ୍ରମର ପାକିସ୍ତାନ ଦ୍ୱାରା ଦଖଲ କରାଯାଇଥିବା ମହତ୍ୱପୂର୍ଣ୍ଣ ଅଂଶ ହ୍ରାସ ଏବଂ ଟାଇଗର ହିଲ୍‌କୁ ମୁକ୍ତ କରାଯାଇଥିଲା। ହଜାର ହଜାର ଦେଶପ୍ରେମୀ ସୈନ୍ୟସାମନ୍ତ ଦେଶମାତୃକା ପାଇଁ ସର୍ବୋଚ୍ଚ ବଳିଦାନ ଦେଇ ଶହୀଦ ହୋଇଥିଲେ। ସେହି କଥାକୁ ମନେପକାଇବା ପାଇଁ ପ୍ରତିବର୍ଷ ଜୁଲାଇ ୨୬ ତାରିଖକୁ କାରଗିଲ୍ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଯୁବକମାନଙ୍କ ଦ୍ୱାରା ଛଣଗିରି ଗ୍ରାମରେ ଥିବା ଶହୀଦ ବାଲାଜୀ ମଙ୍ଗରାଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶହୀଦ ଯବାନଙ୍କ ବଳିଦାନକୁ ସମ୍ମାନ ଜଣାଇ ଦେଶପ୍ରେମର ବିଭିନ୍ନ ସ୍ଲୋଗାନ ଦେଇଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ କେଲୁ ଚରଣ ଜଗଦ୍ଦେବ ଯୋଗଦେଇ ଯୁବକମାନେ ସେମାନଙ୍କ ପ୍ରତିଭା ଓ ଶକ୍ତିକୁ ଦେଶ ସେବାରେ ନିୟୋଜିତ କରିବା ସହ ବୀର ଯବାନମାନଙ୍କ ପ୍ରତି ଗଭୀର ସମ୍ମାନ କରିବା ଦରକାର ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଯୁବନେତା ଗୋପବନ୍ଧୁ ଜେନା ନିଜ ଉଦ୍‌ବୋଧନରେ କହିଥିଲେ କାରଗିଲ୍ ଯୁଦ୍ଧରେ କ୍ୟାପଟେନ୍ ବିକ୍ରମ ବତ୍ରାଙ୍କ ବଳିଦାନ, ବୀରତ୍ୱ ଓ ଦେଶପ୍ରେମ ଏକ ଅମର ଉଦାହରଣ। ତାଙ୍କ ଉପରେ ପ୍ରସ୍ତୁତ ଶେରସାହା ଚଳଚ୍ଚିତ୍ର ଯୁବକମାନଙ୍କ ମନକୁ ଆନ୍ଦୋଳିତ କରିବା ସହ ସେମାନଙ୍କ ମନରେ ଦେଶପ୍ରେମର ବହ୍ନି ସଂଯୋଗ କରିପାରିଛି ବୋଲି ଜେନା ମତବ୍ୟକ୍ତ କରିଥିଲେ। ଛାତ୍ର ନେତା ବିଶ୍ୱଦୀପ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାରଗିଲ୍ ବିଜୟ ଦିବସରେ ଶହୀଦ ଯବାନମାନଙ୍କ ଗୁଣଗାନ କରିବା ସହିତ ଦେଶଭକ୍ତର ପ୍ରକୃତ ସାରଥି ବୋଲି ମତବ୍ୟକ୍ତ କରିଥିଲେ। ସାଗର ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶହୀଦ ବାଲାଜୀ ମଙ୍ଗରାଜଙ୍କ ବଡ଼ଭାଇ ଏବଂ ସୁପୁତ୍ର ଶୁଭ୍ରଜିତ ମଙ୍ଗରାଜଙ୍କୁ କାର୍‌ଗିଲ ଦିବସରେ ସମ୍ମାନିତ କରାଯାଇଥିଲା।



ଛଣଗିରି ଗ୍ରାମରେ ଥିବା ଶହୀଦ ବାଲାଜୀ ମଙ୍ଗରାଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଯୁବକମାନେ ଦେଶପ୍ରେମର ବିଭିନ୍ନ ସ୍ଲୋଗାନ ଦେଉଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୬।୭।୨୦୨୫

| | |
|---|---|
| ୪,୭୩,୨୫୫ ଟଙ୍କା | |
| ସୁନା | ୧.୧୦୦ ଗ୍ରାମ୍ |
| ରୁପା | ୨୦ ଗ୍ରାମ୍ |

## ସଂକ୍ଷେପରେ

### ପ୍ରାଚୀନଦୀରୁ ଜଳ ଉଠାଇଲେ କାଉଡ଼ିଆ

କାକଟପୁର/ଅସ୍ତରଙ୍ଗ,୨୬।୭(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁଣ୍ୟତୋୟା ପ୍ରାଚୀନଦୀର ବିଶ୍ୱାମିତ୍ର ଘାଟ ଶ୍ରାବଣ ମାସରେ ବେଶ୍ ଚଳଚଞ୍ଚଳ ହୋଇଉଠେ। ଶ୍ରାବଣ ମାସର ତୃତୀୟ ସୋମବାର ପାଇଁ ହଜାର ହଜାର କାଉଡିଆ ଏଠାରୁ ଜଳ ଉଠାଇବାକୁ ପ୍ରବଳ ଭିଡ଼ ହୋଇଥିଲା। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ କାକଟପୁର ନିକଟସ୍ଥ ବିଶ୍ୱାମିତ୍ର ଘାଟରୁ ଶୁଭୁଥିଲା 'ବୋଲ୍ ବମ୍ ହର ହର ବମ୍', ଭୋଳା ବାବା ପାର୍ କରେଗା', ଜଟିଆ ବାବା ପାର୍ କରେଗା ଭଳି କାଉଡ଼ିଆଙ୍କ ଡାକରା। କାଉଡ଼ିଆମାନେ ପ୍ରାଚୀ ନଦୀରେ ସ୍ନାନ କରିବା ପରେ ବ୍ରାହ୍ମଣଙ୍କ ନିକଟରେ ବ୍ରତୀ ହୋଇଥିଲେ ଏବଂ ଜଳାଭିଷେକ ବିଧି ପାଳନ କରିଥିଲେ। ଏହା ପରେ ସେମାନେ ଜଳଭାର ବହନ କରିଥିବା ବାହୁଙ୍ଗି କାନ୍ଧେଇ ବିଶ୍ୱାମିତ୍ର ଘାଟର ଆରାଧ ଦେବତା ପ୍ରାଚୀ ଗଙ୍ଗେଶ୍ୱରଙ୍କ ପୀଠ ବୁଲିଥିଲେ। ଜଳଭାର ବାହୁଙ୍ଗୀ କାନ୍ଧେଇ ଶ୍ରଦ୍ଧାଳୁମାନେ ନିଜ ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରିଥିଲେ।

### ବାଳିକା ହାଇସ୍କୁଲରେ ଆକ୍ୱାଗାର୍ଡ ସ୍ଥାପନ

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଧାମ ଇନରହୁଇଲ୍ କ୍ଲବ ପକ୍ଷରୁ ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ପାନୀୟଜଳ ଯୋଗାଣ ନିମନ୍ତେ ଏକ ଆକ୍ୱାଗାର୍ଡ ସ୍ଥାପନ କରାଯାଇଛି। ଏହା ଛାତ୍ରୀମାନଙ୍କୁ ୩୦୦ ଲିଟର ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟଜଳ ଯୋଗାଇପାରିବ। ଅନୁଷ୍ଠାନର ସଭାପତି ଜ୍ୟୋତିର୍ମୟୀ ମହାନ୍ତି ଏହି ଆକ୍ୱାଗାର୍ଡକୁ ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ବିଶୁଦ୍ଧ ପାନୀୟଜଳ ବଣ୍ଟନ କରିଥିଲେ। ଉପସଭାପତି ନିରୁପମା ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଦୀପ୍ତିମୟୀ ଦାସ, ସମ୍ପାଦିକା କଲ୍ୟାଣୀ ମଲ୍ଲିକ ଓ ସଭ୍ୟା ବନ୍ଦିତା ସାହୁ, ଇନ୍ଦିରା ସୁବୁଦ୍ଧି, ସୁନୀତା ସୁବୁଦ୍ଧି, ମିତାଲି ଦାସ୍‌ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା ବରାଳ ଧନ୍ୟବାଦ ଦେଇଥିଲେ।

### ପୁସ୍ତକ 'ସ୍ନାନମଣ୍ଡପରୁ ନୀଳାଦ୍ରିବିଜେ' ଉନ୍ମୋଚିତ

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି)

ଚକ୍ରତୀର୍ଥ ରୋଡ୍‌ସ୍ଥିତ ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାଗୃହରେ ପ୍ରିୟପତ୍ର ଏବଂ ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ମିଳିତ ଆୟୋଜନରେ ବିଜୟଲକ୍ଷ୍ମୀ ଦାଶ ମିଶ୍ରଙ୍କ ରଚିତ 'ସ୍ନାନମଣ୍ଡପରୁ ନୀଳାଦ୍ରିବିଜେ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡ. ଭାସ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଡ. ପ୍ରମୋଦ ଦଳାଇ ଏବଂ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ଡ. ହେମନ୍ତ କୁମାର ଛୋଟରାୟ, ପ୍ରସନ୍ନ ମିଶ୍ର, ବିଜୟ କୁମାର ପଣ୍ଡା, ଚନ୍ଦ୍ରଶେଖର ମହାରାଣା, ଡ. ଦୟାନିଧି ତ୍ରିପାଠୀ, ପ୍ରବାସିନୀ ମିଶ୍ର, ପ୍ରମୋଦା ଦେବୀ, ଡ. ଅଶୋକ ମିଶ୍ର, ସୁବାସ ଚନ୍ଦ୍ର ପରିଡ଼ାଙ୍କ ସମେତ ଅନ୍ୟମାନେ ଯୋଗଦେଇ ଲେଖିକାଙ୍କୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସଦାଶିବ ମିଶ୍ର ମଙ୍ଗଳାଚରଣ ପାଠ କରିଥିଲେ। ସର୍ବାଣୀ ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଶେଷରେ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଭୁଶୁଡ଼ିଯିବ ୨୧୯ ବର୍ଷର ଥାନା

■ ନାହାନ୍ତି କର୍ମଚାରୀ କି ନାହିଁ ବାସଗୃହ

■ ଦୁଇ, ତିନି ଗୋଟି ଘରେ ଚାଲିଛି ଗୋପ ଥାନା

ଗୋପ,୨୬।୭(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟ ସରକାର ଥାନା, ଫାଣ୍ଡିଗୁଡ଼ିକୁ ଗୁରୁତ୍ୱ ଦେଉଥିବା ବେଳେ ପୁରୀ ଜିଲାର ଅତି ପୁରାତନ ଗୋପ ଥାନା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ୨୧୯ ବର୍ଷ ତଳେ ନିର୍ମାଣ ହୋଇଥିବା ପୁରାତନ ଗୃହଗୁଡ଼ିକ ଭାଙ୍ଗିରୁଜି ଯାଇଥିବାରୁ କେତେବେଳେ ଭୁଶୁଡ଼ି ପଡ଼ିବ ତାହା କହି ହେବ ନାହିଁ। ଦୀର୍ଘ ବର୍ଷ ତଳେ ନିର୍ମାଣ ହୋଇଥିବା ଦୁଇ ତିନି ଗୋଟି ଘରେ ଥାନା ଚାଲୁଥିବା ବେଳେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାବେଳେ ଆବଶ୍ୟକ ଅନୁଯାୟୀ ଥାନା କର୍ମଚାରୀଙ୍କ ସମେତ ପୋଲିସ ଅଧିକାରୀ ନ ଥିବାରୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗୋପ ଥାନାଟି ବ୍ରିଟିଶ ଶାସନ ସମୟରେ ଅର୍ଥାତ୍ ୧୮୦୬ ମସିହାରେ ପ୍ରତିଷ୍ଠା ହୋଇଥିବା ସୂଚନା ରହିଛି। ସେ ସମୟରେ ଅଧିକ ଉଚ୍ଚସମ୍ପନ୍ନ ଆଜବେଷ୍ଟସ ଘର ସହିତ ଥାନା କର୍ମଚାରୀ ଓ ଅଫିସର ରହିବା ପାଇଁ ବାସଗୃହ ମଧ୍ୟ ନିର୍ମାଣ କରାଯାଇଥିଲା। କିନ୍ତୁ ଏହି ଥାନାର ପୁରାତନ ବାସଗୃହ ଭାଙ୍ଗିରୁଜି ଯାଇଥିବା ବେଳେ ଥାନା ଚାଲୁଥିବା ଗୃହଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିବାରହିବା ଫଳରେ ସାପଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ପୁରୀ ଜିଲାର ସମସ୍ତ ଥାନାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ହାଉସିଂ ବୋର୍ଡ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର ପରେ ନୂତନ ଥାନା ନିର୍ମାଣ କରୁଥିବା ବେଳେ ଗୋପ ଥାନାଟି ଏବେ ସାପ, ବେଙ୍ଗଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅପରପକ୍ଷରେ ଥାନାରେ ଅଫିସର ଓ ଥାନା କର୍ମଚାରୀ ନ ଥିବାରୁ ଦିନକୁ ଦିନ ଚୋରି, ଡକାୟତି, ରାହାଜାନି ସହିତ ଅନ୍ୟାନ୍ୟ ଘଟଣାମାନ ଘଟୁଛି। ବାରମ୍ବାର ଏହି ପୁରାତନ ଗୋପ ଥାନା ପ୍ରତି ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ଉପମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀଙ୍କୁ ପଚାରିବାରେ ଆମେ କେବଳ ଏସ୍‌ପିଙ୍କୁ ଅବଗତ କରାଇଛୁ ବୋଲି କହିବା ସହ ସୁବିଧା ନ ମିଳିବାରୁ ବହୁତ ଅବ୍ୟବସ୍ଥାରେ ଥାନାଟି ଥିବା ମଧ୍ୟ ସେ କହିଛନ୍ତି।



ବ୍ରିଟିଶ ସମୟରେ ନିର୍ମାଣ ହୋଇଥିବା ଗୃହ ।




ପୁରୀ ପୌରସଦନ ପରିସରରେ ଅନୁଷ୍ଠିତ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ । (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

## ବଳଙ୍ଗା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି: ପ୍ରଭାତୀ

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ରାତିରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଫେରିଛନ୍ତି। ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ସେବାୟତ ଓ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି ଶ୍ରୀମନ୍ଦିରରୁ ଫେରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ବିଭିନ୍ନ ଘଟଣା ଉପରେ ମତ ପ୍ରଦାନ କରିଛନ୍ତି। ବିରୋଧୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବା ନେଇ ଆଲୋଚନା କରାଯାଉଥିବା ଘଟଣାରେ କହିଛନ୍ତି, ମହାପ୍ରଭୁଙ୍କ ଜଗନ୍ନାଥଙ୍କ ନିକଟରେ ଆସ୍ଥା ଅଛି। ତାଙ୍କ ଦଳ ଉପରେ ଆଉ କାହାର ଅନାସ୍ଥା ଅଛି, ସେ କଥା ମହାପ୍ରଭୁ ବୁଝିବେ। ବଳଙ୍ଗା ଘଟଣାରେ କହିଛନ୍ତି, ବଳଙ୍ଗା ପୀଡ଼ିତା ଏବେ ସୁ ଅଛନ୍ତି। ତାଙ୍କର ଦିଲ୍ଲୀରେ ଚିକିତ୍ସା ଜାରି ରହିଛି। ୨ଟି ଅସ୍ତ୍ରୋପଚାର ଶେଷ ହୋଇଛି। ସ୍କିନ ବ୍ୟାଙ୍କରେ ସ୍କିନ୍ ଗ୍ରାଫିଙ୍ଗ୍ ହେବ। ସ୍ୱାସ୍ଥ୍ୟରେ ବହୁ ସୁଧାର ଆସିଛି। ଅପରପକ୍ଷରେ ଘଟଣା ଘଟିଥିବା ସ୍ଥାନରେ ପୋଲିସ ପ୍ରଶାସନ, କ୍ରାଇମବ୍ରାଞ୍ଚ ଓ ଅନ୍ୟମାନେ ଜଗି ରହିଛି। ଏସ୍‌ପିଙ୍କ ରିପୋର୍ଟରୁ ଜଣାପଡ଼ିଛି ସୁରାକ୍ ଶୀଘ୍ର ମିଳିବ। ପୋଲିସ ଉପରେ ଆସ୍ଥା ରଖିବାକୁ ହେବ। ଘଟଣା ଘଟାଇଥିବା ଲୋକମାନ ବହୁତ ଶୀଘ୍ର ଜେଲକୁ ଯିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଅଗଷ୍ଟ ୯ ତାରିଖରେ ସୁଭଦ୍ର ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯିବ। କୋରାପୁଟର ଜୟପୁର ଠାରେ ପ୍ରଦାନ କରାଯିବ। ଚଳିତଥର ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରଦାନ କରାଯିବ। ଉପାନ୍ତ ଅଞ୍ଚଳ କୋଟିଆ ଗ୍ରାମକୁ ଯାଇ ଘରେ ଘରେ ସୁଭଦ୍ର ଯୋଜନା ପହଞ୍ଚିବ। ଓଡ଼ିଶାର ମହିଳାମାନେ ଶକ୍ତିଶାଳୀ ଓ ସମୃଦ୍ଧ ହୁଅନ୍ତୁ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି।

## ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ସଚେତନତା

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁଦେଷ୍ଣା ପଣ୍ଡା ଯୋଗଦାନକରି ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦେବା ସହ ମହିଳାଙ୍କୁ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା(ପ୍ରତିରୋଧ, ନିଷେଧ, ପ୍ରତିକାର) ଆକ୍ଟ ୨୦୧୩ କିଭଳି ରହିଛି, ସେ ନେଇ ଆଲୋଚନା କରିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟକ୍ଷା ନିର୍ମଳା ପାଣିଗ୍ରାହୀ, ସହଯୋଗୀ ନିର୍ଦ୍ଦେଶକ ବିଜୟପାଲ୍ କଛୱା ଯୋଗଦାନକରି ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲାଇବ୍ରେରି ପ୍ରଫେସନାଲ ନିତ୍ୟା ରାହି ଧନ୍ୟବାଦ ଦେଇଥିଲେ।

## ୧୬ରେ ଲୋୟର ପିଏମ୍‌ଜିରେ ଆନ୍ଦୋଳନ ନିଷ୍ପତ୍ତି



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ ।

### ଓଷ୍ଟାର ବ୍ଲକ ସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ

ପିପିଲି,୨୬।୭(ଦୁର୍ଗା ମାଧବ ମିଶ୍ର)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପିପିଲି ବ୍ଲକ ପକ୍ଷରୁ ସାମ୍ବିଧାନିକ ସମ୍ମିଳନୀ ନହଳାପଡ଼ା ହାଇସ୍କୁଲ ଠାରେ ନିରଞ୍ଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ସମ୍ପାଦକ ବିଭୁଦତ୍ତ ନାୟକ, ସମ୍ମାନିତ ଅତିଥି ଭାବେ ପବିତ୍ର କୁମାର ଦାସ, ଲକ୍ଷ୍ମୀଧର ତ୍ରିପାଠୀ, ଯାମିନୀ କାନ୍ତ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କଠାରୁ ଶିକ୍ଷକମାନଙ୍କ ନ୍ୟାଯ୍ୟ ଦାବିକୁ ହାସଲ କରିବା ପାଇଁ ଆନ୍ଦୋଳନକୁ ଓହ୍ଲାଇବାକୁ ଆହ୍ୱାନ ଦେଇଥିଲେ। ୧୯୪ ଯୋଗ୍ୟ ବିବେଚିତ ସ୍କୁଲକୁ ଅନୁଦାନ ପ୍ରଦାନ, ଅବସରପ୍ରାପ୍ତ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକମାନଙ୍କୁ ପେନ୍‌ସନ ପ୍ରଦାନ, କ୍ରୀଡ଼ା ଶିକ୍ଷକମାନଙ୍କ ଗ୍ରେଡ୍ ପେ, ହିନ୍ଦୀ ଶିକ୍ଷକ ତଥା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମା ଅସଙ୍ଗତ ସମାଧାନ ପାଇଁ ଅଗଷ୍ଟ ମାସରେ ବିଇଓ କାର୍ଯ୍ୟାଳୟ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ୧୬ରେ ଲୋୟର ପିଏମ୍‌ଜି ଠାରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓଷ୍ଟା ପିପିଲି ବ୍ଲକ ସମ୍ପାଦକ ହେମନ୍ତ ପ୍ରଧାନ ଅତିଥି ପରିଚୟ ସହ ସଭା ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଅମୀୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## 'ବେଟୀ ବଚାଅ, ବେଟୀ ପଢ଼ାଅ' ସଚେତନତା

ଅସ୍ତରଙ୍ଗ,୨୬।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ବ୍ଲକର ୧୫ଟି ପଞ୍ଚାୟତରେ ଥିବା ୧୭୮ଟି ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ବେଟୀ ବଚାଅ, ବେଟୀ ପଢ଼ାଅ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁବିକାଶ ଅଧିକାରିଣୀ ସୁଲୋଚନା ସେଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମଣ୍ଡଳ ପରିଦର୍ଶିକା ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ସ୍ଥାନୀୟ ଅଞ୍ଚଳର ଛାତ୍ରୀମାନଙ୍କୁ ନେଇ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଝିଅମାନଙ୍କ ପ୍ରତି ଅବହେଳା ନ କରି ସେମାନଙ୍କୁ ମଧ୍ୟ ଅଗ୍ରାଧିକାର ଦିଆଯାଇ କିଭଳି ଭାବେ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ, ତାହା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟଗୁଡ଼ିକରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠିତ ହୋଇଥିବାରୁ ଏହାର ସହାୟତା ନେବା ପାଇଁ ଅନୁରୋଧ କରାଯାଇଥିଲା।




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଙ୍ଗନୱାଡି କର୍ମୀମାନେ ।

## ଏସ୍‌ସିଏସ୍ କଲେଜରେ ଗଣ୍ଡଗୋଳ ଘଟଣା, ୨ ଗିରଫ

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ(ଏସ୍‌ସିଏସ୍) ପରିସରରେ ଶୁକ୍ରବାର ଏବିଭିପି ଓ ବିଜୁ ଛାତ୍ର ଜନତା ଦଳ ସମର୍ଥକଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଏନେଇ ଟାଉନ୍ ଥାନା ଓ କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଶନିବାର ଉକ୍ତ ଘଟଣାକୁ ନେଇ ଉଭୟ ପକ୍ଷରୁ ଜଣେ ଲେଖାଏଁକୁ ଗିରଫ କରାଯାଇଛି। ଟାଉନ ଥାନା ପୋଲିସ ଦେବାଶିଷ ଦାଶ(୨୧) ଏବଂ କୁମ୍ଭାରପଡ଼ା ଥାନା ପୋଲିସ ଦତ୍ତତୋଟାର ତାପସ ମଙ୍ଗରାଜ(୨୦)ଙ୍କୁ ଗିରଫ କରିଛି।

## ଜ୍ଞାନବିଜ୍ଞାନ ମେଳାରେ ୧୦୭ ପ୍ରକଳ୍ପ ପ୍ରଦର୍ଶିତ

ଅସ୍ତରଙ୍ଗ,୨୬।୭(ମମତା ଜେନା)

କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ମେଳାରେ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ନିରଞ୍ଜନ ପାଲଟା ଓ ଶିଶୁ ବିଦ୍ୟାମନ୍ଦିରର ସଭାପତି ପ୍ରମୋଦ କିଶୋର ପୃଷ୍ଟି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ୧୦୭ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତତ୍‌ସହିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗଣିତ, ବିଜ୍ଞାନ ଓ ସଂସ୍କୃତ ଜ୍ଞାନ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ବିଜ୍ଞାନ ପ୍ରମୁଖ ପ୍ରଦୀପ ମିଶ୍ର ଓ ନିବେଦିତା ପଣ୍ଡାଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଏହି ମେଳାରେ ବିଚାରକ ଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସେନାପତି, ପୁଷ୍ପବାଳା ଦାସ, ବିଭୂତି ଭୂଷଣ ପଟ୍ଟନାୟକ, ଇନ୍ଦୁଭୂଷଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁ ଭାଇଭଉଣୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ସହ ପ୍ରଧାନ ଆଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟ ଆଚାର୍ଯ୍ୟା ଲକ୍ଷ୍ମୀଧର ମହାପାତ୍ର, ଅନ୍ନଦା କୁମାର ବେହେରା, ପ୍ରଦୀପ ପ୍ରଧାନ, ଦିଲୀପ ଶତପଥୀ, ଜ୍ୟୋତିରଞ୍ଜନ ଜେନା, ଶିଶିର ସାହୁ, ପ୍ରମିଳା ମହାରଣା, ଗୀତାଞ୍ଜଳି ପରିଡ଼ା, ଶୁଭଶ୍ରୀ ରାଉତ, ଯଶୋବନ୍ତ ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଆଚାର୍ଯ୍ୟ ସୁବର୍ଣ୍ଣ କୁମାର ଚାନ୍ଦ ଧନ୍ୟବାଦ ଦେଇଥିଲେ।

## ସିଓର ବାୟ ଷ୍ଟୋର୍‌ର ୨ୟ ଆଉଟ୍‌ଲେଟ୍ ଉଦ୍‌ଘାଟିତ

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି)

ପୁରୀରେ ସିଓର ବାୟ ଷ୍ଟୋର୍‌ର ଦ୍ୱିତୀୟ ଆଉଟ୍‌ଲେଟ୍ ଦରଜିପୋଖରୀ ଛକ ନିକଟରେ ଖୋଲିଛି, ଯାହା ପୁରୀବାସୀଙ୍କ ନିମନ୍ତେ ଏକ ନୂତନ ସମ୍ଭାବନା ନେଇ ଆସିଛି। ପୁରୀବାସୀ ଉଚିତ ମୂଲ୍ୟରେ ବିଭିନ୍ନ ସାମଗ୍ରୀ ଶୋ'ରୁମ୍‌ରୁ ପାଇପାରିବେ। ଗ୍ରାହକଙ୍କୁ ଶ୍ରେଷ୍ଠ ମୋବାଇଲ୍‌ର ବିକଳ୍ପ ଦେଉଛି ଶସ୍ତା ଦାମ୍‌ରେ ଉପଲବ୍ଧ ହେବ ବୋଲି ଶୋ'ରୁମ୍‌ର ମାଲିକ ସର୍ବପ୍ରିୟ ମାତୃଦତ୍ତ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ଆଭାରାଣୀ ଚୌଧୁରୀ ଓ ମାତୃମୟୀ ପ୍ରିୟଦର୍ଶିନୀ ଯୋଗଦାନ କରି ଫିତାକାଟି ଶୋ'ରୁମ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ନୂଆ ଆଉଟ୍‌ଲେଟ୍ ଦ୍ୱାରା ଏବେ ପୁରୀ ଓ ଆଖପାଖ ଅଞ୍ଚଳର ଲୋକମାନେ ଭଲ ମୋବାଇଲ ପାଇପାରିବେ।



ନୂଆ ଷ୍ଟୋରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

## କୁଣ୍ଡେଇ କେନାଲବନ୍ଧ ଲାଇନିଂ କାମ ନିମ୍ନମାନର

### ଢଳେଇରୁ ଖୋଳପା ଛାଡ଼ିବା ନେଇ ବଢୁଛି ଅସନ୍ତୋଷ

ଚାରିଛକ,୨୬।୭(ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ଜଳସମ୍ପଦ ବିଭାଗ ଗୋପ ଶାଖା କେନାଲ କୁଣ୍ଡେଇ କେନାଲବନ୍ଧ ଶିରିକୋଇଲିଠାରୁ ଓଡ଼ଗାଁ ପର୍ଯ୍ୟନ୍ତ ୪ କି.ମି. ରାସ୍ତାର ସିମେଣ୍ଟ କଂକ୍ରିଟ୍ ଲାଇନ କାର୍ଯ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଠିକାସଂସ୍ଥା ଓସିସି ଏହି କାମ ନେଇଥିଲା। କେନାଲ ଭିତରର ୪ କି.ମି. ଦୁଇ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ ଲାଇନିଂ କାମପାଇଁ ୬.୪୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ୪ କି.ମି. କାମରୁ ମାତ୍ର ୩୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବାବେଳେ ୭୦ ପ୍ରତିଶତ କାମ ବାକି ରହିଛି। ସମ୍ପୃକ୍ତ ଠିକାସଂସ୍ଥା କାମ ବନ୍ଦକରି ଛାଡ଼ି ପଳାଇଥିବା ଜଣାପଡ଼ିଛି। ଯେତିକି ସିମେଣ୍ଟ ଲାଇନିଂ କାମହୋଇଛି ତାହା ଅତ୍ୟନ୍ତ ନିମ୍ନମାନର ଯୋଗୁ ୨ ମାସ ନ ପୂରୁଣୁ ସିମେଣ୍ଟରୁ ଅତଡ଼ା ଖସୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଲାଇନିଂ କାମରେ ଠିକ ଭାବେ ସିମେଣ୍ଟ ଭାଗ ଦିଆ ନ ଯାଇ ଢଳେଇ କରାଯାଇଥିବାରୁ ସିମେଣ୍ଟ ପ୍ଲାଷ୍ଟର କେନାଲ ଭିତରକୁ ଖସି ପଡୁଥିବା ଦେଖିବାକୁ ମିଳୁଛି। ନିମ୍ନମାନର କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ନିମାପଡ଼ା ଜଳସମ୍ପଦ ବିଭାଗ ଉପଖଣ୍ଡ ନିର୍ବାହୀଯନ୍ତ୍ରୀ ପ୍ରୀତମ ଚେତନ ପୋଟହାଲ କହିଛନ୍ତି, ସମ୍ପୃକ୍ତ ଠିକାସଂସ୍ଥାକୁ ପଚାରି ବୁଝିବି। କାକଟପୁର ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ରାକେଶ ସାହୁ ଏହି କାର୍ଯ୍ୟ ନେଇଥିବା ଓସିସି ସଂସ୍ଥା କେନାଲରେ ପାଣି ଆସିଯିବାରୁ କାମ ବନ୍ଦ କରିଛି। ଯେଉଁଠି କାମ ଖରାପ ହୋଇଛି ତାକୁ ପୁଣି କରିବାକୁ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି।



ରାସ୍ତାରୁ କଂକ୍ରିଟ ଉଠିଯିବାର ଦୃଶ୍ୟ ।

**ସ୍ୱର୍ଗତ କେଶବ ନନ୍ଦଙ୍କ ଶ୍ରାଦ୍ଧୋତ୍ସବ ପାଳିତ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ କେଶବ ଚନ୍ଦ୍ର ନନ୍ଦଙ୍କ ୨୦ତମ ଶ୍ରାଦ୍ଧୋତ୍ସବ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ପ୍ରହରାଜ ପ୍ରତିଭା ପୂଜା ଆନୁକୂଲ୍ୟରେ ଗୁରୁବାର ପାଳନ କରାଯାଇଥିଲା। ବ୍ୟଙ୍ଗ କବି ପ୍ରତାପ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଚରଣ ସଭାରେ କାଳୀ ପ୍ରସାଦ ମହାପାତ୍ର, ପୀତାମ୍ବର ମହାପାତ୍ର, ହୃଦାନନ୍ଦ ଜେନା, ମନୋରଞ୍ଜନ ଦାସ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗଦେଇଥିଲେ। ସ୍ୱର୍ଗତ ନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଅଗ୍ନିନିରାପତ୍ତା ସିଲିଣ୍ଡରରେ ଝୁଲୁଛି ସାଲାଇନ

- ବିପଦକୁ ଡାକୁଛି ଏସ୍‌ସିବିର ନ୍ୟୁ ମେଡିସନ ୱାର୍ଡ
- ବିଦ୍ୟୁତ୍ ମେନ୍ ସୁଇଚ୍ ବକ୍ସରେ ଝୁଲୁଛି ରୋଗୀଙ୍କ ସାଲାଇନ ବୋତଲ
- ୱାର୍ଡ ଭିତର, ଶିଡି କଡରେ ରୋଗୀଙ୍କ ଚିକିତ୍ସା ଜାରି

କଟକ,୨୬।୭(ଶିଲ୍ପା ପ୍ରିୟଦର୍ଶିନୀ)




ଏସ୍‌ସିବିର ନିୟୁ ମେଡିସିନ ୱାର୍ଡରେ ଅଗ୍ନିନିରାପତ୍ତା ସିଲିଣ୍ଡର ଓ ବିଦ୍ୟୁତ୍ ମେନସୁଇଚ୍ ବୋର୍ଡରେ ଝୁଲୁଛି ରୋଗୀଙ୍କ ଠାରେ ଲାଗିଥିବା ସାଲାଇନ ବୋତଲ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ନ୍ୟୁ ମେଡିସିନ ବିଭାଗ ୱାର୍ଡରେ ଅବ୍ୟବସ୍ଥା ଦେଖାଦେଇଛି। ୱାର୍ଡରେ ରୋଗୀଙ୍କଠାରେ ଲାଗୁଥିବା ସାଲାଇନ ବୋତଲ ୱାର୍ଡରେ ଥିବା ଅଗ୍ନିନିରାପତ୍ତା ସିଲିଣ୍ଡରରେ ଝୁଲା ଯାଇଛି। କେବଳ ଏତିକି ନୁହେଁ କେଉଁଠି ବିଦ୍ୟୁତ ମେନ ସୁଇଚ୍ ବକ୍ସରେ ସାଲାଇନ ବୋତଲ ଝୁଲାଯାଇଛି ତ ଆଉ କେଉଁଠି କବାଟ ଓ ଝରକାରେ ଝୁଲାଯାଇ ରୋଗୀଙ୍କ ଚିକିତ୍ସା କରାଯାଉଛି। ଏପରିକି ଯେଉଁଠି ସାଲାଇନ ଷ୍ଟାଣ୍ଡ ରହିଛି ସେଠି ଗୋଟିଏ ଷ୍ଟାଣ୍ଡରେ ୩ ରୋଗୀଙ୍କ ସାଲାଇନ ବୋତଲ ଝୁଲାଯାଉଛି। ମେଡିକାଲକୁ ରୋଗୀ ସୁସ୍ଥ ହେବାକୁ ଆସୁଥିବାବେଳେ ଏଭଳି ବିପଦସଙ୍କୁଳ ଅବସ୍ଥାରେ ସାଲାଇନ ବୋତଲ ଝୁଲାଇ ଚିକିତ୍ସା କରିବା ଯେପରି ରୋଗୀଙ୍କୁ ବିପଦ ଆଡକୁ ମେଡିକାଲ କର୍ତ୍ତୃପକ୍ଷ ଠେଲି ଦେଉଥିବା ଅନୁଭବ ହେଉଛି। ସେହିପରି ୱାର୍ଡରେ ରୋଗୀଙ୍କ ବେଡ୍ ନ ମିଳିବା ମୁଖ୍ୟ ସମସ୍ୟା ପାଲଟିଛି। ଏପରିକି ବେଡ୍ ନ ମିଳିବା ଫଳରେ ରୋଗୀ ୱାର୍ଡ ପରିସର, ଶିଡି କଡରେ ଚଟାଣରେ ଶୋଇ ରହୁଛନ୍ତି। ଏହାସହ ୱାର୍ଡରେ ଥିବା ଶୌଚାଳୟରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇରହିଛି ଏବଂ ଏହା ଠିକ୍ ଭାବେ ସଫା କରାଯାଉ ନାହିଁ। ଫଳରେ ପ୍ରବେଶ ଦ୍ୱାରାଠାରୁ ଆରମ୍ଭ କରି ଶୌଚାଳୟ ଯାଏ ସବୁଠି ଦୁର୍ଗନ୍ଧରେ ଫାଟି ପଡୁଛି। ଏଭଳି ପରିବେଶରେ ରୋଗୀ ସମ୍ପର୍କୀୟଙ୍କୁ ଅସୁସ୍ଥ ହେବାର ଭୟ ଘାରୁଛି।

ସୂଚନା ଅନୁଯାୟୀ, ଏସ୍‌ସିବିର ନୂତନ ଭେଷଜ ବିଭାଗ ବା ନ୍ୟୁ ମେଡିସିନି ବିଭାଗ ଚତୁର୍ଥ ମହଲା ବିଶିଷ୍ଟ ରହିଛି। ୱାର୍ଡର ପ୍ରଥମ ମହଲା ଆଇସିୟୁ ଥିବାବେଳେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହଲା ରୋଗୀଙ୍କ ପାଇଁ ୱାର୍ଡର ବ୍ୟବସ୍ଥା ରହିଛି। ଏଠାରେ ଆଇସିୟୁ ଓ ୱାର୍ଡକୁ ମିଶାଇ ପ୍ରାୟ ୧୯୦ଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି। ହେଲେ ଭେଷଜ ବିଭାଗକୁ ପ୍ରତ୍ୟେକ ଦିନ ଶତାଧିକ ରୋଗୀ ଆସୁଥିବାବେଳେ ଏହା ସମୁଦ୍ରକୁ ଶଙ୍ଖେ ସହ ସମାନ। ମେଡିକାଲରେ ଚିକିତ୍ସା ଜାରି ରହିଥିବା ପାରାଦ୍ୱୀପ ଅଞ୍ଚଳର ନରେନ ମଣ୍ଡଳ, କଳାହାଣ୍ଡି ଲାଞ୍ଜିଗଡ ଅଞ୍ଚଳର ଚିତ୍ତରଞ୍ଜନ ପେସେନିଆଙ୍କ ସମେତ ଅନକେ ରୋଗୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ଖୁବଶୀଘ୍ର ଶେଷ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିବାବେଳେ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେଲେ ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ସଂଖ୍ୟାର ଶଯ୍ୟା ଓ ଅନ୍ୟାନ୍ୟ ସୁବିଧା ପାଇପାରିବେ ବୋଲି ମେଡିକାଲ କର୍ତ୍ତୃପକ୍ଷ କହୁଥିବାବେଳେ ଏହା କେବେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଛି।

## ବିଭିନ୍ନ ସ୍ଥାନରେ କାର୍‌ଗିଲ ବିଜୟ ଦିବସ

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ



୪୨ମୌଜା ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

କଟକ,୨୬।୭(ଶିଲ୍ପା ପ୍ରିୟଦର୍ଶିନୀ)

ଓଏମ୍‌ପିସ୍ଥିତ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ ଶନିବାର କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ କାର୍‌ଗିଲ ଯୁଦ୍ଧରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ସ୍ଥଳସେନା ଅଧିକାରୀ ମନୋଜ କୁମାର ମହାନ୍ତି ଯୋଗଦେଇ କାର୍‌ଗିଲ ଯୁଦ୍ଧରେ ଭାରତୀୟ ଯବାନମାନଙ୍କ ବୀରତ୍ୱ ଏବଂ ଶହୀଦ ସୈନିକମାନଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଅଧକ୍ଷ ନିରଞ୍ଜନ ସ୍ୱାଇଁଙ୍କ ସ୍କାଉଟ୍ସ ଗାଇଡ୍ସ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀଛାତ୍ରଙ୍କୁ ଭାରତୀୟ ସେନା ବାହିନୀର ଅଂଶବିଶେଷ ଭାବେ ଭାରତର ଅଖଣ୍ଡତା ଏବଂ ସୁରକ୍ଷା ପାଇଁ ନିଜକୁ ଉପଯୁକ୍ତ ଭାବେ ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ହର୍ଷିତ ଦାଶ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ।

**କଟକ ସଦର,(ସୁଶାନ୍ତ କୁମାର ଜେନା):** ୪୨ମୌଜା ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଝିଙ୍କିରିଆସ୍ଥିତ ରଣେଷେଣ୍ଡ ମନ୍ଦିର ପ୍ରାଙ୍ଗଣରେ କାର୍‌ଗିଲ ବିଜୟ ଦିବସ ପାଳନ କରାଯାଇଥିଲା। କ୍ୟାପଟେନ ସଞ୍ଜୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କାର୍‌ଗିଲ ଯୋଦ୍ଧାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ୪୨ମୌଜା ଥାନା ଅଧିକାରୀ ଗିରିଶଚନ୍ଦ୍ର ମହାରଣା ଯୋଗଦେଇ କାର୍‌ଗିଲ ଯୁଦ୍ଧରେ ଶହୀଦମାନଙ୍କ ସ୍ମୃତି ଚାରଣ କରିଥିଲେ। ସଂଘ ସଭାପତି ମଙ୍ଗରାଜ ବେହେରା, କୋଷାଧକ୍ଷ ନାରାୟଣ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ସନାତନୀ ସେନା ସଭାପତି ସମୀର କୁମାର ପଣ୍ଡା, ସତ୍ୟଦୀପ ସାହୁ, ବ୍ରହ୍ମପୁର ସରପଞ୍ଚ ରବିନାରାୟଣ ପ୍ରଧାନ, ଶଶିକାନ୍ତ ଦାସ, ଝିଙ୍କିରିଆ ଗ୍ରାମ ଅଧିକାରୀ ଚିନ୍ମୟ ଦେବତା, ସଭାପତି ବିଭୁତି ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାର ଭାଜପା ମଣ୍ଡଳ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଚୌଦ୍ୱାର ପୌରପାଳିକା ନୂଆସାହିଠାରେ ଥିବା କାର୍‌ଗିଲ ଶହୀଦ୍ ବାସିନ୍ଦା ରାଜକିଶୋର ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ସ୍ମୃତିଚାରଣ କରାଯାଇଥିଲା। ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ପ୍ରକାଶ ଚନ୍ଦ୍ର ବଡଜେନା, ସନ୍ତୋଷ କୁମାର ବେହେରା, ଚିନ୍ମୟ ବେହେରା, ହଂସ ଚରଣ ସାହୁ, ପଦ୍ମ ଚରଣ ବେହେରା, ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ଗହଣରେ ଡ୍ରିମ୍‌ସ ନର୍ସିଂ ଛାତ୍ରୀମାନେ।

## ଚୋରା ଶାଗୁଆନ କାଠ ସହ ଟାଟା ଏସିଇ ଜବତ



ଖୁଣ୍ଟୁଣୀ,୨୬।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୁରୁ ନିକଟରୁ ଶନିବାର ବନ କର୍ମଚାରୀ ଏକ ଟାଟା ଏସିଇ ଗାଡି ସହ ଚୋରା ୧୬ଟି ଶାଗୁଆନ କାଠ ଜବତ କରିଛି। ଜବତ କାଠ ବନବିଭାଗ ଖୁଣ୍ଟୁଣୀ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଛି। ଖୁଣ୍ଟୁଣୀ ବନାଞ୍ଚଳରେ ଏକ ମାମଲା (ନଂ.୧୧/୨୫) ରୁଜୁ ହୋଇଛି। ବନାଞ୍ଚଳ ଅଧିକାରୀ ନୀଳମାଧ ସାହୁଙ୍କ ସୂତ୍ରରୁ ପ୍ରକାଶ ଟାଟା ଏସିଇ ଗାଡ଼ିରେ ଶାଗୁଆନ କାଠ ଭର୍ତ୍ତି ହୋଇ ଗୁରୁଠାରୁ ଓରନ୍ଦା ଆସୁଥିବା ଖବର ଖୁଣ୍ଟୁଣୀ ଏସିଏଫ୍/ରେଞ୍ଜର ଖବର ପାଇ ଚଢ଼ାଉ କରାଯାଇଥିଲା। ବନପାଳ ପ୍ରମୋଦ ସେନାପତି, ବନପାଳ ରବି ନାୟକ ଓ ବନରକ୍ଷୀ ବିଜୟ କେତନ ମଙ୍ଗରାଜ ପ୍ରମୁଖ ଗାଡିକୁ ଜବତ କରିଥିଲା। ଜବତ କାଠର ମୂଲ୍ୟ ୪୦ରୁ ୫୦ ହଜାର ହେବ ବୋଲି ବନାଞ୍ଚଳ ସୂତ୍ରରୁ ପ୍ରକାଶ।

# ଗାଇଡ୍‌ଲାଇନ୍ ଜାରିରେ ସରକାରଙ୍କ ବିଳମ୍ବ

**ସମୂହ ପରେଡରେ ଛାତ୍ରୀଛାତ୍ର ଯୋଗଦାନ ପ୍ରସଙ୍ଗ**

କଟକ ସଦର,୨୬।୭(ସୁଶାନ୍ତ କୁମାର ଜେନା)

ପ୍ରତିବର୍ଷ ସ୍ୱାଧୀନତା ଓ ଗଣତନ୍ତ୍ର ଦିବସ ଅବସରରେ ପଞ୍ଚାୟତ, ବ୍ଲକ, ତହସିଲ ଓ ନିର୍ବାଚନମଣ୍ଡଳୀସ୍ତରରେ ପତାକା ଉତ୍ତୋଳନ ସହ ପରେଡ଼ ଆୟୋଜନ କରାଯିବାର ବ୍ୟବସ୍ଥା ରହିଛି। ଏହି ପରେଡ଼ରେ ଯୋଗଦେବା ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ଚିତ୍ତାକର୍ଷକ ସାମରିକ, ବେସାମରିକ କଳାକୌଶଳ ପ୍ରଦର୍ଶନ କରିଥାନ୍ତି। କିଛିଦିନ ପରେ ସ୍ୱାଧୀନତା ଦିବସ ପାଳନ କରାଯିବ। ପିଲାମାନଙ୍କୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ନିଜ ଅଞ୍ଚଳରେ ହେଉଥିବା ସାମୂହିକ ପରେଡରେ ଯୋଗଦେବା ହେଲେ ବାହାରକୁ ପିଲାମାନଙ୍କୁ ନେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ଗାଇଡ୍‌ଲାଇନ୍ ଜାରି କରାଯାଇନାହିଁ। ଆଗରୁ ମଧ କୌଣସି ଗାଇଡ୍‌ଲାଇନ୍ ମଧ ନାହିଁ। ସୂଚନା ଅଧିକାର ଆଇନରେ ତଥ୍ୟ ମଗାଯାଇଥିଲା। ସରକାରଙ୍କ ଏ ନେଇ କୌଣସି ଗାଇଡ୍‌ଲାଇନ୍ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୬୮୦୯/୫।୩।୨୦୨୫ରେ ଅବଗତ କରାଯାଇଥିଲା। ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଏହା ପରେ ଗାଇଡ୍‌ଲାଇନ୍ ଜାରି କରିବାରେ ବିଳମ୍ବ ଘଟୁଛି। ଗତ ଜାନୁଆରୀ ୨୬ରେ ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ବେହେରା ପରେଡ ସ୍ଥଳରୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ଦାୟିତ୍ୱହୀନତା ପାଇଁ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗିରଫ ଆଡେଇବା ପାଇଁ ହାଇକୋର୍ଟରୁ ଆଗୁଆ ଜାମିନ ପାଇଥିଲେ। ଅଦ୍ୟାବଧି କୌଣସି ନିୟମ ଲୋକସେବା ଭବନରୁ ଆସି ନ ଥିବା କଟକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ ପଚାରିବାରୁ ସରକାରଙ୍କ ନିଷ୍ପତ୍ତି ନେବାର ଥିବାରୁ ଏହା ଉପରେ ସେ କିଛି କହିପାରିବେ ନାହିଁ ବୋଲି କହିଥିଲେ। ତେଣୁ ରାଜ୍ୟ ସରକାର ପରେଡରେ ଅଂଶ ଗ୍ରହଣ କରିବାକୁ ଯାଉଥିବା ପିଲା ଓ ଶିକ୍ଷକମାନଙ୍କ ପାଇଁ ଗାଇଡ୍‌ଲାଇନ୍ ଶୀଘ୍ର ଜାରି କରିବା ପାଇଁ ଦାବି ହେଉଛି।

# ସ୍ଥାପନ ହେବ ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ପ୍ରତିମୂର୍ତ୍ତି

କଟକ,୨୬।୭(ଶିଲ୍ପା ପ୍ରିୟଦର୍ଶିନୀ)

ଭାରତ ମାତା ପୂଜନ ସମିତି ପକ୍ଷରୁ ସମିତିର ପ୍ରତିଷ୍ଠାତା ତଥା ମୁଖ୍ୟ ପୃଷ୍ଠପୋଷକ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେ'ଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଶୁକ୍ରବାର ସିଡିଏସ୍ଥିତ ସମିତିର କାର୍ଯ୍ୟାଳୟରେ ସମିତି ସଭାପତି ଭିକାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସ୍ୱାଧୀନତା ଦିବସରେ ସ୍ୱର୍ଗତ ଦେ'ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବ ବୋଲି ସମିତି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ କହିଥିଲେ। ବୈଠକରେ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ସବିତାରଞ୍ଜନ ପଟ୍ଟନାୟକ, ଦୟାନିଧି ଲେଙ୍କା, ସତ୍ୟ ମହାନ୍ତି, ରଜନୀକାନ୍ତ ଦାସ, ଗୀତାରାଣୀ ଦାସ, ଲକ୍ଷ୍ମୀଧର ପ୍ରଧାନ, ଅକ୍ଷୟ ଆଚାର୍ଯ୍ୟ, ବୀରେନ୍ଦ୍ର ସାହୁ, ଭବାନୀପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୀତାଞ୍ଜଳି ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦାତବ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ଚୌଦ୍ୱାର,୨୬।୭(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୁଆସାହି ଲକ୍ଷ୍ମୀନାରାୟଣ ପୂଜା ଘରେ ଏକ ଦାତବ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଟିମ୍ ଶିବିରରେ ଯୋଗଦେଇ ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ରୋଗ ଉପସମ ପାଇଁ ପ୍ରାଥମିକ ଔଷଧ ମାଗଣାରେ ଯୋଗାଇ ଦେଇଥିଲେ। ମେଡିକାଲ ଅଫିସର ଡା.ରବିନ୍ଦ୍ର କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଲିପ୍ସିତା ମହାରଣା, ରଶ୍ମିତା ମହାରଣା, ସଞ୍ଜୟ କୁମାର ସ୍ୱାଇଁ, କାଜଲ ମହାରଣା, ବାସନ୍ତୀ ସ୍ୱାଇଁ, ସୁଭଦ୍ରା ନାୟକ, ରୀନା ବାଇ, ଜଶୋଦା ମହାରଣା ଓ ଶମ୍ଭୁନାଥ ସେଠୀ ପ୍ରମୁଖ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର



ଚୌଦ୍ୱାର ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଦିଆଯାଉଛି।

ଚୌଦ୍ୱାର,୨୬।୭(ଆଶୁତୋଷ ଦାସ)

ଚୌଦ୍ୱାର ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଚୌଦ୍ୱାର ମହାବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡରେ ଘଟୁଥିବା ଦୁର୍ଘଟଣା ସମୟରେ ଲୋକମାନଙ୍କୁ କିଭଳି ପ୍ରାଥମିକ ସାହାଯ୍ୟ ସହଯୋଗ, ଚିକିତ୍ସା ଯୋଗାଇ ଦିଆଯିବ ସେ ବିଷୟରେ ପ୍ରଶିକ୍ଷଣ ଦିଆଯିବା ସହିତ ଛାତ୍ରୀଛାତ୍ରମାନଙ୍କୁ ପ୍ରାକ୍ଟିକାଲ ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ବ୍ୟାପକ ଚାରା ରୋପଣ କରାଯାଇଥିଲା। ସତ୍ୟସାଇ ସେବା ସମିତିର ଆବାହକ ରଞ୍ଜିତ୍ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷା ରଶ୍ମି ରାଉତରାୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମନୋବଳ ବଢାଇଥିଲେ। କାର୍ଯ୍ୟକ୍ରମରେ ସମିତିର କର୍ମକର୍ତ୍ତା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେବା ସମିତିର ଅଧ୍ୟାତ୍ମିକ ସଂଯୋଜକ ସିଦ୍ଧାର୍ଥ କୁମାର ଚାନ୍ଦ ଓ ସାଇକୃଷ୍ଣ ଦୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ସାରଳା ଭବନରେ ଶ୍ରମିକ ନେତା ତଥା ପୂର୍ବତନ ଏମ୍‌ଏଲ୍‌ଏ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ବାର୍ଷିକୀ ସ୍ମୃତି ସଭାରେ ଯୋଗଦେଇଥିବା ଅତିଥିମାନେ। (ଫଟୋ: ରାଜକିଶୋର ମହାନ୍ତି)

# ଅତିରିକ୍ତ କାର୍ଯ୍ୟଭାର ସମ୍ପର୍କରେ ଅବଗତ ନାହାନ୍ତି ସରକାର

**କଟକ ସଦର ବ୍ଲକ**

କଟକ ସଦର,୨୬।୭(ସୁଶାନ୍ତ କୁମାର ଜେନା)

ସିଏମ୍‌ସିର ୫୪ ନଂ. ୱାର୍ଡରେ କଟକ ସଦର ବ୍ଲକ କାର୍ଯ୍ୟାଳୟ ଅବସ୍ଥିତ। ୨୩ଟି ଗ୍ରାମପଞ୍ଚାୟତ ଓ ୫୯ଟି ୱାର୍ଡର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଏହି ବ୍ଲକ ଉପରେ ନ୍ୟସ୍ତ ରହିଛି। କିନ୍ତୁ ଏହି ବ୍ଲକ ଉପରେ କଟକ ମହାନଗର ନିଗମ ୱାର୍ଡଗୁଡ଼ିକ ସମ୍ପୂର୍ଣ୍ଣ ନିର୍ଭର କରନ୍ତି ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଜଣାନାହିଁ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ସମ୍ପର୍କରେ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ ସୂଚନା ଦେଇଛନ୍ତି। ପତ୍ର ସଂଖ୍ୟା ୧୪୬୪୨/୧୨।୭।୨୦୨୩ ଅନୁଯାୟୀ ପଞ୍ଚାୟତିରାଜ ବିଭାଗ ବିଭିନ୍ନ ବ୍ଲକରେ କାର୍ଯ୍ୟଭାର ଦୃଷ୍ଟିରେ ରଖି ୪୦୨ଟି ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ପଦବୀ ସୃଷ୍ଟି କରିଥିଲା। ୩୦ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଥିବା ବ୍ଲକ ପାଇଁ ୨ଜଣ ଲେଖାଏଁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ସୃଷ୍ଟି କରାଯାଇଥିଲେ ସୁଦ୍ଧା କଟକ ସଦର ବ୍ଲକ ଏଥିରୁ ବାଦ ପଡ଼ିଥିଲା। କାରଣ ଏହି ବ୍ଲକରେ ୨୩ ପଞ୍ଚାୟତ ରହିଛି ବୋଲି ସରକାର ଜାଣନ୍ତି। ଏହାଛଡ଼ା ମହାନଗର ନିଗମର ୫୯ଟି ୱାର୍ଡର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ପଞ୍ଚାୟତିରାଜ ବିଭାଗକୁ ଜଣାନାହିଁ। ଫଳରେ ଏହି ବ୍ଲକ ପାଇଁ ଆଉ ଜଣେ ଅତିରିକ୍ତ ସହକାରୀ ଯନ୍ତ୍ରୀ ମିଳିପାରିଲା ନାହିଁ ବୋଲି ଉକ୍ତ ପତ୍ରରେ ଦର୍ଶାଯାଇଛି। ଏହି ବ୍ଲକ ଜରିଆରେ ବାର୍ଷିକ ୧୫୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାମ କରାଯାଉଛି। ଜଣେ ସହକାରୀ ଯନ୍ତ୍ରୀ ସବୁ କାମ ଦେଖିବା ସମ୍ଭବପର ନୁହେଁ। ମହାନଗର ନିଗମର ଗୋଟିଏ ୱାର୍ଡର ଜନସଂଖ୍ୟା ଗ୍ରାମାଞ୍ଚଳର ୪ଟି ପଞ୍ଚାୟତ ସହ ସମାନ। ତେଣୁ ବର୍ତ୍ତମାନ ବ୍ଲକରେ ମଞ୍ଜୁର କନିଷ୍ଠ ଯନ୍ତ୍ରୀ ପଦବୀ ସଂଖ୍ୟା ୬। ଦାୟିତ୍ୱ ଅଧିକ ଥିବାରୁ ୪ଜଣ ସହକାରୀ ଯନ୍ତ୍ରୀଙ୍କୁ ଅନ୍ୟ ବ୍ଲକରୁ ଡେପୁଟେଶନରେ ଅଣାଯାଇଛି। ସଦ୍ୟ ୨ଜଣ ସହକାରୀ ଯନ୍ତ୍ରୀ ନିଶ୍ଚିନ୍ତକୋଇଲି ଓ ୨ଜଣ ମାହାଙ୍ଗା ବ୍ଲକରୁ ଡେପୁଟେଶନରେ ଆସିଛନ୍ତି। ଏଥିପାଇଁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ନାୟକ ଅଭିଯୋଗ କରିଛନ୍ତି। ପୂର୍ତ୍ତ ବିଭାଗ ଦ୍ୱାରା ସହରରେ ଏତିକି କାମ ହେଉଥିଲେ ୧୬ ପ୍ରତିଶତ ପ୍ରୋରାଟା ଦେବାକୁ ପଡୁଥାନ୍ତା। ଗୋଟିଏ ବିଭାଗର କାର୍ଯ୍ୟ ଅନ୍ୟ ବିଭାଗ ଦ୍ୱାରା କରାଗଲେ ମୂଳ ବିଭାଗକୁ ଅତିରିକ୍ତ ଖର୍ଚ୍ଚ(ପ୍ରୋରାଟା) ଦେବାର ସରକାରୀ ନିୟମ ରହିଛି। ମାତ୍ର ବ୍ଲକ ଦ୍ୱାରା କରାଇଲେ କିଛି ଦେବାକୁ ହୁଏନାହିଁ। ଫଳରେ ବ୍ଲକ ନିଜସ୍ୱ ବିଭାଗୀୟ କାମ ଠିକ ଭାବେ ହୋଇପାରୁ ନାହିଁ ବୋଲି ସାମାଜିକ କର୍ମୀ ନାୟକ କହିଛନ୍ତି। କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ କାହା ନିର୍ଦ୍ଦେଶରେ ବ୍ଲକର ଯନ୍ତ୍ରୀମାନଙ୍କୁ ମହାନଗର ନିଗମର ଅତିରିକ୍ତ ଦାୟିତ୍ୱ ଦିଆଯାଉଛି ବୋଲି ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।

# ଲାଞ୍ଚ: ଜେଲ ଗଲେ ଜେଆର୍‌ଏ ସୌରଭ ତ୍ରିପାଠୀ

ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ)

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଥିବା ଭୁବନେଶ୍ୱର ଉପଜିଲାପାଳ ଅଫିସ୍ ସ୍ୱତନ୍ତ୍ର ସାର୍ଟିଫିକେଟ୍ ସେକ୍ସନ୍‌ର କନିଷ୍ଠ ରାଜସ୍ୱ ସହାୟକ (ଜେଆର୍‌ଏ) ସୌରଭ ତ୍ରିପାଠୀ ଶନିବାର ଜେଲ ଯାଇଛନ୍ତି। ସୌରଭଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଅଭିଯୋଗକାରୀଙ୍କ ଜମି ପ୍ରମାଣପତ୍ର ନେଇ ପଞ୍ଜୀକୃତ ଏକ ମାମଲାର ଫାଇଲ କାମ ପାଇଁ ସୌରଭ ଅଫିସ ଭିତରେ ୩୦ ହଜାର ଟଙ୍କା ନେବା ବେଳେ ଧରାପଡ଼ିଥିଲେ।

## ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ବିଭ୍ରାଟ

# ବୋର୍ଡର ୬ ଅଧିକାରୀଙ୍କ ବଦଳି

କଟକ,୨୬।୭(କାର୍ତ୍ତିକ ସାହୁ)

ଚାକିରିରେ ଥିବା ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ବିଭ୍ରାଟକୁ ନେଇ ଏଯାଏ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କର୍ତ୍ତୃପକ୍ଷ ମୁହଁ ଖୋଲୁନାହାନ୍ତି। ଅପରପକ୍ଷରେ ଏହି ଘଟଣାକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ବୋର୍ଡର ୬ ଅଧିକାରୀଙ୍କୁ ବିଭାଗ-ବିଭାଗ ମଧ୍ୟରେ ବଦଳି କରାଯାଇଛି। କେତେଜଣ ସେକ୍ସନ ଅଫିସର ଏବଂ ସହକାରୀ ସମ୍ପାଦକଙ୍କୁ ଅନ୍ୟ ବିଭାଗକୁ ବଦଳି କରାଯାଇଥିବା ବେଳେ କୌଣସି ଉଚ୍ଚପଦସ୍ଥ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏକ୍‌ଜାମିନେଶନ କନ୍‌ଫିଡେନସିଆଲ-୧ ସେକ୍ସନ ଅଫିସର ଅରବିନ୍ଦ ଆଚାର୍ଯ୍ୟଙ୍କୁ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ସେଲକୁ ବଦଳି କରାଯାଇଛି। ସେହିଭଳି ଆରଟିଆଇ ସେଲ ସେକ୍ସନ ଅଫିସର ଦିଲୀପ କୁମାର ସିଂହଙ୍କୁ ଏକଜାମିନେଶନ କନଫିଡେନସିଆଲ-୧କୁ, ସେକ୍ସନ ଅଫିସର ସୁଦୀପ ରାଉଳଙ୍କୁ ଗୋପନୀୟ ବିଭାଗକୁ, ଗୋପନୀୟ ବିଭାଗର ସେକ୍ସନ ଅଧିକାରୀ ପ୍ରଭାତ କୁମାର ଭୋଇଙ୍କୁ ଏକଜାମିନେଶନ କନଫିଡେନସିଆଲ-୨କୁ ଏବଂ ସହକାରୀ ସମ୍ପାଦକ ବିକ୍ରମ କେଶରୀ ପଟ୍ଟନାୟକଙ୍କୁ ସମନ୍ୱୟ ଏବଂ ପ୍ରମାଣପତ୍ର ବିଭାଗ-୨ରୁ ଗୋପନୀୟ ବିଭାଗ-୧କୁ ବଦଳି କରାଯାଇଛି। ବିତ୍ତ ଏବଂ ଦରମା ଦାୟିତ୍ୱରେ ଥିବା ସେକ୍ସନ ଅଫିସର ଲିପିକା ସିଂହଙ୍କୁ ପ୍ରମାଣପତ୍ର ବିଭାଗ-୨ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବରିଷ୍ଠ ସହାୟକ ଅଶୋକ କୁମାର ସାମଲ ସମନ୍ୱୟ ବିଭାଗର ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ପରୀକ୍ଷା ପରିଚାଳନା ପ୍ରକ୍ରିୟାକୁ ସଶକ୍ତ ପାଇଁ ଏହି ବଦଳି କରାଯାଇଥିବା ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସମ୍ପାଦକଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ମାତ୍ର ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପରିଚାଳନାରେ ତ୍ରୁଟି ଯୋଗୁ ସେମାନଙ୍କୁ ବିଭାଗୀୟ ବଦଳି କରାଯାଉଥିବା ଚର୍ଚ୍ଚା ହେଉଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ୨୦ ତାରିଖରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା କରାଯାଇଥାନ୍ତା। ଫର୍ମପୂରଣ କରିଥିବା ୭୫,୪୦୩ ପରୀକ୍ଷାର୍ଥୀଙ୍କ ପାଇଁ ୧୯୩ଟି ପରୀକ୍ଷା କେନ୍ଦ୍ର ପ୍ରସ୍ତୁତ କରାଯାଇଥିଲା। ମାତ୍ର ଶନିବାର ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖିଦିଆଗଲା। ୧୯ ତାରିଖ ରାତିରେ ଓଟିଇଟି ପ୍ରଶ୍ନର ହାତଲେଖା ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିବା ଅଭିଯୋଗ ହୋଇଥିଲା। ସବୁ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ନୋଟିସ ଜାରି କରାଯିବା ସହ ବିଳମ୍ବିତ ରାତିରେ ଗଣମାଧ୍ୟମକୁ ମଧ୍ୟ ସୂଚନା ଦିଆଯାଇଥିଲା। ମାତ୍ର ଏଯାଏ ବୋର୍ଡ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ କୌଣସି ସ୍ପଷ୍ଟୀକରଣ ନ ଦେବା ଚର୍ଚ୍ଚାର ବିଷୟ ହୋଇଛି।

# ୮ଦିନ ବିତିଲା, ଅଭିଯୁକ୍ତଙ୍କ ସୁରାକ୍ ପାଉନି ପୋଲିସ

## ବଲାଙ୍ଗୀରେ ଛାତ୍ରୀଙ୍କୁ ଜାଳିଦେବା ଘଟଣା



ବଲଙ୍ଗା/ନିମାପଡ଼ା,୨୬।୭
(କେଦାରେଶ୍ୱର ନନ୍ଦ/ବିଚିତ୍ରାନନ୍ଦ ସାହୁ)

ବଲଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣାକୁ ୮ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ କୌଣସି ସୁରାକ୍ ପାଇ ନ ଥିବା ଜଣାପଡ଼ିଛି। ଏନେଇ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ବଲଙ୍ଗା ଘଟଣା ଉପରେ ତଦନ୍ତ ଅଧିକାରୀ ତଦନ୍ତ ଜାରି ରଖିଛନ୍ତି। ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ପାଇଁ ଟିକେ ସମୟ ଲାଗୁଛି। ତଦନ୍ତରେ କୌଣସି ପ୍ରକାରର ଖିଅ ଯେମିତି ନ ଛାଡ଼ୁ ସେଥିପ୍ରତି ଧ୍ୟାନ ରଖୁଛୁ। କୌଣସି ନିଷ୍କର୍ଷ ଭିତରେ ଆମେ ପହଞ୍ଚିପାରିନୁ, ମୂଲ୍ୟବାନ ପ୍ରମାଣ ଆମେ ହସ୍ତଗତ କରିଛୁ, ଆଗାମୀ ଦିନରେ ପ୍ରତିକ୍ରିୟା ରଖିବୁ ବୋଲି କହିଛନ୍ତି। ଏପଟେ ଶୁକ୍ରବାର ବଲଙ୍ଗା ପୋଲିସ ଏବଂ କ୍ରାଇମ ବ୍ରାଞ୍ଚ ମିଳିତ ଭାବେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କ ବୟାନ ଆଉଥରେ ରେକର୍ଡ କରିଥିବା ବେଳେ ଶନିବାର ସମ୍ପୂର୍ଣ୍ଣ ଘଟଣା ଉପରୁ ପରଦା ଉଠିବା ଚର୍ଚ୍ଚା ଚାଲିଥିବା ବେଳେ ପୁଣି ପୁରୀ ଏସ୍‌ପିଙ୍କ ବୟାନ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏପଟେ ପୀଡ଼ିତାଙ୍କ ପ୍ରଥମ ବୟାନ ଆଉ ବର୍ତ୍ତମାନର ବୟାନ ତାଳମେଳ ଖାଉ ନ ଥିବା ଚର୍ଚ୍ଚା ହେବା ପରେ ପୁଣି କ୍ରାଇମବ୍ରାଞ୍ଚ ପୀଡ଼ିତାଙ୍କ ବୟାନ ରେକର୍ଡ କରିପାରେ ବୋଲି କୁହାଯାଉଛି। ସମସ୍ତ ତଦନ୍ତ ପ୍ରକ୍ରିୟା ଏବଂ ଘଟଣା ଭିତରେ ଗୋଟିଏ କଥା ପୋଲିସର ନିଷ୍କ୍ରିୟତା ଏବେ ସମସ୍ତଙ୍କ ସାମ୍ନାକୁ ଆସିଛି।

### ପୀଡ଼ିତାଙ୍କ ପରିବାରକୁ ଭେଟିଲେ ଭାଜପା କାର୍ଯ୍ୟକର୍ତ୍ତା

ବଲଙ୍ଗା ବାୟାବର ଛାତ୍ରୀ ପୋଡ଼ି ଘଟଣାରେ ପୀଡ଼ିତାଙ୍କ ପରିବାରକୁ ତାଙ୍କ ବାସଭବନରେ ଭେଟିଛନ୍ତି ବଲଙ୍ଗା ଭାଜପା ମଣ୍ଡଳର କାର୍ଯ୍ୟକର୍ତ୍ତା। ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପୂର୍ବତନ ମଣ୍ଡଳ ସଭାପତି ପ୍ରସନ୍ନ କୁମାର ଦାଶ, ରତ୍ନାକର ମିଶ୍ର, ରଞ୍ଜନ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ପ୍ରଭାକର ନାୟକ, ମୋହନ ପଣ୍ଡା, ଜୟନ୍ତ ରାୟ, ମହାବୀର ବରାଳଙ୍କ ଉପସ୍ଥିତିରେ କିଛି ରାଶନ ସାମଗ୍ରୀ ପୀଡ଼ିତାଙ୍କ ପରିବାରକୁ ଦିଆଯାଇଛି। ପୀଡ଼ିତାଙ୍କ ପରିବାରର ମୁଖ୍ୟ ଏକମାତ୍ର ରୋଜଗାରକ୍ଷମ ହୋଇଥିବାରୁ ୮ଦିନ ହେଲାଣି ନୂଆଦିଲ୍ଲୀ ଏମ୍ସରେ ଝିଅ ସାଙ୍ଗରେ ଅଛନ୍ତି।

### ଜେଏମ୍‌ଏଫ୍‌ସିରେ ୪ ଜଣଙ୍କ ବୟାନ ରେକର୍ଡ

ଛାତ୍ରୀଙ୍କୁ ଜାଳିଦେବା ଘଟଣାରେ ଶନିବାର ମାମଲାର ପୁରୀ ହେଡକ୍ୱାର୍ଟର୍ସ ଏସ୍‌ଡିପିଓ କଳ୍ପନା କୁଆଁରୀଙ୍କ ଉପସ୍ଥିତିରେ ନିମାପଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ୪ ଜଣଙ୍କ ବୟାନ ରେକର୍ଡ କରାଯାଇଛି। ସେମାନଙ୍କ ମଧ୍ୟରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ପିଉସୀ, ବାନ୍ଧବୀ, ଗାଁର ଜଣେ ଯୁବକ ଓ ଅନ୍ୟଜଣେ ମହିଳା ରହିଥିବା କୁହାଯାଉଛି। ଶନିବାର ସନ୍ଧ୍ୟାରେ ନିମାପଡ଼ା କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍‌ଏଫ୍‌ସି) ସୌରଭ ସାଗର ପ୍ରଧାନଙ୍କ ନିକଟରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୮୩ ଅନୁଯାୟୀ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ପୁରୀ ଏସ୍‌ପି ପିନାକ ମିଶ୍ର ଘଟଣାର ସାକ୍ଷୀ ଭାବେ ଏହି ୪ ଜଣଙ୍କୁ ପଚରାଉଚରା ପରେ ସେମାନଙ୍କୁ ନିମାପଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା।

# ଆଇଏନ୍‌ଏସ୍ ଚିଲିକାରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

## କାର୍‌ଗିଲ ବିଜୟ ଦିବସ

ଭୁବନେଶ୍ୱର,(ଅନୁରାଧା ମହାରଣା)/ ବାଲୁଗା, ୨୬।୭ (ସଂଗ୍ରାମ ପାଇକରାୟ)

ଆଇଏନ୍‌ଏସ୍ ଚିଲିକାରେ ଶନିବାର କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ୧୯୯୯ ମସିହା କାର୍‌ଗିଲ ଯୁଦ୍ଧରେ ଭାରତୀୟ ସଶସ୍ତ୍ର ବାହିନୀର ଅପୂର୍ବ ସାହସ ଓ ଆତ୍ମବଳିଦାନର ସ୍ମରଣ କରି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇଏନ୍‌ଏସ ଚିଲିକାର ଯୁଦ୍ଧ ସ୍ମାରକୀରେ ଏକ ଶ୍ରଦ୍ଧାଞ୍ଜଳି ଉତ୍ସବ ଅନୁଷ୍ଠିତ ହୋଇଥିଲା। ନୌସେନା ଅଧିକାରୀ (ଓଡ଼ିଶା) କମୋଡର ବି. ଦୀପକ ଅନିଲ ସମସ୍ତ ଅଧିକାରୀ ଓ ସୈନିକଙ୍କ ତରଫରୁ ପୁଷ୍ପଚକ୍ର ଅର୍ପଣ କରି ଶହୀଦମାନଙ୍କୁ ଶ୍ରଦ୍ଧା ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ଅପରେଶନ ବିଜୟ ସମୟରେ ଦେଖାଯାଇଥିବା ଅଦମ୍ୟ ସାହସକୁ ମନେ ପକାଇବା ସହ ଆଗାମୀ ପିଢ଼ିର ନୌସୈନିକମାନଙ୍କୁ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀରମାନଙ୍କର ଗୌରବମୟ ପରମ୍ପରାକୁ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲା।



ଆଇଏନ୍‌ଏସ ଚିଲିକାର ଯୁଦ୍ଧ ସ୍ମାରକୀରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ବାପପୁଅଙ୍କ ଝୁଲନ୍ତା ମୃତଦେହ ଜବତ

## ପାରିବାରିକ କଳହର କରୁଣ ପରିଣତି

ପିପିଲି,୨୬।୭(ଦୁର୍ଗା ମାଧବ ମିଶ୍ର)

ପ୍ରେମ ନେଲା ଦୁଇ ଦୁଇଟି ଜୀବନ। ପ୍ରେମବିବାହ ପରେ ପାରିବାରିକ କଳହର କରୁଣ ପରିଣତି ଶନିବାର ପିପିଲି ଥାନା ତେଇଶିପୁର ପଞ୍ଚାୟତର ପୋଟଳ ଗ୍ରାମରେ ଦେଖିବାକୁ ମିଳିଛି । ପିପିଲି ଥାନା ପୋଟଳ ଗ୍ରାମର ଦାଶରଥି ପାଣିଙ୍କ ବଡ଼ ପୁଅ ଦୀପକ ପାଣି (୩୨) କେନ୍ଦ୍ରାପଡ଼ା ଅଞ୍ଚଳର ପୂଜା ମଲିକଙ୍କୁ ପ୍ରେମବିବାହ କରିଥିଲେ। ପରିବାରରେ ଉଭୟଙ୍କୁ ନେଇ ଅନେକ ସମୟରେ ବିବାଦ ଲାଗିରହୁଥିଲା । ଅନେକ ଥର ଉଭୟଙ୍କ ମଧ୍ୟରେ କଳି ଝଗଡ଼ା ହୋଇ ସମାଧାନ ହୋଇଥାଏ। ତେବେ ଶୁକ୍ରବାର ରାତିରେ କଳି ଝଗଡ଼ା ଜୋର୍‌ଦାର ହୋଇଥିଲା। ରାତିରେ ୩ ବର୍ଷର ପୁଅ ଏବଂ ସ୍ୱାମୀଙ୍କୁ ଛାଡ଼ି ପୂଜା କେଉଁଆଡ଼େ ଚାଲିଯିବା ପରେ ଦୀପକ ଖୋଜାଖୋଜି କରିଥିଲେ। ସେପଟେ ପୁଅର ଦେହ ଖରାପ ହେବାରୁ ତାକୁ ଔଷଧ ଆଣି ଦେବା ପରେ ଉଭୟ ବାପପୁଅ ଘରେ କବାଟ ଦେଇ ଶୋଇଥିଲେ। ଦୀପକଙ୍କ ମା' ପୁଅ ଏବଂ ନାତିକୁ ଡାକିଥିଲେ ମଧ୍ୟ କେହି ଶୁଣି ନ ଥିଲେ। କବାଟ ଖୋଲିଲା ପରେ ଉଭୟଙ୍କ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ଦେଖିଥିଲେ। ଖବରପାଇ ସାତଶଙ୍ଖ ଫାଣ୍ଡି ଅଧିକାରୀ ଏବଂ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ରବିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବ ।

# ରାକେଶ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ୟୁଥ୍ କମିଟି ଚେୟାରମ୍ୟାନ

ବାରଙ୍ଗ,୨୬।୭(ଲିଙ୍ଗରାଜ ରାଉତ)

ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ଓଡ଼ିଶା ୟୁନିଟ ପକ୍ଷରୁ ୟୁଥ କମିଟି ଗଠିତ ହୋଇଛି। କମିଟିରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଦୁଇଜଣ ରୋଭର୍ ସ୍ଥାନ ପାଇଛନ୍ତି। କମିଟି ଚେୟାରମ୍ୟାନ ଭାବେ ସିନିୟର ରୋଭର୍ ରାକେଶ କୁମାର ମଲ୍ଲିକ ଓ ସଦସ୍ୟ ଭାବେ ଦୀପକ କୁମାର ପଣ୍ଡା ମନୋନୀତ ହୋଇଛନ୍ତି। ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ରାଜ୍ୟ ମୁଖ୍ୟ କମିଶନର କାଳିପ୍ରସାଦ ମିଶ୍ର ଏହି ଦୁଇ ଛାତ୍ରଙ୍କ ନାମ ଘୋଷଣା କରିଥିଲେ। କୁଳପତି ପ୍ରଫେସର ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ ଶର୍ମା, ସ୍ୱାମୀ ସତ୍ୟଚୈତନ୍ୟ, ଛାତ୍ରକଲ୍ୟାଣ ଡିନ୍ ପ୍ରଫେସର ଜୟପ୍ରକାଶ ଭଞ୍ଜ ପ୍ରମୁଖ ଖୁସିବ୍ୟକ୍ତ କରିଛନ୍ତି। ସଫଳତା ପଛରେ ସହକାରୀ ପ୍ରାଧ୍ୟାପକ ତଥା ରୋଭର୍ ସ୍କାଉଟ ଲିଡର ଡ. ସନ୍ଦୀପ ରାଉତଙ୍କ ପ୍ରୟାସକୁ ସେମାନେ ପ୍ରଶଂସା କରିଛନ୍ତି।

# ପାର୍କିଂବେଳେ ନଦୀକୁ ଖସିପଡ଼ିଲା ବିଡିଓଙ୍କ କାର୍



ଆଇଏନ୍‌ଏସ ଚିଲିକାର ଯୁଦ୍ଧ ସ୍ମାରକୀରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ଆହତ ଦମ୍ପତିଙ୍କୁ ଉଦ୍ଧାର କଲେ ଅଗ୍ନିଶମ ପ୍ରଶିକ୍ଷାର୍ଥୀ

କୋଣାର୍କ,୨୬।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ରାମଚଣ୍ଡୀ ନିକଟରେ କାର୍ ପାର୍କିଂ ବେଳେ ନଦୀଗର୍ଭକୁ ଗୋଟିଏ କାର୍ ଖସି ପଡ଼ିଥିବା ଜଣାପଡ଼ିଛି। ଫଳରେ କାର୍ ଚାଳକ ତଥା କଟକ ସଦର ବିଡିଓ ପ୍ରତୀକ ସାହୁ(୩୩) ଓ ସ୍ତ୍ରୀ ରଶ୍ମି ସାହୁ(୩୧) ଆହତ ହୋଇଛନ୍ତି। ନଦୀ ଗର୍ଭରେ ସମ୍ପୂର୍ଣ୍ଣ ଓଲଟି ପଡ଼ି ଭାସୁଥିବା କାର୍ ଭିତରୁ ଚିତ୍କାର ଶୁଣି ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ ତତ୍କାଳ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଆହତଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କୋଣାର୍କ ଓ ପରେ ପୁରୀ ସଦର ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ବିଡିଓ ସାହୁ ମେରାଇନ ଡ୍ରାଇଭ୍ ଜାତୀୟ ରାଜପଥରୁ ଲୋଟସ ରିସର୍ଟ ହୋଟେଲ ଆଡ଼କୁ ଯାଇ ଗାଡ଼ି ପାର୍କିଂ କରୁଥିଲେ। ପାର୍କିଂ ସମୟରେ ଗାଡ଼ି ବୁଲାଉଥିବାବେଳେ ବ୍ରେକ୍ ପରିବର୍ତ୍ତେ ଆକ୍ସିଲେରେଟର ଉପରେ ଗୋଡ଼ ରହିଯିବାରୁ କାର୍‌ଟି ନଦୀକୁ ଖସି ପଡ଼ିଥିଲା। କାର୍‌ଟି ସମ୍ପୂର୍ଣ୍ଣ ଓଲଟି ଯାଇ ପାଣିରେ ଭାସୁଥିବା ଅବସ୍ଥାରେ ନିକଟରେ ଉପସ୍ଥିତ ଟ୍ରେନିଂ ସେଣ୍ଟରରୁ ଶତାଧିକ ଅଗ୍ନିକ ତତ୍କାଳ ପାଣିକୁ ଡେଇଁ କାର୍‌ର କାଚ ଭାଙ୍ଗି ବିଡିଓ ଦମ୍ପତିଙ୍କୁ ଉଦ୍ଧାର କରିଥିଲେ। ବିଶେଷ କ୍ଷତି ହୋଇ ନ ଥିଲେ ମଧ୍ୟ ସେମାନେ ଅତ୍ୟନ୍ତ ଭୟଭୀତ ହୋଇପଡିଥିବା ଚମ୍ପାହାର ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ ପ୍ରକାଶ କରିଛନ୍ତି। ଚନ୍ଦ୍ରଭାଗା ମେରାଇନ୍ ଥାନା ପୋଲିସ ପହଞ୍ଚି ଗାଡ଼ିଟିକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ସହ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ପ୍ରତିମା ସାହୁ ପ୍ରକାଶ କରିଛନ୍ତି।

### ଜିଲାପାଳଙ୍କ ନିର୍ଦ୍ଦେଶର ଅବମାନନା

#### ସଦର ମହକୁମା ବାହାରେ ଥିଲେ କଟକ ସଦର ବିଡିଓ

କଟକ ସଦର,୨୬।୭(ସୁଶାନ୍ତ କୁମାର ଜେନା)

ଲଘୁଚାପ ଓ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି କଟକ ଜିଲାର ସମସ୍ତ ଅଫିସ ଶନିବାର ଖୋଲା ରହିବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶନାମା ଜାରି କରିଥିଲେ। ଜିଲା ସଦର ମହକୁମାରେ ଅବସ୍ଥିତ ସଦର ବ୍ଲକ ଖୋଲାଥିଲା। ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ ମଧ୍ୟ ବିଡିଓ ପ୍ରତୀକ ସାହୁ ଅଫିସ ଆସି ନ ଥିଲେ। ବିଡିଓ ସାହୁ ଜିଲାପାଳଙ୍କ ସହ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବେ ବୋଲି ଅନୁମାନ କରାଯାଉଥିଲା। ପରେ ଖବର ମିଳିଲା ଯେ, ସାହୁଙ୍କ କାର୍ ରାମଚଣ୍ଡୀ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ନଦୀକୁ ଖସି ପଡ଼ିଛି। ସେ ତାଙ୍କ ସ୍ତ୍ରୀ ଆହତ ହୋଇ ପୁରୀ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ଜିଲାପାଳଙ୍କ ଆଦେଶକୁ ବିଡିଓ ଅବମାନନା କରି ସପରିବାର ସହ ଜିଲା ବାହାରକୁ ଯିବା ନିୟମ ଦୃଷ୍ଟିରୁ କେତେଦୂର ଯଥାର୍ଥ, ତାର ତଦନ୍ତ କରାଯିବା ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଜିଲାପାଳ ଶିନ୍ଦେ କହିଛନ୍ତି, ବିଡିଓ ଚିକିତ୍ସାଧୀନ ଥିବାରୁ ତାଙ୍କୁ କିଛି ପଚରା ଯାଇପାରୁନାହିଁ। ଏହା ଗୋଟିଏ ସ୍ପର୍ଶ କାତର ବିଷୟ। କାହାକୁ କହି ଜିଲା ବାହାରକୁ ଯାଇଥିଲେ, ତା'ର ତଦନ୍ତ ସୁସ୍ଥ ହେଲା ପରେ କରାଯିବ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସାଗରିକା



@ ବଳରାମ



@ ପୂଜା



@ ସୂର୍ଯ୍ୟମଣି



@ ବରେନ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୁଆଖାଇରେ ବୁଡ଼ି ଛାତ୍ର ମୃତ

## ସାଙ୍ଗଙ୍କ ସହ ଗାଧୋଉଥିଲେ

ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ନିକଟ କୁଆଖାଇ ନଦୀରେ ଶନିବାର ଜଣେ ଛାତ୍ର ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ପଶ୍ଚିମବଙ୍ଗ ଖଡ଼ଗପୁରର ଅଙ୍କନ ତ୍ରିପାଠୀ (୨୦)। ଅଙ୍କନ ପଟିଆସ୍ଥିତ ଏକ ଘରୋଇ କଲେଜର ବାୟୋଟେକ୍ନୋଲୋଜି ବିଭାଗ ଦ୍ୱିତୀୟ ବର୍ଷରେ ପଢୁଥିଲେ। ଅଙ୍କନ ଅନ୍ୟ ୪ ସାଙ୍ଗଙ୍କ ସହ ଗାଧୋଇବା ବେଳେ ଏହି ଘଟଣା ଘଟିଥିଲା। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିବାର ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ଅଙ୍କନଙ୍କ ମୃତଦେହକୁ ଠାବ କରିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ୫ଜଣ ଛାତ୍ର ବରିମୁଣ୍ଡ ନିକଟ କୁଆଖାଇକୁ ଆସି ଗାଧୋଉଥିଲେ। ତେବେ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ପ୍ରଖର ସ୍ରୋତରେ ୨ଜଣ ଛାତ୍ର ଭାସିଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଜଣେ ଛାତ୍ରଙ୍କୁ ଉଦ୍ଧାର କରିଥିବାବେଳେ ଅଙ୍କନଙ୍କ ପତ୍ତା ମିଳି ନ ଥିଲା। ମଞ୍ଚେଶ୍ୱର ଓ ପାହାଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେଶନ୍ କରିଥିଲେ। ପ୍ରାୟ ୫୦୦ ମିଟର ପରିମିତ ଅଞ୍ଚଳରେ ଅଗ୍ନିଶମ କର୍ମଚାରୀମାନେ ଖୋଜିଖୋଜି କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଙ୍କନଙ୍କ ମୃତଦେହକୁ ପାଇଥିଲେ। ଏନେଇ ମଞ୍ଚେଶ୍ୱର ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି।

# ବିହାରରୁ ମାରଣାସ୍ତ୍ର କିଣି ଓଡ଼ିଶାରେ ବିକ୍ରି

■୫ ବନ୍ଧୁକ, ୧୩ ଜୀବନ୍ତ ଗୁଳି, ଗୋଟିଏ ସ୍କୁଟି ସହ ୩ ମୋବାଇଲ ଜବତ

■ବେଆଇନ ଅସ୍ତ୍ରଶସ୍ତ୍ର ସହ ୬ ଅଭିଯୁକ୍ତ ଗିରଫ

କଟକ,୨୬।୭(କାର୍ତ୍ତିକ ସାହୁ)



ଗିରଫ ଅଭିଯୁକ୍ତ ଓ ଜବତ ଅସ୍ତ୍ରଶସ୍ତ୍ର।

ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ମାଲଗୋଦାମ ଥାନା ପୋଲିସ ୬ଜଣଙ୍କୁ ଶନିବାର ଗିରଫ କରିଛି। ସେମାନଙ୍କ ନିକଟରୁ ୫ଟି ବନ୍ଧୁକ, ୧୩ଟି ଜୀବନ୍ତ ଗୁଳି, ଗୋଟିଏ ସ୍କୁଟି ଓ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ଯୋବ୍ରା ମାଟିଆ ମଙ୍ଗଳା ଛକର କାଦୁଆ ଓରଫ ଦେବଦତ୍ତ ସିଂ ବେହେରା(୨୬), ଯୋବ୍ରା ମହ୍ଲାସାହିର ରାଜା ଓରଫ ପୀୟୂଷ ରେଡ୍ଡୀ (୨୦), ଯୋବ୍ରା ନଦୀକୂଳସାହିର ନନ୍ଦ ଓରଫ ବିଜୟ ରାଓ (୩୬), ଯୋବ୍ରା ମୁଆସାହିର ହାପି ଓରଫ ଜ୍ୟୋତିରଞ୍ଜନ ନାୟକ (୨୩), ବିଦ୍ଦୁ ଓରଫ ବୈଦ୍ୟନାଥ ବେହେରା (୨୨) ଓ ଯୋବ୍ରା ତଳସାହିର ତପୁ ଓରଫ ତପନ ସେଠୀ (୨୦)। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏକାଧିକ ଆପରାଧିକ ମାମଲା ବିଭିନ୍ନ ଥାନାରେ ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। କାଦୁଆ ନାମରେ ୪ଟି, ରାଜା ନାମରେ ୩ଟି, ନନ୍ଦ ନାମରେ ୧୪ଟି ଓ ବିଦ୍ଦୁ ନାମରେ ଗୋଟିଏ ମାମଲା ରହିଛି। ଏ ନେଇ ମାଲଗୋଦାମ ଥାନାରେ ଏକ ମାମଲା (ନଂ.୧୭୬/୨୦୨୫) ରୁଜୁ ହୋଇଛି। ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା କଟକ ଡିସିପି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ସୂଚନାନୁସାରେ, କାଦୁଆଙ୍କ ନିକଟରେ ବେଆଇନ ଅସ୍ତ୍ରଶସ୍ତ୍ର ରହିଥିବା ନେଇ ମାଲଗୋଦାମ ଥାନା ପୋଲିସ ବିଶ୍ବସ୍ତ ସୂତ୍ରରୁ ଖବର ପାଇଥିଲା। ଜୋନ୍-୧ ଏସିପି ଅରୁଣ ସ୍ବାଇଁଙ୍କ ନେତୃତ୍ବରେ ଗଠିତ ସ୍ପେଶାଲ ସ୍କ୍ବାଡ୍ ଶୁକ୍ରବାର ସନ୍ଧ୍ୟାରେ କାଦୁଆଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଗୋଟିଏ ୭.୬୫ ମିମି ପିସ୍ତଲ ଓ ୫ ରାଉଣ୍ଡ ଗୁଳି ଜବତ ହୋଇଥିଲା। ପଚରାଉଚରା ବେଳେ କାଦୁଆ ବିହାରରୁ ବେଆଇନ ଅସ୍ତ୍ରଶସ୍ତ୍ର ଆଣୁଥିବା ସ୍ବୀକାର କରିଥିଲେ। ସେ ବିହାରରୁ ୬ଟି ବନ୍ଧୁକ କିଣିଥିବା ବେଳେ ସହ ତନ୍ମଧ୍ୟରୁ ୫ଟି ବିକ୍ରି କରିଦେଇଥିବା ପୋଲିସ ନିକଟରେ ମାନିଥିଲେ। ଏହି ମାରଣାସ୍ତ୍ରଗୁଡ଼ିକୁ ଅସାମାଜିକ କାର୍ଯ୍ୟକଳାପ ଘଟାଇବା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିବା ପୋଲିସ ଅବଗତ ହୋଇଥିଲା। କାଦୁଆଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା।

# ପାରିବାରିକ କଳହ: ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣିଲେ ସ୍ବାମୀ

ହରଭଙ୍ଗା,୨୬।୭(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ପଛପଟ ବସ୍ତିରେ ପାରିବାରିକ କଳହରୁ ଶୁକ୍ରବାର ରାତିରେ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ଜୁନି ଗୁରୁ(୩୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନାକୁ ପଠାଇଛି। ଏହି ଘଟଣାରେ ଅଭିଯୁକ୍ତ ସ୍ବାମୀ ସାଜନ ପ୍ରଧାନ (୩୮)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୁରୁଣାକଟକ ଥାନାରେ ଏକ ମାମଲା (ନଂ.୧୧୪/୨୫) ରୁଜୁ କରି ଅଧିକ ତଦନ୍ତ ଚାଲିଛି। ମିଳିଥିବା ସୂଚନା ମୁତାବକ, ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରୁଗୁଡ଼ିପଡ଼ା ଗ୍ରାମର ସାଜନ ନିକଟସ୍ଥ ଲୋକାପଡା ଗ୍ରାମର ଜୁନିଙ୍କୁ ୧୦ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଉଭୟ ଭିନ୍ନ ଭିନ୍ନ ଜାତିର ହୋଇଥିବାରୁ ବିବାହ ପରେ ବାହାର ରାଜ୍ୟକୁ ଯାଇ ଶ୍ରମିକ ଭାବେ କାମ କରି ଚଳୁଥିଲେ। କିଛିବର୍ଷ ହେଲା ଉଭୟ ବାହାର ରାଜ୍ୟରୁ ଫେରିଆସି ପୁରୁଣାକଟକ ଥାନା ପଛପଟ ବସ୍ତିରେ ଘର କରି ରହିଆସୁଥିଲେ। ଗତ ଶୁକ୍ରବାର ରାତିରେ ପାରିବାରିକ କଳହରୁ ସାଜନ ଏକ ଟାଙ୍ଗିଆରେ ଜୁନିଙ୍କୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପୁରୁଣାକଟକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଜୁନିଙ୍କ ମୃତ୍ୟୁ ହୋଇଥିଲା। ଏପଟେ ଅଭିଯୁକ୍ତ ସ୍ବାମୀ ସ୍ତ୍ରୀଙ୍କୁ ହାଣିବା ପରେ ଥାନାରେ ଆତ୍ମସମର୍ପଣ କରିଥିଲେ।

# ଗୁଣି ସନ୍ଦେହରେ ହାତଗୋଡ଼ ବାନ୍ଧି ମାଡ଼

## ମାମଲା ରୁଜୁ କଲା ପୋଲିସ

ଦିଗପହଣ୍ଡି,୨୬।୭(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲାର ଗ୍ରାମାଞ୍ଚଳଗୁଡିକରେ ଅନ୍ଧବିଶ୍ୱାସ ଥମିବାର ନାଁ ଧରୁନି। ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମର ଜଣେ ବ୍ୟକ୍ତି ଗୁଣି କରୁଥିବା ସନ୍ଦେହ କରି ଗ୍ରାମର କେତେଜଣ ତାଙ୍କ ହାତଗୋଡ଼ ବାନ୍ଧି ନିସ୍ଥୁକ ମାଡ଼ ମାରିଛନ୍ତି। ଆକ୍ରୋଶର ଶିକାର ହୋଇଥିବା କେ.ପଞ୍ଚାନନ ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ମାଡ଼ ମାରିଥିବା ଅଭିଯୋଗରେ ଗ୍ରାମର ୪ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଗ୍ରାମର ଜଣେ ଯୁବତୀଙ୍କ ଦେହ ଖରାପ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରୋଗ ନିରୂପଣ ନ ହେବାରୁ ତାଙ୍କୁ କେହି ଗୁଣି କରିଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଯୁବତୀଙ୍କ ଉପରେ ତନ୍ତ୍ରବିଦ୍ୟା ପ୍ରୟୋଗ କରୁଥିବାରୁ ଏପରି ହୋଇଛି ବୋଲି ଗ୍ରାମ ନିକଟର ଜଣେ ତନ୍ତ୍ର ସାଧକ କହିଥିଲେ। ପରେ ଯୁବତୀଙ୍କ ପରିବାର ଓ ସମ୍ପର୍କୀୟ ପଞ୍ଚାନନଙ୍କୁ ସନ୍ଦେହ କରି ଗତ ବୁଧବାର ରାତିରେ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ରହିଛି। ଏ ନେଇ ନଂ.୨୬୨/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

# ୧ କୋଟି ୮୦ ଲକ୍ଷର ଗିଫ୍ଟ କାର୍ଡ ଲୁଟ୍

## ତାଳଚେରସ୍ଥିତ ଖଣି କାର୍ଯ୍ୟାଳୟରୁ ଛେଣ୍ଡିପଦା ଯାଉଥିଲା

ତାଳଚେର,୨୬।୭ (ମନୋଜ ନନ୍ଦ)

ଖଣି କର୍ମଚାରୀଙ୍କୁ ବଣ୍ଟନ ପାଇଁ ଗାଡ଼ିରେ ନିଆଯାଉଥିବା ୧ କୋଟି ୮୦ ଲକ୍ଷ ୬୦ ହଜାର ଟଙ୍କାର ଗିଫ୍ଟ କାର୍ଡକୁ ଲୁଟି ନିଆଯାଇଛି। ଅନୁଗୋଳ ଜିଲା କୋଶଳା-କୁମୁଣ୍ଡା ରାସ୍ତାର ତାଳଚେର ଗୋପାଳପ୍ରସାଦ ଥାନା ବଡ଼କାଠିଆ ଜଙ୍ଗଲଠାରେ ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଏହି ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ନଂ.୧୯୬/୨୫ରେ ମାମଲା ରୁଜୁ କରାଯାଇ ଗୋପାଳପ୍ରସାଦ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

ସୂଚନା ଅନୁଯାୟୀ, ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଅନନ୍ତ କୋଇଲା ଖଣି କାର୍ଯ୍ୟାଳୟରୁ ଛେଣ୍ଡିପଦା ଭିଫିଆର୍ କମ୍ପାନୀ ଅଧିକାରୀ ବି. ବିନୋଦ କୁମାର ଏକ ବୋଲେରୋରେ ୨୪୦୮ଟି ଗିଫ୍ଟ କାର୍ଡ ଧରି ଛେଣ୍ଡିପଦା କୋଇଲା ଖଣିକୁ ଯାଉଥିଲେ। ପ୍ରତ୍ୟେକ ଗିଫ୍ଟ କାର୍ଡର ମୂଲ୍ୟ ୭୫୦୦ ଟଙ୍କା। ତେବେ ଖଣି ଅଧିକାରୀ କୋଶଳା-କୁମୁଣ୍ଡା ରାସ୍ତାର ବଡ଼କାଠିଆ ଜଙ୍ଗଲ ନିକଟରେ ହୋଇଥିବା ବେଳେ ହଠାତ୍ ଏକ ସ୍କର୍ପିଓରେ ୩/୪ ଜଣ ଲୁଟେରା ଆସି ବୋଲେରୋକୁ ଅଟକାଇଥିଲେ। ଲୁଟେରାମାନେ ଖଣି ଅଧିକାରୀଙ୍କୁ ଧମକ ଦେବା ସହ ମାଡ଼ ମାରି ସମସ୍ତ ଗିଫ୍ଟ କାର୍ଡ ଲୁଟି ନେଇ ପଳାଇଥିଲେ। ଖବରପାଇ ଗୋପାଳପ୍ରସାଦ ଓ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏ ସଂକ୍ରାନ୍ତରେ ଗୋପାଳପ୍ରସାଦ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।




କର୍ମଚାରୀଙ୍କ ପାଇଁ ନିଆଯାଉଥିବା ଗିଫ୍ଟ କାର୍ଡ।




ଗିଫ୍ଟ କାର୍ଡ ନେଇ ଯାଉଥିବା ବୋଲେରୋ।

# ଡାକ୍ତରଙ୍କ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

କେନ୍ଦୁଝର/ଛେନାପଦି,୨୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ପୋଲିସ ଶନିବାର ଚକ୍ରଧରପୁର ଆୟୁଷ ଚିକିତ୍ସାଳୟର ସରକାରୀ କ୍ୱାର୍ଟର୍ସରେ ଜଣେ ଡାକ୍ତରଙ୍କ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଡା. ବିଭୁପ୍ରସାଦ ନାୟକଙ୍କ ସ୍ତ୍ରୀ ରୋଜିନା ନାୟକ (୨୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି। ଘର କବାଟ ଭିତରପଟୁ ବନ୍ଦ ଥିବାରୁ ଏହା ଏକ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିବା ବେଳେ ପରିବାର ଲୋକେ ଯୌତୁକଜନିତ ହତ୍ୟା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଆନନ୍ଦପୁର ଥାନା ଅନ୍ତର୍ଗତ ହାଟଡ଼ିହୀ ବ୍ଲକ୍ ଇଞ୍ଚଳ ଗ୍ରାମର ଡା. ବିଭୁପ୍ରସାଦଙ୍କ ବିବାହ ବର୍ଷେ ପୂର୍ବେ ଆନନ୍ଦପୁର ଥାନା ତରଭା ଗ୍ରାମର ପଞ୍ଚାନନ ନାୟକଙ୍କ ଝିଅ ରୋଜିନାଙ୍କ ସହିତ ହୋଇଥିଲା। ବିବାହ ବେଳେ ୫.୫୦ ଲକ୍ଷ ଟଙ୍କା ଦାବି ମୁତାବକ ଯୌତୁକ ଦେଇଥିଲେ। ଅଧିକ ଯୌତୁକ ଦାବି କରି ଝିଅକୁ ତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ନନ୍ଦିପଦା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ଏଣୁ ତାଙ୍କୁ ସେମାନେ ମାରି ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ପଞ୍ଚାନନ କରିଛନ୍ତି। ଅନ୍ୟପକ୍ଷେ ଦମ୍ପତିଙ୍କ ମଧ୍ୟରେ କିଛିଦିନ ହେବ ବିବାଦ ଲାଗି ରହିଥିଲା। ଏ ନେଇ ଡାକ୍ତର ବିଭୁପ୍ରସାଦ ଘରେ ରହୁ ନ ଥିଲେ। ଶୁକ୍ରବାର ସ୍ତ୍ରୀ ମେଡିକାଲ ଯାଇ ଖୋଜାଖୋଜିକରିପାଇ ନ ଥିଲେ। କ୍ୱାର୍ଟର୍ସ ଫେରିବା ପରେ ଶନିବାର ସକାଳେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ଏଣୁ ମାନସିକ ଚାପରେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୩୦/୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଘରୁ ଡାକିନେଇ ବେକ କାଟିଦେଲେ ସାଙ୍ଗ

## ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ଉଦଳା,୨୬।୭ (ସନ୍ତୋଷ କୁମାର ବାଞ୍ଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ରାଢ଼ୋ ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସାଙ୍ଗଙ୍କୁ ଘରୁ ଡାକିନେଇ ବିଲ ହିଡ଼ରେ ତାଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟି ଗୁରୁତର କରିଛନ୍ତି ଅନ୍ୟ ଜଣେ ସାଙ୍ଗ। ଗୁରୁତର ସାଙ୍ଗ ଜଣକ ହେଲେ ଯତିନ୍ଦ୍ର ପାତ୍ର। ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୩୦୫/୨୫) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ସାଙ୍ଗ ପ୍ରଶାନ୍ତ ଦଳେଇ ଫେରାର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଯତିନ୍ଦ୍ର ଘରେ ଥିବା ବେଳେ ପ୍ରଶାନ୍ତ ତାଙ୍କୁ ଡାକି ନେଇଥିଲେ। ତେବେ କିଛି ସମୟ ପରେ ଯତିନ୍ଦ୍ର ଗୁରୁତର ଅବସ୍ଥାରେ ଗାଁ ନିକଟସ୍ଥ ବିଲ ହିଡ଼ରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ପରିବାର ଲୋକେ ପହଞ୍ଚି ଯତିନ୍ଦ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନା ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ପ୍ରଶାନ୍ତ ଘରୁ ଡାକିନେଇ ଆକ୍ରମଣ କରିଥିବା ଯତିନ୍ଦ୍ରଙ୍କ ଭାଇ ରାଜେନ୍ଦ୍ର ଅଭିଯୋଗ କରିଛନ୍ତି। ତେବେ ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନାହିଁ।

## Business

# ଦୀର୍ଘସ୍ଥାୟୀ ଭିତ୍ତିଭୂମି ବିକାଶ ଦିଗରେ ନୂଆ ମାଇଲଖୁଣ୍ଟ

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ଷ୍ଟିଲ୍ ସ୍ଲାଗ୍ ଭେଲରାଇଜେଶନ ଟେକ୍ନୋଲୋଜି ପାଇଁ ଲାଇସେନ୍ସ ପ୍ରଦାନ

ଭୁବନେଶ୍ବର,୨୬।୭




ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଜାତୀୟ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ (ସିଏସ୍‌ଆଇଆର୍) ଏବଂ ଜାତୀୟ ସଡ଼କ ଗବେଷଣା ପ୍ରତିଷ୍ଠାନ (ସିଆର୍‌ଆର୍‌ଆଇ) ସହଭାଗିତାରେ କମ୍ପାନୀ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରାକୃତିକ ଏଗ୍ରିଗେଟ୍ସଗୁଡ଼ିକର ବିକଳ୍ପ ସ୍ୱରୂପ ପ୍ରକ୍ରିୟାକୃତ ଷ୍ଟିଲ୍ ସ୍ଲାଗ୍ ସଡ଼କ ପ୍ରଯୁକ୍ତିବିଦ୍ୟା ବ୍ୟବହାରକୁ ପ୍ରୋତ୍ସାହିତକରି ଦୀର୍ଘସ୍ଥାୟୀ ଭିତ୍ତିଭୂମି ବିକାଶ ଦିଗରେ ଏକ ନୂଆ ମାଇଲଖୁଣ୍ଟ ସହ ପରିବର୍ତ୍ତନକାରୀ ପଦକ୍ଷେପରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଫଳରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦେଶର ପ୍ରଥମ କମ୍ପାନୀ ଭାବେ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରକ୍ରିୟାକୃତ ଷ୍ଟିଲ ସ୍ଲାଗ୍ ଏଗ୍ରିଗେଟ୍ସ ଉତ୍ପାଦନ କରିବା ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନ ସିଏସ୍‌ଆଇଆର୍-ସିଆର୍‌ଆର୍‌ଆଇଠାରୁ ଷ୍ଟିଲ ସ୍ଲାଗ୍ ଭେଲରାଇଜେଶନ ଟେକ୍ନୋଲୋଜି ପାଇଁ ଏକ ପ୍ରତିଷ୍ଠିତ ଲାଇସେନ୍ସ ହାସଲ କରିଛି।

ସେହିଭଳି ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ସଡ଼କ ନିର୍ମାଣରେ ଆବଶ୍ୟକ ଉପାଦାନ ଏବଂ ବ୍ୟବହାର ପାଇଁ ହାଜିରାସ୍ଥିତ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ କାରଖାନାରେ ପ୍ରକ୍ରିୟାକୃତ ଇଏଏଫ୍ ଷ୍ଟିଲ୍ ସ୍ଲାଗ୍ ଏଗ୍ରିଗେଟ୍ସ ବିକାଶ ପାଇଁ ଷ୍ଟିଲ୍ ସ୍ଲାଗ୍ ଭେଲରାଇଜେଶନ ଟେକ୍ନୋଲୋଜି ଲାଇସେନ୍ସର ପ୍ରମାଣପତ୍ର ମିଳିଛି। ସିଏସ୍‌ଆଇଆର୍-ସିଆର୍‌ଆର୍‌ଆଇର ବରିଷ୍ଠ ତଥା ପ୍ରମୁଖ ବୈଜ୍ଞାନିକ ଏବଂ ଏହି ପ୍ରଯୁକ୍ତିବିଦ୍ୟାର ଉଦ୍ଭାବକ ସତୀଶ ପାଣ୍ଡେ କହିଛନ୍ତି, ଷ୍ଟିଲ୍ ସ୍ଲାଗ୍ ସଡ଼କ ପ୍ରଯୁକ୍ତିବିଦ୍ୟା ଭାରତର ସଡ଼କ ଭିତ୍ତିଭୂମି ପାଇଁ ଏକ କ୍ରାନ୍ତିକାରୀ ପଦକ୍ଷେପ ହେବ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସେଲ୍ସ ଓ ମାର୍କେଟିଂ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି, ଆମେ ଏହି ଅନନ୍ୟ ପ୍ରଯୁକ୍ତିବିଦ୍ୟାର ଲାଇସେନ୍ସ ହାସଲ କରିବାରେ ପ୍ରଥମ କମ୍ପାନୀ ହୋଇଥିବାରୁ ଗର୍ବିତ ଅଛୁ। ଏହି ବିକାଶ ଏକ ବୃତ୍ତାକାର ଅର୍ଥନୀତି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବର୍ଜ୍ୟରୁ ବୈଭବ' ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରୁଛି।

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡସ୍' ଦ୍ୱାରା ସ୍ୱୀକୃତିପ୍ରାପ୍ତ ହାଜିରାଠାରେ ସମ୍ଭବତଃ ବିଶ୍ୱର ପ୍ରଥମ ଷ୍ଟିଲ୍ ସ୍ଲାଗ୍ ସଡ଼କ ସଫଳତାର ସହ ନିର୍ମାଣ କରିବାରେ ଆମର ପୂର୍ବ ସମ୍ପୃକ୍ତିକୁ ଏହା ତ୍ୱରାନ୍ୱିତ କରାଉଛି।

# ଆଇକ୍ୟୁଓଓର ନୂତନ ଉତ୍ପାଦ

ଭୁବନେଶ୍ବର,୨୬।୭

ଆଇକ୍ୟୁଓଓର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଜେଡ୍‌୧୦ଆର୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଜେଡ୍ ସିରିଜରେ କ୍ୟାମେରା, କାର୍ଯ୍ୟଦକ୍ଷତା ଏବଂ ଡିଜାଇନ ଏକ ସମ୍ପୂର୍ଣ୍ଣ ଲୋଡେଡ୍ ଅଭିଜ୍ଞତା ପ୍ରଦାନ କରିଥାଏ। ଏ ସମ୍ପର୍କରେ ଆଇକ୍ୟୁଓଓର ସିଇଓ ନିପୁଣ ମାରିଆ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆଇକ୍ୟୁଓଓ ଜେଡ୍‌୧୦ଆର୍ ସହ ଆମେ ଏକ ପାୱାର ହାଉସ୍ ନିର୍ମାଣ କରିଛୁ, ଯାହା ସେମାନଙ୍କ ସୃଜନଶୀଳତା ସହ ତାଳଦେବା ପାଇଁ ଡିଜାଇନ କରାଯାଇଛି। ସେହିଭଳି ଏଥିରେ ଭାରତର ସବୁଠାରୁ ପତଳା କ୍ୱାଡ୍-କର୍ଭଡ୍ ଆମୋଲଏଡ୍ ଡିସ୍‌ପ୍ଲେ ଅନ୍ତର୍ଭୁକ୍ତ ରହିଛି। ୧୨୦ ଏଚ୍‌ଜେଡ୍ ରିଫ୍ରେସ୍ ରେଟ୍ ଏବଂ ଏକ ଇମର୍ସିଭ୍ ଭିଜୁଆଲ୍ ଅଭିଜ୍ଞତା ପାଇଁ ୧୮୦୦ ନିଟ୍ସ ପିକ୍ ଉଜ୍ଜ୍ୱଳତା ସାମିଲ ରହିଛି। ବିଶେଷ କରି ଏହା ମେଡିଆଟେକ୍ ଡାଇମେନ୍‌ସିଟି ୭୪୦୦ ୫ଜି ପ୍ରୋସେସର୍ ଏବଂ ଏକ ଦୃଢ଼ ୭.୫ଏଲ+ ଏନ୍‌ଟୁଟୁ ସ୍କୋର ଦ୍ୱାରା ପରିଚାଳିତ ହେଉଛି।

# ଜୟଆଲୁକ୍କାସ୍‌ରେ ଜ୍ୱେଲସ୍ ଅଫ୍ ଜୟ ମହୋତ୍ସବ




ଭୁବନେଶ୍ବର,୨୬।୭

ଜୟଆଲୁକ୍କାସ୍‌ର ବହୁ ପ୍ରତୀକ୍ଷିତ ଉତ୍ସବ ତଥା ସ୍ୱତନ୍ତ୍ର ସେଲ୍‌ସ 'ଜ୍ୱେଲସ୍ ଅଫ୍ ଜୟ' ମହୋତ୍ସବର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସେଲ୍ ୨୦୨୫ ଅଗଷ୍ଟ ୧୭ ପର୍ଯ୍ୟନ୍ତ ଜାରି ରହିବ। ଏହି ପରିପ୍ରେକ୍ଷୀରେ ଜୟଆଲୁକ୍କାସ୍ ପକ୍ଷରୁ ବିଶେଷ ରିହାତି ଓ ଆର୍କଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ମହୋତ୍ସବ ଅଫରଗୁଡିକ ସହ ଉତ୍ସବମୟ ଅବସରକୁ ପ୍ରକୃତରେ ସ୍ମରଣୀୟ କରିବାକୁ ଗ୍ରାହକମାନଙ୍କୁ ଆମନ୍ତ୍ରଣ କରାଯାଉଛି। ସେହିଭଳି ଏହି ବିଶେଷ ଉତ୍ସବର ଅଂଶ ଭାବେ ଗ୍ରାହକମାନେ ହୀରା ଏବଂ ଅନକଟ ହୀରାର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ପାଇପାରିବେ। ଏହା ବ୍ୟତୀତ ୧,୦୦,୦୦୦ ଟଙ୍କା ଏବଂ ତଦୂର୍ଦ୍ଧ୍ୱ ମୂଲ୍ୟର ସୁନା ଏବଂ ମୂଲ୍ୟବାନ୍ ପଥର କ୍ରୟ ଉପରେ ଗ୍ରାହକମାନେ ଗୋଟିଏ ୫ଗ୍ରାମ ରୁପା ବାର୍ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ପାଇବେ। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜୟ ଆଲୁକ୍କାସ୍ କହିଛନ୍ତି, ଆମେ ଆମର ଏହି ମହୋତ୍ସବକୁ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ପର୍ବଗୁଡ଼ିକ ଆନନ୍ଦ, ପରିବାର ଏବଂ ସୁନ୍ଦର ସ୍ମୃତି ବିଷୟରେ ହିଁ ସମୃଦ୍ଧ ହୋଇଥାଏ। ଜୟଆଲୁକ୍କାସ୍‌ରେ ଆମେ ଆମର ଗ୍ରାହକମାନଙ୍କୁ ଅସାଧାରଣ ଅଫର ଏବଂ ଚମତ୍କାର ଉତ୍ସବ ସଂଗ୍ରହ ସହ ଅଧିକ ଔଜଲ୍ୟ ଧାରଣ କରିବାର ଅଧିକ କାରଣ ଦେଇ ଏହି ଋତୁକୁ ପାଳନ କରୁଛୁ। ଏହି ଅତ୍ୟନ୍ତ ମନଲୋଭା ଡିଲ୍ ହାତଛଡ଼ା କରନ୍ତୁ ନାହିଁ, ଆନନ୍ଦର ଏହି ଉତ୍ସବର ଅଂଶ ହେବା ପାଇଁ ୨୦୨୫ ଅଗଷ୍ଟ ୧୭ ମଧ୍ୟରେ ଆପଣଙ୍କର ନିକଟତମ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ପଦାର୍ପଣ କରନ୍ତୁ। ଅଳଙ୍କାରିତ ମନ୍ଦିର-ପ୍ରେରିତ ସଂଗ୍ରହରୁ ଆରମ୍ଭକରି ସର୍ବନିମ୍ନ ଦୈନନ୍ଦିନ ବ୍ୟବହାର୍ଯ୍ୟ ଗହଣା ପର୍ଯ୍ୟନ୍ତ, ବିଭିନ୍ନ ପ୍ରକାର ଅଳଙ୍କାର, ଗ୍ରାହକମାନେ ଏହି ସିଜନରେ ବାଛିବା ପାଇଁ ସୁଯୋଗ ପାଇପାରିବେ। ଚଳିତ ବର୍ଷର ଉତ୍ସବଗୁଡିକ ପାଳନ ସକାଶେ ପରିବାର ପାଇଁ ଅଳଙ୍କାର ସଂଗ୍ରହ କରିବାର ଏହା ହିଁ ଉପଯୁକ୍ତ ସମୟ ବୋଲି କୁହାଯାଉଛି।

# ପିଡବ୍ଲ୍ୟୁଏନ୍‌ଏସ୍‌ଏଟିର ୪ର୍ଥ ସଂସ୍କରଣ

ଭୁବନେଶ୍ବର,୨୬।୭

ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ବହୁ ପ୍ରତୀକ୍ଷିତ ବୃତ୍ତି ପରୀକ୍ଷା ତଥା ଫିଜିକ୍ସୱାଲା ନ୍ୟାଶନାଲ ସ୍କଲାରଶିପ କମ୍ ଆଡ୍‌ମିଶନ ଟେଷ୍ଟ (ପିଡବ୍ଲ୍ୟୁଏନ୍‌ଏସ୍‌ଏଟି- ୨୦୨୫)ର ୪ର୍ଥ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଟେଷ୍ଟ (ପିଡବ୍ଲ୍ୟୁଏନ୍‌ଏସ୍‌ଏଟି-୨୦୨୫) ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ମୋଡ୍‌ରେ ପରିଚାଳିତ ହେବ। ବିଶେଷକରି ଦେଶର ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ରୀଙ୍କ ପାଇଁ ପରୀକ୍ଷାକୁ ଏହା ଅଧିକ ପହଞ୍ଚଯୋଗ୍ୟ କରିବାକୁ ଚେଷ୍ଟା କରୁଛି। ଅନ୍‌ଲାଇନ ମୋଡ୍ ଚୟନ କରୁଥିବା ଛାତ୍ରୀଛାତ୍ରମାନେ ୨୦୨୫ ଅକ୍ଟୋବର ୧ରୁ ୧୫ ମଧ୍ୟରେ ପରୀକ୍ଷା ଦେଇପାରିବେ। ସେହିପରି ଅଫ୍‌ଲାଇନ ମୋଡ୍ ଚୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ତ ପିଡବ୍ଲ୍ୟୁ ବିଦ୍ୟାପୀଠ ଓ ପାଠଶାଳା ସେଣ୍ଟରଗୁଡିକରେ ୨୦୨୫ ଅକ୍ଟୋବର ୫ରୁ ୧୨ ମଧ୍ୟରେ ପରୀକ୍ଷା ପରିଚାଳନା କରାଯିବ ବୋଲି ପିଡବ୍ଲ୍ୟୁ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିପରି ଏହି ଟେଷ୍ଟ ପରୀକ୍ଷା ପାଇଁ ପଞ୍ଜୀକରଣ ଫି ମାଗଣା ରହିଛି। ଏପରିକି ଏହା ୫ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରୀଙ୍କ ପାଇଁ ଖୋଲା ରହିଛି। ଏଥିସହ ଉଭୟ ପିସିଏମ୍ ଓ ପିସିବି ଷ୍ଟ୍ରିମ୍‌ରେ ଦ୍ୱାଦଶ ଶ୍ରେଣୀ ସମ୍ପୂର୍ଣ୍ଣ କରିସାରିଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଏହି ପରୀକ୍ଷା ଦେଇପାରିବେ। ପରୀକ୍ଷାର ଫଳାଫଳ ୨୦୨୫ ଅକ୍ଟୋବର ୨୫ରେ ଘୋଷଣା କରାଯିବ। ଏ ସମ୍ପର୍କରେ ଫିଜିକ୍ସୱାଲାର ପ୍ରତିଷ୍ଠାତା ତଥା ସିଇଓ ଅଲଖ ପାଣ୍ଡେ କହିଛନ୍ତି, ଅନେକ ଛାତ୍ରୀଛାତ୍ର କ୍ଷମତା ଅଭାବରୁ ନୁହେଁ, ବରଂ ଆର୍ଥିକ ପ୍ରତିବନ୍ଧକ ଯୋଗୁ ନିଜ ସ୍ୱପ୍ନ ପୂରଣ କରିପାରୁନାହାନ୍ତି। ପିଡବ୍ଲ୍ୟୁଏନ୍‌ଏସ୍‌ଏଟି-୨୦୨୫ ତାହାକୁ ପରିବର୍ତ୍ତନ କରିବା ପାଇଁ ଆମର ଏକ ପ୍ରୟାସ ରହିଛି। ପ୍ରତ୍ୟେକ ପିଲା ଏକ ଉଚିତ ସୁଯୋଗ ପାଇବାକୁ ଯୋଗ୍ୟ ଏବଂ ଏହି ପଦକ୍ଷେପ ମାଧ୍ୟମରେ ଆମେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ କରୁଛୁ।

# ଶିଳ୍ପ ଅଭିବୃଦ୍ଧିରେ ନାଲ୍‌କୋର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ବର,୨୬।୭ (ଅଭୟ ଦାଶ)



ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ର କର୍ପୋରେଟ କାର୍ଯ୍ୟାଳୟକୁ ନିକଟରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପରିଦର୍ଶନ କରିଥିଲେ। ଏହି ଅବସରରେ ନାଲ୍‌କୋର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପସିଂହ କମ୍ପାନୀର ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଡ. କମ୍ଭମପାଟି ନାଲ୍‌କୋର ବରିଷ୍ଠ ଅଧିକାରୀଙ୍କ ସହ କମ୍ପାନୀର ପରିଚାଳନା ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏପରିକି ଓଡ଼ିଶାରେ ମୁଖ୍ୟାଳୟ ଥିବା ଏକମାତ୍ର କେନ୍ଦ୍ରୀୟ ନବରତ୍ନ ଲୋକ ଉଦ୍ୟୋଗ ଭାବେ ନାଲ୍‌କୋର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ଆଗେଇନେବାରେ ଏହାର ଅବଦାନ ପାଇଁ ସେ ଉଚ୍ଚ ପ୍ରଶଂସା କରିଥିଲେ।

ସେହିଭଳି ପରିବେଶଗତ ସ୍ଥାୟିତ୍ୱ ଏବଂ ସବୁଜ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟପାଳ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ଜରିଆରେ ଏକ ଚାରା ରୋପଣ କରିଥିଲେ। ଅପରପକ୍ଷରେ 'ବିକଶିତ ଭାରତ' ଦିଗରେ କମ୍ପାନୀର ପ୍ରୟାସ ଏବଂ ଅବଦାନ ନିମନ୍ତେ ସେ ଅଭିବାଦନ ଜଣାଇଥିଲେ।

# ପ୍ରଥମ ତ୍ରୈମାସରେ ୪,୫୪୧କୋଟିର ନେଟ୍ ଲାଭ

ଭୁବନେଶ୍ବର,୨୬।୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ସହ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି। ଏହି ତ୍ରୈମାସିକ ଆର୍ଥିକ ଫଳାଫଳରେ ବ୍ୟାଙ୍କ ୪,୫୪୧ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ସେହିପରି ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ୨୦୨୫ ଜୁନ୍ ଶେଷ ସୁଦ୍ଧା ୧୫% ଅଭିବୃଦ୍ଧି ହାରରେ ୮,୨୩୬ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଅଣ ସୁଧ ଆୟରେ ୨,୨୨୬ କୋଟି ଟଙ୍କା ବୃଦ୍ଧି ଘଟିଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାରରେ ୧୭.୬୧% ବୃଦ୍ଧି ଘଟିଛି। ବ୍ୟାଙ୍କର ପ୍ରୋଭିଜନ କଭରେଜ ରେସିଓ ୯୩.୧୮% ରହିଛି। ଦେଶ ମଧ୍ୟରେ ବ୍ୟାଙ୍କର ଜମା ୫.୫% ବୃଦ୍ଧି ପାଇ ୪,୭୩,୬୩୭ କୋଟି ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ଜମାରେ ୧୪.୮% ବୃଦ୍ଧି ଘଟି ଏହା ୨,୩୧,୩୫୧ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୨.୨୮ % ହ୍ରାସ ପାଇଥିବାବେଳେ ନେଟ୍ ଏନ୍‌ପିଏ ହାରରେ ୦.୬୦% ହ୍ରାସ ପାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଲୁଣାଜଙ୍ଗଲ ସୁରକ୍ଷା ପାଇଁ ଶପଥ ନେଲେ




ଅନ୍ତର୍ଜାତୀୟ ଲୁଣା ଜଙ୍ଗଲ ସଂରକ୍ଷଣ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।



ଦେବୀ ମୁହାଣ ଅଞ୍ଚଳରେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ମାଛକଣ୍ଟା ପଦ୍ଧତିରେ ଚାରା ରୋପଣ କରାଯାଉଛି।

**ଭୁବନେଶ୍ୱର, (ବନ୍ଦନା ସେଠୀ) / ଅସ୍ତରଙ୍ଗ, ୨୬।୭ (ପ୍ରଦୀପ କୁମାର ଦୀକ୍ଷିତ)**

## ଅନ୍ତର୍ଜାତୀୟ ଲୁଣାଜଙ୍ଗଲ ସଂରକ୍ଷଣ ଦିବସ: ସାମିଲ ହେଲେ ୧୩୧ ସ୍କୁଲର ଛାତ୍ରୀଛାତ୍ର

ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଅନ୍ତର୍ଜାତୀୟ ଲୁଣା ଜଙ୍ଗଲ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ (ଓପ୍‌ସା) ଓ ସବୁଜ ଶାଖା ପକ୍ଷରୁ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ' ସହଯୋଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ୧୩୧ଟି ବିଦ୍ୟାଳୟର ୯ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦେବୀ ନଦୀ ମୁହାଣରେ ଥିବା ଲୁଣା ଜଙ୍ଗଲ ସଂରକ୍ଷଣ ପାଇଁ ନିଜ ବିଦ୍ୟାଳୟରେ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅସ୍ତରଙ୍ଗ ଗ୍ରାମପଞ୍ଚାୟତ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ନୂଆଗଡ଼ ଗ୍ରାମପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ଯୁବନେତା ନରେଶ କୁମାର ପତି ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପରିଡା, ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ବିଚିତ୍ର ନନ୍ଦ ବିଶାଳ, ଜାତୀୟ ଜୈବ ବିବିଧତା ପୁରସ୍କାରପ୍ରାପ୍ତ ଚାରୁଲତା ବିଶାଳ, ସବୁଜ ଶାଖା ସଭାପତି ରମାକାନ୍ତ ବସ୍ତିଆ, ଓପ୍‌ସା ଟ୍ରଷ୍ଟ ପରିଚାଳନା ଟ୍ରଷ୍ଟୀ ସୌମ୍ୟରଞ୍ଜନ ବିଶ୍ୱାଳ, ସଦସ୍ୟ ବାବୁ ବେହେରା, ନିହାର ରଞ୍ଜନ ମହାରଣା, ପ୍ରଭାକର ବିଶ୍ୱାଳ, ସବୁଜ ଶାଖା ସଦସ୍ୟ ଏବଂ ବିଦ୍ୟାଳୟ କର୍ମକର୍ତ୍ତା ଯୋଗଦେଇ ଦେବୀ ମୁହାଣରେ ଲୁଣା ଜଙ୍ଗଲ ଓ ଆଞ୍ଚଳିକ ଜୀବନଜୀବିକା ପ୍ରତି ଏହାର ଗୁରୁତ୍ୱ ଏବଂ ଏହା ପ୍ରତି ଦେଖାଦେଉଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ କାଳନ୍ଦୀ ଛାଟୋଇ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଚିନ୍ମୟ ପ୍ରଧାନ ପିଲାମାନଙ୍କୁ ଲୁଣା ଜଙ୍ଗଲ ସୁରକ୍ଷା ଓ ସୃଷ୍ଟି ଦିଗରେ ଶପଥ ପାଠ କରାଇଥିଲେ। ସବୁଜ ଶାଖା କର୍ମକର୍ତ୍ତା ଦୁର୍ଗା ଚରଣ ମହାରଣା, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସାମାଜିକ କର୍ମୀ ଦୁଷ୍ମନ୍ତ ପରିଡ଼ା, ସ୍ଥାନୀୟ ମତ୍ସ୍ୟଜୀବୀ, ପରିବେଶକର୍ମୀଙ୍କ ଗହଣରେ ମାଛ କଣ୍ଟା ପଦ୍ଧତି (ଫିଶ୍ ବୋନ୍)ରେ ଲୁଣା ଜଙ୍ଗଲ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭାଷାଭିତ୍ତିକ ଓଡ଼ିଶା ଗଠନରେ ଉତ୍କଳ ସାହିତ୍ୟ ସମାଜର ଭୂମିକା ଅନନ୍ୟ: ରାଜ୍ୟପାଳ

**କଟକ, ୨୬।୭ (କାର୍ତ୍ତିକ ସାହୁ)**




ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଉତ୍କଳରତ୍ନ' ସମ୍ମାନ ପ୍ରଦାନ କରୁଛନ୍ତି।

- ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଉତ୍କଳରତ୍ନ' ସମ୍ମାନ
- ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବ

ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ସାହିତ୍ୟ ସମାଜର ଅନନ୍ୟ ଭୂମିକା ରହିଛି। ସେହିପରି ଓଡ଼ିଆ ଭାଷା-ସାହିତ୍ୟର ବିକାଶ କ୍ଷେତ୍ରରେ ଏହି ଶତାୟୁ ଅନୁଷ୍ଠାନର କାର୍ଯ୍ୟ ପ୍ରଶଂସନୀୟ ବୋଲି ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ମତବ୍ୟକ୍ତ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଶନିବାର ଶତାବ୍ଦୀ ଭବନରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଉତ୍କଳରତ୍ନ' ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ରାଜ୍ୟପାଳ ଡ. କମ୍ଭମ୍‌ପାଟି ଅନୁଷ୍ଠାନର ରୁପା ସ୍ମାରକୀ ଚିହ୍ନ, ତାମ୍ର ପ୍ରଶଂସାପତ୍ର ଓ ଉପଢୌକନ ପ୍ରଦାନ କରି ହରିଚନ୍ଦନଙ୍କୁ ସମ୍ମାନିତ କରିଥିଲେ। ସମ୍ମାନ ଗ୍ରହଣ କରି ହରିଚନ୍ଦନ କହିଲେ, ସାହିତ୍ୟ ସମାଜର ସବୁ କ୍ଷେତ୍ରକୁ ସ୍ପର୍ଶ କରିଛି। ସମାଜକୁ ଜାଗ୍ରତ କରିବା, ବିପ୍ଳବ ସୃଷ୍ଟି କରିବା ପାଇଁ ସାହିତ୍ୟିକମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି। ମାଟି, ମା' ଓ ମଣିଷର ସମ୍ମାନ ପାଇଁ ଲେଖକମାନେ ସେମାନଙ୍କ ଲେଖନୀ ଚାଳନା କରନ୍ତୁ। ମୁଖ୍ୟବକ୍ତା ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ଡ. ବିଜୟାନନ୍ଦ ସିଂହ ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠା ଦେବା କ୍ଷେତ୍ରରେ ଉତ୍କଳ ସାହିତ୍ୟ ସମାଜର ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ।

ଅନୁଷ୍ଠାନ ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ମାନପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମନୋଜ ପଟ୍ଟନାୟକ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ଆଦିତ୍ୟ ପ୍ରତାପ ବାଘସିଂହ, ସରୋଜିନୀ ମିଶ୍ର, ତପନ କୁମାର ସ୍ୱାଇଁ, ଦିଲୀପ କୁମାର ଦାସ, ଶଶିକାନ୍ତ ରାଉତ, ମୁରଲୀଧର ଶତପଥୀ, ରାଧାଶ୍ୟାମ ରାଉଳ, ସୁକାନ୍ତ ପ୍ରସାଦ ନନ୍ଦ, ଡ. ସୁଶୀଳ କୁମାର ବାଗ୍, ସରୋଜ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକ, ସାହିତ୍ୟପ୍ରେମୀ, ଶିକ୍ଷାବିତ୍, ସାମ୍ବାଦିକ ଉତ୍ସବରେ ଯୋଗଦେଇଥିଲେ।

No.CAD-1261

idco | ODISHA NEW OPPORTUNITIES

**OFFICE OF THE DIVISIONAL HEAD, IDCO, IDCO BALASORE DIVISION**

Tender Call Notice No. BLS/CIV/EST/3855/P-II 1255, Dated : 22.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Costruction of Approach CC Road to new I/E at Bamapada, Balasore under Land Bank Scheme.
2 Value of the work : Rs.79.07 Lakhs
3 Period of Completion : 04 (Four) Calendar months
4 Other details :

| Procurement Officer | Tender Reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Divsional Head, Balasore Division, IDCO, Balasore | BLS/CIV/EST-04/2025-26 | 30.07.2025 at 17.00 Hrs. | 19.08.2025 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in and Corrigendum if any will not be published in newspapers and can be seen in the e-procurement portal www.tendersodisha.gov.in and www.idco.in.

OIPR-14003/11/0214/2526

Sd./- Divisional Head IDCO, Balasore

# ତାଳପଡ଼ାରେ ଲୁଣାଜଙ୍ଗଲ ସୃଷ୍ଟିର ପ୍ରୟାସ



ହେନ୍ତାଳ ଚାରା ଲଗାଯାଇଥିବା ସ୍ଥାନରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଛାତ୍ରୀଛାତ୍ର।

**ବାଲେଶ୍ୱର, ୨୬।୭ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ତାଳପଡ଼ା ଗ୍ରାମ ନିକଟବର୍ତ୍ତୀ ଜାମୁକା ନଦୀମୁହାଣରେ ଶନିବାର ବିଶ୍ୱ ଲୁଣାଜଙ୍ଗଲ ସଂରକ୍ଷଣ ଦିବସ ପାଳିତ ହୋଇଛି। ଗତ ୧ ବର୍ଷ ଧରି ଏଠାରେ ଲୁଣାଜଙ୍ଗଲ ସୃଷ୍ଟିର ପ୍ରୟାସ ଓ ଏହାର ସଫଳ ଉପଲବ୍ଧିକୁ ସହଯୋଗୀ ସଙ୍ଗଠନ ଓ ଗ୍ରାମବାସୀ ଏକତ୍ର ପାଳନ କରିଥଲେ। ଗତବର୍ଷ ଏହି ଦିନରେ ରିଲାଏନ୍ସ ଫାଉଣ୍ଡେଶନ ପୃଷ୍ଠପୋଷକତାରେ ଇକୋ ୱାଚ, ରୋସେଆ ଓ ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣ ଦ୍ୱାରା ଏଠାରେ ହେନ୍ତାଳ ଚାରା ରୋପଣ କରାଯାଇଥିଲା। ଗତ୧ ବର୍ଷ ମଧ୍ୟରେ ୫ଟି ପ୍ରଜାତିର ୬, ୦୦୦ରୁ ଅଧିକ ହେନ୍ତାଳ ଚାରା ଲଗାଯାଇଛି ବୋଲି ଯୁବ ପରିବେଶବିତ୍ ତଥା ଇକୋ ୱାଚ ପ୍ରତିଷ୍ଠାତା ଜଳେନ୍ଦ୍ର ମହାଳିକ କହିଛନ୍ତି କାର୍ଯ୍ୟକ୍ରମ ଅବସରରେ 'ଏକ ବର୍ଷ, ଏକ ଶିକ୍ଷା, ଏକ ଦିଶା' ଶୀର୍ଷକକୁ ନେଇ ଉପକୂଳ ସୁରକ୍ଷା, ପୁନଃସଂସ୍ଥାପିତ କ୍ଷେତ୍ରରେ ଜୈବ ବିବିଧତା ବୃଦ୍ଧି ଲାଗି ପ୍ରୟାସ ସମ୍ପର୍କିତ ବିବିଧ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏଥିସହ ଏକ ପ୍ରତୀକାତ୍ମକ କିଆ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ ଡ. ଉମାଶଙ୍କର ନାୟକ, ରିଲାଏନ୍ସ ଫାଉଣ୍ଡେଶନର ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ ଦିବ୍ୟକାନ୍ତ ନାୟକ, ରିଲାଏନ୍ସ ଫାଉଣ୍ଡେଶନ ରାଜ୍ୟ କାର୍ଯ୍ୟକ୍ରମ ପ୍ରବନ୍ଧକ ମୋହିତ ଚୌଧୁରୀ, ଆର୍‌ଓଏଚ୍‌ଏଫ ସଙ୍ଗଠନର ସ୍ୱସ୍ତିକ ଦେ ଓ ସସ୍ମିତା ମାଝି, ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

# ଜେଲ ଗଲେ କୋଟିପତି ଡେପୁଟି ରେଞ୍ଜର

**ଭୁବନେଶ୍ୱର, (ସତ୍ୟଜିତ୍ ରାଉତ)/ ଜୟପୁର, ୨୬।୭ (ପବନ ପାଣିଗ୍ରାହୀ)**



ରାମଚନ୍ଦ୍ର ନେପାକ୍

କୋରାପୁଟ ଜିଲା ଜୟପୁର ବନାଞ୍ଚଳର କୋଟିପତି ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍‌ଙ୍କୁ ଶନିବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ତାଙ୍କଠାରୁ ଠାବ ବିପୁଳ ସମ୍ପତ୍ତି ରାମଚନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୫୦୧% ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା (ନଂ.୨୫/୨୦୨୫) ରୁଜୁ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମ୍ପତ୍ତି ଠୁଳରେ ସ୍ତ୍ରୀ ସହଯୋଗ କରିଥିବାରୁ ସେ ମଧ୍ୟ ଅଭିଯୁକ୍ତ ହୋଇଛନ୍ତି। ଗିରଫ ରାମଚନ୍ଦ୍ରଙ୍କୁ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ରାମଚନ୍ଦ୍ରଙ୍କ ଭୁବନେଶ୍ୱର ଓ ଜୟପୁରର ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ରାମଚନ୍ଦ୍ରଙ୍କ ଅନେକ ସ୍ଥାନରେ କୋଠା ଓ ପ୍ଲଟ୍ ସହ ୧ କୋଟି ୪୩ ଲକ୍ଷ ୩୪ ହଜାର ଟଙ୍କା, ୧.୫ କେଜି ସୁନା ଓ ୪.୬୩୭ କେଜି ରୁପା ମିଳିଥିଲା। ୧୦ ବ୍ୟାଙ୍କ ଆକାଉଣ୍ଟରେ ୧ କୋଟି ୩୨ ଲକ୍ଷ ୧୯ ହଜାର ୭୩୦ ଟଙ୍କା ଓ ଜୀବନବୀମା ଜମା ୬୬ ହଜାର ଥିବା ଜଣାପଡ଼ିଥିଲା। ଘରୁ ଦୁଇଟି ୪ ଚକିଆ ଯାନ ଓ ୩ଟି ଦୁଇ ଚକିଆ ଯାନ ଏବଂ ୧୫.୫୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ମିଳିଥିଲା।

**Office of District Manager**
**Odisha State Civil Supplies Corporation Ltd., Ganjam**

Phone : 06811-263931

District Website : www.ganjam.odisha.gov.in

Tender No. 4381, 4382, 4383, 4384, 4385, 4386, 4387, 4388, 4389, 4390, 4391, 4392, 4393, 4394, 4395, 4396, 4397, 4398, 4399, 4400, 4401, 4402, 4403, 4404 / Dt.21.07.2025

**No.CAD-1285** : District Manager, Odisha State Civil Supplies Corporation Ltd., Ganjam invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the work | Selection and appointment of (i) Level-I Transport Contractor for transporation of foodgrains from FSD, FCI to RRCs (ii) Level-II Transport Contractor for transporation of food grains from RRCs to Retail Centers (FPS) in the district of the State of Odisha |
| 2 | Availability of bid document in the portal | From 23.07.2025 |
| 3 | Last Date / Time for Receipt of bids in the portal | Dt.08.08.2025 up to 05.30 P.M. |
| 4 | Date/Time of Opening of Technical Bid | Dt.12.08.2025 at 10.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Ganjam, Chatrapur |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd./- District Manager
OIPR-07034/11/0002/2526 OSCSC Ltd., Ganjam, Chatrapur

# କାମୁଡ଼ିଥିବା ସାପକୁ ଧରି ମେଡିକାଲରେ ସର୍ପଉଦ୍ଧାରକାରୀ



**ଅନୁଗୋଳ, ୨୬।୭ (ମାନସ ବିଶ୍ୱାଳ)**

ସମ୍ପର୍କୀୟଙ୍କ ଘରେ ଶନିବାର ଏକ ଗୋଖର ସାପ ପଶିଯାଇଥିବା ଖବରପାଇ ନିଶା ଥାନା କାଳିଆକଟା ଗ୍ରାମର ବାବୁଲା ଭୋଇ (୨୭) ସେଠାରେ ପହଞ୍ଚିଥିଲେ। ହେଲେ ଧରିବା ବେଳେ ସାପଟି ବାବୁଲାଙ୍କ ଡାହାଣ ହାତକୁ କାମୁଡ଼ି ଦେଇଥିଲା। ବାବୁଲା ସାପକୁ ଧରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
INVITATIONS FOR BIDS (IFB)

Letter No.1592 Date : 24.07.2025

NOTICE INVITATION FOR BIDS (NIFB)

No.CAD-1302 E-Procurement Notice No. BP-I/16/2025-26 dt.24.07.2025

1. Nature of Work : Empanelment of Architectural Firms for providing comprehensive architectural Services
2. Total No. of Works : 01 No.
3. Bid Security : As per NIT
4. Class of Contractor : As per NIT
5. Other details as follows :

| Sl. No. | Name of the Work | Amount of Bid security (1% of value of work) (Rs) | Cost of bid document + GST@18% (Rs) | Class of Contractor | Duration of Contract |
|---|---|---|---|---|---|
| 1 | Empanelment of Architectural Firms for providing comprehensive architectural Services | 20,000.00 | 10000/- (GST 18%) | As per RFP | Two Years |

Further details can be seen from the Govt. Website www.etendersodisha.gov.in

Sd./- Supt. Engineer
OIPR-37002/11/0098/2526 O.T.D.C. Ltd., BBSR

# 'ଡିଜିଟାଲ ରୂପାନ୍ତରଣ ଜୀବନକୁ ନୂତନ ଆକାର ଦେଉଛି'

**ଭୁବନେଶ୍ୱର, ୨୬।୭ (ଅନୁରାଧା ମହାରଣା)**

## ୟୁନିଭର୍ସିଟି ଲ' କଲେଜରେ ସାଇବର ସୁରକ୍ଷା କର୍ମଶାଳା



କର୍ମଶାଳାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ।

ଉତ୍କଳ ବିଶ୍ୱବିଦ୍ୟାଳୟର ୟୁନିଭର୍ସିଟି ଲ' କଲେଜ ପକ୍ଷରୁ 'ଡିଜିଟାଲ ଇଣ୍ଡିଆକୁ ସୁରକ୍ଷିତ କରିବା: ସାଇବର ଯୁଗରେ ଚ୍ୟାଲେଞ୍ଜ, ରଣନୀତି ଏବଂ ଆଇନଗତ ଢାଞ୍ଚା' ଶୀର୍ଷକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଅଂଶବିଶେଷ ଭାବେ ଆୟୋଜିତ ଏହି କର୍ମଶାଳାରେ ସାଇବର ସୁରକ୍ଷାର ବିଭିନ୍ନ ଦିଗ, ଡିଜିଟାଲ ଯୁଗରେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ଏହାର ସମାଧାନ ପାଇଁ ଆଇନଗତ ତଥା ରଣନୈତିକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଡିଜିଟାଲ ରୂପାନ୍ତରଣ ମାନବ ଜୀବନକୁ କିପରି ନୂତନ ଆକାର ଦେଉଛି ଏବଂ ସାମଗ୍ରିକ ବିକାଶରେ ଅବଦାନ ରଖୁଛି ସେ ସମ୍ପର୍କରେ ମତ ଦେଇଥିଲେ। ସେ ସାଇବର ଜଗତରେ ବୃଦ୍ଧି ପାଉଥିବା ବିପଦ ଏଡାଇବା ପାଇଁ ଡିଜିଟାଲ ସିଷ୍ଟମରେ ସୁରକ୍ଷା ଅଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ ସାଇବର ଅପରାଧର ଆଇନଗତ ଦିଗ ଏବଂ ସମାଧାନ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଇନମନ୍ତ୍ରୀ ଆଲୋଚନା କରିଥିଲେ। ଏହି ଅବସରରେ ଉତ୍କୃଷ୍ଟ ସେବା ପ୍ରଦାନ କରିଥିବା ଏସ୍‌ବିଆଇ ସାଇବର କ୍ରାଇମ ଡେପୁଟି ମ୍ୟାନେଜର୍ ଦେବାଶିଷ ଶତପଥୀ, ସହକାରୀ ପୋଲିସ କମିଶନର (ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ) ଅକ୍ଷୟ କୁମାର ନାୟକ, ଓଡ଼ିଶା କ୍ରାଇମ ବ୍ରାଞ୍ଚର ଅତିରିକ୍ତ ପୋଲିସ ଅଧିକ୍ଷିକା ଅଞ୍ଜନା ଟୁଡୁ, ଟିସିଏସ୍‌ର ସାଇବର ଏକ୍ସପର୍ଟ ଏବଂ ଆଡଭାଇଜରିର ସାଇବର ସିକ୍ୟୁରିଟି ଡେ଼ଲିଭରି ମ୍ୟାନେଜର ସତ୍ୟ ନାରାୟଣ ମହାପାତ୍ର, ସାଇବର ଉପଦେଷ୍ଟା ତଥା ମାନସିକ ସ୍ୱାସ୍ଥ୍ୟ ସହଯୋଗୀ ସ୍ୱାତି ଦାଶ, ରିସୋ ଇଣ୍ଟେଲିଜେନ୍ସର ପାର୍ଟନର ଚନ୍ଦ୍ର ଶେଖର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଯାଇଥିଲା। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଓଡ଼ିଶା ଲ' କମିଶନର ସଦସ୍ୟ ପ୍ରଫେସର ଡ. ଲଳିତ କୁମାର ଦେବ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶର ଦଣ୍ଡପାଟ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜ୍ଞାନେନ୍ଦ୍ର କୁମାର ସାହୁ, ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସ୍ୱାତି ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

**OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH**
(District Child Protection Unit)
Odisha State Child Protection Soceity, W&CD Department,
Govt. of Odisha, Ph.: 06622-273343

Letter No. 266/DCPU/SNG/2025 Date: 25.07.2025

No. g-73: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନେ ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ଲିଟିଲ ଓରଚାଡ଼ ବିଭିଦ, କୁତ୍ରା, ରାଜାବସା, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ.ନଂ.: ୯୯୩୮୧୭୦୪୫୦/ଅଫିସ୍: ୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ.: ୭୯୭୮୯୦୯୦୦୧/ ଅଫିସ୍: ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ/ବୟସ | ଲିଙ୍ଗ | ରହୁଥିବା ଜାଗା/ ଉଦ୍ଧାର ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ଅନ୍ନା ମେରି ଡୁଙ୍ଗ ଡୁଙ୍ଗ | ୧୭ ବର୍ଷ | ଝିଅ | ଲିଟିଲ ଓରଚାଡ଼ ବିଭିଦ ଫର ଏକଟେସି /ଗୋପବନ୍ଧୁପାଲି, ରାଉରକେଲା |  |
| ୨ | ପୂଜା କିସାନ | ୧୩ ବର୍ଷ | ଝିଅ | ଲିଟିଲ ଓରଚାଡ଼ ବିଭିଦ ଫର ଏକଟେସି/ଚାଇଲ୍ଡ ଲାଇନ, ଦିସା |  |

OIPR-33064/11/0018/2526 District Child Protection Officer, Sundargarh

**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

No. XXXIII-16

**ନୋଟିସ**

**ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.- ୫୯/୨୦୨୧**

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ

ବନାମ

୧. ମାୟା ମହାରଣା, ସ୍ୱାମୀ: କୁଳମଣି ଓଝା, ୨. ସାବିତ୍ରୀ ମହାରଣା, ପିତା: କୁଳମଣି ଓଝା, ସା: ଦାରୁଠେଙ୍ଗ, ୩. ଅମ୍ବିକା ଚୌଧୁରୀ, ସ୍ୱାମୀ: ସୁରେନ୍ଦ୍ର ଚୌଧୁରୀ, ସା/ପୋ.: ମଙ୍ଗଳାବାଗ, ଥା: କଟକ, ଜି.: କଟକ ସଦର, ୪. ପ୍ରେମଲତା ମହାରଣା, ସ୍ୱାମୀ: ମହେଶ୍ୱର ମହାରଣା, ସା/ପୋ./ଥା.: ଗୋପାଳପୁର, ଜି.: କଟକ-୧୧, ୫. ଉଲ୍ଲାସ ମହାରଣା, ସ୍ୱାମୀ: କୃଷ୍ଣଚନ୍ଦ୍ର ମହାରଣା, ୬. ଆଶାଲତା ମହାରଣା, ସା: ପ୍ଲଟ ନଂ.-୪୧, ପୋ: କ୍ୟାପିଟାଲ, ଭୁବନେଶ୍ୱର, ୭. ବିଭୂତି ଭୂଷଣ ମହାରଣା, ୮. ବୀରେନ୍ଦ୍ର ଓଝା, ୯. ନିରଞ୍ଜନ ଓଝା, ୧୦. ସୁକାନ୍ତ ଓଝା, ୧୧. ବିଜୟଲକ୍ଷ୍ମୀ ଓଝା, ୧୨. ରାଜଲକ୍ଷ୍ମୀ ଓଝା, ପିତା: ପ୍ରେମାନନ୍ଦ ଓଝା, ସା: ବାନସାମିଲ, ରାମଚଣ୍ଡୀ, ପୋ: ବୈଦେଶ୍ୱର, ଜିଲ୍ଲା: କଟକ, ୧୩. ଅମ୍ବିକା ପଟ୍ଟନାୟକ, ସ୍ୱାମୀ: ଶିବନାରାୟଣ ପଟ୍ଟନାୟକ, ସା: ଏଚ୍.ଆଇ.ଜି.-୨୬୯, କଳିଙ୍ଗ ବିହାର, ପୋ: ତମାଣ୍ଡୋ, ଥା: ଖଣ୍ଡଗିରି, ଭୁବନେଶ୍ୱର, ଜି: ଖୋର୍ଦ୍ଧା, ୧୪. ଇତିଶ୍ରୀ ଦାସ, ସ୍ୱାମୀ: ଦେବଦାସ ମହାପାତ୍ର, ସା: ଅଥିଳବାଜ, ପୋ: ଅଭଣା, ଥା: ସୋର, ଜି: ବାଲେଶ୍ୱର, ୧୫. ପୂର୍ଣ୍ଣଚନ୍ଦ୍ର ବେହେରା, ପିତା: ଚକ୍ରଧର ବେହେରା, ସା: ପଥରଗାଡ଼ିଆ, ପୋ: ଦାରୁଠେଙ୍ଗ, ଥା: ଚନ୍ଦକା, ଜି: ଖୋର୍ଦ୍ଧା, ୧୬. ରତ୍ନାକର ଜେନା, ପିତା: ନାଗର ଜେନା, ସା: ପାରାବନ୍ଧ, ପୋ: ଓଡ଼ଗାଁ, ଥା: ଅଗରପଡ଼ା, ଜି: ଭଦ୍ରକ, ୧୭. ନିହାର ରଞ୍ଜନ ସାହୁ, ପିତା: ଭିକାରୀ ଚରଣ ସାହୁ, ସା: ପ୍ଲଟ ନଂ. ୧୦୨୫, ଡୁମଡୁମା ହାଉସିଂ ବୋର୍ଡ କଲୋନୀ, ଫେଜ୍-୨, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜି: ଖୋର୍ଦ୍ଧା, ୧୮. ରୀତାରାଣୀ ବେହେରା, ପିତା: ମଦନମୋହନ ବେହେରା, ସା/ପୋ: ଭି.ଏସ୍.ଏସ୍. ନଗର, ଥା: ସହିଦନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୧୯. ଗୀତାଞ୍ଜଳୀ ବେହେରା, ସ୍ୱାମୀ: କୃଷ୍ଣଚନ୍ଦ୍ର ବେହେରା, ସା: ପଥରଗାଡ଼ିଆ, ୨୦. ରମେଶ ଚନ୍ଦ୍ର ଗୁପ୍ତା, ପିତା: ବାବୁଲାଲ ଗୁପ୍ତା, ସା: ପ୍ଲଟ ନଂ. ୧୩୧, ପଞ୍ଜାବୀ କଲୋନୀ, ସତ୍ୟନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୨୧. ଜୟପାଲ ରାଓ, ପିତା: ରଘୁନନ୍ଦନ ରାଓ, ୨୨. ସୁରେଶ କୁମାର ପାଣ୍ଡେ, ପିତା: ରାମଲାଲ ପାଣ୍ଡେ, ସା: ପ୍ଲଟ ନଂ. ୪୮, ଚିନ୍ତାମଣି ଇଣ୍ଡଷ୍ଟ୍ରି, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ମଞ୍ଚେଶ୍ୱର, ଭୁବନେଶ୍ୱର, ୨୩. ବିଭୂତି ଭୂଷଣ ସାମନ୍ତରାୟ, ପି.: ଶ୍ୟାମସୁନ୍ଦର ସାମନ୍ତରାୟ, ସା/ପୋ.: ନିରାକାରପୁର, ଥା: ଜଙ୍କିଆ, ଜି: ଖୋର୍ଦ୍ଧା, ୨୪. ଆଶିଷ କୁମାର ବିଶ୍ୱାଳ, ପି.: କୃପାସିନ୍ଧୁ ବିଶ୍ୱାଳ, ସା: ଅରେଇକଣ, ପୋ/ଥା.: ଭଣ୍ଡାରୀପୋଖରୀ, ଜି.: ଭଦ୍ରକ, ୨୫. ରଣଜିତ୍ କୁମାର ସାହୁ, ପି.: ସୁଦାମ ଚରଣ ସାହୁ, ସା/ପୋ.: ବାଭଝର, ଥା.: ପରଜଙ୍ଗ, ଜି.: ଢେଙ୍କାନାଳ ..... ବିରୋଧୀପକ୍ଷମାନେ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟର ପ୍ଲାନ ରୋଡ ନିର୍ମାଣ ପାଇଁ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ. ୫୯/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା: ସୁନ୍ଦରପୁର, ଖାତା ନଂ. ୨୩, ପ୍ଲଟ ନଂ. ୫୧୯, ରକବା ଏ୦.୪୦୨ଡି. ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୧୫।୦୯।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୦୨।୦୭।୨୦୨୫ରିଖ। Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0082/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାହାଣୀ କପ୍ ଫୁଟ୍‌ବଲ: ଫାଇନାଲରେ କଟକ

ରାଜକନିକା,୨୬।୭ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)



ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ତଥା କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ସଂସଦ ଅନୁବନ୍ଧିତ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ରାଜକନିକା ଆର୍.ଏନ୍. ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ୬୪ତମ ଆନ୍ତଃଜିଲା ସିନିୟର ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ-୨୦୨୫ର ଶନିବାର ସେମିଫାଇନାଲ ମ୍ୟାଚ କଟକ ବନାମ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ୫-୦ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି।

ପୂର୍ବତନ ବିଧାୟକ ତଥା ଆସୋସିଏଶନର ସଭାପତି ଦୋଳଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ମୁଖ୍ୟବକ୍ତା ଭାବେ ଫାଓର କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ଫୁଟ୍‌ବଲ ଖେଳାଳି ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଫାଓର ଉପସଭାପତି ଦିଲ୍ଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼ାଇ, ଆଳି ନିର୍ବାଚନମଣ୍ଡଳୀସ୍ତରୀୟ ନେତା ତଥା ଜିଲା ଭାଜପା ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ସୟଦ ଅକମଲ ଅଲ୍ଲି, ଫାଓ'ର ଉପସଭାପତି ସହଦେବ ରାଉତ, ଟିଆଣ୍ଡଟି କମିଟି ସଦସ୍ୟ ରମେଶ ଚନ୍ଦ୍ର ମଲ୍ଲିକ ଓ କାର୍ଯ୍ୟକାରୀ ସଦସ୍ୟ ସେକ୍ ଏହସାନ, ଗଙ୍ଗାଧର ବେହେରା, ରଶ୍ମି ରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ। କଟକ ଦଳର ଦୀନବନ୍ଧୁ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ମ୍ୟାନ୍ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ରେଫରି ଭାବେ ଆଶୀର୍ବାଦ କାନୁନ୍‌ଗୋ ମ୍ୟାଚ ପରିଚାଳନା କରିଥିବା ବେଳେ ଦିଲ୍ଲୀପ ରାଉତ ମ୍ୟାଚ କମିଶନର ଦାୟିତ୍ୱ ସମ୍ପାଦନ କରିଥିଲେ। ଆସୋସିଏସନ ପକ୍ଷରୁ ଉପସଭାପତି ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଉପସଭାପତି ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ସମ୍ପାଦକ ଡ.ଫକୀର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ୍‌ରେ ୧୬ ଦଳ





ଟୁର୍ନାମେଣ୍ଟ ସମ୍ପର୍କରେ ଆୟୋଜକମାନେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ)

ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ (ସିପିଏଲ) ଅକ୍ଟୋବର ୨୨ରୁ ୫ ଦିନ ଧରି ଘାଟିକିଆ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ୧୬ଟି ଦଳ ଭାଗ ନେବେ। କର୍ପୋରେଟ ପ୍ରଫେଶନାଲଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ, ଟିମ୍‌ୱାର୍କ ଓ ବନ୍ଧୁତ୍ୱର ପ୍ରସାର ଏହି ଟୁର୍ନାମେଣ୍ଟର ମୂଳ ଉଦ୍ଦେଶ୍ୟ। ଏହା ସିପିଏଲ୍ ଫ୍ରାଞ୍ଚାଇଜ ଭିତ୍ତିରେ ଆୟୋଜନ ହେବ। ଖେଳାଳି ନିଲାମ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି। ମ୍ୟାଚ ୧୦ ଓଭର ବିଶିଷ୍ଟ ଏବଂ ଟେନିସ ବଲରେ ଖେଳାଯିବ। ମୋଟ ୩ ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ରହିଛି। ଚାମ୍ପିୟନଙ୍କୁ ଟ୍ରଫି ସହ ୧ ଲକ୍ଷ ୫୦ ହଜାର ଓ ରନରଅପ୍ ଦଳକୁ ୮୦ ହଜାର ଟଙ୍କା ପ୍ରଦାନ କରାଯିବ। ପ୍ରତି ମ୍ୟାଚର ପ୍ଲେୟର ଅଫ୍ ଦ ମ୍ୟାଚ ସହିତ ପରାଜିତ ଦଳର ଶ୍ରେଷ୍ଠ ଖେଳାଳି ଆର୍ଥିକ ପୁରସ୍କାର ରାଶି ପାଇବେ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗର ଉପଦେଷ୍ଟା ପ୍ରମୋଦ ପ୍ରଧାନ, ରାଜୀବ ପଣ୍ଡା, ଜ୍ଞାନଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଦରିଦ୍ର ନାରାୟଣ ନାୟକ, ସଭାପତି ସୋନାଲ ସାହୁ, ଉପସଭାପତି ଆଶିଷ ଦାସ, ସମ୍ପାଦକ ଆଶୀଷ କୁମାର ସାମଲ, ଯୁଗ୍ମ ସମ୍ପାଦକ ନିର୍ମାଲ୍ୟ ଦାଶ, ସ୍ନେହାଂଶୁ ମହାନ୍ତି, ଶ୍ରୀବଲ୍ଲଭ ବେହେରା ଓ ସୌରଭ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାର ସୁତଭ୍ୟଙ୍କୁ ଡବଲ ଟାଇଟଲ

## ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ





ପୁରସ୍କାର ସହ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ)

ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ (ଟିଏସ୍୭) ଟେନିସ (୧୪ ଓ ୧୬ ବର୍ଷରୁ କମ୍) ଟୁର୍ନାମେଣ୍ଟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଶନିବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ସୁତଭ୍ୟ କର୍ମକାର ଡବଲ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତ୍ରିପୁରା, ଆସାମ ଆଦି ୫ ରାଜ୍ୟରୁ ୫୨ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ସୁତଭ୍ୟ ୬-୪, ୭-୫ ସେଟ୍‌ରେ ପଶ୍ଚିମବଙ୍ଗର ସୟଦ ଫୈଜାନ ହୁସେନଙ୍କୁ ପରାସ୍ତ କରିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ସୁତଭ୍ୟ ଓ ଫୈଜାନଙ୍କ ଯୋଡ଼ି ଓଡ଼ିଶାର ଅଂଶୁମାନ ଆଚାର୍ଯ୍ୟ ଓ ସୂୟାଶ ପଟ୍ଟନାଏକଙ୍କୁ ୬-୨, ୬-୨ରେ ହରାଇ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ପଶ୍ଚିମବଙ୍ଗର ସ୍ୱପ୍ନିଲ ଘୋଷ ୭-୫, ୬-୦ରେ ଆସାମର ଚନ୍ଦ୍ରା ମହାନ୍ତିଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀ ଯଥାକ୍ରମେ ୧୫ ଓ ୧୨ ଏଆଇଟିଏ ର୍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଟିଏ ସମ୍ପାଦକ ସଞ୍ଜୀପ ପଣ୍ଡା ଓ ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଇତି ପ୍ରଧାନ ଟୁର୍ନାମେଣ୍ଟ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ।

ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍

# ତନ୍‌ଭି, ଭେନାଲାଙ୍କୁ ବ୍ରୋଞ୍ଜ ପଦକ

ସୋଲୋ (ଇଣ୍ଡୋନେସିଆ), ୨୬।୭ (ପି.ଟି.)

ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ବ୍ୟକ୍ତିଗତ ଚାମ୍ପିୟନଶିପ୍‌ରେ ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭି ଶର୍ମା ଓ ଭେନାଲା କାଲାଗୋଟ୍‌ଲା ପ୍ରଭାବୀ ଅଭିଯାନ ବ୍ରୋଞ୍ଜ ପଦକ ସହ ଶେଷ ହୋଇଛି। ଟୁର୍ନାମେଣ୍ଟରେ ଭାରତ ପାଇଁ ଏହା ଐତିହାସିକ ସଫଳତା। ଇଭେଣ୍ଟର ଗୋଟିଏ ସଂସ୍କରଣରେ ଦୁଇ ମହିଳା ସିଙ୍ଗଲ୍ସ ଖେଳାଳି ପୋଡିୟମ ଫିନିଶ କରିବାରେ ସଫଳ ହୋଇଛନ୍ତି। ସେମିଫାଇନାଲରେ ଭେନାଲା ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ଚାଇନାର ଲିୟୁ ସି ୟାଙ୍କଠାରୁ ୧୫-୨୧, ୧୮-୨୧ରେ ପରାଜିତ ହୋଇଥିଲେ। ଅନ୍ୟ କୋର୍ଟରେ ଦ୍ୱିତୀୟ ସିଡ୍ ତନ୍‌ଭି ଶର୍ମା ୮ମ ସିଡ୍ ଚାଇନାର ୟିନ୍ ୟି କ୍ୱିଙ୍ଗଙ୍କଠାରୁ ୧୩-୨୧, ୧୪-୨୧ରେ ହାରିଯାଇଥିଲେ। ଏହି ଦୁଇଟିଯାକ ମ୍ୟାଚ ୩୫ ମିନିଟ୍‌ରେ ଶେଷ ହୋଇଥିଲା। ସୂଚନାଯୋଗ୍ୟ, ତନ୍‌ଭି ଗତ ମାସରେ ୟୁଏସ୍ ଓପନ ସୁପର ୩୦୦ ଟୁର୍ନାମେଣ୍ଟରେ ରନରଅପ୍ ହୋଇଥିଲେ।

# ସେମିଫାଇନାଲରୁ ସାତ୍ତ୍ୱିକ-ଚିରାଗ ଯୋଡ଼ିଙ୍କ ବିଦାୟ

ଚାଇନା ଓପନ ବ୍ୟାଡ୍‌ମିଣ୍ଟନ

ଚାଙ୍ଗଝୋ, ୨୬।୭ (ପି.ଟି.)

ଚାଇନା ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରୁ ବିଦାୟ ନେଇଛନ୍ତି ଭାରତର ଟପ୍ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି। ଶନିବାର ସେମାନେ ଦ୍ୱିତୀୟ ସିଡ୍ ମାଲେସିଆର ଆରୋନ ଚିଆ ଓ ସୋ ଉଇ ୟିକ୍‌ଙ୍କଠାରୁ ହାରିଯାଇଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ପୁଣି ଥରେ ବିଶ୍ୱର ୨ ନମ୍ବର ମାଲେସୀୟ ଯୋଡ଼ିଙ୍କୁ ହରାଇବାରେ ବିଫଳ ହୋଇଥିଲେ। ୨୦୨୨ ବିଶ୍ୱ ଚାମ୍ପିୟନ ଓ ଦୁଇଥର ଅଲିମ୍ପିକ ବ୍ରୋଞ୍ଜ ବିଜେତା ଆରୋନ ଓ ସୋ'ଙ୍କଠାରୁ ସାତ୍ତ୍ୱିକ ଓ ଚିରାଗ ୧୩-୨୧, ୧୭-୨୧ରେ ପରାସ୍ତ ହୋଇଛନ୍ତି। ଦୁଇ ଯୋଡ଼ିଙ୍କ ମଧ୍ୟରେ ଏହା ହେଉଛି ୧୪ତମ ଭେଟ। ହେଡ୍ ଟୁ ହେଡ୍ ରେକର୍ଡରେ ମାଲେସୀୟ ଯୋଡ଼ି ଆଧିପତ୍ୟ ବିସ୍ତାର କରିଛନ୍ତି। ସୂଚନାଯୋଗ୍ୟ, ଆରୋନ ଓ ସୋ ଟୋକିଓ ଅଲିମ୍ପିକ୍ସ କ୍ୱାର୍ଟରଫାଇନାଲରେ ମଧ୍ୟ ଏହି ଭାରତୀୟ ଯୋଡ଼ିକୁ ପରାସ୍ତ କରିଥିଲେ। ଚଳିତ ସିଜନରେ ସାତ୍ତ୍ୱିକ-ଚିରାଗଙ୍କ ପ୍ରଦର୍ଶନ ଭଲ ରହିଛି। ଏହା ପୂର୍ବରୁ ସେମାନେ ଇଣ୍ଡିଆ ଓପନ, ସିଙ୍ଗାପୁର ଓପନ ଓ ମାଲେସିଆ ଓପନ ସେମିଫାଇନାଲରେ ପ୍ରବେଶ କରିଥିଲେ।

# ଭର୍ଷ୍ଟାପେନ୍ ଜିତିଲେ ସ୍ପ୍ରିଣ୍ଟ ରେସ୍

## ବେଲଜିଆନ ଗ୍ରାଁ ପ୍ରି

ସ୍ପା-ଫ୍ରଙ୍କୋରଚାମ୍ପ୍ସ (ବେଲଜିୟମ), ୨୬।୭ (ଏପି)



ଓସ୍କାର ପିଆଷ୍ଟ୍ରିଙ୍କୁ ଅତିକ୍ରମ କରି ମାକ୍ସ ଭର୍ଷ୍ଟାପେନ୍ ବେଲଜିଆନ ଫର୍ମୁଲା-୧ ଗ୍ରାଁ ପ୍ରି ସ୍ପ୍ରିଣ୍ଟ ରେସ୍ ଜିତିଛନ୍ତି। ଶନିବାର ଅନୁଷ୍ଠିତ ୧୫ ଲାପ୍ ବିଶିଷ୍ଟ ଏହି କ୍ୱାଲିଫାଇଂ ରେସ୍‌ରେ ଭର୍ଷ୍ଟାପେନ୍ ପ୍ରଥମ ଲାପ୍‌ରୁ ହିଁ ପିଆଷ୍ଟ୍ରିଙ୍କୁ ପଛରେ ପକାଇ ଦେଇଥିଲେ। ଅଷ୍ଟ୍ରେଲୀୟ ରେସ୍‌ରେ ଭର୍ଷ୍ଟାପେନ୍‌ଙ୍କ ନିକଟତର ରହିଥିଲେ ହେଁ ୪ଥର ଚାମ୍ପିୟନଙ୍କୁ ଅତିକ୍ରମ କରିବା ଲାଗି ସୁଯୋଗ ପାଇ ନ ଥିଲେ। ମ୍ୟାକଲରେନର ଅନ୍ୟ ଡ୍ରାଇଭର ଲାଣ୍ଡୋ ନୋରିସ ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ପଛରେ ପକାଇ ତୃତୀୟ ସ୍ଥାନରେ ରହିଥିଲେ। ମେ'ରେ ଏମିଲିଆ-ରୋମାଗ୍ନା ଗ୍ରାଁ ପ୍ରି ପରଠାରୁ କୌଣସି ପ୍ରକାର ରେସ୍‌ରେ ଏହା ହେଉଛି ଭର୍ଷ୍ଟାପେନ୍‌ଙ୍କ ପ୍ରଥମ ବିଜୟ। ଅକ୍ଟୋବରରେ ୟୁଏସ୍ ଗ୍ରାଁ ପ୍ରି ପରଠାରୁ ଏହା ହେଉଛି ତାଙ୍କର ପ୍ରଥମ ସ୍ପ୍ରିଣ୍ଟ ରେସ୍ ବିଜୟ। ଷ୍ଟାଣ୍ଡିଂରେ ନୋରିସଙ୍କଠାରୁ ପିଆଷ୍ଟ୍ରିଙ୍କ ଅଗ୍ରଣୀ ବ୍ୟବଧାନ ୮ରୁ ୯କୁ ବୃଦ୍ଧି ପାଇଛି। ଭର୍ଷ୍ଟାପେନ୍ ୬୮ ପଏଣ୍ଟ ବ୍ୟବଧାନରେ ତୃତୀୟ ସ୍ଥାନରେ ରହିଛନ୍ତି। ଲେକ୍‌ରେକ୍ ରେସ୍‌ରେ ଚତୁର୍ଥ ସ୍ଥାନରେ ରହି ହାସ୍ ପାଇଁ ଭଲ ଫଳାଫଳ ଆଣି ଦେଇଛନ୍ତି।

# ଜାଭି, ପେପଙ୍କ ଆବେଦନ ଅସଲ ନ ଥିଲା: ଏଆଇଏଫ୍‌ଏଫ୍

ନୂଆଦିଲ୍ଲୀ,୨୬।୭(ପି.ଟି.)

ଭାରତୀୟ ଫୁଟ୍‌ବଲ ଦଳର କୋଚ୍ ପଦବୀ ପାଇଁ ବିଶ୍ୱକପ୍ ବିଜୟୀ ସ୍ପାନିଶ କିମ୍ବଦନ୍ତୀ କୋଚ୍ ଜାଭି ହର୍ନାଣ୍ଡେଜ ଓ ପେପ ଗୁଆର୍ଡିଓଲା ଆବେଦନ କରିଥିବା ନେଇ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ଜଣେ ଅଧିକାରୀ ଦାବି କରିଥିଲେ। ତେବେ ସେହି ଦୁଇଟି ଆବେଦନ ଅସଲ ନ ଥିଲା ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ ଶନିବାର ସ୍ପଷ୍ଟୀକରଣ ରଖାଯାଇଛି।

"ଏଆଇଏଫ୍‌ଏଫ୍‌କୁ ସ୍ପାନିଶ କୋଚ୍ ଗୁଆର୍ଡିଓଲା ଓ ହର୍ନାଣ୍ଡେଜଙ୍କ ଇ-ମେଲ ମିଳିଥିଲା। ସେମାନଙ୍କ ଆବେଦନର ସତ୍ୟତା ସ୍ପଷ୍ଟ ହୋଇପାରି ନ ଥିଲା। ପରେ ଇ-ମେଲ ଆବେଦନଗୁଡ଼ିକ ଅସଲ ନ ଥିବା ଜଣାପଡ଼ିଥିଲା" ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ ବିବୃତିରେ କୁହାଯାଇଛି। ଫେଡେରେଶନର ଜଣେ ଅଧିକାରୀ ନାଁ ନ କହିବା ସର୍ତ୍ତରେ କହିଥିଲେ ଯେ, ଭାରତୀୟ ଦଳର ମୁଖ୍ୟ କୋଚ୍ ଲାଗି ଜାଭି ଆବେଦନ କରିଥିଲେ। ହେଲେ ଏଆଇଏଫ୍‌ଏଫ୍ ନିକଟରେ ତାଙ୍କୁ ନିଯୁକ୍ତ କରିବା ପାଇଁ ଟଙ୍କା ନ ଥିବାରୁ ତାଙ୍କ ଆବେଦନକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଆଇଏମ୍ ବିଜୟନଙ୍କ ନେତୃତ୍ୱାଧୀନ ଟେକ୍‌ନିକାଲ କମିଟି ପକ୍ଷରୁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୩ ଜଣଙ୍କ ନାମ ଶର୍ଟଲିଷ୍ଟ କରାଯାଇ ଫେଡେରେଶନର କାର୍ଯ୍ୟକାରୀ ପରିଷଦକୁ ପଠାଯାଇଛି। ଏଥିରେ ଭାରତୀୟ କୋଚ୍ ଖାଲିଦ ଜମିଲ, ସ୍ଲୋଭାକିଆର ଷ୍ଟେଫାନ ଟାର୍କୋଭିକ୍ ଓ ଷ୍ଟିଫେନ କନଷ୍ଟାଣ୍ଟାଇନଙ୍କ ନାମ ରହିଛି। ବିଜୟନ କହିଛନ୍ତି ଯେ, ବିସ୍ତୃତ ଆଲୋଚନା ପରେ ୩ ପ୍ରାର୍ଥୀଙ୍କ ତାଲିକାକୁ କାର୍ଯ୍ୟକାରୀ ପରିଷଦ କମିଟିକୁ ପଠାଯାଇଛି।


# Classified Everyday
0674-2580101, 9692975378



MATRIMONIAL

## BRIDE WANTED

Beautiful Barik Girl 25, MBA BBSR base Service/ Established Business. 9853366347. D-1432

Handsome Brahmin Boy 1994, 5'11", B.Tech, MBA, Serving Officer SBI "SUNASANSAR". 9937512659. D-76298

## GROOM WANTED

ବୟସ 28 କୌଣସି ଚାକିରୀ କରୁନଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1435

41 Widow Karan Caste କାର୍ଯ୍ୟରତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7873680393. D-1434

Retd. unmrd. General ଜାତିର କନ୍ୟା ପାଇଁ ଯେକୌଣସି ଜାତିର Unmrd./Widow/ Divorce ବରପାତ୍ର ଆବଶ୍ୟକ। 6370471610. D-1433



REAL ESTATE
SALE

**Nearest Grand Bazar Project 30 Feet Wide Road Gharabari plot with Boundarywall 1.5Km. Distance from NH-16 Price-1800/- per square feet. Contact- 9337493150.** D-1425

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ଫ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/- . 8328868883. D-76284

**Land near Balasore Town for Sale. Residential plot 19 decimals near Harihat in Village Sindhia near Balighat and 278 decimals Residential/ Farm House / Commercial Plots in Village Sahupada near Balasore, Baripada National Highway. Please contact immediately- 7656861995.** D-75850

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286





5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com





All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Positively health benefits SPA expert female therapist homely atmosphere. 9114559830. D-76295

## LOST

ମୁଁ ରଞ୍ଜିତ ଝା, ପୁତ୍ର ଦିବଂଗତ ରଘୁନନ୍ଦନ ଝା, ବାସିନ୍ଦା କଲ୍ୟାଣୀନଗର, କଟକ, ଏହି ମାଧ୍ୟମରେ ଘୋଷଣା କରୁଛି ଯେ, ୧୬।୦୭।୨୦୨୫ରେ କଲ୍ୟାଣୀନଗରରୁ ଲିଙ୍କରୋଡ୍ ଯିବା ବେଳେ ମୋ ମୂଳ ଲିଙ୍କ୍ଡ ବିକ୍ରୟପତ୍ର (Linked Sale Deed) ହରାଇଯାଇଛି। ଏହି ବିକ୍ରୟପତ୍ର ସଂଖ୍ୟା 10391306729 ଯାହା ଉତ୍ତମପୁର ମୌଜା, ଖତିଆନ୍ ସଂଖ୍ୟା 247/1912 ଓ ପ୍ଲଟ୍ ସଂଖ୍ୟା 1221/3489 ସହ ସଂପୃକ୍ତ। ଉକ୍ତ ଜମି ରୁଚି କନ୍‌ଷ୍ଟ୍ରକ୍ସନ ଏବଂ ପ୍ରମୋଟର୍ସ ଠାରୁ ରାଜୀବଲୋଚନ ସାହୁ କେ 27.08.2013ରେ ବିକ୍ରୟ କରାଯାଇଥିଲା ଓ ସେହି ଜମି 13.06.2023ରେ ମୋତେ ବିକ୍ରୟ କରାଯାଇଥିଲା। ଯଦି ମିଳେ, ଦୟାକରି ଯୋଗାଯୋଗ କରନ୍ତୁ। 9437031456. D-1431

## AFFIDAVIT

ମୁଁ ଦୀପକ ମୋହନ ରୋହେଲା, ପୁତ୍ର ରାଜେନ୍ଦ୍ର ସିଂହ ରୋହେଲା, ନିବାସୀ- ୮୦୩, ଜୟଦେବ ବିହାର, ଭୁବନେଶ୍ୱର, ମୋ ନାମ 'ଦୀପକ ରାଠୋର' କରିଛି। ଏହି ନାମ ଦଳି ଆଫିଡେଭିଟ୍ ୨୨।୦୭।୨୦୨୫ରେ ଦାଖଲ। ଧ-୧୪୩୭

By virtue of an affidavit sworn before the Executive Magistrate, Puri on dtd. 09.06.2025, I, Sushree Priyadarshini Parida, D/o-Bibeka Nanda Parida, At-Arihan, P/O.-Rua, P/S.-Chandanpur, Dist.- Puri, Odisha declared that I have changed my name and address from Sushree Priyadarshini Parida, D/o-Bibeka Nanda Parida, At-Arihan P/O.-Rua, P/S.-Chandanpur, Dist.- Puri to Sushreeta Priyadarshini Parida, W/o-Praveen Kumar Parida, At-Handiali, P/O.-Gadarodanga, P/S.-Brahmagiri, Dist.- Puri for all purposes. D-1436

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରିଦ୍‌ମିକ୍ ଯୋଗ

**ଯେପରି ଶରୀର ସୁସ୍ଥ ରହିବା ଲାଗି ନିୟମିତ ଯୋଗ କରିବା ବେଶ୍ ଉପକାରୀ, ଠିକ୍ ସେହିପରି ମାନସିକ ସ୍ୱାସ୍ଥ୍ୟ ପାଇଁ ସଂଗୀତ ଖୁବ୍ ଉପାଦେୟ ହୋଇଥିବାରୁ ଚିକିତ୍ସା ବିଜ୍ଞାନରେ ମଧ୍ୟ ମ୍ୟୁଜିକ୍ ଥେରାପିକୁ ଅଗ୍ରାଧିକାର ଦିଆଯାଇଛି। ତେବେ ଏହି ଦ୍ୱୟର ସମାହାରରେ ସୃଷ୍ଟି ହୋଇଥିବା ରିଦ୍‌ମିକ୍ ଯୋଗ ମଣିଷକୁ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରଖିବାରେ ସାହାଯ୍ୟ କରୁଥିବାରୁ ଏହା ବର୍ତ୍ତମାନ ଲାଟେଷ୍ଟ ଫିଟ୍‌ନେସ୍ ଟ୍ରେଣ୍ଡ ପାଲଟିଛି...**



ସଂଗୀତର ତାଳେ ତାଳେ ଯୋଗ କରିବାକୁ ରିଦ୍‌ମିକ୍ ଯୋଗ କୁହାଯାଇଥାଏ। ଏଥିପାଇଁ ବିଭିନ୍ନ ଶାସ୍ତ୍ରୀୟ ସଂଗୀତ, ଭକ୍ତି ସଂଗୀତ, ମନ୍ତ୍ର ତଥା ଧ୍ୱନି ବ୍ୟବହାର କରାଯାଇଥାଏ। ଯେମିତିକି ସୂର୍ଯ୍ୟ ନମସ୍କାର ସମୟରେ କୌଣସି ସଂଗୀତ ବଜାଇଲେ ଏହାର ତାଳ ଓ ଲୟ ସହିତ ପ୍ରତିଟି ଆସନ କରିବାରେ ଏହାର ସାମଞ୍ଜସ୍ୟ ରହିଥାଏ। ପ୍ରାଣାୟାମ କିମ୍ବା ଧ୍ୟାନ କରିବା ବେଳେ ଓମ୍ ଧ୍ୱନି କିମ୍ବା ବଂଶୀ ସ୍ୱର, ସ୍ଲୋ ମ୍ୟୁଜିକ୍ ବଜାଇବା ଦ୍ୱାରା ଶ୍ୱାସକ୍ରିୟାରେ ନିୟନ୍ତ୍ରଣ ରହିବା ସହ ମନ ଶାନ୍ତ ରହିଥାଏ ଏବଂ ଏକାଗ୍ରତା ବୃଦ୍ଧି ପାଇଥାଏ। କିଛି ବର୍ଷ ହେବ ଫିଟ୍‌ନେସ୍ ପାଇଁ ପ୍ରତ୍ୟେକ ଜିମ୍ ସେଣ୍ଟରରେ ମ୍ୟୁଜିକ୍ ତାଳେ ତାଳେ ଏକ୍ସରସାଇଜ୍ କରିବା ବା ଜୁମ୍ବା ଡ୍ୟାନ୍ସ କରାଯାଉଥିବା ଦେଖାଯାଉଛି। ହେଲେ ବର୍ତ୍ତମାନ ମ୍ୟୁଜିକ୍ ସହିତ ଯୋଗ କରିବା ମଧ୍ୟ ଏକ ଲାଟେଷ୍ଟ ଫିଟ୍‌ନେସ୍ ଟ୍ରେଣ୍ଡ ପାଲଟୁଥିବା ଦେଖିବାକୁ ମିଳୁଛି। ତେବେ ଯୁବପିଢ଼ି ନିଜକୁ ଫିଟ୍ ରଖିବା ଲାଗି ରିଦ୍‌ମିକ୍ ଯୋଗ ପ୍ରତି ଅଧିକ ଆଗ୍ରହୀ ହେଉଛନ୍ତି।

## ରିଦ୍‌ମିକ୍ ଯୋଗର ଅନେକ ଉପକାରିତା ରହିଛି

**ଏକାଗ୍ରତା ବୃଦ୍ଧି କରିଥାଏ:** ଯୋଗ କଲେ ଅନେକ ଉପକାରିତା ମିଳିଥାଏ। ହେଲେ ରିଦ୍‌ମିକ୍ ଯୋଗ କରିବା ବା ସଂଗୀତର ଶବ୍ଦ ମସ୍ତିଷ୍କର ତନ୍ତ୍ରିଗୁଡ଼ିକ ଶାନ୍ତ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରିଥାଏ। ଓମ୍ ଉଚ୍ଚାରଣ, ବିଭିନ୍ନ ରାଗ କିମ୍ବା ଶାସ୍ତ୍ରୀୟ ସଂଗୀତ, ବଂଶୀ ଶବ୍ଦ, ଓମ୍ ନମଃ ଶିବାୟ ଉଚ୍ଚାରଣ ସହିତ ଯୋଗ କଲେ ଶରୀରର ବିଭିନ୍ନ ଅଙ୍ଗକୁ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କରେ ଆଲ୍‌ଫା ତରଙ୍ଗ ବୃଦ୍ଧି ପାଇଥାଏ, ଯାହାକି ଏକାଗ୍ରତା ସହ ରଚନାତ୍ମକତା ତଥା କଳାତ୍ମକତା ବୃଦ୍ଧି କରିଥାଏ।

**ମନ ସ୍ଥିର ରଖିବା ସହ ସୁନିଦ୍ରା କରାଏ:** ଓମ୍ ଉଚ୍ଚାରଣ କରିବା କିମ୍ବା ଏହି ଶବ୍ଦ ଲଗାଇ ଏହାର ତାଳେ ତାଳେ ଯୋଗ କଲେ ଏହା ମସ୍ତିଷ୍କର ପ୍ରିଫ୍ରଣ୍ଟାଲ୍ କର୍ଟେକ୍ସକୁ ସକ୍ରିୟ କରିଥାଏ। ଯାହାକି ଧ୍ୟାନ କେନ୍ଦ୍ରିତ କରିବା ବା ସ୍ଥିରମନା ହେବା ସହ ନିଷ୍ପତ୍ତି ନେବାର କ୍ଷମତାକୁ ବୃଦ୍ଧି କରିଥାଏ। ଓମ୍ ଉଚ୍ଚାରଣ ସହିତ ଭ୍ରାମରୀ ପ୍ରାଣାୟାମ କଲେ ସୁନିଦ୍ରା ମିଳିଥାଏ।

**ଅବସାଦମୁକ୍ତ ରଖିଥାଏ:** ସଂଗୀତ ଏବଂ ଯୋଗର ସଂଯୋଗରେ କର୍ଟିସୋଲ୍ (ଅବସାଦ ହର୍‌ମୋନ) ସ୍ତରକୁ ହ୍ରାସ କରାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ମୁତାବକ ମ୍ୟୁଜିକ୍ ଥେରାପି ଓ ଯୋଗ ଏକତ୍ର କରିବା ଦ୍ୱାରା ମାନସିକ ଚିନ୍ତା, ଅବସାଦ ବା ଡିପ୍ରେଶନ ସମସ୍ୟା ଖୁବ୍ ଶୀଘ୍ର କମ୍ ହୋଇଥାଏ।

**ମାନସିକ ସନ୍ତୁଳନ ରକ୍ଷାକରେ:** ମ୍ୟୁଜିକ୍ ବା ସଂଗୀତ ଭାବ ପ୍ରକାଶର ଏକ ବଳିଷ୍ଠ ମାଧ୍ୟମ। ତେଣୁ କୌଣସି କାରଣରୁ ମନ ବିଚଳିତ, ବ୍ୟସ୍ତ ବିବ୍ରତ ହୋଇ ଉଠେ ଏବଂ ଅବସାଦ ଭାବନା ଜାଗତ ହୁଏ, ଏମିତିରେ ନିଜ ମାନସିକ ସ୍ଥିତିରେ ସନ୍ତୁଳନ ରକ୍ଷା କରିବା ଲାଗି ରିଦ୍‌ମିକ୍ ଯୋଗ କରିବା ବେଶ୍ ଲାଭଦାୟକ ହୋଇଥାଏ। ଜର୍ନାଲ୍ ଅଫ୍ ମ୍ୟୁଜିକ୍ ଥେରାପିରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ ରିଦ୍‌ମିକ୍ ଯୋଗ ମସ୍ତିଷ୍କରେ ଡୋପାମାଇନ୍ (ଖୁସି ହର୍ମୋନ) କ୍ଷରଣ ବୃଦ୍ଧି କରିଥାଏ। ମାନସିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ ଏବଂ ମଣିଷକୁ ନୀରୋଗ ରଖିବାରେ ସାହାଯ୍ୟ କରିଥାଏ।

**ହୃଦ୍‌ରୋଗ ଆଶଙ୍କା କମାଏ:** ରିଦ୍‌ମିକ୍ ଯୋଗ କରିବା ସମୟରେ ବିଭିନ୍ନ ମ୍ୟୁଜିକ୍‌ର ରିଦମ୍ ଅନୁଯାୟୀ ଯୋଗାସନ କରିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗ ଓ ଶ୍ୱାସକ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୂପେ ହୋଇଥାଏ। ଫଳରେ ହୃତ୍‌ପିଣ୍ଡ ଓ ଶରୀରର ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ଠିକ୍ ଭାବେ ପହଞ୍ଚିପାରେ। ଫଳରେ ହୃତ୍‌ପିଣ୍ଡ ଏବଂ ଧମନୀ ସୁସ୍ଥ ରହିଥାଏ, ଫଳରେ ହୃଦ୍‌ରୋଗ ଆଶଙ୍କା କମିଥାଏ।



### ବାଦ୍ୟ-ସଙ୍ଗୀତର ଧୁନ୍ ସହ ଯୋଗର ବଢୁଛି ଆଦର



ଯୋଗ ଏବଂ ଆସନ ଅନେକ ପ୍ରକାରର ଥିଲାବେଳେ ଏହାକୁ ମଧ୍ୟ ବିଭିନ୍ନ ଉପାୟରେ ଭିନ୍ନ ଭିନ୍ନ ଅବସ୍ଥାରେ କରାଯାଏ । ଏପରିକି ରୋଗ ପାଇଁ ବି ଯୋଗ ରହିଛି । ସାଧାରଣ ଭାବରେ ପୂର୍ବରୁ ଆମର ମୁନି-ଋଷି ଓଁକାର ଧ୍ୱନି ସହ ଧ୍ୟାନସ୍ଥ ହେଉଥିବା ଆମେ ପଢ଼ିଛୁ। ସେହି ଧ୍ୱନି ଯୋଗ ସହ ଯେତେବେଳେ ସମନ୍ୱୟ ହୁଏ, ମାନବ ଶରୀରରେ ଏକ ଅଦ୍ଭୁତ ଶିହରଣ ସୃଷ୍ଟି ହୁଏ, ଭିନ୍ନ ତରଙ୍ଗ ଖେଳିଯାଏ । ପୂରା ମନପ୍ରାଣ ତଲ୍ଲୀନ ହୋଇଉଠେ। ସୁସ୍ଥ, ସତେଜ, ଫୂର୍ତ୍ତି ସହ ପୂରା ମନ ପ୍ରଫୁଲ୍ଲିତ ହୋଇଉଠେ। ସେହି ଧ୍ୱନିର ଧୁନ୍ ଏତେ କ୍ଷମତା, ଯାହା ମନକୁ ସ୍ଥିର ରଖିବା ସହ ଏକାଗ୍ରତା ଜାଗ୍ରତ କରେ। ଆଜି ବି ସେହି ଧାରାରେ ସମସ୍ତେ ଚାଲିଛନ୍ତି, କିନ୍ତୁ ଏବେ ସମୟ ସହ କିଛି ପରିବର୍ତ୍ତନ ନୁହେଁ ବରଂ କିଛି ନୂଆ କଥା ଯୋଡ଼ି ହୋଇଛି। ବାଦ୍ୟ- ତାଳ- ଲୟକୁ ନେଇ ବିଭିନ୍ନ ସଂଗୀତ ଓ ସଂଗୀତର ଧୁନ୍‌ରେ ଯୋଗ ହେଉଛି। ଉଭୟର ଅପୂର୍ବ ସମ୍ମିଶ୍ରଣ କରି ମନ ଏବଂ ଶରୀର ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ପ୍ରୟାସ ହେଉଛି, ଯାହା ପ୍ରେମରେ ଏବେ ସମସ୍ତେ। ସେଥିପାଇଁ ସାଧାରଣ ଯୋଗ ଅପେକ୍ଷା ରିଦ୍‌ମିକ ବା ଧ୍ୱନିଯୁକ୍ତ ଯୋଗର ଆଦର ବଢ଼ିଛି। ଏମିତିରେ ବି ଚିକିତ୍ସା ବିଜ୍ଞାନରେ ରୋଗୀକୁ ସଂଗୀତ ଥେରାପି ବା ମ୍ୟୁଜିକ ଥେରାପିର ଚମତ୍କାରିତାର ବହୁ ସଫଳ କାହାଣୀ ରହିଛି । ତେଣୁ ସଂଗୀତ ଆମ ଭିତରେ ଅଛି, ତାକୁ ଏହି ଯୋଗ ଦ୍ୱାରା ହିଁ ସାଧନ କରାଯାଏ। କିନ୍ତୁ ଆଜି ଉଭୟର ମିଳନରେ ଯେଉଁ ଯୋଗକ୍ରିୟା ଚାଲିଛି, ତାହା ରିଦ୍‌ମିକ ଯୋଗ ଭାବେ ବହୁଳ ଲୋକପ୍ରିୟ। ଯେମିତି ଅତ୍ୟାଧୁନିକ ଜିମ ସେଣ୍ଟର ଏବଂ ବିଭିନ୍ନ ଡ୍ୟାନ୍ସ ସେଣ୍ଟରରେ ବି ସଂଗୀତ ସହ ସବୁ କିଛି ହେଉଛି ; ସେମିତି ଯୋଗ ସାଧନ କେନ୍ଦ୍ରରେ ବି ସଂଗୀତ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଆଜି ଯୋଗ କେନ୍ଦ୍ର ବା ଯୋଗ ପାଠ୍ୟକ୍ରମରେ ବି ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଏପରିକି ଯୋଗ କେନ୍ଦ୍ରକୁ ଆସୁଥିବା ପ୍ରଶିକ୍ଷାର୍ଥୀ ବି ପଚାରୁଛନ୍ତି ଯେ ଆପଣଙ୍କ ଅନୁଷ୍ଠାନରେ ରିଦ୍‌ମିକ ଯୋଗ ଶିକ୍ଷା ଦିଆଯାଉଛି କି ନାହିଁ । ଯୋଗ ସମ୍ପୂର୍ଣ୍ଣ ଶରୀରକୁ ଏବଂ ତା'ସହିତ ସଂଗୀତ ମନକୁ ସହଜରେ ନିୟନ୍ତ୍ରଣ କରିବାରେ ବେଶ ସହାୟକ ହେଉଛି । ଏହାଛଡ଼ା ଆମ ଜୀବନରେ ସଂଗୀତର ଗୁରୁତ୍ୱ ଏବଂ ପ୍ରଭାବକୁ ବି ଆମେ ଉପଲବ୍ଧି କରିପାରୁଛୁ । ଆମ ଅନୁଷ୍ଠାନ ବି ଏହି ଯୋଗ ସାଧନା ପ୍ରଶିକ୍ଷାର୍ଥୀଙ୍କୁ ଶିକ୍ଷା ପ୍ରଦାନ କରୁଛି ।

*– **ସୌମ୍ୟା ଦାଶ**, ପ୍ରତିଷ୍ଠାତା ନିର୍ଦ୍ଦେଶିକା, ବ୍ଲିସ୍‌ଫୁଲ ଯୋଗ ସେଣ୍ଟର, ଭୁବନେଶ୍ୱର*





**ଗଣ୍ଠିଜନିତ ସମସ୍ୟା ଦୂରକରେ:** ଏପରି ଯୋଗ କରିବା ଦ୍ୱାରା ଶରୀରର ସବୁ ଗଣ୍ଠି ସ୍ଥାନରେ ଥିବା ଯନ୍ତ୍ରଣା ଦୂର ହୋଇଥାଏ। ବିଶେଷକରି ଅଧିକ ସମୟ ବସି ପଢୁଥିବା କିମ୍ବା ଦୀର୍ଘ ସମୟ କମ୍ପ୍ୟୁଟରରେ ଡେସ୍କ ଜବ୍ କରୁଥିବା ଯୁବପିଢ଼ିଙ୍କ ପାଇଁ ଏହି ଯୋଗ ବେଶ୍ ଉପକାରୀ।

**ରଖେ ସ୍ଲିମ୍ ଫିଟ୍:** ବର୍ତ୍ତମାନ ମେଦ ବହୁଳତା ଅଧିକାଂଶଙ୍କ ଲାଗି ଏକ ବଡ଼ ସମସ୍ୟା ପାଲଟିଛି। ଆଉ ଏଥିଯୋଗୁଁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା ବି ବୃଦ୍ଧି ପାଉଛି। ହେଲେ ପ୍ରତିଦିନ ରିଦ୍‌ମିକ୍ ଯୋଗ କଲେ ଏହା ମାଂସପେଶୀଗୁଡ଼ିକୁ ଶକ୍ତି ପ୍ରଦାନ କରିବା ସହ ଶରୀର ସ୍ଲିମ୍ ଫିଟ୍ ରହିଥାଏ ଏବଂ ଏହିସବୁ ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ନ ଥାଏ। ଏହା ପାଚନକ୍ରିୟାକୁ ମଧ୍ୟ ଠିକ୍ ରଖିଥାଏ। ସର୍ବୋପରି ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

– ପୌର୍ଣ୍ଣମାସୀ

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ......... ଠାରେ ମହିଳା ଆରୋଗ୍ୟ କକ୍ଷର ଶୁଭାରମ୍ଭ କରାଯାଇଛି ?
୨– ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଶନାଲ୍ ର୍‌ୟାଙ୍କିଙ୍ଗ୍ ଫ୍ରେମ୍‌ୱର୍କ ........... ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୩– ଲାଇରିଓଥେମିସ୍ ଆବ୍ରାହାମି ଏକ ପ୍ରକାରର ........ ପ୍ରଜାତିର ନାମ ?
୪– ଚୋଳ ଗଙ୍ଗମ୍ ହ୍ରଦ .............. ରାଜ୍ୟରେ ଅବସ୍ଥିତ ?
୫– ନ୍ୟାଶନାଲ୍ ହ୍ୟାଣ୍ଡଲୁମ୍ ଡେ' ............. ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଫ୍ରାନ୍ସ ଏବଂ ୟୁନାଇଟେଡ୍ କିଙ୍ଗଡମ୍
୨ ସୁଦର୍ଶନ ପଟ୍ଟନାୟକ
୩ ବୁଲ୍‌ଗେରିଆ
୪ ଆସାମ
୫ ଓଡ଼ିଶା

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ସବୁଠୁ ବଡ଼ କସ୍‌ମେଟିକ୍ କମ୍ପାନୀ (୨୦୨୪)

L'ORÉAL

୧– ଲରିଏଲ୍ ...................... ୨୩୪.୭୫ ବିଲିଅନ ଡଲାର
୨– ଜିଭାଉଡାନ୍ ...................... ୪୭ ବିଲିଅନ ଡଲାର
୩– ଇଷ୍ଟୀ ଲାଉଡର୍ ...................... ୩୨.୮୮ ବିଲିଅନ ଡଲାର
୪– ଇଣ୍ଟରନ୍ୟାଶନାଲ୍ ଫ୍ଲେଭର୍ସ ଆଣ୍ଡ ଫ୍ରାଗ୍ରାନ୍ସେସ୍ ........ ୨୬.୫୮ ବିଲିଅନ ଡଲାର
୫– ଗାଲ୍ଡେର୍ମା ଗ୍ରୁପ୍ ...................... ୨୨.୬୩ ବିଲିଅନ ଡଲାର
୬– କାଓ ...................... ୨୦.୮୮ ବିଲିଅନ ଡଲାର
୭– ଅଲ୍ଟା ବ୍ୟୁଟି ...................... ୧୬.୬୨ ବିଲିଅନ ଡଲାର
୮– ପୁଇଗ୍ ବ୍ରାଣ୍ଡ ...................... ୧୫.୮୨ ବିଲିଅନ ଡଲାର
୯– ଶିସେଇଡୋ ...................... ୮.୭୯ ବିଲିଅନ ଡଲାର
୧୦– ଇଏଲ୍ଏଫ୍ କସ୍‌ମେଟିକ୍ସ ...................... ୮.୪୪ ବିଲିଅନ ଡଲାର

ୟୁଥ୍ ଫ୍ୟାଶନ୍

# ଫ୍ୟାଶନେବଲ୍ ରେନ୍ ଫୁଟ୍‌ୱେର

**ଦିନ ଥିଲା, ବର୍ଷାଋତୁ ଆସିଲେ ପାଣି ସଂସ୍ପର୍ଶରେ ଆସି ଫୁଟ୍‌ୱେର୍ ଯେପରି ନଷ୍ଟ ନ ହୋଇଯାଏ ସେନେଇ ବଢ଼ିଯାଉଥିଲା ଚିନ୍ତା। ହେଲେ ଏବେ ସେ ସମୟ ଆଉ ନାହିଁ। ବର୍ଷାଦିନ ପାଇଁ ମାର୍କେଟ୍‌ରେ ବିଭିନ୍ନ ଡିଜାଇନ୍‌ର ସ୍ପେଶାଲ ୱାଟରପ୍ରୁଫ ଫୁଟ୍‌ୱେର୍ ଉପଲବ୍ଧ; ଯାହାକି କରିଛି ଯୁବପିଢ଼ିଙ୍କ ମନ୍‌ସୁନ୍ ଆଉଟ୍‌ଫିଟ୍‌କୁ ଆହୁରି ଫ୍ୟାଶନେବଲ...**



✲ ଡ୍ରେସ୍ ସହିତ ମ୍ୟାଚିଂ ଚପଲ ବିନା ଗେଟ୍‌ଅପ୍ ଅଧା ଲାଗିଥାଏ। କିନ୍ତୁ ବର୍ଷାଦିନେ ଡିଜାଇନର ଚପଲ ପିନ୍ଧିବା ଯୁବପିଢ଼ିଙ୍କ ଲାଗି ସାଜେ ଚିନ୍ତାର କାରଣ। ହେଲେ ବର୍ତ୍ତମାନ ସ୍ପେଶାଲ ବର୍ଷାଦିନ ଲାଗି ମାର୍କେଟ୍‌ରେ ଅନେକ ପ୍ରକାରର ୱାଟରପ୍ରୁଫ୍ ଚପଲ ମିଳୁଛି, ଯାହା ମଧ୍ୟରୁ କଲରଫୁଲ୍ ଫ୍ଲିପ୍ ଫ୍ଲପ୍ ଯୁବତୀମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। କାରଣ ଏହାର ଏତେସବୁ ଷ୍ଟାଇଲିଶ୍ କଲେକ୍ସନ ମିଳୁଛି, ଯାହାକୁ ବିଚ୍ ଫୁଟ୍‌ୱେରରୁ ଆରମ୍ଭ କରି କାଜୁଆଲ୍ ଏମିତିକି ପାର୍ଟି ଫୁଟ୍‌ୱେର୍ ଭାବେ ବ୍ୟବହାର କଲେ ବି ଆଇକ୍ୟାଚି ଲାଗୁଛି। ତେବେ ଏହା ନା କେବଳ ଆକର୍ଷଣୀୟ ଲୁକ୍ ଦେଉଛି ବରଂ ବେଶ୍ କମ୍ଫର୍ଟେବଲ୍ ମଧ୍ୟ ଲାଗୁଛି।

✲ ଯେଉଁମାନେ ଫୁଲ୍ କିମ୍ବା ହାଫ୍ ଶୁ ପିନ୍ଧିବାକୁ ପସନ୍ଦ କରନ୍ତି ଏବଂ ବର୍ଷାରେ ଏହା ଓଦା ହୋଇଯିବ ବୋଲି ଚିନ୍ତା କରୁଛନ୍ତି, ସେମାନଙ୍କ ପାଇଁ ବର୍ତ୍ତମାନ ବିଭିନ୍ନ ପ୍ରକାରର ୱାଟରପ୍ରୁଫ୍ ଫୁଟ୍‌ୱେର ବି ମାର୍କେଟ୍‌ରେ ସହଜରେ ମିଳିଯାଉଛି। ଏହି ଜୋତାର ସୋଲ୍‌କୁ ଏଭଳି ପ୍ରସ୍ତୁତ ଯାଇଛି, ଯାହା ପିନ୍ଧିବାକୁ ବେଶ୍ ଆରାମଦାୟକ ହୋଇଥିବା ବେଳେ ଯାହାର ଗ୍ରିପ୍ ଷ୍ଟ୍ରଙ୍ଗ୍ ହୋଇଥିବାରୁ ଗୋଡ଼ ଖସିବାର ବି ଆଶଙ୍କା ନାହିଁ। ତା'ଛଡା ଏହାର ବିଭିନ୍ନ କଲର, ଡିଜାଇନ୍ ଏବଂ ସାଇଜ୍ ସହଜରେ ମିଳିଯାଉଥିବାରୁ ଯୁବପିଢ଼ି ଏହାକୁ ଖୁବ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

✲ ଯୁବକମାନେ ଏଦିନେ ଲେଦର, କାନ୍‌ଭାସ୍ ଭଳି ଜୋତା ପରିବର୍ତ୍ତେ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ନ ହେବା ଭଳି ରବର ସୋଲ୍ ଫୁଟ୍‌ୱେର ବ୍ୟବହାର କରୁଛନ୍ତି। ରବର ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଚପଲଗୁଡ଼ିକର ବିଭିନ୍ନ ଆକର୍ଷଣୀୟ ଡିଜାଇନ ବର୍ତ୍ତମାନ ଯୁବପିଢ଼ିଙ୍କୁ ଅଧିକ ଆକୃଷ୍ଟ କରୁଛି।

✲ ବର୍ତ୍ତମାନ ବର୍ଷାଦିନ ପାଇଁ ବିଭିନ୍ନ ନାମୀଦାମୀ କମ୍ପାନୀର ଲାଇଟ୍‌ୱେଟ୍ ୱାଟରପ୍ରୁଫ୍ ୱାକିଂ ଶୁଜ୍ ମଧ୍ୟ ମାର୍କେଟ୍‌ରେ ଏବଂ ଅନ୍‌ଲାଇନ୍‌ରେ ମିଳିଯାଉଛି। ଅଧିକାଂଶ ଫୁଟ୍‌ୱେର ୟୁନିସେକ୍ସ



ହୋଇଥିବାରୁ ଏହାକୁ ଯୁବପିଢ଼ି ୱାକିଂ, ଜଗିଂ, ଜିମ୍ ୱାର୍କଆଉଟ୍ ପାଇଁ ମଧ୍ୟ ବ୍ୟବହାର କରିପାରୁଛନ୍ତି। ସବୁଠୁ ବଡ଼ କଥା ହେଉଛି ଏହା ୱାଟରପ୍ରୁଫ୍ ହେବା ସହ ବ୍ରିଦେବଲ୍ ମ୍ୟାଟେରିଆଲ୍‌ରେ ପ୍ରସ୍ତୁତ ହୋଇଥିବାରୁ ଦିନସାରା ପାଦ ଶୁଖିଲା ରହିଥାଏ। ତା'ଛଡ଼ା ଏହାକୁ ସଫା କରିବା ବି ଖୁବ୍ ସହଜ ହୋଇଥିବାରୁ ଏହାର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି।

ୟୁଥ୍ ଆଲର୍ଟ

# ଅନ୍‌ଲାଇନ୍ ଜବ୍ ଆପ୍ଲାଏ କରୁଥିଲେ...

**ଆଜିକାଲି ଜବ୍ ଆଶାୟୀ ପ୍ରାର୍ଥୀ ଅନ୍‌ଲାଇନ୍‌ରେ ଯେକୌଣସି ଜବ୍ ଅଫର୍ ପାଇଲେ ତାହା ଯେପରି ହାତଛଡ଼ା ନ ହୋଇଯାଉ, ସେଥିପାଇଁ ତୁରନ୍ତ ଆପ୍ଲାଏ କରିବାକୁ ପଛାଉନାହାନ୍ତି। ହେଲେ କେବେକେବେ ଏହା ସେମାନଙ୍କୁ ଠକିବା ଲାଗି ହ୍ୟାକର୍‌ମାନଙ୍କର ଏକ ପ୍ଲାନ୍ ହୋଇଥାଏ। ତେଣୁ ଏ ଦିଗରେ ସତର୍କ ରହିବା ନିହାତି ଆବଶ୍ୟକ...**



❖ ବର୍ତ୍ତମାନ ହ୍ୟାକର୍‌ମାନେ ଇ-ମେଲ୍ ଜରିଆରେ ଫେକ୍ ଜବ୍ ଅଫର ଦେଇ ଅନେକଙ୍କୁ ଲୁଟୁଥିବାର ଦେଖିବାକୁ ମିଳୁଛି। ତେଣୁ ଇ-ମେଲ୍‌କୁ କୌଣସି ଜବ୍ ଅଫର ଆସିଲେ ତୁରନ୍ତ ଆପ୍ଲାଏ କରି ନିଜର ପର୍ସନାଲ୍ ଡାଟା ଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ। ପ୍ରଥମେ ଭଲ ଭାବେ ଦେଖନ୍ତୁ ତାହା ଏକ ଠିକ୍ ତଥା ରେଜିଷ୍ଟର୍ଡ ଆଇଡି କି ନୁହେଁ। କାରଣ ଅନେକ ନାମୀଦାମୀ କମ୍ପାନୀ ନାଁରେ ସାମାନ୍ୟ ସ୍ପେଲିଂ ଭୁଲ୍ ଥିବା ଡୋମେନ୍ ନେମ୍ ଅବା ଇ-ମେଲ୍ ଆଡ୍ରେସ୍‌ରେ ଆସୁଥିବା ଜବ୍ ଅଫର ଦେଖିଲେ ଯେ କେହିବି ଧୋକା ଖାଇଯିବେ। ତେଣୁ ଏଥିପ୍ରତି ସତର୍କ ରହିବା ସହ କେବଳ କମ୍ପାନୀର ନିଜସ୍ୱ କ୍ୟାରିୟର୍ ପେଜ୍‌କୁ ଯାଇ ଆବେଦନ କରନ୍ତୁ।

❖ ଯଦି ବିଦେଶୀ କମ୍ପାନୀରେ କୌଣସି ଜବ୍ ପାଇଁ ଆପ୍ଲାଏ କରୁଛନ୍ତି, ତେବେ ସିଧାସଳଖ ଯୋଗାଯୋଗ କରନ୍ତୁ। କାରଣ କୌଣସି ଏଜେଣ୍ଟଙ୍କ ମାଧ୍ୟମରେ ଗଲେ ଆପଣ ଠକାମିର ଶିକାର ହୋଇପାରନ୍ତି।

❖ କୌଣସି ଜବ୍ ପାଇଁ ଯଦି ଆପଣଙ୍କୁ ଆବଶ୍ୟକତାଠାରୁ ଖୁବ୍ ଅଧିକ ପ୍ୟାକେଜ୍ ଦିଆଯିବାକୁ କୁହାଯାଏ, ତେବେ ଜାଣିରଖନ୍ତୁ ଏହା ଆପଣଙ୍କୁ ଠକିବାର ଚାଲ୍ ହୋଇପାରେ। ବିଶେଷକରି କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବତୀଯୁବକଙ୍କୁ ବାହାର ରାଜ୍ୟ ବା ଦେଶରେ ଅଧିକ ଦରମାରେ ଚାକିରି କରାଇଦେବା, ରହିବା, ଖାଇବା ମାଗଣା ଭଳି ଲୋଭ ଦେଖାଇ ଦଲାଲ୍‌ମାନେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରୁଥିବାର ଅନେକ ଘଟଣା ନଜିର ରହିଛି। ଏଥିପ୍ରତି ସତର୍କ ରୁହନ୍ତୁ।

❖ ଯଦି କୌଣସି ଜଣାଶୁଣା କମ୍ପାନୀ ଜବ୍ ଦେବା ପୂର୍ବରୁ ସିକ୍ୟୁରିଟି, ରେଜିଷ୍ଟ୍ରେଶନ୍, ଡକ୍ୟୁମେଣ୍ଟ ଭେରିଫିକେଶନ୍ ଇତ୍ୟାଦି ଲାଗି ଟଙ୍କା ମାଗୁଛନ୍ତି ତେବେ ତାହା ଫେକ୍। କାରଣ କୌଣସି କମ୍ପାନୀ ଜବ୍ ଦେବା ଲାଗି ଟଙ୍କା ମାଗି ନ ଥା'ନ୍ତି। ଏ କ୍ଷେତ୍ରରେ କମ୍ପାନୀର ପଞ୍ଜୀକୃତ ଲ୍ୟାଣ୍ଡଲାଇନ୍ ନମ୍ବରକୁ କଲ୍ କରି ମେଲ୍ କିମ୍ବା ଟେଲିଫୋନ୍ ଯୋଗେ ଆପଣଙ୍କୁ ଯୋଗାଯୋଗ କରିଥିବା ବ୍ୟକ୍ତି ସମ୍ପର୍କରେ ସତ୍ୟାସତ୍ୟ ଯାଞ୍ଚ କରିନେବା ଆବଶ୍ୟକ।

❖ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି କେହି ଜବ୍ ଦେବା ପୂର୍ବରୁ ଆପଣଙ୍କ ବ୍ୟାଙ୍କ୍ ଡିଟେଲ୍ସ, ଆଧାରକାର୍ଡ ଭଳି ପର୍ସନାଲ୍ ଡାଟା ମାଗେ ତେବେ ସତର୍କ ରୁହନ୍ତୁ। ନଚେତ୍ ଏହାଦ୍ୱାରା ହ୍ୟାକର୍‌ଙ୍କୁ ଆପଣଙ୍କ ବ୍ୟାଙ୍କ୍ ଆକାଉଣ୍ଟ ହ୍ୟାକ୍ କରି ଟଙ୍କା ଚୋରି କରିବା ସହଜ ହୋଇଯିବ।






# ଗିଲ୍-ରାହୁଲ ଇନିଂସ ସମ୍ଭାଳିଲେ

**ମାଞ୍ଚେଷ୍ଟର, ୨୬।୭**

ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଦୃଢ଼ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି ଲୋକେଶ ରାହୁଲ ଓ ଅଧିନାୟକ ଶୁବମନ ଗିଲ୍। ଭାରତ ଏକଦା ଖାତା ଖୋଲିବା ପୂର୍ବରୁ ୨ଟି ଉଇକେଟ ହରାଇ ସାଂଘାତିକ

## ଚତୁର୍ଥ ଟେଷ୍ଟ

ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ରାହୁଲ ଓ ଗିଲ୍ ଅସମାପ୍ତ ତୃତୀୟ ଉଇକେଟରେ ୧୭୪ ରନ ଯୋଗକରି ଇନିଂସ ସମ୍ଭାଳି ନେଇଛନ୍ତି। ଶନିବାର ଚତୁର୍ଥ ଦିବସ ଷ୍ଟମ୍ପ ବେଳକୁ ରାହୁଲ ୮୭ ଓ ଗିଲ୍ ୭୮ ରନରେ ଅପରାଜିତ ରହିଛନ୍ତି। ଏଥିସହ ସୁନୀଲ ଗାଭାସ୍କରଙ୍କ ପରେ ଦ୍ୱିତୀୟ ଭାରତୀୟ ଓପନର ଭାବେ ରାହୁଲ ଇଂଲଣ୍ଡ ମାଟିରେ ଗୋଟିଏ ସିରିଜରେ ୫୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୮ ଉଇକେଟ ସୁରକ୍ଷିତ ଥିବାବେଳେ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋରଠାରୁ ଭାରତ ଆହୁରି ୧୩୭ ରନ ପଛରେ ରହିଛି। ଭାରତର ୩୫୮ ରନ ଜବାବରେ ଇଂଲଣ୍ଡ ୬୬୯ ରନକରି ପ୍ରଥମ ଇନିଂସରେ ୩୧୧ ରନରେ ଅଗ୍ରଣୀଲାଭ କରିଥିଲା। ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୟସ୍ୱାଲ ଓ ସାଇ ସୁଦର୍ଶନଙ୍କୁ ଗୋଲ୍ଡେନ ଡକ୍(୦)ରେ ଆଉଟ କରି ଭାରତୀୟ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ କ୍ରିସ୍ ୱୋକ୍ସ।



ଶଟ୍ ଖେଳିବା ଅବସରରେ ଶୁବମନ ଗିଲ୍ ଓ ଲୋକେଶ ରାହୁଲ।

### ଷ୍ଟୋକ୍ସଙ୍କ ଶତକ

ତୃତୀୟ ଦିବସର ଅସମାପ୍ତ ସ୍କୋର ୫୪୪/୭ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଆଉ ୧୯ ରନ ଯୋଗକରି ଲିଆମ ଡସନ (୨୬)ଙ୍କ ଉଇକେଟ ହରାଇଥିଲା। ବେନ୍ ଷ୍ଟୋକ୍ସ ଓ ବ୍ରାଇଡନ କାର୍ସ ୧୦ମ ଉଇକେଟରେ ୯୫ ରନ ସଂଗ୍ରହ କରି ଇଂଲଣ୍ଡ ସ୍କୋରକୁ ୬୫୦ ଅତିକ୍ରମ କରାଇଥିଲେ। କ୍ୟାରିୟରର ୧୪ଶ ଶତକ ହାସଲ କରିଥିବା ଷ୍ଟୋକ୍ସ ୧୯୮ ବଲ୍‌ରୁ ୧୧ ଚୌକା ଓ ୩ ଛକା ସହାୟତାରେ ୧୪୧ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। କାର୍ସ ୪୭ ରନକରି ଆଉଟ ହେବା ସହ ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟିଥିଲା। ଭାରତ ପକ୍ଷରୁ ଜାଡେଜା ୪ଟି, ଯଶପ୍ରୀତ୍ ବୁମ୍‌ରା ଓ ୱାଶିଂଟନ ସୁନ୍ଦର ୨ଟି ଲେଖାଏ ଏବଂ ଅଂଶୁଲ କାମ୍ବୋଜ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟେଷ୍ଟରେ ଏହାକୁ ମିଶାଇ ଇଂଲଣ୍ଡ ୭ ଥର ଭାରତ ବିପକ୍ଷରେ ୬୦୦ରୁ ଊର୍ଦ୍ଧ୍ୱ ସ୍କୋର କରିଛି। ପୂର୍ବ ୬ ଥରରୁ ଇଂଲଣ୍ଡ ୫ ଥର ବିଜୟୀ ହୋଇଥିଲା। ୪ ଜଣ ଭାରତୀୟ ବୋଲର ୧୦୦ରୁ ଊର୍ଦ୍ଧ୍ୱ ରନ ବ୍ୟୟ କରିଥିଲେ। ଏକ ଦଶନ୍ଧି ପୂର୍ବରୁ ୨୦୧୪-୧୫ରେ ଅଷ୍ଟ୍ରେଲିଆ ଟୁର୍‌ରେ ଏପରି ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୫୮। ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯/ଅଲ୍‌ଆଉଟ (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ବେନ୍ ଡକେଟ-୯୪, ଜ୍ୟାକ୍ କ୍ରଲି-୮୪, ଓଲି ପୋପ୍-୭୧, ରବୀନ୍ଦ୍ର ଜାଡେଜା-୪/୧୪୩, ଯଶପ୍ରୀତ୍ ବୁମ୍‌ରା-୨/୧୧୨, ୱାଶିଂଟନ ସୁନ୍ଦର-୨/୧୦୭, ମହମ୍ମଦ ସିରାଜ-୧/୧୪୦, ଅଂଶୁଲ କାମ୍ବୋଜ-୧/୮୯)। ଭାରତ ଦ୍ୱିତୀୟ ଇନିଂସ: ୧୭୪/୨।

# ୟୁଏଇରେ ହେବ ଏସିଆ କପ୍ କ୍ରିକେଟ

**କରାଚୀ, ୨୬।୭ (ପି.ଟି.)**

ପୁରୁଷ ଏସିଆ କପ୍ ସେପ୍ଟେମ୍ବର ୯ରୁ ୨୮ ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ୧୯ଟି ମ୍ୟାଚ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ଦୁବାଇ ଓ ଆବୁଧାବିରେ ଅନୁଷ୍ଠିତ ହେବ। ଗ୍ରୁପ୍ 'ଏ'ରେ ଭାରତ, ପାକିସ୍ତାନ, ୟୁଏଇ ଏବଂ ଓମାନ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ସ୍ଥାନ ପାଇଛନ୍ତି। ପ୍ରତ୍ୟେକ ସେମାନଙ୍କ ଦଳରେ ସର୍ବାଧିକ ୧୭ ଜଣ ଲେଖାଏଁ ଖେଳାଳି ନେଇପାରିବେ। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଚେୟାରମ୍ୟାନ୍ ମୋହସିନ ନକ୍‌ଭି ଶନିବାର ଏ ବିଷୟରେ ସୂଚନା ଦେଇଛନ୍ତି। ନକ୍‌ଭି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ମଧ୍ୟ ଚେୟାରମ୍ୟାନ୍ ଅଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସେ ଟୁର୍ନାମେଣ୍ଟ ସମ୍ପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଜୁଲାଇ ୨୪ ଓ ୨୫ରେ ସମସ୍ତ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକ ବୈଠକ ବସିଥିଲା। ଏଥିରେ ଇଭେଣ୍ଟର ଭେନ୍ୟୁ ଧାର୍ଯ୍ୟ କରାଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ହେଉଛି ଟୁର୍ନାମେଣ୍ଟର ଆୟୋଜକ, କିନ୍ତୁ ପାକିସ୍ତାନ ସହ ବିବାଦ ଯୋଗୁ ଉଭୟେ ୨୦୨୭ ପର୍ଯ୍ୟନ୍ତ କେବଳ ନିରପେକ୍ଷ ଭେନ୍ୟୁରେ ଖେଳିବା ଲାଗି ରାଜି ହୋଇଛନ୍ତି। ବ୍ରଡକାଷ୍ଟର ସହିତ ଏସିସିର ହୋଇଥିବା ଚୁକ୍ତିନାମା ଅନୁସାରେ ଉଭୟ ଦଳ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇବେ। ଦୁଇ ଦଳ ଯେପରି ସୁପର ସିକ୍ସ ଏବଂ ଫାଇନାଲରେ ପରସ୍ପରକୁ ଭେଟିବା ସମ୍ଭାବନା ରହିବ, ସେ ଦିଗରେ ମଧ୍ୟ ଧ୍ୟାନ ଦିଆଯିବ। ଏସିଆ କପ୍ ଟି୨୦ ଫର୍ମାଟରେ ଅନୁଷ୍ଠିତ ହେବ। ପରବର୍ତ୍ତୀ ଟି୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆୟୋଜନ ହେଉଥିବାରୁ ଏହି ଟୁର୍ନାମେଣ୍ଟ ଗୁରୁତ୍ୱ ବହନ କରୁଛି।



**ଭାରତର ଏସିଆ କପ୍ ଗ୍ରୁପ୍ ଲିଗ୍ କାର୍ଯ୍ୟସୂଚୀ**

ସେପ୍ଟେମ୍ବର ୧୦: ଭାରତ ବନାମ ୟୁଏଇ
ସେପ୍ଟେମ୍ବର ୧୪: ଭାରତ ବନାମ ପାକିସ୍ତାନ
ସେପ୍ଟେମ୍ବର ୧୯: ଭାରତ ବନାମ ଓମାନ

**ସୁପର-୪ କାର୍ଯ୍ୟସୂଚୀ**

ସେପ୍ଟେମ୍ବର ୨୦: 'ବି'-୧ ବନାମ 'ବି'-୨ (ଭାରତ ବନାମ ପାକିସ୍ତାନ ସମ୍ଭାବନା)।
ସେପ୍ଟେମ୍ବର ୨୩: 'ଏ'-୨ ବନାମ 'ବି'-୨
ସେପ୍ଟେମ୍ବର ୨୪: 'ଏ'-୧ ବନାମ 'ବି'-୨।

# ଜଗଦୀଶନଙ୍କୁ ମିଳିଲା ୟୁକେ ଭିଜା

**ନୂଆଦିଲ୍ଲୀ, ୨୬।୭**

ତାମିଲନାଡୁ ଉଇକେଟକିପର ବ୍ୟାଟର ନାରାୟଣ ଜଗଦୀଶନଙ୍କୁ ଶନିବାର ଭିଜା ମିଳିଛି। ସେ ରବିବାର ସକାଳେ ଇଂଲଣ୍ଡ ଅଭିମୁଖେ ଯାତ୍ରା କରିବେ। ତାଙ୍କୁ ଆହତ ଥିବା ରିଷଭ ପନ୍ତଙ୍କ ବଦଳ ଖେଳାଳି ଭାବେ ଇଂଲଣ୍ଡ ବିପକ୍ଷ ଅନ୍ତିମ ତଥା ଚତୁର୍ଥ ଟେଷ୍ଟ ଲାଗି ଭାରତୀୟ ଟେଷ୍ଟ ଦଳରେ ସାମିଲ କରାଯାଇଛି। ଜଗଦୀଶନଙ୍କୁ ଗତ ଗୁରୁବାର ଭାରତୀୟ ଟେଷ୍ଟ ଦଳରେ ସାମିଲ କରାଯାଉଥିବା ନେଇ ଚୟନକର୍ତ୍ତା ଜଣାଇଥିଲେ। ଇଂଲଣ୍ଡ ବିପକ୍ଷରେ ଚାଲିଥିବା ତୃତୀୟ ଟେଷ୍ଟରେ ପନ୍ତ ପ୍ରତିପକ୍ଷ ପେସର କ୍ରିସ୍ ୱୋକ୍ସଙ୍କ ଏକ ବଲକୁ ରିଭର୍ସ ସ୍ୱିପ୍ କରିବାକୁ ଉଦ୍ୟମ କଲାବେଳେ ବଲ ତାଙ୍କ ଟୋରେ ବାଜିଥିଲା। ଏଥିଯୋଗୁ ଟୋ ଫ୍ରାକ୍‌ଚର ହୋଇଯାଇଥିଲା। ଏଥିଲାଗି ସେ ପାଭିଲିଅନ ଫେରିଯାଇଥିଲେ। ପରଦିନ ସେ କ୍ରିଜ୍‌କୁ ଫେରି ଅର୍ଦ୍ଧଶତକ ପୂରଣ କରିଥିଲେ।

# ଆଗୁଆ ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

## ଡେଭିଡ୍‌ଙ୍କ ରେକର୍ଡ ଶତକ

**ସେଣ୍ଟ କିଟ୍ସ, ୨୬।୭**

ଟିମ୍ ଡେଭିଡ୍‌ଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ୬ ଉଇକେଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ଅଧିନାୟକ ସାଇ ହୋପଙ୍କ ଶତକ ବଳରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୨୧୫ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୧୬.୧ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ୩-୦ରେ ଆଗୁଆ ଜିତି ନେଇଛି। ଡେଭିଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆସନ୍ତା ରବିବାର ସମାନ ଭେନ୍ୟୁରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୪ ରନ କରିଥିଲା। ଦଳ ପାଇଁ ଅଧିନାୟକ ହୋପ ୫୭ ବଲରେ ୧୦୨ ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ। ଏହି ଇନିଂସରେ ୮ ଚୌକା ଓ ୬ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରାଣ୍ଡନ କିଙ୍ଗ୍ ୩୬ ବଲରେ ୬୨ (୩ ଚୌକା ଓ ୬ ଛକା) ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଏଲିସ, ଆଡମ ଜାମ୍ପା ଓ ମିଚେଲ ଓୱେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୮.୫ ଓଭର ସୁଦ୍ଧା ୮୭ ରନରେ ପ୍ରମୁଖ ୪ ବ୍ୟାଟରଙ୍କୁ ହରାଇ ସଙ୍କଟରେ ଥିଲା। ଏଭଳି ସ୍ଥିତିରେ ଡେଭିଡ୍ ୩୭ ବଲରେ ୬ ଚୌକା ଓ ୧୧ ଛକା ସହିତ ୧୦୨ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଏହା ଅଷ୍ଟ୍ରେଲିଆ ପାଇଁ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଦ୍ରୁତତମ ଶତକ। ତେବେ ଟେଷ୍ଟ ଖେଳୁଥିବା ଦେଶ ବିପକ୍ଷରେ ଏହା ଚତୁର୍ଥ ଦ୍ରୁତତମ ଟି୨୦ ଶତକ। ଡେଭିଡ୍‌ଙ୍କୁ ଓୱେନ (୩୬ ରନ, ୨ ଚୌକା ଓ ୩ ଛକା) ଆବଶ୍ୟକୀୟ ସମର୍ଥନ ଦେଇଥିଲେ। ୱେଷ୍ଟଇଣ୍ଡିଜ ଲାଗି ରୋମାରିଓ ଶେଫର୍ଡ ୨ ଓ ଜାସନ ହୋଲ୍ଡର ୧ ଉଇକେଟ ନେଇଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ୍ ଟିମ୍ ଡେଭିଡ୍।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍: ୨୦ ଓଭରରେ ୨୧୪/୪ (ସାଇ ହୋପ୍-୧୦୨*, ବ୍ରାଣ୍ଡନ କିଙ୍ଗ-୬୨, ମିଚେଲ ଓୱେନ-୧/୨୩, ନାଥନ ଏଲିସ-୧/୩୭)।
ଅଷ୍ଟ୍ରେଲିଆ: ୧୬.୧ ଓଭରରେ ୨୧୫/୪ (ଟିମ ଡେଭିଡ୍-୧୦୨*, ମିଚେଲ ଓୱେନ-୩୬*, ମିଚେଲ ମାର୍ଶ-୨୨, ରୋମାରିଓ ଶେଫର୍ଡ-୨/୩୯)।

# ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର ଆରମ୍ଭ

**ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ)**

ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାର ଭିନ୍‌ଟେଜ୍ କ୍ଲବ ପରିସରରେ ଆରମ୍ଭ ହୋଇଛି। ଓଏସିସ କନ୍‌ଭେନଶନ ଆଣ୍ଡ ଲନ୍‌ର ଏମ୍‌ଡି ମିଶାଲ ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଟୁର୍ନାମେଣ୍ଟ ଅଧ୍ୟକ୍ଷ ଶ୍ୟାମ ଅଗ୍ରୱାଲ, ନିର୍ଦ୍ଦେଶକ ନିଶାନ୍ତ ବିଶ୍ୱାଳ ଓ ଅନ୍ୟ ପ୍ରତିଯୋଗୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ମୋଟ ୨୩ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାକିର ଅଲୀ ଖାଁ, ଶ୍ୟାମ ଅଗ୍ରୱାଲ, ଅଲତାଫ ଅଲୀ, ସନ୍ଦୀପ ଅଗ୍ରୱାଲ, ପି. ଗୋବିନ୍ଦ ରାଓ, ଅଭିଳାସ ମହାନନ୍ଦ, ରୁମିତ ଗୁପ୍ତା, ଆଶିଷ ପାତ୍ର, ପ୍ରିୟଗୋବିନ୍ଦ ମହାପାତ୍ର, ଅମିତ ସିଂ, ସାଗର ସ୍ୱାଇଁ, ଚିରଞ୍ଜୀବ ସିଂ, ଆଦିତ୍ୟ ହଳଧର, ଚେତନ ଆନନ୍ଦ, ମିଶାଲ ସ୍ୱାଇଁ, ବରୁଣ କୁମାର ନାଏକ, ଦେବୀ ପ୍ରସାଦ ସାହୁ, ଜ୍ଞାନ ଦାସ ପ୍ରମୁଖ ବିଜୟୀ ହୋଇଛନ୍ତି। ବରୁଣ କୁମାର ନାଏକଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା।

# ହମ୍ପି, ଦିବ୍ୟା ପ୍ରଥମ ଗେମ୍ ଡ୍ର

## ମହିଳା ଚେସ୍ ବିଶ୍ୱକପ୍ ଫାଇନାଲ


ପ୍ରଥମ ଗେମ୍ ଅବସରରେ କୋନେରୁ ହମ୍ପି ଓ ଦିବ୍ୟା ଦେଶମୁଖ।

**ବାଟୁମି, ୨୬।୭**

ଫିଡେ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ ଦୁଇ ଭାରତୀୟ ଭେଟେରାନ ଗ୍ରାଣ୍ଡମାଷ୍ଟର (ଜିଏମ୍) କୋନେରୁ ହମ୍ପି ଓ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଦିବ୍ୟା ଦେଶମୁଖ ପରସ୍ପରକୁ ଭେଟିଛନ୍ତି। ଶନିବାର ଦୁହିଁଙ୍କ ମଧ୍ୟରେ କ୍ଲାସିକାଲ ଫର୍ମାଟରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡ ଡ୍ର' ଭାବେ ଶେଷ ହୋଇଛି। ଏଣୁ ଦୁଇ ଖେଳାଳିଙ୍କୁ ପଏଣ୍ଟ ଭାଗ କରିବାକୁ ପଡ଼ିଛି। ୪୧ ମୁଭ ପର୍ଯ୍ୟନ୍ତ ଚାଲିଥିବା ଏହି ଗେମ୍‌ରେ ୧୯ ବର୍ଷୀୟା ଦିବ୍ୟା ପ୍ରାରମ୍ଭିକ ପର୍ଯ୍ୟାୟରେ ଆଗୁଆ ରହିଥିଲେ। ପରେ ୩୮ ବର୍ଷୀୟା ହମ୍ପି କାଉଣ୍ଟର ଆଟାକିଂ କରି ଗେମ୍‌କୁ ଫେରିଥିଲେ। ଶେଷରେ ଦୁହେଁ ପଏଣ୍ଟ ଭାଗ କରିବାକୁ ରାଜି ହୋଇଥିଲେ। ରବିବାର ଫାଇନାଲର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଖେଳାଯିବ। ଯଦି ଦ୍ୱିତୀୟ ରାଉଣ୍ଡରେ ମଧ୍ୟ ବିଜେତା ନ ମିଳେ, ତେବେ ସୋମବାର ଟାଇବ୍ରେକର ଖେଳାଯିବ। ଉଭୟ ମ୍ୟାଚ୍ କ୍ଲାସିକାଲ ଚେସ୍ ନିୟମ ଅନୁଯାୟୀ ଖେଳାଯିବ। ତୃତୀୟ ସ୍ଥାନ ଲାଗି ଖେଳାଯାଇଥିବା ପ୍ଲେ-ଅଫ୍ ମ୍ୟାଚ୍‌ରେ ଚାଇନିଜ ଖେଳାଳି ଝୋଙ୍ଗୟି ତାନ ଓ ପୂର୍ବତନ ମହିଳା ଚାମ୍ପିୟନ ତଥା ଟପ୍ ସିଡ ଲେଇ ଟିଙ୍ଗଜିଏ ପଏଣ୍ଟ ଭାଗ କରିଛନ୍ତି।

# ଚିନ୍ନାସ୍ୱାମୀ ଷ୍ଟାଡିୟମ ବଡ଼ ଇଭେଣ୍ଟ ଲାଗି ଅସୁରକ୍ଷିତ

**ବେଙ୍ଗାଲୁରୁ, ୨୬।୭**

ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବଡ଼ ଇଭେଣ୍ଟ ଆୟୋଜନ କରିବା ଲାଗି ସୁରକ୍ଷିତ ନୁହେଁ ବୋଲି ଶନିବାର ଘୋଷଣା କରାଯାଇଛି। ଗତ ଜୁନ ୪ ତାରିଖରେ ଷ୍ଟାଡିୟମରେ ନିକଟରେ ଘଟିଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ ଲାଗି କର୍ନାଟକ ସରକାରଙ୍କ ପକ୍ଷରୁ ଜଷ୍ଟିସ ଜନ ମାଇକେଲ ଡି' କୁନହା କମିଶନକୁ ନିଯୁକ୍ତ କରାଯାଇଥିଲା। ଏହି ପ୍ୟାନେଲ ତା'ର ତଦନ୍ତ ରିପୋର୍ଟକୁ ସରକାରଙ୍କ ନିକଟରେ ଦାଖଲ କରିଛି। ରିପୋର୍ଟରେ ବଡ଼ ଇଭେଣ୍ଟ ଆୟୋଜନ ଲାଗି ଷ୍ଟାଡିୟମର ଯୋଗ୍ୟତା ଉପରେ ପ୍ରଶ୍ନଉଠାଯାଇଛି।

ଷ୍ଟାଡିୟମର ଡିଜାଇନ ଓ ଢାଞ୍ଚା ବଡ଼ ଧରଣର ସମାବେଶ ଲାଗି ଅନୁପଯୁକ୍ତ ଓ ସୁରକ୍ଷିତ ନୁହେଁ। ଏହାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ସିଧାସଳଖ ଜନସାଧାରଣଙ୍କ ଫୁଟ୍‌ପାଥରେ ଖୋଲୁଛି। ପ୍ରବେଶ ସ୍ଥଳରେ ଭିଡ଼ ପାଇଁ ପ୍ରଶସ୍ତ ଓ ସଂଗଠିତ ସ୍ଥାନ ନାହିଁ। ଯାହା ଫଳରେ ଦର୍ଶକଙ୍କୁ ବାଧ ହୋଇ ଫୁଟ୍‌ପାଥରେ ଧାଡ଼ି କରିବାକୁ ପଡୁଛି। ଏଥିଯୋଗୁ ଯାନବାହନ ଓ ଜନସାଧାରଣଙ୍କ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏଥିସହିତ ଏହା ଅସାମାଜିକ ବ୍ୟକ୍ତିଙ୍କୁ ଭିଡରେ ସାମିଲ ହେବାକୁ ସୁଯୋଗ ଦେଉଛି। ବିଶେଷକରି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବ ଥିବା ବେଳେ ଏହା ବିପଦକୁ ଆହୁରି ବଢ଼ାଇ ଦେଉଛି। ଏସବୁ ତଥ୍ୟକୁ ଧ୍ୟାନରେ ରଖି ଷ୍ଟାଡିୟମ ଅଧିକାରୀଙ୍କୁ ବଡ଼ ସଂଖ୍ୟାରେ ଦର୍ଶକ ଯୋଗ ଦେବାକୁ ଥିବା ଇଭେଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କମିଶନ ସୁପାରିଶ କରିଛି। ଏହି ଭେନ୍ୟୁକୁ ଅନ୍ତର୍ଜାତୀୟ ଷ୍ଟାଣ୍ଡାର୍ଡର କରାଯିବା ଦରକାର। ସେଥିରେ ଧାଡ଼ିରେ ଛିଡ଼ା ହେବା ପାଇଁ ସାର୍ବଜନୀନ ରାସ୍ତାଠାରୁ ଅଲଗା ସ୍ଥାନ ନିର୍ମାଣ ସହିତ ବଡ଼ ସଂଖ୍ୟାରେ ଲୋକଙ୍କ ପ୍ରବେଶ ଓ ପ୍ରସ୍ଥାନ ଲାଗି ଗେଟ୍ସରେ ପର୍ଯ୍ୟାପ୍ତ ସ୍ଥାନ ରଖାଯିବା ଦରକାର। ବଡ଼ ସଂଖ୍ୟାରେ ଲୋକଙ୍କୁ ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ଓ ଡ୍ରପ୍ ଅଫ୍ ଭିତ୍ତିଭୂମି ଭଳି ଅନ୍ତର୍ଜାତୀୟ ସୁରକ୍ଷା ମାନଦଣ୍ଡ ପାଳନ କରାଯିବାର ଆବଶ୍ୟକତା ରହିଥିବା କମିଶନ ପକ୍ଷରୁ କୁହାଯାଉଛି। ଭିତ୍ତିଭୂମିରେ ସେଭଳି ପରିବର୍ତ୍ତନ କରା ନ ଯିବା ପର୍ଯ୍ୟନ୍ତ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବଡ଼ ସଂଖ୍ୟାରେ ଦର୍ଶକଙ୍କ ଲାଗି ଇଭେଣ୍ଟ ଆୟୋଜନ କରିବା ଜାରି ରହିଲେ ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ରହିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ସାହିଲଙ୍କୁ ସ୍ୱର୍ଣ୍ଣ, ପର୍ନିତଙ୍କୁ ରୌପ୍ୟ

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

**ରାଇନେ-ରୁହର (ଜର୍ମାନୀ), ୨୬।୭ (ପି.ଟି.)**

ଏଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ଆର୍ଚେରୀ ପୁରୁଷ ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ଭାରତର ସାହିଲ ରାଜେଶ ଯାଦବ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ଗ୍ରେଟ୍ ବ୍ରିଟେନ୍‌ର ଆଜେ ସ୍କଟ୍‌ଙ୍କୁ ୧୪୯-୧୪୮ ପଏଣ୍ଟରେ ପରାସ୍ତ କରିଛନ୍ତି। ସେହିପରି ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟର ଫାଇନାଲରେ ଭାରତର ପର୍ନିତ କୌର କୋରିଆର ମୁନ୍ ୟୁନ୍‌ଙ୍କଠାରୁ ମାତ୍ର ୧ ପଏଣ୍ଟ(୧୪୬-୧୪୭)ରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏଥିସହ ଆର୍ଚେରୀ ଇଭେଣ୍ଟରୁ ଭାରତର ପଦକ ସଂଖ୍ୟା ୫ରେ ପହଞ୍ଚିଛି। ପୂର୍ବରୁ ମିକ୍ସଡ ଟିମ୍‌ରେ ସ୍ୱର୍ଣ୍ଣ, ପୁରୁଷ ଟିମ୍‌ରେ ରୌପ୍ୟ ଓ ମହିଳା ଟିମ୍ ଇଭେଣ୍ଟରେ ଭାରତ ବ୍ରୋଞ୍ଜ ପଦକ ଜିତିଥିଲା।

**ପୁରୁଷ ରିଲେ ଦଳ ଫାଇନାଲରେ**

ଆଥ୍‌ଲେଟିକ୍ସ ଇଭେଣ୍ଟର ପୁରୁଷ ୪x୧୦୦ ମିଟର ରିଲେ ହିଟ୍-୨ରେ ଭାରତୀୟ ଦଳ ୩:୦୬.୫୬ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଛି। ପୋଲାଣ୍ଡ ଦଳ ୩:୦୫.୭୮ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ